# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୨/୨୦୨୨ (୧୪ ପୃଷ୍ଠା) | Bhubaneswar, Friday, August 12/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୨୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





## ସଂକ୍ଷେପରେ

### ଯମୁନାରେ ବୋଟ୍ ବୁଡ଼ି ୪ ମୃତ

ଲକ୍ଷ୍ନୌ,୧୧।୮: ଉତ୍ତରପ୍ରଦେଶର ବନ୍ଦା ଜିଲା ଅନ୍ତର୍ଗତ ଯମୁନା ନଦୀରେ ଗୁରୁବାର ଏକ ବୋଟ୍ ବୁଡ଼ିଯିବାରୁ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ନିଖୋଜ ଅଛନ୍ତି। ବୋଟ୍‌ରେ ୩୦ରୁ ୩୫ ଜଣ ଯାତ୍ରୀ ଥିଲେ। ଏହା ବନ୍ଦା ଜିଲାର ମାର୍କା ଗ୍ରାମରୁ ଫତେପୁର ଜିଲାର ଜରୌଲି ଘାଟ ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୮ ଜଣ ପହଁରି କୂଳକୁ ଚାଲିଆସିଥିବାବେଳେ ଅନ୍ୟମାନେ ନିଖୋଜ ଥିବା କୁହାଯାଉଛି। ଉଦ୍ଧାର କାର୍ଯ୍ୟରେ ବୁଡ଼ାଳିମାନଙ୍କୁ ନିୟୋଜିତ କରାଯାଇଛି। ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ରିଲିଫ କାର୍ଯ୍ୟ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜିଲାର ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ତୁରନ୍ତ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ଘଟଣାସ୍ଥଳକୁ ପଠାଇବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି।

### ୨୪ରେ ସଂଖ୍ୟାଗରିଷ୍ଠତା ପ୍ରମାଣ ଦେବେ ନୀତୀଶ



ପାଟନା,୧୧।୮: ବିହାରରେ ନୀତୀଶ କୁମାରଙ୍କ ନେତୃତ୍ୱରେ ଗଠିତ ମହାଗଠବନ୍ଧନ ସରକାର ଆସନ୍ତା ୨୪ ତାରିଖରେ ରାଜ୍ୟ ବିଧାନସଭାରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବ। ବିଜୟ କୁମାର ସିହ୍ନା ବାଚସ୍ପତି ପଦ ଛାଡ଼ିବାକୁ ମନା କରିଦେବା ପରେ ଆସ୍ଥା ଭୋଟ ବିଳମ୍ବ ହୋଇଥିବା କୁହାଯାଉଛି। ଶାସକ ମେଣ୍ଟ ପକ୍ଷରୁ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ବିହାର ବିଧାନସଭାରେ ମହାଗଠବନ୍ଧନରେ ମୋଟ ୧୬୪ ବିଧାୟକ ଥିବାବେଳେ ଭାଜପାର ୭୭ ଜଣ ସଦସ୍ୟ ଅଛନ୍ତି। ନୀତୀଶ କୁମାର ଭାଜପା ସହ ମେଣ୍ଟ ଭାଙ୍ଗିବା ପରେ ଆର୍‌ଜେଡି ଓ ଅନ୍ୟ ଦଳଗୁଡ଼ିକର ସମର୍ଥନରେ ବୁଧବାର ଅଷ୍ଟମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଥିବାବେଳେ ଖୁବ୍‌ଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବ।

### ଶଶୀ ଥରୁରଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ସମ୍ମାନ

ନୂଆଦିଲ୍ଲୀ,୧୧।୮: ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁରଙ୍କୁ ତାଙ୍କର ଲେଖା ଓ ବକ୍ତୃତା ପାଇଁ ଫ୍ରାନ୍ସର ସର୍ବୋଚ୍ଚ ବେସାମରିକ ସମ୍ମାନ



'ଚେଭାଲିଅର ଡି ଲା ଲେଗିଅନ୍'ରେ ସମ୍ମାନିତ କରାଯାଇଛି। ନେପୋଲିୟନ ବୋନାପାର୍ଟଙ୍କ ଦ୍ୱାରା ୧୮୦୨ରେ ଏହି ସମ୍ମାନ ପ୍ରତିଷ୍ଠା କରାଯାଇଥିଲା। ଏହି ସଫଳତା ପାଇଁ ଥରୁରଙ୍କୁ ବିଭିନ୍ନ ମହଲରୁ ଟୁଇଟରରେ ଅଭିନନ୍ଦନର ସୁଅ ଛୁଟିଛି। ଏହି ସମ୍ମାନ ଭାରତ ଓ ଫ୍ରାନ୍ସ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବ ବୋଲି ଥରୁର କହିଛନ୍ତି। ତାଙ୍କ ଲେଖାକୁ ସ୍ୱୀକୃତି ମିଳିଥିବାରୁ ସେ ସମ୍ମାନିତ ଓ କୃତଜ୍ଞ ବୋଲି କହିଛନ୍ତି।

### ଗୋଚାଲାଣ ଦୁର୍ନୀତି: ଟିଏମ୍‌ସି ନେତା ଗିରଫ

କୋଲକାତା,୧୧।୮: ଗୋରୁ ଚୋରା ଚାଲାଣ ଦୁର୍ନୀତି ମାମଲାର ତଦନ୍ତ କରୁଥିବା ସିବିଆଇ ଗୁରୁବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଅନୁବ୍ରତ ମଣ୍ଡଳଙ୍କୁ ଗିରଫ କରିଛି। ଦୁର୍ନୀତି ମାମଲାର ତଦନ୍ତରେ ବୀରଭୂମ ଜିଲା ଟିଏମ୍‌ସି ସଭାପତି ଅନୁବ୍ରତ


ଅନୁବ୍ରତ ମଣ୍ଡଳ

ସହଯୋଗ ନ କରିବାରୁ ତାଙ୍କୁ ଗିରଫ କରାଗଲା ବୋଲି ସିବିଆଇ କହିଛି। ସିବିଆଇ ୧୦ ଥର ସମନ କରିବା ସତ୍ତ୍ୱେ ଅନୁବ୍ରତ କୌଣସି ଜବାବ ଦେଇ ନ ଥିଲେ। ଶେଷରେ ସେ ତଦନ୍ତକାରୀ ଅଧିକାରୀଙ୍କ ଆଗରେ ଜେରା ଲାଗି ଉପସ୍ଥିତ ହେବା ନିମନ୍ତେ ଦୁଇ ସପ୍ତାହ ସମୟ ମାଗିବା ପରେ ସିବିଆଇ ଟିମ୍ ସିଆର୍‌ପିଏଫ୍ ଯବାନଙ୍କ ସହ ଆସି ତାଙ୍କ ଘର ଉପରେ ଚଢ଼ାଉ କରିଥିଲା। ଏହି ମାମଲାରେ ସିବିଆଇ ୧୧ ଅଭିଯୁକ୍ତଙ୍କ ନାମରେ ୪ଟି ଚାର୍ଜଶିଟ୍ ଦାଖଲ କରିଛି। ପୂର୍ବରୁ ଅନୁବ୍ରତଙ୍କ ଅଙ୍ଗରକ୍ଷୀ ସାଇଗଲ ହୋସେନଙ୍କୁ ଗିରଫ କରାଯାଇଥିଲା। ଗୋରୁ ଚୋରା ବ୍ୟବସାୟୀ ଏବଂ ଅନୁବ୍ରତଙ୍କ ମଧ୍ୟରେ ଟଙ୍କା କାରବାରରେ ସାଇଗଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ଅଭିଯୋଗ ହୋଇଛି।

# ସେନା ଶିବିରରେ ଆତ୍ମଘାତୀ



**ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦର ତୃତୀୟ ବର୍ଷ ପୂର୍ତ୍ତିକୁ ୬ ଦିନ ବିତିଛି ଏବଂ ଦେଶ ସ୍ୱାଧୀନତାର ୭୬ତମ ବର୍ଷ ପାଳନକୁ ୪ ଦିନ ବାକି ଅଛି। ଭାରତୀୟ ସେନାକୁ ପ୍ରତିହତ କରିବା ପାଇଁ ଏଭଳି ସମୟକୁ ବାଛିଛନ୍ତି ପାକିସ୍ତାନୀ ଆତଙ୍କବାଦୀ। ୨ ଜଣ ଜୈଶ୍ ଆତ୍ମଘାତୀ ଜମ୍ମୁରୁ ୧୮୫ କି.ମି. ଦୂର ପରଗଲ ସେନା ଶିବିରର ସୁରକ୍ଷା ବଳୟକୁ ଭେଦକରି ବୁଧବାର ରାତି ୨ଟାରେ ଅନୁପ୍ରବେଶ ଉଦ୍ୟମ କରିଥିଲେ। ସେତେବେଳେ ଗୁଳି ଫୁଟିବାର ପ୍ରଥମ ଶବ୍ଦ ଶୁଣିବାକୁ ମିଳିଥିଲା। ସକାଳ ୬ଟା ୧୦ ମିନିଟରେ ଶେଷ ଗୁଳି ଫୁଟିଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।**

## ୪ ଘଣ୍ଟାରେ ୪ ଯବାନ ଶହୀଦ


ରାଜେନ୍ଦ୍ର ପ୍ରସାଦ | ମନୋଜ କୁମାର | ଡି. ଲକ୍ଷ୍ମଣନ୍ | ନିଶାନ୍ତ ମଲିକ

ଶ୍ରୀନଗର/ନୂଆଦିଲ୍ଲୀ,୧୧।୮

କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ରାଜୌରି ଜିଲା ସ୍ଥିତ ଏକ ସେନା ଶିବିରକୁ ଗୁରୁବାର ଭୋର ସମୟରେ ପାକିସ୍ତାନର ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀମାନେ ଟାର୍ଗେଟ କରିଛନ୍ତି। ସେମାନଙ୍କ ଆତ୍ମଘାତୀ ଆକ୍ରମଣକୁ ପଣ୍ଡ କରିବାକୁ ଯାଇ ୪ ଯବାନ ଶହୀଦ ହୋଇଛନ୍ତି। ୪ ଘଣ୍ଟା ଧରି ଗୁଳି ବିନିମୟ ଚାଲିଥିବାବେଳେ ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି।

ରାଜୌରିର ପରଗଲରେ ଥିବା ସେନାର ରାଜ ରାଇଫଲ୍ସ ଶିବିରରେ ଭୋର ସମୟରେ ୨ ଆତଙ୍କବାଦୀଙ୍କ ସନ୍ଦେହଜନକ ଗତିବିଧିକୁ ଲକ୍ଷ୍ୟକରି ସେଣ୍ଟ୍ରି ସତର୍କ କରାଇଥିଲେ। ଖରାପ ପାଗ ଓ ଘଞ୍ଚ ଜଙ୍ଗଲର ଫାଇଦା ନେଇ ସଶସ୍ତ୍ର ଆତଙ୍କବାଦୀ ଦ୍ୱୟ ଅନୁପ୍ରବେଶ କରିଥିଲେ। ଯବାନମାନେ ଗ୍ରେନେଡ୍‌ଧାରୀ ଆତଙ୍କବାଦୀଙ୍କୁ ଚ୍ୟାଲେଞ୍ଜ କରିଥିଲେ। ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ୪ ଘଣ୍ଟା ଧରି ଗୁଳି ବିନିମୟ ଚାଲିଥିଲା। ଏଥିରେ ଦୁଇ ଆତଙ୍କବାଦୀ ନିହତ ହୋଇଥିଲେ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୬ ଜଣ ଯବାନ ଆହତ ହୋଇଥିଲେ। ଆହତ ଯବାନଙ୍କ ମଧ୍ୟରୁ ୪ ଜଣ ଶହୀଦ ହୋଇଛନ୍ତି। ସେମାନେ ହେଲେ ରାଜସ୍ଥାନ ଝୁନ୍‌ଝୁନୁ ଜିଲା ମାଲିଗୋଭେନ୍ ଗ୍ରାମର ସୁବେଦାର ରାଜେନ୍ଦ୍ର ପ୍ରସାଦ, ତାମିଲନାଡୁର ମଦୁରାଇ ଜିଲା ଟି. ପୁଡୁପଟ୍ଟି ଗ୍ରାମର ରାଇଫଲମ୍ୟାନ୍ ଡି. ଲକ୍ଷ୍ମଣନ୍ ଏବଂ ହରିୟାଣାର ଦୁଇ ଜଣ ରାଇଫଲମ୍ୟାନ୍ ମନୋଜ କୁମାର ଓ ନିଶାନ୍ତ ମଲିକ। ମନୋଜ ଫରିଦାବାଦ ଅନ୍ତର୍ଗତ ଶାହଜାହାନପୁର ଗ୍ରାମ ବାସିନ୍ଦା ହୋଇଥିବାବେଳେ ନିଶାନ୍ତଙ୍କ ଘର ହିସାର ଜିଲା ଆଦର୍ଶନଗରରେ। ଶହୀଦ ହୋଇଥିବା କର୍ତ୍ତବ୍ୟରତ ବୀର ଯବାନଙ୍କ ସର୍ବୋଚ୍ଚ ବଳିଦାନ ବେକାର ଯିବନାହିଁ। ରାଷ୍ଟ୍ର ସେମାନଙ୍କୁ ସର୍ବଦା ମନେରଖିବ ବୋଲି ଜମ୍ମୁର ପ୍ରତିରକ୍ଷା ଲୋକସମ୍ପର୍କ ଅଧିକାରୀ ଲୁଟ୍‌ନାଣ୍ଟ କଲୋନେଲ ଦେବେନ୍ଦ୍ର ଆନନ୍ଦ କହିଛନ୍ତି। କୋମ୍ବିଂ ଓ ତଲାସି ଅଭିଯାନ ଜାରି ରହିଥିବା ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦଲବୀର ସିଂ ସୂଚନା ଦେଇଛନ୍ତି।

## ୨ ଆତଙ୍କବାଦୀ ନିହତ

### ଉରି ଶୈଳୀରେ ଆକ୍ରମଣ ଉଦ୍ୟମ



୨୦୧୬ ଡିସେମ୍ବର ୧୮ରେ ଜମ୍ମୁ-କଶ୍ମୀରର ନିୟନ୍ତ୍ରଣରେଖା (ଏଲ୍‌ଓସି) ସଂଲଗ୍ନ ଉରି ସେକ୍ଟର ସ୍ଥିତ ସ୍ଥାନୀୟ ସେନା ମୁଖ୍ୟାଳୟକୁ ପାକିସ୍ତାନର ନିଷିଦ୍ଧ ଘୋଷିତ ସଙ୍ଗଠନ ଜୈଶ୍ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ଶିବିରରେ ଶୋଇଥିବା ଯବାନମାନଙ୍କୁ ସେମାନେ ଗୁଳି କରିବା ସହ ହ୍ୟାଣ୍ଡ୍ ଗ୍ରେନେଡ୍ ବ୍ୟବହାର କରିଥିଲେ। ଏଥିରେ ୧୬ ଯବାନ ଶହୀଦ ହୋଇଥିଲେ। ୬ ଘଣ୍ଟା ଧରି ଚାଲିଥିବା ଅପରେଶନରେ ୪ ଆତଙ୍କବାଦୀ ନିହତ ହୋଇଥିଲେ। ଦୁଇ ଦଶନ୍ଧି ମଧ୍ୟରେ ଏହା ଥିଲା ଭାରତୀୟ ସେନା ଉପରେ ସବୁଠୁ ବଡ଼ ଆକ୍ରମଣ। ସେହି ମାସ ୨୮-୨୯ ରାତିରେ ସେନା ଏହାର ପ୍ରତିଶୋଧ ନେଇଥିଲା। କମାଣ୍ଡୋମାନେ ଯୋଜନାବଦ୍ଧ ଭାବେ ପାକିସ୍ତାନ-ଅଧିକୃତ କଶ୍ମୀର (ପିଓକେ)ରୁ ୩ କି.ମି. ଭିତରକୁ ଯାଇ ଆତଙ୍କବାଦୀଙ୍କ ଲଞ୍ଚ୍‌ପ୍ୟାଡ୍‌ଗୁଡ଼ିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ଏହି ସର୍ଜିକାଲ ଷ୍ଟ୍ରାଇକ୍‌ରେ କେତେ ଆତଙ୍କବାଦୀ ନିହତ ହୋଇଥିଲେ ତାହା ସ୍ପଷ୍ଟ ହୋଇ ନ ଥିଲା। ଉରି ସେନା ଶିବିର ଭଳି ବୁଧବାର ବିଳମ୍ବିତ ରାତିରେ ରାଜୌରି କ୍ୟାମ୍ପ୍‌ରେ ମଧ୍ୟ ଆତ୍ମଘାତୀ ଆକ୍ରମଣ କରି ଅଧିକରୁ ଅଧିକ ଯବାନଙ୍କ ଜୀବନ ନେବା ପାଇଁ ଜୈଶ୍ ଆତଙ୍କବାଦୀ ଦ୍ୱୟ ଉଦ୍ୟମ କରିଥିଲେ। ଗତ ଏପ୍ରିଲ ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜମ୍ମୁ ଗସ୍ତ ବେଳେ ଜେଇଏମ୍ ପକ୍ଷରୁ ଅନୁରୂପ ଆତ୍ମଘାତୀ ଆକ୍ରମଣ ଉଦ୍ୟମ ହୋଇଥିଲା। ସୁଞ୍ଜୱାନ ସେନା ଶିବିର ନିକଟରେ ସିଆଇଏସ୍‌ଏଫ୍ ଯବାନଙ୍କ ସହ ଗୁଳି ବିନିମୟ ସମୟରେ ୨ ଆତଙ୍କବାଦୀ ନିହତ ହୋଇଥିବାବେଳେ ଅର୍ଦ୍ଧସାମରିକ ବଳର ଜଣେ ଅଧିକାରୀ ଶହୀଦ ହୋଇଥିଲେ। ୨୦୧୯ ଫେବୃୟାରୀ ୧୪ରେ ପୁଲ୍‌ୱାମା ଜିଲାର ଲେଥପୋରାରେ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ୪୦ ଯବାନ ଶହୀଦ ହୋଇଥିଲେ। ସେହି ମାସ ୨୬ ତାରିଖରେ ଭାରତୀୟ ସେନା ବାଲାକୋଟରେ ସର୍ଜିକାଲ ଷ୍ଟ୍ରାଇକ୍ କରିଥିଲା।

## ପୁଲ୍‌ୱାମା ଷଡ଼ଯନ୍ତ୍ରକାରୀଙ୍କୁ ସୁରକ୍ଷା ଦେଉଛି ଚାଇନା

ନୂଆଦିଲ୍ଲୀ,୧୧।୮

୨୦୧୯ ପୁଲ୍‌ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ଏବଂ ୧୯୯୯ କାନ୍ଦାହାର ଆଇସି-୮୧୪ ବିମାନ ଅପହରଣକାରୀ ଅବ୍‌ଦୁଲ ରୌଫ ଅଜହରଙ୍କୁ ଚାଇନା ଲଗାତର ଭାବେ ସୁରକ୍ଷା ଦେଇଆସୁଛି। ପାକିସ୍ତାନର ନିଷିଦ୍ଧ ଘୋଷିତ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ ମୁଖ୍ୟ ମୌଲନା ମାସୁଦ ଅଜହରଙ୍କ ସାନଭାଇ ଅବ୍‌ଦୁଲ ରୌଫ୍‌ଙ୍କୁ ଅନ୍ତର୍ଜାତୀୟ ଆତଙ୍କବାଦୀ ରୂପେ ଘୋଷଣା କରିବା ପାଇଁ ଭାରତ ଉଦ୍ୟମ ଚଳାଇଛି। ଜାତିସଂଘ ସୁରକ୍ଷା ପରିଷଦରେ ବୁଧବାର ଏନେଇ ଭାରତ ପକ୍ଷରୁ ଅଣାଯାଇଥିବା ପ୍ରସ୍ତାବକୁ ସମସ୍ତ ୧୪ ସଦସ୍ୟ ରାଷ୍ଟ୍ର ସମର୍ଥନ କରିଥିଲେ। ତେବେ ଚାଇନା ନିଜ ଭିଟୋ ପାୱାର ପ୍ରୟୋଗ କରି ଏହାକୁ ଭଣ୍ଡୁର କରିଦେଇଛି।

## ବରଯାତ୍ରୀ ସାଜି ଆୟକର ଚଢ଼ାଉ

### ନଗଦ ୫୮ କୋଟି ଟଙ୍କା, ୩୨ କେଜି ସୁନା ଜବତ



ମୁମ୍ବାଇ,୧୧।୮

ଆୟକର ବିଭାଗର ଅଧିକାରୀମାନେ ଜଣେ ଶିଳ୍ପପତିଙ୍କ ମହାରାଷ୍ଟ୍ରର ଜଲ୍‌ନା ଏବଂ ଔରଙ୍ଗାବାଦରେ ଥିବା କାର୍ଯ୍ୟାଳୟ ଓ ଘର ଉପରେ ଚଢ଼ାଉ କରି ନଗଦ ୫୮ କୋଟି ଟଙ୍କା, ୩୨ କିଲୋଗ୍ରାମ ସୁନା ସମେତ ୩୯୦ କୋଟି ଟଙ୍କା ମୂଲ୍ୟର ବେଆଇନ ସମ୍ପତ୍ତି ଜବତ କରିଛନ୍ତି। ଆୟକର ବିଭାଗ ନାସିକ୍ ଶାଖାର ଅଧିକାରୀମାନେ ବରଯାତ୍ରୀ ଗାଡ଼ିରେ ଆସି ଅଚାନକ ଇସ୍ପାତ ଓ ପୋଷାକ ବ୍ୟବସାୟୀ ତଥା ରିଅଲ ଇଷ୍ଟେଟ ଡେଭେଲପର ବିମଲ ରାଜ ବୋରା ଓ ଡିଲର ପ୍ରଦୀପ ବୋରାଙ୍କ ଘର ଉପରେ ଅଗଷ୍ଟ ପ୍ରଥମ ସପ୍ତାହରୁ ଚଢ଼ାଉ ଜାରି ରଖିଥିଲେ। ଜବତ ଟଙ୍କାକୁ ଗଣିବା ପାଇଁ ୧୩ ଘଣ୍ଟା ସମୟ ଲାଗିଥିଲା ଓ ଏଥିରେ ୧୨ଟି ମେଶିନ୍‌କୁ ନିୟୋଜିତ କରାଯାଇଥିଲା। ୨୬୦ ଜଣ ଅଫିସର ଓ କର୍ମଚାରୀ ୫ଟି ଗ୍ରୁପ୍‌ରେ ଆସି ଏକସଙ୍ଗେ ବିଭିନ୍ନ ସ୍ଥାନରେ ଖାନତଲାସି ଚଳାଇଥିଲେ। ଚଢ଼ାଉରେ ୧୨୦ରୁ ଅଧିକ ଗାଡ଼ି ନିୟୋଜିତ ଥିଲା। ଫାଇନାନ୍ସର ବିମଲ ରାଜ ବୋରା ଏବଂ ଡିଲର ପ୍ରଦୀପ ବୋରାଙ୍କର ଏସ୍‌ଆର୍ ଷ୍ଟିଲ୍, କାଳିକା ଷ୍ଟିଲ, ଗୋଟିଏ କୋ-ଅପରେଟିଭ୍ ବ୍ୟାଙ୍କ ରହିଛି। ଜବତ ହୋଇଥିବା ଟଙ୍କାକୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନାସିକ୍ ଶାଖାକୁ ନିଆଯାଇଥିଲା। ସେଠାରେ ସକାଳ ୧୧ଟାରୁ ଟଙ୍କା ଗଣା ଆରମ୍ଭ ହୋଇ ରାତି ୧ଟା ପର୍ଯ୍ୟନ୍ତ ଚାଲିଥିଲା। ଷ୍ଟିଲ୍ କମ୍ପାନୀଗୁଡ଼ିକରେ ଅନିୟମିତତା ଚାଲିଥିବା ଖବର ମିଳିବା ପରେ ଚଢ଼ାଉ କରାଯାଇଥିଲା।

## ୮ ଆଇପିଏସ୍ ଅଫିସରଙ୍କୁ ଇଡି ସମନ

### ପଶ୍ଚିମବଙ୍ଗ କୋଇଲା ଚୋରା କାରବାର ମାମଲା

କୋଲକାତା,୧୧।୮(ଆଇଏଏନ୍‌ଏସ୍)

କୋଇଲା ଚୋରା କାରବାର ମାମଲା ସହ ସମ୍ପୃକ୍ତ ପଶ୍ଚିମବଙ୍ଗର ୮ ଜଣ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସରଙ୍କୁ ଜେରା ଲାଗି ଦିଲ୍ଲୀ ମୁଖ୍ୟାଳୟରେ ହାଜର ହେବା ନିମନ୍ତେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ସମନ ଜାରି କରିଛି। ୮ ଆଇପିଏସ୍ ଅଫିସରଙ୍କ ମଧ୍ୟରେ ଅଛନ୍ତି ରାଜ୍ୟ ପୋଲିସ ସିଆଇଡି ଏବଂ ସ୍ପେଶାଲ ଟାସ୍କଫୋର୍ସ ଏଡିଜି ଜ୍ଞାନୱନ୍ତ ସିଂ, ରାଜ୍ୟ ଗୋଇନ୍ଦା ବିଭାଗ ଏଡିଜି ରାଜୀବ ମିଶ୍ର, ଟ୍ରାଫିକ ବିଭାଗ ଡିଆଇଜି ସୁକେଶ କୁମାର ଜୈନ, ରାଜ୍ୟ ସିଭିଲ୍ ଡିଫେନ୍ସ ଡିଆଇଜି ଶ୍ୟାମ ସିଂ, ପୁରୁଲିଆ ଏସ୍‌ପି ଏସ୍. ସେଲ୍‌ଭାମୁରୁଗାନ, ଦୁର୍ନୀତି ନିବାରଣ ବିଭାଗ ଏସ୍‌ପି କୋଟେଶ୍ୱର ରାଓ, ପଶ୍ଚିମବଙ୍ଗ ପୋଲିସ ନିଯୁକ୍ତି ବୋର୍ଡ ଏସ୍‌ପି ତଥାଗତ ବସୁ ଏବଂ କାଉଣ୍ଟର ଇନ୍‌ସର୍ଜେନ୍ସି ଫୋର୍ସ ଏସ୍‌ପି ଭାସ୍କର ମୁଖାର୍ଜୀ।

ରାଜ୍ୟରେ କୋଇଲା ଚୋରା କାରବାର ଶୀର୍ଷରେ ପହଞ୍ଚିଥିବାବେଳେ ଉପରୋକ୍ତ ଅଧିକାରୀମାନେ ସେଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ଥିବାର ନିର୍ଦ୍ଦିଷ୍ଟ ତଥ୍ୟ ଇଡି ହାତରେ ଲାଗିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପଶ୍ଚିମ ବର୍ଦ୍ଧମାନ ଜିଲାର ଆସାନସୋଲ ଏବଂ ପୁରୁଲିଆ ଜିଲାର କିଛି ଅଞ୍ଚଳ କୋଇଲା ଦୁର୍ନୀତିର ପେଣ୍ଠସ୍ଥଳ ଥିଲା। ଉଭୟ ସିବିଆଇ ଏବଂ ଇଡି ଏହି ଦୁର୍ନୀତି ମାମଲାର ତଦନ୍ତ ଚଳାଇଛି। ଏହି ମାମଲାରେ ପୂର୍ବରୁ ଟିଏମ୍‌ସି ଏମ୍‌ପି ତଥା ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଓ ତାଙ୍କ ସ୍ତ୍ରୀ ରୁଜିରାଙ୍କୁ ଇଡି ଜେରା କରିଥିଲା।

## 'ଏଭଳି ଖାଦ୍ୟ କୁକୁର ଖାଇବନି'


କନଷ୍ଟେବଳ ମନୋଜ କୁମାର

ଲକ୍ଷ୍ନୌ, ୧୧।୮: ୟୁପି ପୋଲିସ ଲାଇନ ମେସ୍‌ରେ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ ହେଉଥିବା ଅଭିଯୋଗ କରି କନଷ୍ଟେବଳ ମନୋଜ କୁମାର ଧାରଣାରେ ବସିଛନ୍ତି। ଏକ ପ୍ଲେଟ୍‌ରେ ମେସ୍ ପ୍ରସ୍ତୁତ ଖାଦ୍ୟ ଧରି ମନୋଜ ଭିଡିଓ କରିବା ସହ 'ଏହାକୁ କୁକୁର ବି ଖାଇବ ନାହିଁ ବୋଲି କାନ୍ଦିକାନ୍ଦି କହୁଥିବା ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପୃଥକ ଭାବେ ପୋଲିସ କନଷ୍ଟେବଳଙ୍କ ପାଇଁ ୧,୮୭୫ ଟଙ୍କା ଦେବାକୁ ଦେଇଥିବା ପ୍ରତିଶ୍ରୁତି କ'ଣ ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଭିଡିଓ ବହୁଳ ପ୍ରସାରିତ ହେବା ପରେ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

## ଶପଥ ନେଲେ ଧନ୍‌କର

ନୂଆଦିଲ୍ଲୀ,୧୧।୮

ଜଗଦୀପ୍ ଧନ୍‌କର ଗୁରୁବାର ଭାରତର ଚତୁର୍ଦ୍ଦଶ ଉପରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସଂକ୍ଷିପ୍ତ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୭୧ ବର୍ଷୀୟ ଧନକରଙ୍କୁ ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ପରେ ଧନ୍‌କରଙ୍କୁ ରାଷ୍ଟ୍ରପତି ଅଭିନନ୍ଦନ ଜଣାଇଥିଲେ। ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପୂର୍ବତନ ଉପରାଷ୍ଟ୍ରପତି ଏମ୍. ହମିଦ ଅନସାରୀ, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଅମିତ୍ ଶାହା, ନିର୍ମଳା ସୀତାରାମନ, ନୀତିନ ଗଡ଼କରୀ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଧନ୍‌କର ଗୁରୁବାର ସକାଳେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶପଥ ଗ୍ରହଣ ପୂର୍ବରୁ ନିର୍ବାଚନ କମିଶନ ଇସ୍ୟୁ କରିଥିବା ନିର୍ବାଚିତ ସାର୍ଟିଫିକେଟକୁ ପଢ଼ାଯାଇଥିଲା। ଗତ ୬ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ଧନ୍‌କର ବିରୋଧୀ ଦଳଗୁଡ଼ିକର ମିଳିତ ପ୍ରାର୍ଥୀ ମାର୍ଗାରେଟ ଆଲ୍‌ଭାଙ୍କୁ ପରାସ୍ତ କରି ଉପରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ଧନ୍‌କରଙ୍କୁ ୫୨୮ ଖଣ୍ଡ ଭୋଟ ମିଳିଥିବାବେଳେ ଆଲ୍‌ଭା ୧୮୨ ଖଣ୍ଡ ଭୋଟ ପାଇଥିଲେ। ମୋଟ ବୈଧ ଭୋଟ ମଧ୍ୟରୁ ଧନ୍‌କରଙ୍କୁ ୭୪.୩୬ ପ୍ରତିଶତ ମିଳିଥିଲା। ୧୯୯୭ରୁ ହୋଇଥିବା ୬ଟି ଉପରାଷ୍ଟ୍ରପତି ନିର୍ବାଚନ ମଧ୍ୟରୁ ଧନକର ସର୍ବାଧିକ ବ୍ୟବଧାନରେ ବିଜୟୀ ହୋଇଥିଲେ।


ଜଗଦୀପ୍ ଧନ୍‌କର ଉପରାଷ୍ଟ୍ରପତି ଭାବେ ଶପଥ ନେବା ପରେ ତାଙ୍କ ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ସାମ୍ପ୍ରଦାୟିକ ହିଂସାରେ ୨ ମୃତ

କୋପ୍ପାଲ,୧୧।୮: କର୍ନାଟକର କୋପ୍ପାଲ ଜିଲା ଅନ୍ତର୍ଗତ ହୁଲିହାଇଦର ଗ୍ରାମରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ୨ ଜଣଙ୍କ ମୃତ୍ୟୁ ହେବା ସହ ୬ ଜଣ ଆହତ ହୋଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳରେ ୧୪୪ ଧାରା ଜାରି ହୋଇଛି। ଖବର ଅନୁଯାୟୀ ଉକ୍ତ ଅଞ୍ଚଳର ଜଣେ ହିନ୍ଦୁ ଯୁବକ ଜଣେ ମୁସଲମାନ ଝିଅକୁ ଭଲ ପାଉଥିଲେ। ମହରମ୍ କାର୍ଯ୍ୟକ୍ରମ ବେଳେ ସେ ଉକ୍ତ ଝିଅକୁ ଭେଟିବାକୁ ଯାଇଥିବାବେଳେ ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ସାମ୍ପ୍ରଦାୟିକ ସଂଘର୍ଷର ରୂପ ନେଇଥିଲା। ଏଥିରେ ୮ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଛି।

## ଦିଲ୍ଲୀରେ ମାସ୍କ ନ ପିନ୍ଧିଲେ ୫୦୦ ଜରିମାନା

### ନୂଆ ସବ୍-ଭାରିଆଣ୍ଟରୁ ସଂକ୍ରମଣ ବୃଦ୍ଧି



ନୂଆଦିଲ୍ଲୀ,୧୧।୮

ଦିଲ୍ଲୀରେ ଓମିକ୍ରନ୍‌ର ନୂଆ ସବ୍-ଭାରିଆଣ୍ଟ ଯୋଗୁ ସଂକ୍ରମଣ ଯୋଗୁ ଉପଲବ୍ଧ କୋଭିଡ୍ ଟିକା ପ୍ରଭାବ ୨୦ରୁ ୩୦ ପ୍ରତିଶତ ହ୍ରାସ ପାଇଛି। ଫଳରେ ସେଠାରେ ସଂକ୍ରମଣ ଦ୍ରୁତ ଗତିରେ ବଢ଼ିଚାଲିଥିବା କେନ୍ଦ୍ର ସରକାରଙ୍କ କୋଭିଡ୍ ଟାସ୍କଫୋର୍ସର ଅଧ୍ୟକ୍ଷ ଡ. ଏନ୍.କେ. ଆରୋରା କହିଛନ୍ତି। ଦିଲ୍ଲୀରେ କୋଭିଡ୍ ପଜିଟିଭିଟି ହାର ୧୮ ପ୍ରତିଶତରେ ପହଞ୍ଚିଲାଣି। ଫଳରେ ସଂକ୍ରମଣ ରୋକିବା ଲାଗି ଦିଲ୍ଲୀ ସରକାର ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରିଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କୁ ୫୦୦ ଟଙ୍କା ଜରିମାନା କରିବାକୁ ନିଷ୍ପତ୍ତି ହୋଇଛି। ସର୍ବସାଧାରଣ ସ୍ଥାନରେ ଲୋକେ ମାସ୍କ ପିନ୍ଧୁ ନ ଥିବାରୁ ଡିଡିଏମ୍‌ଏ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

## ମାଗଣା ସୁବିଧାରୁ ଅର୍ଥନୀତି ଦୁର୍ବଳ

### ଚିନ୍ତାବ୍ୟକ୍ତ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୧।୮

ନିର୍ବାଚନ ବେଳେ ରାଜନୈତିକ ଦଳଗୁଡ଼ିକ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ଅନେକ ମାଗଣା ସୁବିଧାର ପ୍ରତିଶ୍ରୁତି ଦେବା ଓ ବଣ୍ଟନ କରିବା ଯୋଗୁ ଦେଶର ଅର୍ଥନୀତି ଦୁର୍ବଳ ହେଉଛି। ଏନେଇ ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ଏହା ଏକ ଗୁରୁତର ପ୍ରସଙ୍ଗ ବୋଲି ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଭୋଟ ଆଶାରେ ଲୋକଙ୍କୁ ମାଗଣା ସୁବିଧା ଦେଉଥିବା ରାଜନୈତିକ ଦଳଗୁଡ଼ିକୁ ବେଆଇନ ଘୋଷଣା କରିବା ପାଇଁ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଥିଲେ। ନିର୍ବାଚନୀ ଇସ୍ତାହାରଗୁଡ଼ିକୁ ନିୟନ୍ତ୍ରଣ କରିବା ଲାଗି ପଦକ୍ଷେପ ନିଆଯାଉ ଏବଂ ମାଗଣା ସୁବିଧା ପ୍ରଦାନ ଯୋଗୁ ହେଉଥିବା ଆର୍ଥିକ କ୍ଷତି ପାଇଁ ରାଜନୈତିକ ଦଳଗୁଡ଼ିକୁ ଦାୟୀ କରାଯାଉ ବୋଲି ଉପାଧ୍ୟାୟ ପିଟିଶନରେ ଅଦାଲତଙ୍କୁ ଅନୁରୋଧ କରିଥିଲେ।

ନିର୍ବାଚନ ପୂର୍ବରୁ ମାଗଣା ସୁବିଧା ଘୋଷଣାକୁ ନିୟନ୍ତ୍ରଣ କରିବା ଲାଗି ଏକ ବିଶେଷଜ୍ଞ କମିଟି ଗଠନ ନିମନ୍ତେ ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇଥିବା ବେଳେ ନିର୍ବାଚନ କମିଶନ(ଇସି) ଏହାକୁ ସମର୍ଥନ ଜଣାଇଛନ୍ତି। ତେବେ ଉକ୍ତ କମିଟିରେ ସାମିଲ ହେବାକୁ ଇସି ବିରୋଧ କରିଛି। ନିର୍ବାଚନ କମିଶନ ଏକ ସାମ୍ବିଧାନିକ ସଂସ୍ଥା ହୋଇଥିବାରୁ ବିଶେଷଜ୍ଞ କମିଟିରେ ସାମିଲ ହେବା ଠିକ୍ ହୋଇ ନ ପାରେ। ବିଶେଷ କରି କମିଟିରେ ଯଦି ମନ୍ତ୍ରଣାଳୟ ଏବଂ ସରକାରୀ ସଂସ୍ଥାରୁ ସଦସ୍ୟ ରହୁଥାନ୍ତି, ତେବେ ସେଥିରେ ଇସି ସାମିଲ ହୋଇପାରିବ ନାହିଁ। ଏଭଳି ହେଲେ ନିର୍ବାଚନ ପରିଚାଳନା ପ୍ରଭାବିତ ହେବ ବୋଲି ଇସି ପକ୍ଷରୁ ଏକ ସତ୍ୟପାଠ ଜରିଆରେ ଜଣାଇ ଦିଆଯାଇଛି। ନିର୍ବାଚନ ବେଳେ ମାଗଣା ସୁବିଧା ପ୍ରଦାନ ଯୋଗୁ ୨୦୨୧ ମାର୍ଚ୍ଚ ୩୧ ସୁଦ୍ଧା ବିଭିନ୍ନ ରାଜ୍ୟ ଉପରେ ୫୯,୮୯,୩୬୦ କୋଟି ଟଙ୍କାର ଋଣ ବୋଝ ପଡ଼ିଛି। ସରକାରଙ୍କ ଖର୍ଚ୍ଚ ଯଥେଷ୍ଟ ବୃଦ୍ଧି ପାଇଛି ବୋଲି ପିଆଇଏଲ୍ ଆବେଦନକାରୀ ଅଦାଲତଙ୍କୁ କହିଛନ୍ତି। ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ରରେ ଋଣ ପରିମାଣ ସର୍ବାଧିକ ୬,୬୨,୮୯୧ କୋଟି ଏବଂ ୫,୩୬,୮୯୧ କୋଟି ଟଙ୍କାରେ ପହଞ୍ଚିଛି। ରାଜ୍ୟ ଜିଡିପି ଋଣ ଅନୁପାତରେ ପଞ୍ଜାବ ଆଗରେ ରହିଛି। ଏହାର ଋଣ ପରିମାଣ ୨,୪୯,୧୮୭ କୋଟି ହୋଇଥିବାବେଳେ ଋଣ ଜିଏସ୍‌ଡିପି ଅନୁପାତ ୫୩:୩ରେ ପହଞ୍ଚିଥିବା ଆବେଦନକାରୀ ଉପାଧ୍ୟାୟ ସିଜେଆଇଙ୍କ ଖଣ୍ଡପୀଠଙ୍କୁ ଜଣାଇଛନ୍ତି।

ଧରିତ୍ରୀ
DHARITRI
ଶୁକ୍ରବାର, ଅଗଷ୍ଟ ୧୨/୨୦୨୨ (୧୪ ପୃଷ୍ଠା) Friday, August 12/2022 Page 14




**ଗୋଆରୁ ଖେଳିବେ ଅର୍ଜୁନ ତେନ୍ଦୁଲକର**

ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ଏଣିକି ଗୋଆ ରଣଜୀ କ୍ରିକେଟ ଦଳରୁ ଖେଳିବେ।

୧୨

୦୮

**ଅଟୋ ଚାଳକଙ୍କୁ ରାଖୀ ପିନ୍ଧାଇଲେ ଅଦା**

ବଲିଉଡ୍ ଅଭିନେତ୍ରୀ ଅଦା ଶର୍ମା ଅଟୋ ଚାଳକଙ୍କୁ ରାଖୀ ବାନ୍ଧି ଲୋକଙ୍କୁ ସୁରକ୍ଷିତ ଭାବେ ନେବାଆଣିବା ପାଇଁ ଧନ୍ୟବାଦ ଜଣାଇଛନ୍ତି।





ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରରୁ ଗୁରୁବାର ୧୦ଟି ସ୍ଲୁଇସ ଗେଟ୍‌ଦେଇ ଜଳ ନିଷ୍କାସନ ହେଉଛି। (ରିପୋର୍ଟ: ପୃଷ୍ଠା-୨)

# ଦୁର୍ବଳ ଶିକ୍ଷାରୁ ୮୮୯ ସ୍କୁଲ ବନ୍ଦ

## ■ ସଂଖ୍ୟା ଅଧିକ ଯୋଗୁ ସ୍କୁଲ ବନ୍ଦ: ମନ୍ତ୍ରୀ

## ■ ସବୁ ବିଷୟରେ ଶିକ୍ଷକ ନାହାନ୍ତି: ଶିକ୍ଷାବିତ୍

ଭୁବନେଶ୍ୱର,୧୧।୮(ବ୍ୟୁରୋ)

ଗୁଣାତ୍ମକ ଶିକ୍ଷା ଅଭାବରୁ ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଅଭିଭାବକମାନେ ସରକାରୀ ସ୍କୁଲରୁ ମୁହଁ ମୋଡୁଛନ୍ତି। ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ନ ଥିବା ନିମ୍ନ ମଧ୍ୟବିତ୍ତ ପରିବାର ମଧ୍ୟ ନିଜ ପିଲାକୁ ସରକାରୀ ସ୍କୁଲରେ ପଢ଼ାଇବାକୁ ଆଉ ଆଗ୍ରହ ଦେଖାଉନାହାନ୍ତି। ତେଣୁ ଧୀରେ ଧୀରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମି କମି ଯାଉଛି। ଶିକ୍ଷକ ଅଭାବ ଏହି ସ୍ଥିତିକୁ ଆହୁରି ସଙ୍ଗିନ କରି ଦେଇଛି। ଗାଁଠୁ ସହର ସବୁଠି ପବ୍ଲିକ ସ୍କୁଲ ସଂଖ୍ୟା ବଢ଼ିଯାଉଥିବାରୁ ସରକାରୀ ସ୍କୁଲକୁ ପିଲାଙ୍କୁ ପଠାଇବାକୁ ମାତାପିତା ରାଜି ହେଉ ନାହାନ୍ତି। ଫଳରେ ସରକାର ବାଧ୍ୟ ହୋଇ ୧୦ରୁ କମ୍ ସଂଖ୍ୟକ ଛାତ୍ରୀଛାତ୍ର ଥିବା ସ୍କୁଲଗୁଡ଼ିକୁ ବନ୍ଦ କରୁଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୬ ବର୍ଷ (୨୦୧୫-୧୬ରୁ୨୦୨୧-୨୨)ରେ ରାଜ୍ୟରେ ୧୦ରୁ କମ୍ ପିଲା ଥିବା ୮୮୯ ସ୍କୁଲକୁ ସମ୍ପୂର୍ଣ୍ଣ ବନ୍ଦକରି ଦିଆଯାଇଛି। ସେହିପରି ୧୦ରୁ ୨୦ କିମ୍ବା ଏହାଠାରୁ ସାମାନ୍ୟ ଅଧିକ ଥିବା ୪,୯୧୬ ସ୍କୁଲକୁ ମଧ୍ୟ ନିକଟସ୍ଥ ସ୍କୁଲରେ ମିଶାଇବାକୁ ସରକାର ବାଧ୍ୟ ହୋଇଛନ୍ତି। ରାଜ୍ୟ ସରକାର ଶିକ୍ଷା ପାଇଁ ବଜେଟରେ ବହୁ କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି। ହେଲେ ପ୍ରାଥମିକ ସ୍କୁଲ ପଢ଼ାରେ କୌଣସି ସୁଧାର ଆସିପାରୁ ନାହିଁ। ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ବଜେଟରେ ସ୍କୁଲ ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ୨୭,୩୨୪ କୋଟି ବ୍ୟୟବରାଦ କରିଛନ୍ତି। ସ୍କୁଲ ଭିତ୍ତିଭୂମି ପ୍ରତି ଗୁରୁତ୍ୱ ଦିଆଯାଉଥିଲେ ମଧ୍ୟ ପିଲାମାନେ କିପରି ଗୁଣାତ୍ମକ ଶିକ୍ଷା ପାଇବେ ସେ ଦିଗରେ ବିଶେଷ ଧ୍ୟାନ ଦିଆଯାଉ ନ ଥିବା ଶିକ୍ଷାବିତ୍‌ଙ୍କୁ ବ୍ୟଥିତ କରିଛି। ଶିକ୍ଷକ କିମ୍ବା ଶିକ୍ଷା ବିଭାଗ ଉତ୍ତରଦାୟୀ ହେଉ ନ ଥିବାରୁ ପ୍ରାଥମିକ ଶିକ୍ଷାରେ ଅବନତି ଘଟି ଚାଲିଛି। ଗୋଟେ ଗୋଟେ ସ୍କୁଲରେ ଜଣେ ଶିକ୍ଷକ ୫ଟି ଶ୍ରେଣୀରେ ପଢ଼ାଉଛନ୍ତି। ଅନେକ ସମୟରେ ଦେଖିବାକୁ ମିଳୁଛି ଯେ ପଞ୍ଚମ ଶ୍ରେଣୀ ପିଲାଙ୍କୁ ପ୍ରଥମ ଶ୍ରେଣୀ ପାଠ ମଧ୍ୟ ଜଣାନାହିଁ। ନିକଟରେ ଗଣଶିକ୍ଷା ମନ୍ତ୍ରୀ ରାଜ୍ୟର ବିଭିନ୍ନ ଜିଲା ଗସ୍ତ ବେଳେ ଏକଥାକୁ ☞ପୃଷ୍ଠା-୨

# ୟୁଟ୍ୟୁବ୍‌ରୁ ହଟିଲା 'ହର ହର ଶମ୍ଭୁ'ର ନକଲି ଭିଡିଓ

କେନ୍ଦୁଝର, ୧୧।୮ (ସ୍ୱ.ପ୍ର.)

'ହର ହର ଶମ୍ଭୁ ଶିବ ମହାଦେବ'ର ନକଲି ଭିଡିଓ ୟୁଟ୍ୟୁବ୍‌ରୁ ହଟିଲା। ଏହି ଗୀତ ରଚନା, ଗାୟିକା, ଗାୟକ ତଥା ମ୍ୟୁଜିକ ଆଦିର କପିରାଇଟ୍ ଓଡ଼ିଶାର କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳର ଜିତୁ ଶର୍ମାଙ୍କ ରହିଥିବା ବେଳେ ଏହାକୁ ଅନ୍ୟ ରାଜ୍ୟର ଫରମାନି ନାଜ ନାମକ ଜଣେ ଗାୟିକା ତାଙ୍କର ବୋଲି ଦାବି କରିଥିଲେ। ସେ ଏହାର ଭିଡିଓ ପ୍ରସ୍ତୁତ କରି ୟୁଟ୍ୟୁବ୍‌ରେ ଭାଇରାଲ କରିବା ଫଳରେ ବିବାଦ ଦେଖାଦେଇଥିଲା। ଏହି ଗୀତରେ ଏହାର ମୁଖ୍ୟ ଜିତୁଙ୍କୁ କ୍ରେଡିଟ୍ ନ ଦେଇ ନିଜେ ନେଇଥିଲେ। ଏପରିକି ଜାତୀୟ ଚ୍ୟାନେଲରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଅଣଦେଖା କାହିଁକି**

# ମାଟି ତଳୁ ମିଳିଲା ଗଦାଗଦା ଆଧାର କାର୍ଡ

## ପୋଷ୍ଟମାଷ୍ଟର ଫିଙ୍ଗିଦେଇଥିବା ଅଭିଯୋଗ

ପାରଳାଖେମୁଣ୍ଡି, ଆର.ଉଦୟଗିରି,୧୧।୮(ଡି.ଏନ୍.ଏ.)

ବର୍ତ୍ତମାନ ସମୟରେ ଆଧାର କାର୍ଡ ସମସ୍ତଙ୍କ ପାଇଁ ଜରୁରୀ ହୋଇପଡ଼ିଥିବା ବେଳେ ଏହାକୁ କେମିତି ଦୁରୂପଯୋଗ କରାଯାଇଛି ତାହା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ଜିରାଙ୍ଗ ପଞ୍ଚାୟତ ଡରାବ ଗ୍ରାମରେ। ଗୁରୁବାର ସ୍ଥାନୀୟ ପୋଷ୍ଟଅଫିସ ନିକଟରେ ଥିବା ଅଳିଆ ଗଦା ଓ ମାଟି ତଳୁ ମିଳିଛି ଗଦା ଗଦା ଆଧାର କାର୍ଡ। ପୋଷ୍ଟମାଷ୍ଟର ଉକ୍ତ ଆଧାରକାର୍ଡଗୁଡ଼ିକୁ ଲୋକଙ୍କୁ ନ ବାଣ୍ଟି ଫିଙ୍ଗିଦେଇଥିବା ଅଭିଯୋଗ କରିଛନ୍ତି ୱାର୍ଡ ସଭ୍ୟ ନାରାୟଣ ଶବର, କୈଳାସ ଶବର,



ବୁଧବାରିଆ ଶବରଙ୍କ ସମେତ ବହୁ ଗ୍ରାମବାସୀ।

ପ୍ରକାଶ ଯେ, ଡରାବ ଗାଁରେ ଥିବା ପୋଷ୍ଟ ଅଫିସ ଉପରେ ୬ ଖଣ୍ଡ ଗାଁର ଲୋକେ ନିର୍ଭର କରନ୍ତି। ଏହି ୬ଖଣ୍ଡ ଗାଁର ଲୋକମାନେ ଆଧାର କାର୍ଡ ପାଇଁ ମୋହନା ଜନସେବା କେନ୍ଦ୍ରରେ ଆବେଦନ କରିଥିଲେ। କିନ୍ତୁ ଦୀର୍ଘ ଦିନ ବିତିଯାଇଥିଲେ ବି ସେମାନେ ଆଧାର କାର୍ଡ ପାଇପାରୁନଥିଲେ। ଗୁରୁବାର ପୋଷ୍ଟ ଅଫିସ ନିକଟସ୍ଥ ଅଳିଆ ଗଦାରେ କିଛି ଆଧାର କାର୍ଡ ପଡ଼ିଥିବା ଜଣେ ଯୁବକ ଦେଖିଥିଲେ। ତାଙ୍କର ସନ୍ଦେହ ହେବାରୁ ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଆସି ମାଟି ଖୋଳିଲା ପରେ ଶହ ଶହ ଆଧାର କାର୍ଡ ବାହାରିଥିଲା। ନିଜ ନିଜ ପରିଚୟ ପତ୍ର ପାଇବାକୁ ମାଟି ☞ପୃଷ୍ଠା-୨

# ୫୦ଟଙ୍କା ପାଇଁ ନାବାଳକଙ୍କ ଆତ୍ମହତ୍ୟା

ଟେନ୍‌ସା,୧୧।୮(ଡି.ଏନ୍.ଏ.): ମା'ଙ୍କୁ ମାଗିଲେ ୫୦ଟଙ୍କା ଦିଅ। ମିଟିଂରୁ ଫେରେ ତତେ ଟଙ୍କା ଦେବି କହି ମା' ଗ୍ରାମକୁ ଗ୍ରୁପ ମିଟିଂ କରିବାକୁ ଚାଲି ଯାଇଥିଲେ। ଏତିକିରେ ନାବାଳକ ରାଗି ଯାଇ ଘର ଭିତରେ ଥିବା ରୁଅରେ ଏକ ଧୋତିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏଭଳି ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ବଲଡ଼ିହି ଗ୍ରାମରେ। ଗ୍ରାମର ମଙ୍ଗୁଳି ନାଏକଙ୍କ ଦୁଇ ବର୍ଷ ତଳେ ମୃତ୍ୟୁ ଘଟିଛି। ଘରେ ତାଙ୍କ ସ୍ତ୍ରୀ ସହିତ ନାବାଳକ ପୁଅ ଝିଅ ଥିଲେ। ପୁଅ ସଞ୍ଜୟ (୧୬) ଗୁରୁବାର ସନ୍ଧ୍ୟାରେ ୫୦ ଟଙ୍କା ପାଇଁ ଆତ୍ମହତ୍ୟା କରିଛନ୍ତି। ଏ ସମ୍ପର୍କରେ କୋଇଡ଼ା ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

# ୭.୩% ଭାରତୀୟ ରଖିଛନ୍ତି ଡିଜିଟାଲ ମୁଦ୍ରା



## ୧୨.୭% ସହ ଶୀର୍ଷରେ ୟୁକ୍ରେନ୍

ଜାତିସଂଘ, ୧୧।୮

ଭାରତରେ ୨୦୨୧ରେ ମୋଟ ଜନସଂଖ୍ୟାର ୭.୩% ସେମାନଙ୍କ ନିକଟରେ ଡିଜିଟାଲ ମୁଦ୍ରା ରଖିଥିବା ଜାତିସଂଘ ଟ୍ରେଡ୍ ଆଣ୍ଡ୍ ଡେଭେଲପମେଣ୍ଟ ସଂସ୍ଥା ୟୁଏନ୍‌ସିଟିଏଡି କହିଛି। ଏହି ତାଲିକାରେ ୟୁକ୍ରେନ୍ ଶୀର୍ଷରେ ରହିଛି। ଏହାର ୧୨.୭% ଲୋକ ଡିଜିଟାଲ ମୁଦ୍ରାର ଅଧିକାରୀ। ୟୁକ୍ରେନ୍‌ତଳକୁ ରୁଷିଆରେ ୧୧.୯%, ଭେନେଜୁଏଲା ୧୦.୩%, ସିଙ୍ଗାପୁର ୯.୪%, କେନିଆ ୮.୫% ଏବଂ ଆମେରିକାରେ ୮.୩% ଲୋକଙ୍କ ନିକଟରେ ଡିଜିଟାଲ କରେନ୍ସି ରହିଛି। ଜନସଂଖ୍ୟା ଦୃଷ୍ଟିରୁ କ୍ରିପ୍ଟୋକରେନ୍ସି ରଖିଥିବା ଟପ୍ ଅର୍ଥନୀତିର ୨୦ ଦେଶ ମଧ୍ୟରୁ ୧୫ଟି ବିକାଶଶୀଳ ଦେଶ ରହିଛି। ଏଥିରେ ଭାରତ ୭ମ ସ୍ଥାନରେ ସ୍ଥାନିତ ହୋଇଛି। କୋଭିଡ୍-୧୯ ମହାମାରୀବେଳେ ବିଶ୍ୱବ୍ୟାପୀ କ୍ରିପ୍ଟୋକରେନ୍ସି କାରବାର ☞ପୃଷ୍ଠା-୨




# ଦିଲ୍ଲୀରୁ ଧରାହେଲେ ନାଇଜେରୀୟ

## ହନିଟ୍ରାପ ମାୟାରେ ୩୦ଲକ୍ଷ ଠକେଇ ଘଟଣା



ଗିରଫ ନାଇଜେରିଆ ଯୁବକ।

ବାଲେଶ୍ୱର ଅଫିସ, ୧୧।୮

ସାଇବର ଠକ ଏବେ ଆପଣାଇଛନ୍ତି ଅଭିନବ ଉପାୟ। ବିଦେଶିନୀଙ୍କ ଲୋଭ ଦେଖାଇ ଠକି ନେଉଛନ୍ତି ଲକ୍ଷ ଲକ୍ଷ ଟଙ୍କା। ନିକଟରେ ହନିଟ୍ରାପର ଶିକାର ହୋଇ ବାଲେଶ୍ୱର ଅଞ୍ଚଳର ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ହରାଇଛନ୍ତି ୩୦ ଲକ୍ଷ ଟଙ୍କା। ଏଭଳି ଅଭିଯୋଗ ଆସିବା ପରେ ବାଲେଶ୍ୱର ସାଇବର ଥାନା ପୋଲିସ ଜଣେ ନାଇଜେରିଆ ଯୁବକଙ୍କୁ ଦିଲ୍ଲୀରୁ ଗିରଫ କରିଛି। ତାଙ୍କ ନାମ ସାମସନ ଏମିକେ ଏଲିକା। ସେ ଦିଲ୍ଲୀର କିସାନଗଡ଼ ଅଞ୍ଚଳରେ ଭଡ଼ା ଘରେ ରହୁଥିଲେ। ତାଙ୍କଠାରୁ ଦୁଇଟି ☞ପୃଷ୍ଠା-୨






ଆଜିର ମନ୍ତବ୍ୟ

"ନରେନ୍ଦ୍ର ମୋଦିଙ୍କ ସରକାର ଧନୀଙ୍କୁ ଟିକସ ଛାଡ଼ କରୁଥିବାବେଳେ ଗରିବଙ୍କ ଉପରେ କରବୋଝ ଲଦି ଦେଇଛନ୍ତି।"
– ଅରବିନ୍ଦ କେଜରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇ ସାରିଲେ ଗାଈକି ଯିବି;
ଖାଇ ସାରିଲି, କାହିଁକି ଯିବି?**

ଆଜିର ସ୍ୱାର୍ଥପର ଦୁନିଆରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ; ଯେଉଁମାନେ ନିଜର ସ୍ୱାର୍ଥ ପୂରଣ କରିବା, ଲାଗି ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କଠାରେ ନିଜର ଆନୁଗତ୍ୟ ପ୍ରକାଶ କରିଥାନ୍ତି ବା ଦେଖାଇଥାନ୍ତି। ତେବେ ସ୍ୱାର୍ଥ ପୂରଣ ହେଲା ପରେ ସେହି ବ୍ୟକ୍ତି ଆଉ ଧରାଛୁଆଁ ଦେଇ ନ ଥାନ୍ତି। ଧୂର୍ତ୍ତ ବ୍ୟକ୍ତିଙ୍କ ଏତାଦୃଶ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଣତି
ବୁଢ଼ା କୋଉ ମଣିଷରେ ଗଣତି?**

ସାଧାରଣତଃ ବୃଦ୍ଧ ବ୍ୟକ୍ତିମାନେ ନିଜକୁ ସର୍ବଦା ଅସହାୟ ମନେକରିଥାନ୍ତି। ବୟସ ଅତିକ୍ରାନ୍ତ ହୋଇଗଲେ ସେମାନେ ନିଜ ଶକ୍ତି ଓ ସାମର୍ଥ୍ୟ ଉପରୁ ଆସ୍ଥା ବା ଭରସା ହରାଇ ବସିଥାନ୍ତି। ଏପରିସ୍ଥଳେ ବୃଦ୍ଧ ବ୍ୟକ୍ତିମାନଙ୍କୁ ଅନୁପଯୁକ୍ତ ମନେକରି ତାଙ୍କ ପ୍ରତି ହେୟ ମନୋଭାବ ପୋଷଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ହୀରାକୁଦର ୧୦ ଗେଟ୍‌ରେ ଜଳ ନିଷ୍କାସନ

## କଲମାରେ ସମସ୍ତ ୬୬ ଗେଟ୍ ଖୋଲିଲା

**ସମ୍ବଲପୁର,୧୧।୮(ବ୍ୟୁରୋ)**

ଉପରମୁଣ୍ଡରେ ପ୍ରବଳ ବର୍ଷା ଜାରିରହିଥିବାରୁ ଛତିଶଗଡ଼ କଲମା ବ୍ୟାରେଜର ସମସ୍ତ ୬୬ ଗେଟ୍ ଖୋଲିଦିଆଯାଇଛି। ଫଳରେ ହୀରାକୁଦ ଜଳଭଣ୍ଡାରକୁ ଆସନ୍ତା ୨୪ରୁ ୩୬ ଘଣ୍ଟା ମଧ୍ୟରେ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇବା ଆଶଙ୍କା ରହିଛି। ତେଣୁ ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ଜଳଭଣ୍ଡାରରୁ ଜଳ ପରିମାଣ ହ୍ରାସ କରିବା ପାଇଁ ଗେଟ୍ ଖୋଲିବା ସଂଖ୍ୟା ବୃଦ୍ଧି କରିଛନ୍ତି। ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ସୂଚନା ଅନୁସାରେ ୧୦ ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ମଧ୍ୟାହ୍ନ ୧୨ଟା ପରେ ପ୍ରଥମେ ୫ ଓ ପରେ ଆଉ ୫ଟି ଗେଟ୍ ଖୋଲାଯାଇଛି। ପରିସ୍ଥିତି ଦେଖି ଗେଟ୍ ସଂଖ୍ୟା ବୃଦ୍ଧି କରାଯାଇପାରେ ବୋଲି ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସେ ଆହୁରି କହିଛନ୍ତି, ହୀରାକୁଦ ଜଳଭଣ୍ଡାରର ଉପର ମୁଣ୍ଡରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଛି। ଛତିଶଗଡ଼ରୁ ମଧ୍ୟ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଉଛି। ତେଣୁ ଜଳ ପରିଚାଳନା ପାଇଁ ଗେଟ୍ ଖୋଲିବା ସଂଖ୍ୟା ବୃଦ୍ଧି କରାଯାଇଛି। ଏବେ ପରିସ୍ଥିତି ସ୍ୱାଭାବିକ ରହିଛି। ସଂଖ୍ୟା ବୃଦ୍ଧି ହେଲେ ମଧ୍ୟ ଜଳଭଣ୍ଡାର ତଳମୁଣ୍ଡ ମୁଣ୍ଡଳି ପର୍ଯ୍ୟନ୍ତ ପାଣି ପହଞ୍ଚିବା ପାଇଁ ୨୪ରୁ ୩୬ ଘଣ୍ଟା ଲାଗିବ। ଏଣୁ ବନ୍ୟା ପରିସ୍ଥିତିର ଭୟ ରହୁନାହିଁ। ଲଘୁଚାପ ଜନିତ ବର୍ଷା କମିଗଲେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିବ। ଏହି ପରିପ୍ରେକ୍ଷୀରେ ଜଳ ନିୟନ୍ତ୍ରଣ ନେଇ ଛତିଶଗଡ଼ ଓ ଓଡ଼ିଶା ଉଚ୍ଚ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡିଛି। ସନ୍ଧ୍ୟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୨.୯୩ ଫୁଟ୍ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୨ଲକ୍ଷ ୮୩ହଜାର ୭୮୪ କ୍ୟୁସେକ ପାଣି ପ୍ରବେଶ କରୁଥିବା ବେଳେ ସ୍ପିଲୱେ, ପାୱାରଚ୍ୟାନେଲ, ଶିଳ୍ପ, କୃଷି କେନାଲଗୁଡ଼ିକରେ ମୋଟ ୧ଲକ୍ଷ ୯୧ହଜାର ୫୭୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡ ବେଲଗାଁରେ ୪୯ହଜାର କ୍ୟୁସେକ, ପର୍ଥଲାରେ ୧ଲକ୍ଷ ୪୧ହଜାର, ଖଇରମାଲରେ ୨ଲକ୍ଷ ୬୮ ହଜାର, ବରମୁଲାରେ ୩ଲକ୍ଷ ୨ହଜାର ୨୫୦, ମୁଣ୍ଡଳିରେ ୩ଲକ୍ଷ ୪୨ହଜାର ୯୦୯ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁସାରେ ଉପରମୁଣ୍ଡରେ ୧୯.୮୫ ମିଲିମିଟର ଓ ତଳମୁଣ୍ଡରେ ୧୫.୨୫ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସୂଚନାଯୋଗ୍ୟ ଚଳିତବର୍ଷ ଜୁଲାଇ ୧୮ରେ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୫ଟି ଗେଟ୍ ଖୋଲାଯାଇଥିଲା। ପରେ ଜୁଲାଇ ୩୧ରେ ଗେଟ୍ ଗୁଡ଼ିକ ବନ୍ଦ କରାଯାଇଥିଲା।

# ଆଜି ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ

## ଜିଲାର ସବୁ ଏମ୍‌ପି, ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷଙ୍କୁ ଡାକିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,(ବ୍ୟୁରୋ)/ ବାରିପଦା ଅଫିସ,୧୧।୮**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସରକାରୀ ଯୋଜନାର ଶୁଭାରମ୍ଭ କରିବା ଲାଗି ଶୁକ୍ରବାର ମୟୂରଭଞ୍ଜ ଜିଲା ଗସ୍ତ କରିବେ। ଏହି ଗସ୍ତ କାଳରେ ସେ ସୁବର୍ଣ୍ଣରେଖା ଅତିରିକ୍ତ ଜଳସେଚନ ପ୍ରକଳ୍ପ ଓ ଦେଓ ଜଳସେଚନ ପ୍ରକଳ୍ପର ଲୋକାର୍ପଣ କରିବେ। ଭିଡିଓ କନଫରେନ୍ସ ଜରିଆରେ ବାରିପଦା ପୌର ପରିଷଦର ୬ଟି ଖେଳପଡ଼ିଆର ଉନ୍ନତିକରଣ ଓ ବାରିପଦା ୱାର୍ଡ ନଂ. ୨୨ ରଘୁନାଥପୁରଠାରେ ଏକ ବିଦ୍ୟୁତ୍ ଚାଳିତ ଶବଦାହ ଗୃହର ଶିଳାନ୍ୟାସ କରିବେ। ଏହାସହ ଏକ ସାଧାରଣ ସଭାକୁ ମଧ୍ୟ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମର ମିନିଟ୍ ଟୁ ମିନିଟ୍ ତାଲିକା ଜିଲାପାଳଙ୍କୁ ପଠାଯାଇଛି।

ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ସକାଳ ୯ଟା ୫୦ମିନିଟ୍ ସମୟରେ ନବୀନ ନିବାସରୁ ବାହାରିବେ। ଏହାର ୫ମିନିଟ୍ ପରେ ବିଜୁ ପଟ୍ଟନାୟକ ବିମାନବନ୍ଦରଠାରେ ପହଞ୍ଚି ୧୦ଟାରେ ହେଲିକପ୍ଟର ଯୋଗେ ମୟୂରଭଞ୍ଜ ଅଭିମୁଖେ ଗସ୍ତ କରିବେ। ୧୧ଟା ୧୦ ମିନିଟ୍‌ରେ ସେ ବାରିପଦା ସବ୍‌ଡିଭିଜନ ଅଧୀନ ରାସଗୋବିନ୍ଦପୁର ବ୍ଲକ ଟିକପଦାସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ଠାରେ ଓହ୍ଲାଇ ସୁବର୍ଣ୍ଣରେଖା ଅତିରିକ୍ତ ଜଳସେଚନ ପ୍ରକଳ୍ପର ଶୁଭାରମ୍ଭ କରିବେ। ଏହାପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସାରି ସେ ୧୨ଟାରେ ହେଲିକପ୍ଟର ଯୋଗେ ଆସି ୧ଟା ୧୦ ମିନିଟ୍ ସମୟରେ ନବୀନ ନିବାସରେ ପହଞ୍ଚିବେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଏହି ଗସ୍ତରେ ସାମିଲ ହେବେ। ଏୟାରପୋର୍ଟ ଅଥରିଟିଙ୍କୁ କୋଭିଡ୍ ନିୟମ ମାନିବା ସାଙ୍ଗକୁ ମୁଖ୍ୟମନ୍ତ୍ରୀ ଫେରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଠିକ୍ ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ମୟୂରଭଞ୍ଜ ଜିଲାର ସମସ୍ତ ଏମ୍‌ପି, ଏମ୍‌ଏଲ୍‌ଏ, ଜିଲା ପରିଷଦ ଅଧ୍ୟକ୍ଷାଙ୍କୁ ନିମନ୍ତ୍ରଣ କରିବା ପାଇଁ କୁହାଯାଇଛି। ସେଠାରେ ହେବାକୁ ଥିବା ସାଧାରଣ ସଭାରେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ସ୍ୱାଗତ ଭାଷଣ ଦେବେ। ଏହାପରେ ବିଧାୟକ ସୁଦାମ ମରାଣ୍ଡି, ବିଧାୟକ ରାଜକିଶୋର ଦାସ, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବୋଧିତ କରିବେ। ଶେଷରେ ଜିଲାପାଳ ଧନ୍ୟବାଦ ପ୍ରସ୍ତାବ ରଖିବେ।

# ଘସିପୁରା ବିଧାୟକ ବଦ୍ରି ପାତ୍ର ଅସୁସ୍ଥ

**କେନ୍ଦୁଝର, ୧୧।୮(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ବୁଧବାର ରାତିରେ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଗୁରୁବାର ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ପୁଅ ଦେବାଶିଷ ପାତ୍ରଙ୍କ କହିବା ଅନୁଯାୟୀ, ବିଧାୟକ ମୂତ୍ରାଶୟ ସଂକ୍ରମଣରେ ପୀଡ଼ିତ ଅଛନ୍ତି। ସାମାନ୍ୟ ଅପରେଶନ ଆବଶ୍ୟକ ପଡୁଥିବାରୁ ଡାକ୍ତର ନିଷ୍ପତ୍ତି ନେବେ। ଗତବର୍ଷ ଡିସେମ୍ବରରେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରି ଅସୁସ୍ଥ ହୋଇପଡ଼ିଥିଲେ।



ଅଧିକ ଚିକିତ୍ସା ପାଇଁ ତାଙ୍କୁ ଏୟାରଲିଫ୍ଟରେ ହାଇଦ୍ରାବାଦ ନିଆଯାଇଥିଲା।

# ଫଟୋ ସାମ୍ବାଦିକ ଶ୍ରବଣ ପ୍ରଧାନଙ୍କ ପରଲୋକ

**ଅମରପାଲି, ୧୧।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଞ୍ଚଳର ବରିଷ୍ଠ ଫଟୋ ସାମ୍ବାଦିକ ଶ୍ରବଣ ପ୍ରଧାନଙ୍କ ଗୁରୁବାର ପ୍ରତ୍ୟୁଷରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୫୩ବର୍ଷ ହୋଇଥିଲା। ଦୀର୍ଘବର୍ଷ ଧରି ସେ 'ଧରିତ୍ରୀ'ର ଫଟୋ ସାମ୍ବାଦିକଭାବେ କାର୍ଯ୍ୟ କରିଥିଲେ। ସେ ଅବିବାହିତ ଥିଲେ। ଗୁରୁବାର ଭୋରରୁ ପରିସ୍ରା କରିବାକୁ ଉଠିଥିବା ବେଳେ ସେ ପଡ଼ି ଅଚେତ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବୀରମହାରାଜପୁର ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବୃଦ୍ଧା ମା' ଦମୟନ୍ତୀ ପ୍ରଧାନ, ତିନିଭାଇ ସରୋଜ, ସୁଦାମ ଓ ସୁବଳ ରହିଛନ୍ତି। ଶ୍ରବଣଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ମୃତ୍ୟୁ ଖବର ପାଇ ବୀରମହାରାଜପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନାରାୟଣ ଲୁହା, ସାମାଜିକ କର୍ମୀ ମୀନକେତନ ମହାକୁଡ଼, ଅବସରପ୍ରାପ୍ତ ପ୍ରାଧ୍ୟାପକ ଅନିଲ କୁମାର ଦାନି, ସପ୍ତଦୀପା ସାହିତ୍ୟ ସଂସଦ ସଭାପତି ଦ୍ୱିତୀକୃଷ୍ଣ ପଣ୍ଡା ପ୍ରମୁଖ ସ୍ୱର୍ଗତ ପ୍ରଧାନଙ୍କ ଉଫୁଲାସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଅପରାହ୍ନରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ପୁତୁରା ଅର୍ଜୁନ ପ୍ରଧାନ ମୁଖାଗ୍ନି ଦେଇଥିଲେ।



ଶ୍ରବଣ ପ୍ରଧାନ

## ପ୍ରଥମ ପୃଷ୍ଠାରୁ...

### ଦୁର୍ବଳ ଶିକ୍ଷାରୁ...

ହୃଦୟଙ୍ଗମ କରିଛନ୍ତି। ମାଗଣା ମଧ୍ୟାହ୍ନଭୋଜନ, ସାଇକେଲ, ପୋଷାକ, ବୃତ୍ତି ଠାରୁ ଆରମ୍ଭ କରି ଭିତ୍ତିଭୂମି, ଶିକ୍ଷକ କର୍ମଚାରୀଙ୍କ ଦରମା ଆଦି ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରୁଛନ୍ତି। ହେଲେ ପ୍ରାଥମିକ ଶିକ୍ଷା ପ୍ରତି ଲୋକଙ୍କ ଆଗ୍ରହ କମିବା ସରକାରୀ ଶିକ୍ଷା ବ୍ୟବସ୍ଥା ପାଇଁ ସତର୍କଘଣ୍ଟି ବୋଲି ଶିକ୍ଷାବିତ୍ ମତ ଦେଉଛନ୍ତି।

ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ତଥା ଶିକ୍ଷାବିତ୍ ସତ୍ୟକାମ ମିଶ୍ର କହିଛନ୍ତି ଯେ, କମ୍ ପିଲା ଥିବାରୁ ଖର୍ଚ୍ଚ କମାଇବାକୁ ସରକାର ସ୍କୁଲ ବନ୍ଦ କରୁଛନ୍ତି। ସବୁ ବିଷୟରେ ପିଲାମାନଙ୍କୁ ପଢ଼ାଇବାକୁ ଶିକ୍ଷକ ନାହାନ୍ତି। ଘରୋଇ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଭଲ ଶିକ୍ଷା ମିଳୁଥିବାରୁ ସେଠାକୁ ଚାଲି ଯାଉଛନ୍ତି। ସ୍କୁଲ ଓ ପିଲାମାନଙ୍କ ପ୍ରତି ଶିକ୍ଷକମାନଙ୍କର ବ୍ୟକ୍ତିଗତ ସମ୍ପୃକ୍ତି ରହୁନାହିଁ। ଯେଉଁମାନଙ୍କୁ ଡ୍ରପ୍‌ଆଉଟ ରୋକିବା ପାଇଁ ନିୟୋଜିତ କରାଯାଇଥିଲା, ସେମାନଙ୍କୁ ଶିକ୍ଷକ ମାନ୍ୟତା ଦେବା ଦ୍ୱାରା ପ୍ରାଥମିକ ଶିକ୍ଷାରେ ଅବନତି ହୋଇଛି। ସହରରୁଠାରୁ ଗାଁ ସବୁଠି ପବ୍ଲିକ ସ୍କୁଲ ଖୋଲିଗଲାଣି। ଗୁଣାତ୍ମକ ଶିକ୍ଷା ମିଳୁ ନ ଥିବାରୁ ଅଭିଭାବକମାନେ ଘରୋଇ ସ୍କୁଲକୁ ଅଧିକ ପସନ୍ଦ କରୁଛନ୍ତି। ଯେଉଁ ମାତାପିତା ଓଡ଼ିଆ ସ୍କୁଲରେ ପିଲାଙ୍କୁ ପଢ଼ାଇବାକୁ ଚାହୁଁଛନ୍ତି ସେମାନେ ସରସ୍ୱତୀ ଶିଶୁ ମନ୍ଦିରକୁ ଯାଉଛନ୍ତି। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନ ସୁଧାରିଲେ ସରକାରୀ ସ୍କୁଲ ପ୍ରତି ଆଗ୍ରହ ଆହୁରି କମିବ ବୋଲି ସେ କହିଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଶିକ୍ଷା ଅଧିକାର (ଆରଟିଇ) ଆଇନ ଅନୁଯାୟୀ ପ୍ରତି ପଡ଼ା ଓ ଗ୍ରାମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ଖୋଲାଯାଇଥିଲା। ସେହି ସ୍କୁଲଗୁଡ଼ିକରେ ୧୦ରୁ କମ୍ ଛାତ୍ରୀଛାତ୍ର ଥିବାରୁ ସେଗୁଡ଼ିକୁ ବନ୍ଦ କରାଯାଇଛି। ସେଠାରେ ପଢୁଥିବା ପିଲାମାନଙ୍କୁ ନିକଟସ୍ଥ ସ୍କୁଲକୁ ଯିବା ଲାଗି ମାସିକ ୭୦୦ ଟଙ୍କା ଦିଆଯାଉଛି। ଅଧିକ ସ୍କୁଲ କାରଣରୁ ବନ୍ଦ କରାଯାଇଛି। ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି। ଏଥିରେ ଉନ୍ନତି ପରିଲକ୍ଷିତ ହେଉଛି ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

### ଦିଲ୍ଲୀରୁ ଧରାହେଲେ...

ମୋବାଇଲ, ଗୋଟିଏ ଲାପଟପ, ଅବଧି ସରିଥିବା ପାସ୍‌ପୋର୍ଟ ଆଦି ଜବତ କରାଯାଇଛି। ତାଙ୍କ ପାଖରେ ଆଉ ଗୋଟିଏ ନୂଆ ପାସପୋର୍ଟ ଅଛି। ତାହା ମଧ୍ୟ ନକଲି ବୋଲି ଜଣାପଡ଼ିଛି। ଏହାସହ ଉକ୍ତ ବ୍ୟକ୍ତିଙ୍କ ୩ଟି ଆକାଉଣ୍ଟରେ ଥିବା ୬ ଲକ୍ଷ ଟଙ୍କାକୁ ଅଚଳ କରାଯାଇଛି। ତାଙ୍କୁ ସେଠାକାର ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ ୩ ଦିନିଆ ଟ୍ରାନଜିଟ୍ ରିମାଣ୍ଡରେ ବାଲେଶ୍ୱର ଅଣାଯାଇଛି। ତଦନ୍ତରେ ସବିଶେଷ ତଥ୍ୟ ମିଳିବା ପରେ ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯିବ। କାହା ଇଶାରାରେ ସେ ଲୋକଙ୍କୁ ଫୋନ କରୁଥିଲେ ଏବଂ ଠକୁଥିଲେ ଏନେଇ ଜଣାପଡ଼ିନାହିଁ। ଏହି ଘଟଣାରେ ତାଙ୍କ ସହ କିଛି ଭାରତୀୟ ମଧ୍ୟ ସାମିଲ ଥିବା ପୋଲିସ ସନ୍ଦେହ କରିଛି। ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ପୋଲିସ ଅଧିକ ତଦନ୍ତ ଜାରି ରହିଥିବା ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଆଇସି ମୀନା ବିନ୍ଧାଣି ସୂଚନା ଦେଇଛନ୍ତି।

ଅଭିଯୋଗକାରୀ ବାଲେଶ୍ୱର ସହର ବାଲିଆ ଅଞ୍ଚଳର ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ସୋସିଆଲ ମିଡିଆରେ ସୁନ୍ଦରୀ ଯୁବତୀଙ୍କ ଫଟୋ ଦେଖି ବନ୍ଧୁତା ସ୍ଥାପନ କରିଥିଲେ। ପ୍ରଥମେ ଫେସବୁକ ଜରିଆରେ ବନ୍ଧୁତା ସ୍ଥାପନ ହୋଇଥିବା ବେଳେ ସାଇବର ଠକ ତାଙ୍କୁ ହ୍ୱାଟ୍ସଆପ ନମ୍ବର ମାଗିଥିଲେ। ନମ୍ବର ପାଇବା ପରେ ସୁନ୍ଦରୀ ଯୁବତୀଙ୍କ ଫଟୋ ଲଗାଇ ଚାଟିଂ ଆରମ୍ଭ କରିଥିଲେ। ଏମିତିକି ଲଣ୍ଡନରୁ ବନ୍ଧୁଙ୍କ ପାଇଁ ଦାମୀ ଜିନିଷ ଗୋଲ୍ଡ ବିସ୍କୁଟ, ରୋଲେକ୍ସ ଘଣ୍ଟା, ଆଇଫୋନ ଆଦି ପଠାଇବାର ପ୍ରତିଶ୍ରୁତି ଦେଉଥିଲେ। କିଛିଦିନ ମଧ୍ୟରେ ଠକାମାନେ ଦିଲ୍ଲୀ ଏୟାରପୋର୍ଟର ମହିଳା କଷ୍ଟମ ଅଫିସର ପରିଚୟ ଦେଇ ଅଭିଯୋଗକାରୀଙ୍କୁ ଫୋନ କରିବା ସହ କଷ୍ଟମ ଚାର୍ଜ ଦେବା ପାଇଁ କହିଥିଲେ। ବାଲେଶ୍ୱରର ବ୍ୟକ୍ତି ଜଣକ ତାଙ୍କ କଥାରେ ରାଜି ହୋଇ ବିଭିନ୍ନ ସମୟରେ ବିଭିନ୍ନ ଆକାଉଣ୍ଟକୁ ସମୁଦାୟ ୩୦ଲକ୍ଷ ଟଙ୍କା ଦେବା ପରେ ନିଜେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ସାଇବର ଥାନାରେ ଗତ ଏପ୍ରିଲ ୧୩ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସାଇବର ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଏକ ଭାରତୀୟ ନମ୍ବର ମିଳିବା ପରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲା ସାଇବର ପୋଲିସ। ସୂଚନା ଯେ, ଉକ୍ତ ନାଇଜେରିଆ ଯୁବକଜଣଙ୍କ ନିଜକୁ ସୁନ୍ଦରୀ ଯୁବତୀ ପରିଚୟ ଦେଇ ଦୈନିକ ପ୍ରାୟ ୧୦୦ ଲୋକଙ୍କୁ ନିଜ ଜାଲରେ ଫସାଉଥିବା ପୋଲିସ ଜାଣିବାକୁ ପାଇଛି।

### ୟୁଟ୍ୟୁବ୍‌ରୁ ହଟିଲା...

ସାକ୍ଷାତ୍କାର ଦେଇ ଏହି ଗୀତ, ମ୍ୟୁଜିକ ଆଦି ତାଙ୍କର ବୋଲି ଦାବି କରିବା ଫଳରେ ଜିତୁ ପ୍ରତିବାଦ କରିଥିଲେ। ଜିତୁଙ୍କର ଏହି ଭିଡିଓ ୟୁଟ୍ୟୁବ୍‌ରେ କିଛି ମାସ ହେଲା ରେକର୍ଡ ସଂଖ୍ୟକ ଭାଇରାଲ ହୋଇଛି। ଏହି ଗୀତକୁ ଜିତୁ ଶର୍ମା ଲେଖିଥିବା ବେଳେ କେନ୍ଦୁଝର ଜିଲାର ଅଭିଲିପ୍ସା ପଣ୍ଡାଙ୍କ ସହ ନୂଆ ଢଙ୍ଗରେ ଗାଇଛନ୍ତି। ଏହାକୁ ନେଇ ଦୁଇଜଣ ଦେଶରେ ଲୋକପ୍ରିୟତା ହାସଲ କରିଛନ୍ତି। ଶ୍ରାବଣ ମାସରେ ସମଗ୍ର ଦେଶ ବିଦେଶରେ ଏହି ଧାର୍ମିକ ଗୀତ ଅଧିକ ଲୋକାଦୃତ ହୋଇପାରିଛି। ଏଣୁ ଏହାର ଫାଇଦା ନେବା ପାଇଁ ନକଲି ଭିଡିଓ ଗୀତ ପ୍ରସ୍ତୁତ କରି ଫରମାନି ନାମ ଅର୍ଜନ କରିବାକୁ ଉଦ୍ୟମ କରିଥିଲେ ବୋଲି ଜିତୁ କହିଛନ୍ତି। ଏନେଇ ସେ ପ୍ରତିବାଦ କରିବା ସହ ୟୁଟ୍ୟୁବ୍‌କୁ ଗତ ୫ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ସଙ୍ଗୀତ ତାଙ୍କ ଗୀତ ସହ ମ୍ୟାଚ୍ କରୁଥିବା ଅଭିଯୋଗ କରିଥିଲେ। ତେବେ ଏହା ମଧ୍ୟରେ ଉକ୍ତ ନକଲି ଗୀତକୁ ପ୍ରସ୍ତୁତକର୍ତ୍ତା ୟୁଟ୍ୟୁବ୍‌ରୁ ହଟାଇ ନେଇଥିବା ସେ କହିଛନ୍ତି। ଉକ୍ତ ଗୀତ ଗାଇବା ନେଇ ତାଙ୍କର କୌଣସି ଅଭିଯୋଗ ନାହିଁ। କିନ୍ତୁ ଗୀତର କ୍ରେଡିଟ୍ ତାଙ୍କୁ ଯିବା ଉଚିତ ବୋଲି ଜିତୁ କହିଛନ୍ତି। ଏକ ଜାତୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ ହିନ୍ଦୁଙ୍କ ଏହି ଧାର୍ମିକ ଗୀତକୁ ଜଣେ ମୁସଲମାନ କଳାକାର ଗାଇଥିବାରୁ ମୁସଲମାନ କଠୋରପନ୍ଥୀଙ୍କ ଦ୍ୱାରା ଆକ୍ରୋଶର ଶିକାର ହୋଇଥିଲେ। ଏହା ସତ୍ତ୍ୱେ ସେ ଗାଇଥିଲେ। ତେବେ କେଉଁ କାରଣରୁ ସେ ୟୁଟ୍ୟୁବ୍‌ରୁ ଗୀତ ହଟାଇଲେ ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ।

### ମାଟି ତଳୁ ମିଳିଲା...

କାଦୁଅରେ ଖୋଜିବାରେ ଲାଗିପଡ଼ିଥିଲେ ଗ୍ରାମବାସୀ। କେତେକ କାର୍ଡ ଟୁକୁରା ହୋଇପଡିଥିଲା ତ ଆଉ କିଛି ନଷ୍ଟ ହୋଇଯାଇଥିଲା। ଆଧାର କାର୍ଡ ପୋଷ୍ଟ ଅଫିସ ଜରିଆରେ ଆସିବା ପରେ ସେଗୁଡ଼ିକୁ ପୋଷ୍ଟମାଷ୍ଟର ପର୍ଶୁଧର ରଣସିଂ ଲୋକଙ୍କୁ ନ ଦେଇ ଅଳିଆ ଗଦାରେ ଓ କିଛି ମାଟିରେ ପୋତି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁର ବହୁ ଗରିବ ଲୋକ ଆଧାର କାର୍ଡ ନ ଥିବାରୁ ଭତ୍ତା ଓ ଚାଉଳ ପାଇବାରୁ ବଞ୍ଚିତ ଥିବା କହିଛନ୍ତି। ପୋଷ୍ଟମାଷ୍ଟର ରଣସିଂଙ୍କ ସହ ଯୋଗାଯୋଗ କରିବାରୁ ସେ ଏ ବିଷୟରେ କିଛି ଜାଣି ନ ଥିବା କହିଛନ୍ତି। ତେଣୁ ତୁରନ୍ତ ଏ ବାବଦରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୭.୩% ଭାରତୀୟ...

ବ୍ୟାପକମାତ୍ରାରେ ବୃଦ୍ଧି ପାଇଥିଲା। ତେବେ ଡିଜିଟାଲ କରେନ୍ସିର ମୂଲ୍ୟ ପ୍ରତି ମୁହୂର୍ତ୍ତରେ ବଦଳୁ ଥିବାରୁ ଏହା ଉଭୟ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ବିପଜ୍ଜନକ ବୋଲି ବୁଧବାର ୟୁଏନ୍‌ସିଟିଏଡି ପକ୍ଷରୁ ପ୍ରକାଶିତ 'ଅଲ୍ ଦ୍ୟାଟ୍ ଗ୍ଲିଟର୍ସ ଇଜ୍ ନଟ୍ ଗୋଲ୍ଡ' (ସବୁ ଚମକୁଥିବା ଜିନିଷ ସୁନା ନୁହେଁ) ଶୀର୍ଷକ ରିପୋର୍ଟରେ କୁହାଯାଇଛି। କ୍ରିପ୍ଟୋକରେନ୍ସିର ବହୁଳ ବ୍ୟବହାର ହେଲେ ଏବଂ ଅଣଆନୁଷ୍ଠାନିକ ଭାବେ ଘରୋଇ ମୁଦ୍ରାର ସ୍ଥାନ ନେଲେ ତାହା ଦେଶର ଆର୍ଥିକ ସାର୍ବଭୌମତ୍ୱକୁ ବିପଦରେ ପକାଇବ ବୋଲି ଜାତିସଂଘ ସତର୍କ କରାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ସାହାଯ୍ୟ ମିଳିବା କାରଣରୁ ପାରିବାରିକ ଓ କର୍ମ କ୍ଷେତ୍ର ଭଲ ରହିବ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା ଓ ବନ୍ଧୁଙ୍କ ପରାମର୍ଶ ପାଇବା ଯୋଗୁ ମନ ଖୁସି ରହିବ। ଆଜି ପ୍ରତ୍ୟେକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ରଚନାତ୍ମକ କାର୍ଯ୍ୟ, ସାହିତ୍ୟ ଚର୍ଚ୍ଚା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ କ୍ଷେତ୍ରରେ ଅଗ୍ରଗତି ଘଟିବ।

**ବୃଷ**: ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି । ସଭାସମିତିରେ, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆକସ୍ମିକ ସମସ୍ୟାହେତୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ। ଦୂରବନ୍ଧୁ ଆଗମନ ଆଶଙ୍କା।

**ମିଥୁନ**: ଆଜି ହଠାତ୍ ପରିସ୍ଥିତି ବଦଳିଯିବା କାରଣରୁ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ। ସକାଳୁ ସକାଳୁ ଭାବୁଥିବେ ଗୋଟିଏ କଥା, କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ। ନିଜ ଇଚ୍ଛାନୁସାରେ କୌଣସି କାମ କରି ପରିବାରରୁ ସମାଲୋଚିତ ହେବାକୁ ପଡ଼ିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ନଚେତ୍ ବିପଦ ଆଶଙ୍କା।

**କର୍କଟ**: ଆଜିର କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି କୌଣସି ସଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଗୁପ୍ତ ଶତ୍ରୁମାନଙ୍କର ପ୍ରାଦୁର୍ଭାବ ବୃଦ୍ଧି ପାଇବ, ଏଣୁ ସାବଧାନତା ଆବଶ୍ୟକ। ବାକ୍‌ଚାତୁରୀ ବଳରେ ଅନ୍ୟକୁ ଆପଣାର କରିବେ। ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବାର ଯୋଗ ସଂଘଟିତ ହେବ।

**ସିଂହ**: କର୍ମକ୍ଷେତ୍ରରେ ଉଚ୍ଚବର୍ଗ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ନିକଟ ସମ୍ପର୍କୀୟଙ୍କ ସାହାଯ୍ୟରୁ ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢ଼ିଯାଇପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା**: ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିପାରନ୍ତି। ପରୋକ୍ଷ ଶତ୍ରୁତାରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ପରକଥାରେ ପଡ଼ି ଭୁଲ ମାର୍ଗର ଅନୁସରଣ କରି ପରକ୍ଷଣରେ ଅନୁତାପ କରିବାକୁ ପଡ଼ିପାରେ। ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯାଇ ପାରନ୍ତି।

**ତୁଳା**: କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନ କଥା କହିବାକୁ ପଛେଇ ଯିବେ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା**: ବନ୍ଧୁଙ୍କୁ ଅନୁନୟ ବିନୟ ପୂର୍ବକ ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। କର୍ମକ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ। ଅଭାବ ନ ଥିଲେ ହେଁ ହଠାତ୍ ପାଖରେ କିଛି ନଥିବା ହେତୁ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହେବେ।

**ଧନୁ**: ଆଜି ପାରିବାରିକ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରି ଉଚ୍ଚ ପ୍ରଶଂସିତ ହେବେ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମକର**: ପାରିବାରିକ ଅସ୍ଥିରତା କାରଣରୁ ମାନସିକ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖାଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। କିନ୍ତୁ, ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ**: ଆଜି ସହଜ ଓ ସୁବିଧାରେ ହାତକୁ ନେଇଥିବା କାମ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କୌଣସି ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ସୂଚନା ରହିଛି।

**ମୀନ**: ପାଖ ପଡ଼ୋଶୀଙ୍କ ସହ ସମ୍ପର୍କରେ ଅବନତି ଘଟିବା ପାଇଁ ଚେଷ୍ଟା କଲେ ଅବଶ୍ୟ ଉପକୃତ ହେବେ। ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ବ୍ୟବସାୟରେ ସଫଳତା ହାସଲ କରିବେ, କିନ୍ତୁ ପରିବହନରେ ସମସ୍ୟା ଲାଗି ରହିପାରେ। କେତେକ କ୍ଷେତ୍ରରେ ଜିଦ୍‌ଖୋର କାରଣରୁ ହଇରାଣ ହୋଇପାରନ୍ତି।


## classifieds Everyday
0674-2580101, 2549302





**SALE**

Residential gharabari plot at Brahmanjharilo, Cuttack with boundary wall, electripole, inside Temple on Bank Loan facilities near English Medium High School, 6K.M. from Phulnakhara, 11K.M. from Bhubaneswar. 7809525452. D-73950

ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର New Railway Stationରୁ 400mtr ଦୂରତାରେ yellowzone- sqft.-650/-, ବାରଙ୍ଗ-ତ୍ରିଶୁଳିଆ NH sideରେ sqft.-1500/- (SC plot available). 9078371787. D-73290

Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8 2 4 9 3 9 0 2 9 4 , 8018417272. D-73296

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320. D-73283





Newly open SPA positively health benefit with expert. Contact: 7749976301. D-73854

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73949

Newly open full body massage 1099 free massage one. Mo: 9583808247. D-1164

**AFFIDAVIT**

By virtue of an affidavit sworn before the Notary Public, Bargarh, I Rajesh Susari, S/o. Giridhari Susari, R/o-Bartunda, PS- Bhatli, Dist.- Bargarh, Odisha- 768038 declare that my actual name is Rajesh Susari but some documents my name has been reflected as Rajesh Kumar Susari. Rajesh Susari and Rajesh Kumar Susari belongs to same and one person. Henceforth I shall be known as Rajesh Susari for all purpose.
Rajesh Susari
D-1237

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୯,୨୬,୯୦,୧୩୮ | ୬୪,୪୭,୧୨୪ | ୫୬,୪୫,୩୯,୫୧୮ |
| ଭାରତ | ୪,୪୨,୦୬,୯୯୬ | ୫,୨୬,୮୭୯ | ୪,୩୫,୫୫,୦୪୧ |
| ଓଡ଼ିଶା | ୧୩,୨୧,୧୯୭ | ୯୧୫୩(+୫୩) | ୧୩,୦୮,୧୬୬ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worllometers.info/coronavirus/ଏବଂ ଓଡ଼ିଶା ସରକାର



# ସୁଭଦ୍ରା ହାତରୁ ରାଖୀ ବାନ୍ଧି ଖୁସି ହେଲା ଜଗା

**ଫୁଲବାଣୀ ଅଫିସ, ୧୧।୮**

କନ୍ଧମାଳର ବହୁ ଚର୍ଚ୍ଚିତ ଯୋଡ଼ାମୁଣ୍ଡରୁ ଅଲଗା ହୋଇଥିବା ଶିଶୁ ଜଗା ଏବେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହି ଚିକିତ୍ସିତ ହେଉଛି। ଗୁରୁବାର ସେ ମେଡିକାଲରେ ରକ୍ଷାବନ୍ଧନ ଉତ୍ସବ ପାଳିଛି। ସାନ ଭଉଣୀ ସୁଭଦ୍ରାର କୁନି ହାତରୁ ରାଖୀ ବାନ୍ଧି ଜଗା ବହୁତ ଖୁସି ହୋଇଛି। ସୂଚନାଯୋଗ୍ୟ, ଯୋଡ଼ାମୁଣ୍ଡରୁ ଅଲଗା ହେବା ପରେ ଜଗା ଏବଂ କାଳିଆ ସୁସ୍ଥ ଥିଲେ। ହେଲେ କିଛିଦିନ ମଧ୍ୟରେ କାଳିଆର ସ୍ୱାସ୍ଥାବସ୍ଥାରେ ଅବନତି ହୋଇଥିଲା। କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ହୋଇଥିଲା। ଜଗା ଭାଇକୁ ଝୁରି ହେଉଥିଲା। କିଛିଦିନ ପରେ ଫୁଲବାଣୀ ମେଡିକାଲରେ ଭଉଣୀ ସୁଭଦ୍ରା ଜନ୍ମ ହୋଇଥିଲା। ସେବେଠାରୁ ଜଗା ଭଉଣୀ ସହ ମିଶି ମେଡିକାଲରେ ରହୁଛି। ରାଖୀ ପୂର୍ଣ୍ଣିମାରେ ଭଉଣୀ ହାତରୁ ରାଖୀ ବାନ୍ଧି ଜଗା ଖୁସି ହେଉଥିବା ଦେଖିବାକୁ ମିଳିଥିଲା।

# ମୋବାଇଲ ଗେମ୍ ବାଳକର ଜୀବନ ନେଲା

**ରାଇଘର,୧୧।୮ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗୋନା ପଞ୍ଚାୟତର ଭାରସୁଣ୍ଡି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ମୋବାଇଲ ଗେମ୍‌ର ନିଶା ୧୪ ବର୍ଷୀୟ ବାଳକଙ୍କ ଜୀବନ ନେଇଛି। ସେ ହେଲେ ଗ୍ରାମର ବିଶ୍ୱଜିତ ମିର୍ଦ୍ଧାଙ୍କ ପୁଅ ସୁମିତ। ସୂଚନା ଅନୁଯାୟୀ, ରାଇଘର ବଜାରରେ ବିଶ୍ୱଜିତଙ୍କ ମୋବାଇଲ ଦୋକାନ ରହିଛି। ଚଳିତ ବର୍ଷ ସେ ନିଜ ଦୋକାନରେ ରାଖୀ ମଧ୍ୟ ବିକ୍ରି କରୁଥିଲେ। ବାପାଙ୍କୁ ଦୋକାନ କାମରେ ସହଯୋଗ କରିବା ପାଇଁ ବୁଧବାର ସୁମିତ ଦୋକାନକୁ ଯାଇଥିଲେ। ରାତିରେ ଘରକୁ ଫେରିବା ସମୟରେ ସୁମିତ ବାପାଙ୍କୁ ନ ଜଣାଇ ଗେମ୍ ଖେଳିବା ପାଇଁ ମୋବାଇଲ ନେଇଯାଇଥିଲେ। ମା' ଏ ବିଷୟରେ ଜାଣିପାରି ବାପାଙ୍କୁ ଜଣାଇଛୁ କି ବୋଲି ପୁଅକୁ ପଚାରିଥିଲେ। ଦୋକାନରୁ ମୋବାଇଲ ଆଣିଥିବା ବାପା ଜାଣିଥିବେ ଭାବି ଭୟରେ ଗୁରୁବାର ସକାଳେ ସୁମିତ ଗାଧୁଆଘରେ ଗାମୁଛା ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଛଟପଟ ହେଉଥିବା ଶୁଣି ପରିବାର ଲୋକେ ଗାଧୁଆଘରେ ପଶିଥିଲେ। ସୁମିତଙ୍କୁ ଉଦ୍ଧାରକରି ରାଇଘର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଇଘର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ୫୫/୨୨ ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି।






# ମିଳୁନି ନ୍ୟାୟ: ୧୦ମ ଦିନରେ ଯୁବତୀଙ୍କ ଧାରଣା

## ଦେଶୀବେହେରା ସାହିରେ ଉତ୍ତେଜନା

**ବ୍ରହ୍ମପୁର ଅଫିସ,୧୧।୮**

ବ୍ରହ୍ମପୁର ଦେଶୀବେହେରା ସାହିସ୍ଥିତ ପ୍ରେମିକଙ୍କ ଘର ଆଗରେ ଜଣେ ଯୁବତୀ ତାଙ୍କ ଦେଢ଼ ବର୍ଷର ଶିଶୁପୁତ୍ରକୁ ଧରି ବର୍ଷା କାକରରେ ୧୦ ଦିନ ହେଲା ନ୍ୟାୟ ଦାବିରେ ଧାରଣାରେ ବସିଛନ୍ତି। ପ୍ରେମିକ ତାଙ୍କୁ ବିବାହ କରି ପୁଅକୁ ବାପାଙ୍କ ପରିଚୟ ଦେବା ନେଇ ଧାରଣା ଜାରି ରହିଛି। କିନ୍ତୁ ୧୦ଦିନ ହୋଇଥିଲେ ମଧ୍ୟ ସମାଧାନର ବାଟ ଫିଟୁନି। ପ୍ରକାଶ ଯେ, ଯୁବତୀ ଜଣକ ତାଙ୍କ ପ୍ରେମିକ ଦିନେଶ ସାହୁଙ୍କୁ ବିବାହ କରିବାକୁ ଜିଦ୍‌କରି ଏଭଳି ଧାରଣା ଦେଇଛନ୍ତି। ଗୁରୁବାର ଅପରାହ୍ନରେ ଦିନେଶଙ୍କ ପରିବାର ଲୋକଙ୍କ ସହ କୌଣସି କଥାକୁ ନେଇ ସାମାଜିକକର୍ମୀ ପ୍ରମିଳା ତ୍ରିପାଠୀଙ୍କର କଥା କଟାକଟି ହୋଇଥିଲା। ଫଳରେ ସାହିବାସିନ୍ଦା ସେଠାରେ ରୁଣ୍ଡ ହେବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଖବର ପାଇ ବଡବଜାର ଥାନା ପୋଲିସ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲା। ପରେ ଉଭୟ ପକ୍ଷ ଥାନାକୁ ଯାଇଥିଲେ। ବର୍ତ୍ତମାନ ଉକ୍ତ ମାମଲାଟି କୋର୍ଟରେ ବିଚାରାଧୀନ ଥିବାରୁ ପୋଲିସ ଏ ସମ୍ପର୍କରେ ଅଧିକ ତଥ୍ୟ ଦେବାକୁ ମନା କରିଦେଇଛି। ଅନ୍ୟପଟେ ଉଭୟ ପକ୍ଷଙ୍କୁ ସେଠାରେ ଝଗଡା ନ କରି ଶାନ୍ତି ବଜାୟ ରଖିବାକୁ କହିଛି। ପରେ ସାମାଜିକକର୍ମୀ ପ୍ରମିଳା ଦେଶୀବେହେରା ସାହିକୁ ଫେରି ଯୁବତୀଙ୍କ ସହ ଧାରଣାରେ ବସିଛନ୍ତି। ବ୍ରହ୍ମପୁର ବଡ଼ବଜାର ଥାନା ପକ୍ଷରୁ ସେଠାରେ ପୋଲିସ ନିୟୋଜିତ କରାଯାଇଛି।



ଯୁବତୀଙ୍କ ସହ ଧାରଣାରେ ସମାଜସେବୀ।

ପ୍ରକାଶଯେ, ଯୁବତୀଙ୍କ ଅଭିଯୋଗକ୍ରମେ, ପ୍ରାୟ ୨ ବର୍ଷ ତଳେ ଦିନେଶଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ସେ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣଙ୍କ ଗର୍ଭବତୀ ହେବା ଜାଣିବା ପରେ ବିବାହ କରିବାକୁ କହିବାରୁ ସେ ରାଜି ହୋଇ ନ ଥିଲେ। ଏନେଇ ପୀଡ଼ିତା ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଦିନେଶଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ଦିନେଶ ସର୍ତ୍ତମୂଳକ ଜାମିନରେ ମୁକୁଳିଛନ୍ତି। ଏହାମଧ୍ୟରେ ପୀଡିତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ତା'ର ଡିଏନ୍‌ଏ ପରୀକ୍ଷା ମଧ୍ୟ କରାଯାଇଥିବା ସୂଚନା ମିଳିଛି। ତେବେ ଦିନେଶ ଆଉ ଜଣଙ୍କୁ ବିବାହ କରିବାକୁ ଯାଉଥିବା ଖବର ପାଇ ପୀଡ଼ିତା ଆଜକୁ ୧୦ ଦିନ ତଳେ ତାଙ୍କ ଘରେ ପହଞ୍ଚି ଶିଶୁପୁତ୍ରକୁ ନ୍ୟାୟ ଦେବାକୁ ଦାବି କରିଥିଲେ। କିନ୍ତୁ ଦିନେଶଙ୍କ ପରିବାର ଲୋକେ ତାଙ୍କୁ ଘରୁ ବାହାର କରି ଦେଇଥିଲେ। ତେଣୁ ସେ ନ୍ୟାୟ ଦାବିରେ ସେହିଦିନଠାରୁ ତାଙ୍କ ଘର ସମ୍ମୁଖରେ ଧାରଣାରେ ବସିଛନ୍ତି।

# ଭରା ନଈରୁ ମହିଳାଙ୍କୁ ଉଦ୍ଧାର କଲେ ୨ ଯୁବକ

**ବୈଶିଙ୍ଗା,(ଡି.ଏନ.ଏ.)/ ବେତନଟୀ, ୧୧।୮**

ପୋଲ ଉପରୁ ଡେଇଁ ଭରା ନଈରେ ଭାସିଯାଉଥିବା ଜଣେ ମହିଳାଙ୍କୁ ଉଦ୍ଧାର କରିଛନ୍ତି ଦୁଇ ସାହସୀ ଯୁବକ। ମୟୂରଭଞ୍ଜ ଜିଲା ବୈଶିଙ୍ଗା-ମାଣତ୍ରୀ ରାସ୍ତାର ପାଟୁଳିପୁରା ପଞ୍ଚାୟତ ଅନ୍ତର୍ଗତ ନାଖରାସ୍ଥିତ ବୁଢ଼ାବଳଙ୍ଗ ସେତୁ ନିକଟରେ ଗୁରୁବାର ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଉଦ୍ଧାର ପରେ ଉକ୍ତ ମହିଳାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ବୈଶିଙ୍ଗା ଥାନା ଅଧୀନ ନଛିପୁରିଆ ଗ୍ରାମର କୁନୁ ସିଂଙ୍କ ସ୍ତ୍ରୀ ଶ୍ରୀମତୀ (୨୭) କୌଣସି କାରଣରୁ ଅପରାହ୍ନରେ ଶାଶୁଘରୁ ବାହାରି ଚାଲି ଚାଲି ମାଣତ୍ରୀ ଅଭିମୁଖେ ଯାଇଥିଲେ। ବୈଶିଙ୍ଗାଠାରୁ ଅନତି ଦୂରରେ ଥିବା ପାଟଳୀପୁରା ପଞ୍ଚାୟତ ଅଧୀନ ନାଖରା ପୋଲ ଉପରୁ ବୁଢ଼ାବଳଙ୍ଗ ନଦୀକୁ ଡେଇଁ ପଡ଼ିଥିଲେ। ସେହି ସମୟରେ ପୋଲ ଉପରଦେଇ ସ୍ଥାନୀୟ ଅଞ୍ଚଳର ଲକ୍ଷ୍ମୀଧର ଦାସ ଓ ଭଗବାନ ମହାଳିକ ସାଇକେଲରେ ଯାଉଥିବା ବେଳେ କେହି ଜଣେ ମହିଳା ନଦୀକୁ ଡେଇଁ ପଡ଼ିଥିବାର ଦେଖି ନିଜ ଜୀବନକୁ ବାଜି ଲଗାଇ ନଦୀକୁ ଡେଇଁ ତାଙ୍କୁ ଉଦ୍ଧାର କରିଥିଲେ। ପାଟଳୀପୁରା ସରପଞ୍ଚଙ୍କଠାରୁ ଖବରପାଇ ବେତନଟୀ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଶ୍ରୀମତୀଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ବ୍ୟାଙ୍କ ଅଧିକାରୀଙ୍କ ପତ୍ତା ମିଳୁନି

**ଲୋଇସିଂହା,୧୧।୮(ଡି.ଏନ.ଏ)**

- ଅଙ୍ଗନଦୀ ପୋଲ ଉପରୁ ଅଧିକାରୀଙ୍କ ବାଇକ ଜବତ
- ନଦୀରେ ଅଗ୍ନିଶମ ବିଭାଗର ସର୍ଚ୍ଚ ଅପରେଶନ



ଦିବ୍ୟରଞ୍ଜନ ମିଶ୍ର

ବଲାଙ୍ଗୀର ଶାନ୍ତିପଡା ନିବାସୀ ତଥା ବରଗଡ ଜିଲା ବରପାଲିସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ଏଗ୍ରିକଲଚର ଅଧିକାରୀ ଦିବ୍ୟରଞ୍ଜନ ମିଶ୍ର(୩୮) ବୁଧବାର ରାତିରୁ ନିଖୋଜ ହୋଇଯାଇଛନ୍ତି। ତାଙ୍କ ବାଇକକୁ ଲୋଇସିଂହା ପୋଲିସ ସାଲେଭଟା ଅଙ୍ଗନଦୀ ପୋଲ ଉପରୁ ଉଦ୍ଧାର କରିଛି। ଦିବ୍ୟରଞ୍ଜନ ନଦୀକୁ ଡେଇଁଥିବା ସନ୍ଦେହରେ ଗୁରୁବାର ସକାଳୁ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଅଗ୍ନିଶମ ବିଭାଗ ନଦୀରେ ଖୋଜାଖୋଜି ଚଳାଇଛି। ହେଲେ ସନ୍ଧ୍ୟା ସୁଦ୍ଧା ତାଙ୍କର କୌଣସି ଖୋଜଖବର ମିଳିନାହିଁ। ଦିବ୍ୟରଞ୍ଜନ ନଦୀକୁ ଡେଇଁ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ଅପହରଣ କରି ନେଇଛି ତାହାକୁ ନେଇ ପୋଲିସ ତନାଘନା ଚଳାଇଛି। ବୁଧବାର ଦିବ୍ୟରଞ୍ଜନ କ୍ଷେତ୍ର ଅଧୀନ ସୁବର୍ଣ୍ଣପୁର ଜିଲା ବିନିକାକୁ ଯାଇ ସନ୍ଧ୍ୟାରେ ଘରକୁ ଫେରୁଥିବା ନେଇ ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରିବାରୁ ସୁଇଚ ଅଫ ଥିବା ଜଣା ପଡିଥିଲା। ଅପରପକ୍ଷେ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ସାଲେଭଟା ଅଙ୍ଗନଦୀ ପୋଲ ଉପରେ କେହି ଜଣେ ବାଇକ ରଖି ନଦୀକୁ ଡେଇଁଥିବା କେତେକ ଲୋକେ ସେହି ରାତିରେ ସାଲେଭଟା ପୋଲିସକୁ ସୂଚନା ଦେଇଥିଲେ । ସାଲେଭଟା ପୋଲିସ ଓ ଡୁଙ୍ଗରିପାଲି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ ହେଁ କୌଣସି ସନ୍ଧାନ ପାଇ ନ ଥିଲେ। ଗୁରୁବାର ସକାଳେ ଓଡ୍ରାଫ ଟିମ୍ ଘଟଣାସ୍ଥଳରୁ ନଦୀର ଦିଗଶିରା ଯାଏ ଖୋଜାଖୋଜି କରିଥିଲେ । ନଦୀରେ ପାଣିସ୍ରୋତ ଅଧିକ ଥିବା ଯୋଗୁ ଖୋଜିବାରେ ସମସ୍ୟା ହେଉଥିବା ଓଡ୍ରାଫ ଦଳ କହିଛି। ସାଲେଭଟା ଫାଣ୍ଡି ଅଧିକାରୀ ସୁଶାନ୍ତ ଭୋଇ କହିଛନ୍ତି, ରାତି ପ୍ରାୟ ୧୧ଟାରେ କେହି ଜଣେ ନଦୀକୁ ଡେଉଁଥିବା ବରଗଡ ଅମ୍ବାପାଲି ଅଞ୍ଚଳର ଜନୈକ ବ୍ୟକ୍ତି ଦେଖିଥିବା ପୋଲିସକୁ ସୂଚନା ଦେଇଥିଲେ। ତେବେ ଦିବ୍ୟରଞ୍ଜନଙ୍କ ବିନିକାସ୍ଥିତ ପିଏନ୍‌ବିର ଷ୍ଟାଫ ବିନିକା ଥାନାରେ ନିଖୋଜ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଦିବ୍ୟରଞ୍ଜନଙ୍କର କାହାରି ସହ ଶତ୍ରୁତା ନ ଥିଲା। ଏପରିକି ସେ ଆତ୍ମହତ୍ୟା କଲା ଭଳି ଲୋକ ନୁହନ୍ତି। ତାଙ୍କୁ ଅପହରଣ କରାଯାଇ ଥାଇପାରେ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି।

# ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

**ଗୋପାଳପୁର,୧୧।୮ (ଡି.ଏନ୍.ଏ.)**

ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ ଗୋଳନ୍ଥରା ଥାନା ଅଞ୍ଚଳରେ ପ୍ରେମୀଯୁଗଳଙ୍କ ମୃତଦେହ ପୋଲିସ ଜବତ କରିଛି। ସେମାନେ ହେଲେ ରାମେୟାପାଟଣା ଓଡିଆରପି କଲୋନୀର ଗୁରୁବାରି ନାୟକ(୨୪) ଓ ବି.ମନୋହର ଗ୍ରାମର ଦୀପା ନାୟକ (୨୦)। ଖବର ଅନୁସାରେ, ଦୀର୍ଘଦିନ ଧରି ଗୁରୁବାରିଙ୍କ ସହିତ ଦୀପାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତ ୧୫ ଦିନ ତଳେ ଦୀପାଙ୍କୁ ଆଣି ଗୁରୁବାରି ନିଜ ଘରେ ରହୁଥିଲେ। ବୁଧବାର ସନ୍ଧ୍ୟାରେ ଘର ପାଖରେ ଥିବା କିଆଗଛରେ ଗୁରୁବାରି ରଶି ଲଗାଇ ଓ ଦୀପା ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଥିଲେ। ଗୁରୁବାରିଙ୍କ ବାପା ମୋହନ ନାୟକ କାମରୁ ଫେରିବା ବେଳେ ଉଭୟ କିଆଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ଗୋଳନ୍ଥରା ଥାନା ଅଧିକାରୀ ବ୍ରହ୍ମପୁର ବଡ଼ ମେଡିକାଲରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ଅପରାହ୍ନରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଏ ନେଇ ମୋହନ ଓ ଦୀପାଙ୍କ ମା' ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଥାନା କେସ୍ ନଂ. ୨୨ ଓ ୨୩/୨୨ ପ୍ରକାରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଗାଁ ଦାଣ୍ଡରେ ବୁଲିଲେ ଭାଲୁ



ଜଣେ ବ୍ୟକ୍ତିଙ୍କ ପିଣ୍ଡାରେ ଛିଡ଼ା ହୋଇଥିବା ଭାଲୁ।

**ଆନନ୍ଦପୁର,୧୧।୮(ସ୍ୱ.ପ୍ର.)**

ବଣ ଜଙ୍ଗଲରେ ବନ୍ୟପ୍ରାଣୀ ଚଳପ୍ରଚଳ କରିବା ଏକ ସାଧାରଣ କଥା। ହେଲେ ଗାଁ ଦାଣ୍ଡରେ ଦିନରେ ଭାଲୁ ବୁଲିବା, ଘରର ପିଣ୍ଡାରେ ବସିବା ଦେଖିଲେ ଯେ କେହି ବି ଚକିତ ହେବ। ଏଭଳି ଦୃଶ୍ୟ କେନ୍ଦୁଝର ଜିଲା ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବରାଙ୍ଗ ସଂରକ୍ଷିତ ଜଙ୍ଗଲରୁ ମା' ଛୁଆ ମିଶି ୩ ଭାଲୁ ବାହାରି ପୁରୁଣାବାନ୍ଧଗୋଡ଼ା ଗ୍ରାମରେ ଗୁରୁବାର ବୁଲାବୁଲି କରିଥିଲେ। ଗାଁ ଲୋକେ ପାଟି କରିବାରୁ ସେମାନେ ଜଙ୍ଗଲକୁ ପଳାଇଥିଲେ। ଖାଦ୍ୟ ଅନ୍ୱେଷଣରେ ଭାଲୁ ତିନୋଟି ଗାଁ ମୁହାଁ ହୋଇଥିବା ଜଣାପଡ଼ିଛି। ବରାଙ୍ଗ ଜଙ୍ଗଲରୁ ଅଧିକାଂଶ ସମୟରେ ଭାଲୁ ଗାଁ ମୁହାଁ ହେଉଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବନ ବିଭାଗ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।




ଭିତରେ କୌଣସି ପ୍ରଲୋଭନ ଜାଗିଲେ ତାକୁ ପ୍ରତିରୋଧ କର । ତା'ପାଖରେ ନିଜକୁ ସମର୍ପି ଦିଅନା । ଥରକ ପାଇଁ ହେଲେ ବି–ଯଦି ତୁମେ ପ୍ରଲୋଭନକୁ ପ୍ରଶ୍ରୟ ଦେଇଛ– ତା'ହେଲେ ତୁମ ଇଚ୍ଛାଶକ୍ତିର ବଳ କମିଯିବ ଏବଂ ବାରମ୍ବାର ପରାଜୟ ପାଇଁ ବାଟ ଖୋଲିଯିବ । –ଶ୍ରୀମା



# ଅଣଦେଖା କାହିଁକି



ଏଗରଟନ୍ ନେଟୋ

ଆପଣଙ୍କର ଲିଙ୍ଗଗତ ସ୍ଥିତି କ'ଣ ରହିଛି ? ବ୍ରାଜିଲରେ ଏହି ପ୍ରଶ୍ନ ଏଲ୍‌ଜିବିଟିକ୍ୟୁ ସମୁଦାୟଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରେ । କାରଣ ସେଠାରେ ସମଲିଙ୍ଗୀମାନଙ୍କୁ ସରକାରୀ ପରିସଂଖ୍ୟାନରୁ ବାଦ୍ ଦିଆଯିବା ସହ ଅଣଦେଖା କରାଯାଇଛି । ଏବେ କିନ୍ତୁ ବ୍ରାଜିଲ ସକାରାତ୍ମକ ପରିବର୍ତ୍ତନ ଲାଗି ଏକ କ୍ଷୁଦ୍ର ପଦକ୍ଷେପ ନେଇଛି । ଦେଶର ଜାତୀୟ ପରିସଂଖ୍ୟାନ ସଂସ୍ଥା ଆଇବିଜିଇ ଏହାର ସଦ୍ୟତମ ନ୍ୟାଶନାଲ ହେଲ୍‌ଥ ସର୍ଭେ ପ୍ରକାଶ କରିଛି, ଯେଉଁଥିରେ ପ୍ରଥମ ଥର ଲାଗି ଲିଙ୍ଗଗତ ସ୍ଥିତି ସମ୍ପର୍କରେ ପ୍ରଶ୍ନଗୁଡ଼ିକ ସମାବିଷ୍ଟ କରିଥିଲା । ସର୍ଭେ ଅନୁଯାୟୀ, ୨୦୧୯ରେ ସଂଗୃହୀତ ତଥ୍ୟ ଆଧାରରେ ପାଖାପାଖି ୨.୯ ମିଲିୟନ ବ୍ରାଜିଲୀୟ ହୋମୋସେକ୍ସୁଆଲ ବା ସମଲିଙ୍ଗୀ ଭାବେ ଚିହ୍ନଟ ହୋଇଛନ୍ତି । ଏଭଳି ଉତ୍ସାହପ୍ରଦ ଅଗ୍ରଗତି ସତ୍ତ୍ୱେ ଆଇବିଜିଇ ଲିଙ୍ଗଗତ ସ୍ଥିତି ଓ ପରିଚୟ ସମ୍ପର୍କିତ ପ୍ରଶ୍ନଗୁଡ଼ିକୁ ବ୍ରାଜିଲର ଜାତୀୟ ଜନଗଣନାରେ ସାମିଲ କରିବାକୁ ବି ମନାକରୁଛି । ଜୁନ୍‌ରେ ପବ୍ଲିକ ପ୍ରୋସେକ୍ୟୁଟର୍ସ ଅଫିସ୍ ଏଭଳି ପ୍ରଶ୍ନଗୁଡ଼ିକୁ ସାମିଲ କରିବା ସକାଶେ ଆଇଜିବିଇକୁ ବାଧ୍ୟ କରିବା ଲାଗି ଫେଡେରାଲ କୋର୍ଟର ଆଶ୍ରୟ ନେଇଥିଲା । କିନ୍ତୁ ଏହି ପଦକ୍ଷେପକୁ କୋର୍ଟ ରଦ୍ଦ କରିଦେଲେ । ଅନେକ ବିକଶିତ ଦେଶ ଏହା କରି ସାରିଲେଣି । ଜନ୍ମରୁ କେଉଁ ଲିଙ୍ଗ ନିର୍ଦ୍ଦିଷ୍ଟ ହୋଇଛି ଓ ସେମାନଙ୍କ ଲିଙ୍ଗଗତ ପରିଚୟ କ'ଣ ରହିଛି ; ଏଭଳି ପ୍ରଶ୍ନ କାନାଡାର ୨୦୨୧ ଜନଗଣନାରେ କରାଯାଇଥିଲା । ବ୍ରିଟେନ୍‌ର ସଦ୍ୟତମ ଜନଗଣନାରେ ଲିଙ୍ଗଗତ ସ୍ଥିତି ସମ୍ପର୍କରେ ଏକ ସ୍ୱେଚ୍ଛାକୃତ ପ୍ରଶ୍ନ ସାମିଲ କରାଗଲା । ଅଷ୍ଟ୍ରେଲିଆରେ ଏବକାର ଜନଗଣନା ପୁରୁଷ, ମହିଳା କିମ୍ବା ନନ୍‌ବାଇନାରି ଭାବେ ଚିହ୍ନଟ କରିବାର ବିକଳ୍ପ ରଖିଛି । ତେବେ ସେମାନଙ୍କୁ କେଉଁ ପ୍ରଶ୍ନ କିଭଳି ପଚରାଯିବ ସେ ସମ୍ପର୍କରେ ଆମେରିକାର ସେନସସ୍ ବ୍ୟୁରୋ ଏ ପର୍ଯ୍ୟନ୍ତ ଅନୁଧ୍ୟାନ ଜାରି ରଖିଛି । କିନ୍ତୁ ଅନେକ ବିକାଶଶୀଳ ଦେଶରେ ଏଲ୍‌ଜିବିଟିକ୍ୟୁ ସମୁଦାୟଙ୍କୁ ଅଣଦେଖା କିମ୍ବା ସାମିଲ କରିବା ପ୍ରସଙ୍ଗ ଏକ ଏକ ମାନଦଣ୍ଡ ଭାବେ ରହିଛି । କେନିଆର ଡାକ୍ତର ଓ ମାନବ ଅଧିକାର କର୍ମୀ ଷ୍ଟିଲା ୱିରିମୁ ବୋଜିରଙ୍କ ମତରେ ବିଭିନ୍ନ ଦେଶର ଜନଗଣନା ସରକାରଙ୍କ ଯୋଜନାଗୁଡ଼ିକରେ ଏକ ଗୁରୁତ୍ୱପୂର୍ଣ୍ଣ ସାଧନ । ଏଲ୍‌ଜିବିଟିକ୍ୟୁ ଗୋଷ୍ଠୀଙ୍କୁ ବାଦ୍ ଦେବାରୁ ବୁଝାପଡ଼େ ଯେ ରୋଜଗାର, ସ୍ୱାସ୍ଥ୍ୟ ଓ ଗୃହହୀନତାକୁ ଲକ୍ଷ୍ୟ କରି ଗ୍ରହଣ କରାଯାଉଥିବା ନୀତିଗୁଡ଼ିକରେ ଉକ୍ତ ସମୁଦାୟଙ୍କ ଆବଶ୍ୟକତାକୁ ବିଚାରକୁ ନିଆଯାଉନାହିଁ । ପାଞ୍ଚଟି ଆଫ୍ରିକୀୟ ଦେଶରେ ଏଲ୍‌ଜିବିଟିମାନଙ୍କ ବିରୋଧରେ ହିଂସା ଉପରେ ଅର୍‌କୁସ ଫାଉଣ୍ଡେଶନ ୨୦୧୯ରେ ଏକ ରିପୋର୍ଟ ପ୍ରକାଶ କରିଥିଲା । ଏଥିରୁ ଜଣାପଡ଼ିଲା ଯେ, ଠିକ୍ ତଥ୍ୟ ଏଲ୍‌ଜିବିଟି କୈନ୍ଦ୍ରିକ ଏନ୍‌ଜିଓଗୁଡ଼ିକୁ ସେମାନଙ୍କ କ୍ଷେତ୍ରରେ ସୃଷ୍ଟି ହେଉଥିବା ବାଧାକୁ ଠାବ କରିବା ସହ ସେଗୁଡ଼ିକର ପ୍ରଭାବକୁ ମୂଲ୍ୟାୟନ କରି ଅଧିକ ଆଇନଗତ ତଥା ଜନସାଧାରଣ ସହଯୋଗଭିତ୍ତିକ ପଦକ୍ଷେପ ନେବାରେ ସାହାଯ୍ୟ କରିପାରିବ ।




ସରକାରୀ ପରିସଂଖ୍ୟାନ ଅଭାବରେ କେତେକ ସିଭିଲ୍ ସୋସାଇଟି ସଂଗଠନ ସେମାନଙ୍କ ନିଜସ୍ୱ ଡାଟାସେଟ୍ ଗଢ଼ିଛନ୍ତି । ଉଦାହରଣ ସ୍ୱରୂପ, ବିଶ୍ୱରେ ଏଲ୍‌ଜିବିଟିକ୍ୟୁମାନଙ୍କ ହତ୍ୟାରେ ବ୍ରାଜିଲ୍ ସର୍ବାଗ୍ରେ ରହିଛି । ବ୍ରାଜିଲର ଟ୍ରାନ୍ସ ରାଇଟ୍ ଗ୍ରୁପ୍(ଟ୍ରାନ୍ସଜେଣ୍ଡରଙ୍କ ପ୍ରତି ହେଉଥିବା ହିଂସା ଓ ବାଛବିଚାର ରୋକିବା ଏବଂ ସେମାନଙ୍କ ଅତ୍ୟାବଶ୍ୟକତା, ଅଧିକାର ଲାଗି ସଂଗ୍ରାମ ଚଳାଉଥିବା ଗ୍ରୁପ୍) ଏଏନ୍‌ଟିଆର୍‌ଏ ଦେଶରେ ୨୦୨୧ରେ ହତ୍ୟା କରାଯାଇଥିବା ୧୪୦ ଟ୍ରାନ୍ସଜେଣ୍ଡରଙ୍କ ନାମକୁ ତାଲିକାଭୁକ୍ତ କରିବା ପରେ ଏହା ଜଣାପଡ଼ିଲା । ମେକ୍ସିକୋରେ ଲେଟ୍ରା ଏସା, ଲେବାନନ୍‌ରେ ହିଲେମ୍ ଏବଂ ୟୁରୋପରେ ଟିଜିଇୟୁ ଭଳି ଅନେକ ଟ୍ରାନ୍ସ ରାଇଟ୍‌ଗ୍ରୁପ ବିଶ୍ୱରେ ଏଭଳି କାର୍ଯ୍ୟ କରୁଛନ୍ତି । ପ୍ରାୟ ପ୍ରତ୍ୟେକ ଦିନ ସମଲିଙ୍ଗୀ ଗବେଷକମାନେ ସର୍ଭେ ଶେଷ କରିବା,ସାକ୍ଷାତକାରରେ ଭାଗ ନେବା ଓ ଫର୍ମ ପୂରଣ କରିବା ଲାଗି ମୋତେ ଅନୁରୋଧ କରୁଛନ୍ତି । ଏଭଳି ଅନୁଧ୍ୟାନରେ ଆମ ଅନୁଭୂତିକୁ ଅନ୍ୟମାନେ ଜାଣି ଓ ବୁଝିପାରୁଥିଲେ ବି ଖୁବ୍ କମ୍ ଦେଶର ଲୋକଙ୍କ ନିକଟରେ ଏହା ପହଞ୍ଚେ ଏବଂ ପ୍ରାୟ କୌଣସି ସରକାର ଏହାକୁ ପ୍ରକାଶ କରନ୍ତି ନାହିଁ । ଏଣୁ ସରକାରୀ ତଥ୍ୟ ଅଭାବ ମୋତେ ଏବଂ ମୋ କମ୍ୟୁନିଟି ପାଇଁ ଯେଉଁ ସ୍ଥିତି ଉପୁଜାଉଛି ତାହା ପ୍ରକାଶ ପାଉନାହିଁ । ଆମ ସ୍ୱାର୍ଥଗୁଡ଼ିକୁ ପ୍ରୋତ୍ସାହିତ କରିବା ଏବଂ ଆମର ସବୁ ଅଧିକାରର ସୁରକ୍ଷା କରିବାରେ ଅତ୍ୟନ୍ତ କଠିନ ସ୍ଥିତି ସୃଷ୍ଟି କରୁଛି । ଏହି କାରଣରୁ ଏହା ଆମ ନାଗରିକତ୍ୱର ମୌଳିକ ଅଧିକାର ପ୍ରଦାନ କରିବାକୁ ମନାକରୁଛି ।

କେଭିନ୍ ଗୁୟାନ ତାଙ୍କ ବହି 'କ୍ୱିଇର ଡାଟା' ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ,ସରକାରୀ ସର୍ଭେରେ କେଉଁ ପ୍ରଶ୍ନ ପଚରାଯିବ ସେ ସମ୍ପର୍କିତ ନିଷ୍ପତ୍ତି ସର୍ଭେକାରୀଙ୍କ ଦୃଷ୍ଟିକୋଣକୁ ପ୍ରକାଶ କରେ । ଯଦି ଷ୍ଟାଟିଷ୍ଟିସିଆନ ଏବଂ ରାଜନେତାମାନେ ଏଲ୍‌ଜିବିଟିକ୍ୟୁ ଭୟ ବା ଘୃଣାକୁ ଏକ ସମସ୍ୟା ଭାବେ ଦେଖିବେ ନାହିଁ କିମ୍ବା ଆମ ଗୋଷ୍ଠୀର ଦାବିକୁ ଚାପି ଦେବା ଲାଗି ଚାହିଁବେ, ତେବେ ସେମାନେ କାହିଁକି ଉଚିତ୍ ପ୍ରଶ୍ନସବୁ ଜନଗଣନାରେ ସାମିଲ କରିବେ ? ଏଣୁ ଟ୍ରାନ୍ସଜେଣ୍ଡରମାନେ ଏଭଳି ଅଣଦେଖା ହୋଇ ରହିବେ । ସମଲିଙ୍ଗୀମାନଙ୍କ ପ୍ରତି ହିଂସା, ସେମାନଙ୍କୁ ବାଦ୍ ଦେବା ଏବଂ ସେମାନଙ୍କ ଦାରିଦ୍ର୍ୟ ସେମିତି ଲାଗି ରହିବ । ଆମେରିକାରେ କରାଯାଉଥିବା ଅନୁଧ୍ୟାନଗୁଡ଼ିକରୁ ଲଗାତର ଜାଣିବାକୁ ମିଳିଛି ଯେ, ଲିଙ୍ଗଗତ ସଂଖ୍ୟାଲଘୁମାନେ ଅତ୍ୟଧିକ ହିଂସାର ଶିକାର ହେଉଛନ୍ତି ।

ଏଲ୍‌ଜିବିଟିଙ୍କ ପ୍ରତି ହେଉଥିବା ଏଭଳି ହିଂସା ବହୁସମୟରେ ଫାସିବାଦର ଏକ ଦାସତ୍ୱକୁ ସୂଚାଉଛି । ନାଜି ଜର୍ମାନୀରେ ଅଧିକାରୀମାନେ ସେତେବେଳେ ସମଲିଙ୍ଗିକ ଅପରାଧରେ ଅଭିଯୁକ୍ତ ବ୍ୟକ୍ତିଙ୍କର 'ପିଙ୍କ ଲିଷ୍ଟ' କରିଥିଲେ । ସେମାନଙ୍କ ମଧ୍ୟରୁ ଅନେକଙ୍କୁ ନଜରବନ୍ଦୀ ଶିବିରକୁ ପଠାଇ ଦିଆଯାଉଥିଲା । ୧୯୯୪ ଯାଏ ସମଲିଙ୍ଗିକତା ଉପରେ କଟକଣା ଲଗାଇବା ଆଇନ ପଶ୍ଚିମ ଜର୍ମାନୀରେ ରହିଥିଲା ଏବଂ ତାହାକୁ ପ୍ରୟୋଗ କରି ପ୍ରାୟ ୧୦,୦୦୦ ଲୋକଙ୍କ ବିରୋଧରେ ମକଦ୍ଦମା କରାଯାଇଥିଲା । ଖୁବ୍ ନିକଟରେ ରୁଷିଆର ସୈନ୍ୟମାନେ ୟୁକ୍ରେନରେ ଏଲ୍‌ଜିବିଟି ଗୋଷ୍ଠୀର ସକ୍ରିୟ କର୍ମକର୍ତ୍ତାଙ୍କ ଏକ ତାଲିକା ବାଣ୍ଟିଥିବା ଜଣାପଡ଼ିଛି । ଯୌନ ଓ ଲିଙ୍ଗଗତ ସ୍ଥିତି ସମ୍ପର୍କିତ ପ୍ରଶ୍ନଗୁଡ଼ିକୁ ଲୋକେ କିଭଳି ଗ୍ରହଣ କରୁଛନ୍ତି ତା'ଉପରେ ଧ୍ୟାନ ନ ଦେଇ କେବଳ ସେମାନଙ୍କୁ ପଚାରିବା ଏକ ଆଶ୍ୱାସନା । ପ୍ରଶ୍ନ କରିବା ଦ୍ୱାରା ତାହା ଲୋକଙ୍କୁ ନିଜ ପରିଚୟର ଅନୁଭବ କରିବାକୁ ଦିଏ ଏବଂ ଲିଙ୍ଗଗତ ପ୍ରଭେଦକୁ କମାଏ ଏବଂ ଆମକୁ ସମ୍ପୂର୍ଣ୍ଣ ନାଗରିକତ୍ୱ ଅଧିକାରଗୁଡ଼ିକର ନିକଟତର କରେ ।

ବ୍ରାଜିଲରେ ୨୦୨୨ ଜନଗଣନାରେ ଏଲ୍‌ଜିବିଟିକ୍ୟୁ ସମ୍ବନ୍ଧିତ ପ୍ରଶ୍ନଗୁଡ଼ିକୁ ସାମିଲ କରିବା ଲାଗି ଆଇବିଜିଇ ମନା କରିବା ପଛରେ ଏହାର ବଜେଟ୍ ହ୍ରାସକୁ ଦାୟୀ କରିଥିଲା ଏବଂ ଦାବି କରିଥିଲା ଯେ, ସେମାନଙ୍କୁ ସାମିଲ କଲେ ବିଳମ୍ବ ହେବ । ନ୍ୟାୟପାଳିକା ମଧ୍ୟ ସମଲିଙ୍ଗୀ ସମୁଦାୟଙ୍କ ସଂଗ୍ରାମ, ଯନ୍ତ୍ରଣା ଏବଂ ଅନୁଭବ ସବୁକୁ ଅଣଦେଖା କରି ଏହିସବୁ ପ୍ରଶାସନିକ ଯୁକ୍ତିକୁ ଗ୍ରହଣ କରିଛି । ଜନଗଣନାରେ ଏମାନଙ୍କୁ ସାମିଲ କରିବା ବୈଶ୍ୱିକ ଲଢ଼େଇରେ କେବଳ ବ୍ରାଜିଲ ଏକ ଆଗୁଆ ଦେଶ ନୁହେଁ । ନିକଟରେ ବିଶ୍ୱ ବ୍ୟାଙ୍କ ଏହି ସମୁଦାୟଙ୍କୁ ପ୍ରଭାବିତ କରୁଥିବା ୧୬ଟି ଦେଶର ଆଇନଗୁଡ଼ିକର ବିଶ୍ଳେଷଣଭିତ୍ତିକ ରିପୋର୍ଟ ପ୍ରକାଶ କରିଥିଲା । ଏଭଳି ଅନୁଧ୍ୟାନ ଏକ ବିରାଟ ସଫଳତା, କିନ୍ତୁ ତଥ୍ୟ ଅଭାବରୁ ବୁଝାପଡୁଛି ଯେ, ଏଲ୍‌ଜିବିଟିକ୍ୟୁ ସମୁଦାୟଙ୍କ ଅଧିକାରଗୁଡ଼ିକର ଅନ୍ତର୍ଜାତୀୟ କିମ୍ବା ତୁଳନାତ୍ମକ ଭାବେ ସେହି ପ୍ରକାର ବିଶ୍ଳେଷଣ କରିବା ଏକ ବଡ଼ ନିରାଶଜନକ ଅନୁଭବ ହୋଇ ରହିଛି ।

ଜନଗଣନା ପରେ ଆଇବିଜିଇ ୨୦୨୩ ଓ ୨୦୨୪ରେ ଏହା ଠାରୁ ଅପେକ୍ଷାକୃତ ଛୋଟ ଛୋଟ ସର୍ଭେରେ ଏଲ୍‌ଜିବିଟିକ୍ୟୁ ଗୋଷ୍ଠୀ ସମ୍ପର୍କିତ ପ୍ରଶ୍ନଗୁଡ଼ିକୁ ସାମିଲ କରିବା ଯୋଜନା ବିଷୟରେ ଘୋଷଣା କରିଛି । ଏହା ସ୍ୱାଗତଯୋଗ୍ୟ, କିନ୍ତୁ ଏଥିପାଇଁ ଆହୁରି ଅନେକ କରିବାକୁ ବାକି ରହିଛି । ରାଜନୈତିକ ନେତାମାନେ ବୁଝିବା ଉଚିତ ଯେ, ଏହି ସମୁଦାୟକୁ ସାମିଲ କରୁ ନ ଥିବା ଯେକୌଣସି ଜାତୀୟ ଜନଗଣନା କିମ୍ବା ସର୍ଭେ ବାସ୍ତବରେ ସେମାନଙ୍କ ନାଗରିକବର୍ଗକୁ ପ୍ରତିପାଦିତ କରିବ ନାହିଁ । ବିନା ତଥ୍ୟରେ ଆଉ ଏକ ଦଶନ୍ଧି ରହିଲେ ନିଶ୍ଚିତ ଭାବେ ବିନା ପର୍ଯ୍ୟାପ୍ତ ନୀତିରେ ଆଉ ଏକ ଦଶନ୍ଧି ବି ରହିବାକୁ ବାଧ୍ୟ ହେବା । ଲମ୍ବା ସମୟ ଧରି ଲାଗି ରହିଥିବା ଐତିହାସିକ ଅନ୍ୟାୟଗୁଡ଼ିକ ଆମ ସମୁଦାୟକୁ ଗରିବ ଓ ଅସୁରକ୍ଷିତ କରି ରଖିଛି । ଏହାସହ ଆମ ପାଇଁ କିଛି କରିବାକୁ ବି ପୂରା ଭୁଲିଯାଇଛି ।

**ଏଲ୍‌ଜିବିଟି ଆକ୍ଟିଭିଷ୍ଟ (ବ୍ରାଜିଲ)**

## ଗ୍ରନ୍ଥାଗାରିକ: ଶ୍ରେଣୀଗୃହ ବିନା ଶିକ୍ଷକ



ନିରଞ୍ଜନ ମହାପାତ୍ର

ସମୟର ସୁଅ ସହିତ ଟେକ୍ନୋଲୋଜିର ଉନ୍ନତି ହୋଇଛି, ଯାହା ଦ୍ୱାରା ସମାଜରେ ଅନେକ ପରିବର୍ତ୍ତନ ଆସିଛି । ପରିବହନ, ଦକ୍ଷତା ଏବଂ ନିରାପତ୍ତାଠାରୁ ଆରମ୍ଭ କରି ଖାଦ୍ୟ ଏବଂ ସ୍ୱାସ୍ଥ୍ୟସେବା, ସାମାଜିକୀକରଣ ଏବଂ ଉତ୍ପାଦକତା ପର୍ଯ୍ୟନ୍ତ ଟେକ୍ନୋଲୋଜି ଜୀବନର ସମସ୍ତ ଦିଗକୁ ପ୍ରଭାବିତ କରିଛି । ଇଣ୍ଟରନେଟ୍‌ର ଶକ୍ତି ଦ୍ୱାରା ସହଜରେ ବିଭିନ୍ନ ବିଚାର, ଗବେଷଣା ଏବଂ ସଂସାଧନଗୁଡ଼ିକୁ ସହଜରେ ବାଣ୍ଟିବା ବା ଆଦାନପ୍ରଦାନ କରିବା ପାଇଁ ବିଶ୍ୱସ୍ତରୀୟ ସମୁଦାୟ ସୃଷ୍ଟି କରିବାରେ ସକ୍ଷମ ହୋଇଛି । କିନ୍ତୁ ଏବେ ବି ମହତ୍ତ୍ୱ ଅଛି ପୁସ୍ତକର, ପୁସ୍ତକ ପଢ଼ିବାର ମହତ୍ତ୍ୱକୁ କେବେ ବି ଡିଜିଟାଲ ଟେକ୍ନୋଲୋଜି ଦ୍ୱାରା ବଦଳା ଯାଇ ପାରିବ ନାହିଁ । ପଢ଼ିବା ପାଇଁ ଉପଯୁକ୍ତ ପରିବେଶ, ଏକ ପାଠାଗାର ବ୍ୟତୀତ ଆଉ କ'ଣ ହେଇପାରେ ! ପାଠାଗାର ହେଉଛି ଏକ ଅନୁଷ୍ଠାନର ହୃଦୟ ସଦୃଶ, ଯାହାକି ଏକ ଶିକ୍ଷା ବ୍ୟବସ୍ଥାର ଏକ ପ୍ରଧାନ ଅଙ୍ଗ । ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଶ୍ରେୟ ଏହାର ପାଠାଗାରର ସଂସାଧନ, ଭିତ୍ତିଭୂମି ଏବଂ କର୍ମଚାରୀମାନଙ୍କ ଉପରେ ନିର୍ଭର କରେ । ପାଠାଗାରକୁ ବିଭିନ୍ନ ଶବ୍ଦ ଯଥା ଗ୍ରନ୍ଥାଗାର, ଗ୍ରନ୍ଥାଳୟ, ଲାଇବ୍ରେରି ଆଦି ନାମରେ ସମସ୍ତେ ଜାଣନ୍ତି । ପାଠାଗାର ମଧ୍ୟରେ ଅତିବାହିତ ଯାହାର ଜୀବନ ; କର୍ମସ୍ଥଳୀ ଯାହାର ପାଠାଗାର, ଯାହାର ମନ ପାଠାଗାରରେ ଲୀନ ; ସେ କିଏ ସମସ୍ତେ ଜାଣନ୍ତି ।

ଗ୍ରନ୍ଥାଗାରର ଗ୍ରନ୍ଥାଗାରିକ ବା ଲାଇବ୍ରେରିଆନ୍, ଯାହାକୁ କି ପାଠାଗାରର ସଂରକ୍ଷକ, ପରିଚାଳକ ଏବଂ ପାଠକଙ୍କ ଭବିଷ୍ୟତର ମାର୍ଗଦର୍ଶକ ; କିନ୍ତୁ ସରକାରଙ୍କୁ ଲାଗୁଛି ବୋଧେ ଦରକାର ନାହିଁ ଗ୍ରନ୍ଥାଗାର ପାଇଁ ଗ୍ରନ୍ଥାଗାରିକ । ପାଠକଙ୍କୁ ମିଳୁନି ଆଶାନୁରୂପ ପାଠାଗାର ସେବା, ବିଦ୍ୟମାନ ପାଠାଗାରଗୁଡ଼ିକୁ ମିଳୁନି ତାଲିମପ୍ରାପ୍ତ ଗ୍ରନ୍ଥାଗାରିକର ସେବା । ଏହିପରି ଭାବରେ ଗ୍ରନ୍ଥାଗାର ସହ ଗ୍ରନ୍ଥାଗାରିକଙ୍କ ଅବସ୍ଥା, ସରକାରଙ୍କର ଦୃଷ୍ଟି ଆକର୍ଷଣ କରିପାରିଲେ ହୋଇପାରନ୍ତା କିଛି ବ୍ୟବସ୍ଥା ।

ପ୍ରସିଦ୍ଧ ବ୍ରିଟିଶ୍ ଉପନ୍ୟାସିକ ନିଲ ଜିଁ'ଆଇମାନ କହିଛନ୍ତି ଯେ, ଗୁଗଲ ଆପଣଙ୍କୁ ଏକ ଶହ ହଜାର ଉତ୍ତର ଖୋଜି ବାହାର କରିଦେଇପାରେ, କିନ୍ତୁ ଜଣେ ଗ୍ରନ୍ଥାଗାରିକ ବା ଲାଇବ୍ରେରିଆନ୍ ଆପଣଙ୍କୁ ସଠିକଟି ହିଁ ଦେଇପାରିବ । ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି) ନିୟମ ଅନୁସାରେ ଲାଇବ୍ରେରିଆନ ପଦବୀକୁ ଶିକ୍ଷଣିକ (ଏକାଡେମିକ) ସ୍ତରର ପଦମାନଙ୍କ ସହ ତୁଳନା କରାଯାଇଛି । ବିଭିନ୍ନ ଅନୁସନ୍ଧାନ ବା ରିସର୍ଚ୍ଚ ସଂସ୍ଥାରେ ଲାଇବ୍ରେରିଆନ ପଦମାନଙ୍କୁ ସୂଚନା ଅଧିକାରୀ, ସୂଚନା ବୈଜ୍ଞାନିକ, ସୂଚନା ବିଜ୍ଞାନୀ ଆଦି ନାମରେ ନିଯୁକ୍ତି ମିଳୁଛି । ସାଧାରଣତଃ ବହୁ ଲୋକଙ୍କ ମନର ଭାବନା ଲାଇବ୍ରେରିଆନ୍ ଏକ କିରାଣି ସ୍ତରୀୟ ପଦ, ପ୍ରକୃତରେ ଲାଇବ୍ରେରିଆନ୍‌ମାନଙ୍କୁ ଯେତିକି ସମ୍ମାନ ମିଳିବା ଦରକାର ସେତିକି ମିଳୁନି । ଜଣେ ଲାଇବ୍ରେରିଆନର ଗୁରୁତ୍ୱ କ'ଣ, ଏହା କେବଳ ଜଣେ ଲାଇବ୍ରେରିକୁ ଭଲ ପାଉଥିବା, ଲାଇବ୍ରେରି ସହିତ ଜଡ଼ିତ ଥିବା ଏବଂ ଲାଇବ୍ରେରିକୁ ବ୍ୟବହାର କରୁଥିବା ଲୋକ ହିଁ ବୁଝିପାରିବ । ଲାଇବ୍ରେରିଆନ୍ କେବଳ ପାଠକଙ୍କୁ ପୁସ୍ତକ ଆଦାନ ପ୍ରଦାନ କରନ୍ତି ନାହିଁ, ଏହା ସହିତ ପାଠାଗାରରେ ଉପଯୁକ୍ତ ସଂସାଧନକୁ ଉପଯୁକ୍ତ ସମୟରେ ଉପଲବ୍ଧ କରାଇ ଉପଯୁକ୍ତ ବ୍ୟକ୍ତିଙ୍କୁ ସୂଚିତ କରିବା, ପାଠକଙ୍କ ମାନସିକ ଅଧ୍ୟୟନ, ପାଠକଙ୍କୁ ମାର୍ଗଦର୍ଶନ, ପୁସ୍ତକ ଏବଂ ଅନ୍ୟ ପଠନ ଉପଯୋଗୀ ସଂସାଧନର ଚୟନ, ପାଠାଗାର ଶୃଙ୍ଖଳା ଏବଂ ପରିଚାଳନା ଆଦି ଅନେକ କାର୍ଯ୍ୟଭାର ତୁଲାଇ ଥାଆନ୍ତି । ଏତଦ୍ ବ୍ୟତୀତ ପାଠାଗାରର ଟେକ୍ନିକାଲ କାର୍ଯ୍ୟ ଏପରିକି ସୂଚୀକରଣ, ବର୍ଗୀକରଣ, ଅନୁକ୍ରମଣ, ଅଟୋମେଶନ, ଡିଜିଟାଲାଇଜେସନ ଇତ୍ୟାଦି ଦାୟିତ୍ୱ ନିଭାଇଥାନ୍ତି । ଆମେରିକୀୟ ପାଣିପାଗ ଉପସ୍ଥାପକ ତଥା ରେଡିଓ/ ଟିଭି ବ୍ୟକ୍ତିତ୍ୱ ୱିଲାର୍ଡ ସ୍କଟ କହିଛନ୍ତି ଯେ, ଲାଇବ୍ରେରିଆନ୍‌ମାନେ ସର୍ବଦା ସର୍ବାଧିକ ଚିନ୍ତିତ ଏବଂ ସାହାଯ୍ୟକାରୀ ଲୋକମାନଙ୍କ ମଧ୍ୟରେ ରହିଆସିଛନ୍ତି । ସେମାନେ ଶ୍ରେଣୀଗୃହ ବିନା ଶିକ୍ଷକ ।

ଭାରତରେ ଲାଇବ୍ରେରି ବିକାଶର ନେତୃତ୍ୱ ନେଇଥିବା ପାଠାଗାର ବିଜ୍ଞାନ ବା ଲାଇବ୍ରେରି ସାଇନ୍ସର ଜାତୀୟ ପ୍ରଫେସର, ଶିକ୍ଷାବିତ୍ ଗଣିତଜ୍ଞ ତଥା ଜଣେ ମହାନ୍ ଗ୍ରନ୍ଥାଗାରିକ ଡକ୍ଟର ଏସ୍.ଆର. ରଙ୍ଗନାଥନ୍‌ଙ୍କ ସ୍ମୃତିରେ ଅଗଷ୍ଟ ୧୨ ତାରିଖକୁ ଜାତୀୟ ଗ୍ରନ୍ଥାଗାରିକ ଦିବସ ଭାବରେ ପାଳନ କରାଯାଏ । ଲାଇବ୍ରେରି ସାଇନ୍ସରେ ତାଙ୍କର ବହୁ ଅବଦାନ ପାଇଁ ରଙ୍ଗନାଥନ୍‌ଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା । ତାଙ୍କର ପୂରା ନାମ ଶିୟାଲି ରାମାମ୍ରିତ ରଙ୍ଗନାଥନ, ଯିଏକି ଭାରତରେ ପାଠାଗାର ବିଜ୍ଞାନ, ଡକ୍ୟୁମେଣ୍ଟେସନ ଏବଂ ସୂଚନା ବିଜ୍ଞାନର ଜନକ ଭାବରେ ପରିଗଣିତ ହୋଇଛନ୍ତି ।

ମୋ: ୯୦୧୫୮୧୨୩୪୪

## ଏଇ ଭାରତରେ

ବିହାରର ରାଜେଶ କୁମାର ସୁମନ ମାଗଣା କୋଚିଂ ଦେବା ସହ ଏକ ନିଆରା ପଦ୍ଧତିରେ ୯୦,୦୦୦ ଗଛ ଲଗାଇସାରିଲେଣି । ସମସ୍ତିପୁରରେ ଥିବା ରାଜେଶଙ୍କ କୋଚିଂ ସେଣ୍ଟର୍‌ର ନାମ 'ଗ୍ରୀନ୍ ପାଠଶାଳା' । ସେଠାରେ ସେ ସରକାରୀ ଚାକିରି ଲାଗି କୋଚିଂ ଦେଉଛନ୍ତି । ଏହି ସେଣ୍ଟର ସେ ୨୦୦୮ରେ ଆରମ୍ଭ କରିଥିଲେ । ସେଠାରେ ପିଲାମାନଙ୍କୁ କୌଣସି ଦେୟ ଦେବାକୁ ପଡୁନାହିଁ, ବରଂ ଏହା ବଦଳରେ ଜଣେ ପିଲା ୧୮ଟି ଚାରା ଦେଉଛି । ସେଗୁଡ଼ିକୁ ରାଜେଶ ଓ ତାଙ୍କ ଛାତ୍ରମାନେ ବିଭିନ୍ନ ସ୍ଥାନରେ ଲଗାଉଛନ୍ତି । ଏବେ ସୁଦ୍ଧା ପିଲାମାନଙ୍କଠାରୁ ରାଜେଶ ୯୦,୦୦୦ ଚାରା ସଂଗ୍ରହ କରି ଲଗାଇସାରିଲେଣି । ଜଣେ ଲୋକ ତା' ଜୀବନରେ ନେଉଥିବା ଅମ୍ଳଜାନ ୧୮ଟି ଗଛ ଛାଡୁଥିବା ଅମ୍ଳଜାନ ପରିମାଣ ସହ ସମାନ । ଏହି କାରଣରୁ ଜଣେ ପିଲାକୁ ୧୮ଟି ଗଛ ଦେବା ଲାଗି କୁହାଯାଇଛି ବୋଲି ପ୍ରକାଶ କରନ୍ତି ୩୩ ବର୍ଷୀୟ ରାଜେଶ । ସେ ପ୍ରତି ସପ୍ତାହରେ ୬ ଦିନ କ୍ଲାସ୍ କରୁଛନ୍ତି ଓ ରବିବାର ବୃକ୍ଷରୋପଣ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି । କେବଳ ଏତିକି ନୁହେଁ ସେ ବିହାର, ଉତ୍ତରପ୍ରଦେଶ ଓ ଦିଲ୍ଲୀରେ ବି ଗ୍ରୀନ୍ ଯାତ୍ରା କରି ପରିବେଶ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରୁଛନ୍ତି । ୨୦୦୮ରୁ ଏଯାବତ୍ ୫,୦୦୦ ଛାତ୍ରୀଛାତ୍ର ଗ୍ରୀନ୍ ପାଠଶାଳାରୁ କୋଚିଂ ନେଇ ସାରିଲେଣି । ସେମାନଙ୍କ ମଧ୍ୟରୁ ଅନେକ ସରକାରୀ ଚାକିରି ବି କରିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଅଗଷ୍ଟ ୧୯୯୭

- ଆଲଜିୟର୍ସଠାରୁ ୧୦୦ କିମି ଦୂର ଦକ୍ଷିଣକୁ ଦେବୁଜାର ଏକ ଗ୍ରାମ ମଧ୍ୟରେ ସନ୍ତ୍ରାସବାଦୀମାନେ ପଶି ୬୧ ଜଣ ଗ୍ରାମବାସୀଙ୍କୁ ଗଳାକାଟି ହତ୍ୟା କରିଛନ୍ତି ।
- ଚଳଚ୍ଚିତ୍ରରେ ଶ୍ରେଷ୍ଠ ଅଭିନୟ ପାଇଁ ପରିଚିତ ଆମେରିକାର ଚିତ୍ରାଭିନେତ୍ରୀ ଲିଣ୍ଡା ଷ୍ଟର୍ଲିଂଙ୍କ ୭୫ ବର୍ଷ ବୟସରେ ପରଲୋକ ।
- ଗୋଖାଦ୍ୟ ଦୁର୍ନୀତିରେ ଜଡ଼ିତ ଥିବା ଅଭିଯୋଗରେ ବିହାର ପଶୁପାଳନ ବିଭାଗର ଯୋଗାଣ ଅଧିକାରୀ ମହେନ୍ଦ୍ର ପ୍ରସାଦ ଗିରଫ ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 9 | 1 | 5 | 4 | 7 | 8 | 3 | 2 |
| 7 | 8 | 4 | 6 | 3 | 2 | 5 | 1 | 9 |
| 2 | 3 | 5 | 8 | 9 | 1 | 7 | 4 | 6 |
| 9 | 2 | 3 | 4 | 8 | 5 | 6 | 7 | 1 |
| 1 | 7 | 8 | 9 | 2 | 6 | 4 | 5 | 3 |
| 5 | 4 | 6 | 1 | 7 | 3 | 9 | 2 | 8 |
| 4 | 1 | 2 | 7 | 6 | 8 | 3 | 9 | 5 |
| 8 | 5 | 7 | 3 | 1 | 9 | 2 | 6 | 4 |
| 3 | 6 | 9 | 2 | 5 | 4 | 1 | 8 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | | 6 | | | | | | |
| | | 8 | | | | 2 | 9 | |
| | | | | | | | | 4 |
| 7 | | | 9 | | | | 8 | 2 |
| | | | | | | | | |
| | 8 | 5 | | | 4 | 3 | 7 | |
| | | | | | | 7 | | 9 |
| 3 | | 9 | 7 | 1 | | 8 | | |
| | | | 8 | | | 6 | | |

ଗତକାଲିର ଉତ୍ତର

# ଫୋନ୍‌ରେ ଅଭ୍ୟାସଗତ ବ୍ୟସ୍ତତା: ଫବିଙ୍ଗ



ଡା. ସମ୍ରାଟ କର

ଆଜିକାଲି ଏକ ପ୍ରକାର ଦୁନିଆ ତ ସହଜେ ମୋବାଇଲକୁ ନେଇ ଯେତିକି ଆଲୋଚନା ରଖୁଛି ତା'ଠାରୁ ଆଉ ଏକ ଆଶ୍ଚର୍ଯ୍ୟଜନକ ଘଟଣା ହେଉଛି ଆପଣମାନଙ୍କ ଆଖି ସାମ୍ନାରେ ବସିଥିବା ଲୋକଟି ଯଦି କଥାବାର୍ତ୍ତା ହେଉଥିବା ସମୟରେ ମଧ୍ୟ ମୋବାଇଲକୁ ନେଇ ଅନ୍ୟମନସ୍କ ହେଉଥିବା । କେବଳ ସେତିକି ନୁହେଁ ଖାଇବା ପିଇବା ହେଉ ବା ଦୈନନ୍ଦିନ ରୁଟିନ କାର୍ଯ୍ୟରେ ଜଣେ ନିର୍ଦ୍ଦିଷ୍ଟ କାର୍ଯ୍ୟପ୍ରତି ଧ୍ୟାନ ନ ଦେଇ ଫୋନ୍‌ରେ ବ୍ୟସ୍ତ ରହିବାକୁ ବାସ୍ତବରେ ଫବିଙ୍ଗ ସମସ୍ୟା କୁହାଯାଏ । ନିକଟରେ ଜର୍ଜିଆ ବିଶ୍ୱବିଦ୍ୟାଳୟରେ ଏ ସମ୍ପର୍କରେ କରାଯାଇଥିବା ଗବେଷଣାରୁ ପ୍ରକାଶ ଯେ ଫବିଙ୍ଗ ପରି ବ୍ୟବହାର ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିବା ସହ ଅବସାଦ ଏବଂ ଉଦ୍‌ବିଗ୍ନତା ପରି ଅସୁସ୍ଥତାର କାରଣ ହୋଇପାରେ । ଏହି ରିପୋର୍ଟ 'ବିହେଭିୟର ଆଣ୍ଡ ଇନ୍‌ଫର୍ମେଶନ ଟେକ୍ନୋଲୋଜି'ରେ ପ୍ରକାଶ କରାଯାଇଛି । ଏହା ସତ୍ୟ ଯେ ସ୍ମାର୍ଟଫୋନ୍ ମଣିଷକୁ ଗୋଟିଏ ସମୟରେ ଏକାଧିକ କାର୍ଯ୍ୟ କରିପାରିବାରେ ସହାୟକ ହେଉଛି, ତେବେ ଏହା ସାମାଜିକ ଜୀବନ ପ୍ରତି କ୍ଷତିକାରକ ପ୍ରମାଣିତ ହୋଇଚାଲିଛି । ମଣିଷକୁ ଆଡ଼େଇ ଫୋନ୍‌ରେ ନିଜକୁ ବ୍ୟସ୍ତ ରଖିବା ଉଭୟ ସାମାଜିକ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଜାଣି ସୁଦ୍ଧା ଅନେକେ ଏପରି ବ୍ୟବହାର ପ୍ରଦର୍ଶନ କରିବା ଦୁର୍ଭାଗ୍ୟଜନକ ବୋଲି ଗବେଷକମାନେ କହୁଛନ୍ତି । ସାଇନ୍ସ ଡାଇରେକ୍ଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଫବିଙ୍ଗ ଲୋକମାନଙ୍କର ମୁହାଁମୁହିଁ କଥାବାର୍ତ୍ତା ବା ସାକ୍ଷାତ୍ ଆଲୋଚନାର ଦକ୍ଷତା କମାଇ ଦିଏ । ଏହା ମଧ୍ୟ ପାରିବାରିକ ଜୀବନ ଉପରେ ନକାରାତ୍ମକ ପ୍ରଭାବ ପକାଏ । ଆମ୍ଭେମାନେ ଜାଣୁଛେ ଯେ କଥାବାର୍ତ୍ତା ହେବା ଯାହା ମୋବାଇଲରେ କଥାବାର୍ତ୍ତା ହେବା ତାହା ନୁହେଁ ବା ଆଜିର ସମୟର ହ୍ୱାଟ୍‌ସଆପ୍ ଚାଟିଂ ବି ସେୟା ନୁହେଁ । ତାହା ସତ୍ତ୍ୱେ ଦୈନନ୍ଦିନ ଜୀବନରେ ଆମମାନଙ୍କ ସମୟ ଏହିପରି ଭାବେ କମି କମି ଯାଉଛି ନିଜ ଲୋକମାନଙ୍କ ପାଇଁ ଏବଂ ଆଖପାଖର ଓ ପରିଚିତ ମଣିଷମାନଙ୍କ ନିମନ୍ତେ ।

ଫବିଙ୍ଗ ବାସ୍ତବିକ ଏକ ଅତ୍ୟନ୍ତ ମନସ୍ତାତ୍ତ୍ୱିକ ଘାତକ ସମସ୍ୟା । ଏକ ଅଷ୍ଟ୍ରେଲୀୟ ବିଜ୍ଞାପନ ସଂସ୍ଥା ଫୋନ ଏବଂ ସ୍ନବିଙ୍ଗ ଦୁଇଟି ଶବ୍ଦକୁ ମିଶାଇ ଫବିଙ୍ଗ ଶବ୍ଦ ଆଣିବା ପରେ ୨୦୧୨ରୁ ଏହାର ନକାରାତ୍ମକ ପ୍ରଭାବ ଚର୍ଚ୍ଚାକୁ ଆସିଥିଲା । କିଛିଦିନ ତଳେ ବିଶ୍ୱର ଏକ ସ୍ୱାସ୍ଥ୍ୟ ଜର୍ନାଲ ଏକ ବିଶେଷ ରିପୋର୍ଟ ପ୍ରକାଶ କରିଥିଲା । ନିଜର ବିଶେଷ ଅନୁଭୂତି ପରେ କେଣ୍ଟ ବିଶ୍ୱବିଦ୍ୟାଳୟର ଗବେଷକ ବରୋଥ ଶୋଟ୍‌ପିତାୟସୁନୋନ୍ଧ ଫବିଙ୍ଗ ସମ୍ପର୍କରେ ଗବେଷଣା କରିଥିଲେ । ସେ ଜାଣିବାକୁ ପାଇଲେ ଯେ ଏହା ଫୋନ ବ୍ୟବହାରକାରୀଙ୍କ ମାନସିକ ସ୍ଥିତି ଏବଂ ସାମାଜିକ ସମ୍ପର୍କ ଉଭୟ ଉପରେ ଯଥେଷ୍ଟ ନକାରାତ୍ମକ ପ୍ରଭାବ ପକାଉଛି । ନିଜ ଅନୁଭୂତିରୁ ବରୋଥ କହନ୍ତି, ବହୁତ ଦିନ ପରେ ଏକ ଲମ୍ବା ଛୁଟି ମିଳିବାରୁ ସେ ସ୍କୁଲ ବେଳର ସାଙ୍ଗମାନଙ୍କ ସହ ଥାଇଲାଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଅଞ୍ଚଳ ବୁଲିବାକୁ ବାହାରିଲେ । ଗତ ୧୦ବର୍ଷ ହେବ ସାଙ୍ଗମାନେ କେହି କାହାକୁ ଭେଟି ନ ଥିଲେ । ଏହି ଭ୍ରମଣକୁ ନେଇ



ବେଶ୍ ଉତ୍ସାହିତ ଥିଲେ ବରୋଥ । ତେବେ ତିନିଦିନ ଏବଂ ଦୁଇରାତିର ଏହି କାର୍ଯ୍ୟକ୍ରମ ବରୋଥଙ୍କୁ ଖୁବ୍ ନିରାଶ କରିଥିଲା । ତାଙ୍କ ସାଙ୍ଗମାନେ ପରସ୍ପର ସହ ଥାଇ ବି ନ ଥିବା ପରି ଥିଲେ । ସମସ୍ତଙ୍କ ଆଖି ସେମାନଙ୍କ ସ୍ମାର୍ଟଫୋନ୍‌ରେ ଲାଖି ରହିଥିଲା । ଫେରିବା ପରେ ବରୋଥଙ୍କ ମନରେ ଗୋଟିଏ ପ୍ରଶ୍ନ ରହିଥିଲା । ଏହାପରେ ସେ ମଣିଷର ଏଭଳି ମାନସିକତାକୁ ନେଇ ଗବେଷଣା ଆରମ୍ଭ କରିଥିଲେ । ଏଥିରେ ସେ ଜାଣିଥିଲେ ଯେ ଏହି ଫବିଙ୍ଗ ନାମକ ବ୍ୟବହାର ଦ୍ୱାରା ସାମ୍ନାରେ ଆଲୋଚନା ପାଇଁ ବସିଥିବା ବ୍ୟକ୍ତିଜଣକ କମ୍ ସନ୍ତୁଷ୍ଟ ହୋଇଥା'ନ୍ତି । ସେ ଯାହା ସହିତ କଥା ହେବାକୁ ଆସିଥାନ୍ତି, ତାଙ୍କ ଉପରେ ତାଙ୍କର ବିଶ୍ୱାସ କମିଯାଏ । ଏପରିକି ଉକ୍ତ ବ୍ୟକ୍ତିଙ୍କ ମନରେ ନୈରାଶ୍ୟ ଆସିପାରେ । ଫବିଙ୍ଗ ପରିବେଶ ଏବଂ ସମ୍ପର୍କରେ ନକାରାତ୍ମକତା ବଢ଼ାଇ ଦିଏ । ଥାଇଲାଣ୍ଡ, ଏସୀୟ ତଥା ୟୁରୋପୀୟ ଦେଶର ମୋବାଇଲ ବ୍ୟବହାରକାରୀଙ୍କ ଆଚରଣରେ ଯଥେଷ୍ଟ ପାର୍ଥକ୍ୟ ଥିବା ବରୋଥ ଜଣାଇଛନ୍ତି । ଥାଇଲାଣ୍ଡରେ ଲୋକେ ଦିନକୁ ପ୍ରାୟ ପାଞ୍ଚଘଣ୍ଟା ମୋବାଇଲ ଫୋନରେ ଲାଗିଥିବା ବେଳେ ଇଂଲଣ୍ଡରେ ଏହି ସମୟ ଅଢ଼େଇ ଘଣ୍ଟା ।

ଆଜିର ବ୍ୟସ୍ତବହୁଳ ସମୟରେ ଦେଖନ୍ତୁ ଜଣେ ନିଜକୁ ଚାହିଁଲେ ବି ସହଜରେ ମୋବାଇଲର ଏହି ତଥାକଥିତ ଫବିଙ୍ଗ ମାନସିକତାରୁ ନିଜକୁ ଦୂରେଇ ପାରୁନାହିଁ । ଏହା ନିଶ୍ଚିତ ଭାବରେ ଏକ ପ୍ରକାର ଅହେତୁକ ବିକୃତି । ଦୈନନ୍ଦିନ ଜୀବନକୁ ସମସ୍ତେ ପାଳନ କରିପାରୁନାହାନ୍ତି । ଏହା ଦିନକୁ ଦିନ ଏପରି ଜଟିଳ ଆଡ଼କୁ ଜଣକୁ ମୁହାଁଉଛି ଯେ ପରବର୍ତ୍ତୀ ସମୟରେ ଏହା ତା'ର ସ୍ୱାସ୍ଥ୍ୟଗତ ଜୀବନ, ବ୍ୟକ୍ତିଗତ ଜୀବନ ଓ ଦାମ୍ପତ୍ୟ ଜୀବନକୁ ମଧ୍ୟ ପ୍ରଭାବିତ କରୁଛି । ଫବିଙ୍ଗର ବିକୃତ ଜୀବନ ଜଣକୁ ନୈରାଶ୍ୟ ଓ ଅବସାଦ ଭିତରକୁ ଠେଲି ଦେଇଥାଏ ସେମାନେ ଆଖପାଖର ଦୁନିଆକୁ ଭଲଭାବେ ବୁଝିପାରି ନ ଥାନ୍ତି ଆଉ ବୁଝିଲାବେଳକୁ ନେଡିଗୁଡ଼ କହୁଣିକୁ ବୋହିଯାଏ । ଘଣ୍ଟା ଘଣ୍ଟା ଧରି ମୋବାଇଲ ଦେଖିବା ଦ୍ୱାରା ପ୍ରଥମତଃ ଆଖି ଉପରେ ଚାପ ପଡ଼ିଥାଏ, ଦ୍ୱିତୀୟତଃ ସ୍ୱାଭାବିକ ଜୀବନ ଉପରେ ଏହା କିପରି ପ୍ରଭାବ ପକାଇଥାଏ ତାହା ଜଣେ ସହଜରେ ବୁଝିପାରି ନ ଥାଏ । ଅନ୍ୟ ଜଣେ ବୁଝାଇଲେ ଏହା ସେମାନଙ୍କୁ ଅଡୁଆ ଓ ଅଶ୍ୱସ୍ତିକର ଲାଗିଥାଏ । ଦ୍ୱିତୀୟତଃ ନିଜର ସୃଜନଶୀଳ ଶକ୍ତି ବା ଚିନ୍ତାଶକ୍ତି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ । ଏଥିରୁ ମୁକ୍ତି ପାଇବା ପାଇଁ ବାଟ ରହିଛି । ଜଣେ ଚାହିଁଲେ ଏଥିରୁ ନିଜକୁ ମୁକୁଳାଇ ପାରିବ । ଜଣେ ସର୍ବପ୍ରଥମେ ଚିନ୍ତାକରୁ ମୁଁ ଯେଉଁମାନଙ୍କ ସହ ଜୀବନ ବିତାଉଛି ସେମାନଙ୍କ ସହିତ କେତେ ସମୟ ବ୍ୟକ୍ତିଗତ ସାମ୍ନାସାମ୍ନି ବସି କଥାବାର୍ତ୍ତା ହେଉଛି ? ଖାଇବାରୁ ଶୋଇବା ପର୍ଯ୍ୟନ୍ତ କେତେ ଘଣ୍ଟା ମୋବାଇଲରେ ନିଜକୁ ବ୍ୟସ୍ତ ରଖୁଛି । ରୁଟିନ୍ ଭିତରେ ଏକ ବଡ଼ ନିର୍ଘଣ୍ଟ ତିଆରି କରନ୍ତୁ ଯେ ମୁଁ ଆଜି ମୋବାଇଲଠାରୁ ସମ୍ପୂର୍ଣ୍ଣ ଦୂରେଇ କେତେ ସମୟ ବିତାଇ ପାରିବି । କିଛି ବାଟ ଚଲାବୁଲା କରନ୍ତୁ, ବ୍ୟକ୍ତିଗତ ଭାବେ କଥାବାର୍ତ୍ତା ହୁଅନ୍ତୁ, କିଛି ବହିପତ୍ର ବା ଖବରକାଗଜ ପଢ଼ନ୍ତୁ । ନିଜ ଲୋକମାନଙ୍କ ସହ ସମୟ ବିତାଇବା ସହ ଶାରୀରିକ ପରିଶ୍ରମ କିଛି କରନ୍ତୁ । ଏହାସହ କିଛି ସମୟ ନୀରବରେ ବସି ନିଜ ସହ କଥା ହୁଅନ୍ତୁ । ନିଜକୁ ବ୍ୟସ୍ତ, ଅଧୈର୍ଯ୍ୟ, ଉତ୍ତେଜିତ ରଖନ୍ତୁ ନାହିଁ । କର୍ମସଂସ୍ଥାନର ଚାପ ନିଜ ପରିବାର ଭିତରକୁ ଆଣନ୍ତୁ ନାହିଁ । ଦେଖିବେ ଆପଣ ଚାହିଁଲେ ଆପଣଙ୍କ ଦୁନିଆ ଖୁବ୍ ଭଲ ହେବ ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ, କଟକ**
**ମୋ: ୯୧୩୨୪୩୩୩୩୩**

## ପାଠକ ଶ୍ରେଷ୍ଠ ବିଚାରକ

### ଗାନ୍ଧୀ ପାର୍କର ଦୁରବସ୍ଥା

ମହାଶୟ,

ପୁରୀ ସମୁଦ୍ରକୂଳେ ଅବସ୍ଥିତ ଗାନ୍ଧୀ ପାର୍କ ନାଲ୍‌କୋ ଦ୍ୱାରା ପରିଚାଳିତ ଓ ଏଥିରେ ବହୁ କର୍ମଚାରୀ ନିଯୁକ୍ତି ପାଇ ଦରମା ନେଉଛନ୍ତି । ନିଯୁକ୍ତ ଅନୁଯାୟୀ ସେଠାରେ ଗଛ ନାହିଁ । ତେବେ ଏହି ପାର୍କ ଭିତରେ କେବଳ କେତେକ ଅଧାପୋଡ଼ା ନଡ଼ିଆଗଛ ଓ ବାଦାମ ଗଛ ଦେଖିବାକୁ ମିଳୁଛି । ଏତେ ବଡ଼ ପାର୍କ ଭିତରେ କାଁ ଭାଁ ଫୁଲ ରହିଛି । ଅନ୍ୟ ସବୁ ଆକର୍ଷଣୀୟ ଗଛ ବି ଦେଖିବାକୁ ମିଳୁନାହିଁ । ଏତେ କର୍ମଚାରୀ ଥାଇ ପାର୍କରେ ଏଭଳି ଅବ୍ୟବସ୍ଥା କାହିଁକି ?

**–ଦୁର୍ଗାପ୍ରସାଦ ତ୍ରିପାଠୀ, ଅଧିବକ୍ତା, ପୁରୀ ଓକିଲ ସଂଘ**

### ଷ୍ଟାମ୍ପ ପେପର ଅଭାବ

ଓଡ଼ିଶାର ବହୁ କଚେରିରେ ଥିବା ଷ୍ଟାମ୍ପ ଭେଣ୍ଡରଙ୍କ ନିକଟରେ ୧,୨,୫ ଓ ୧୦ ଟଙ୍କିଆ ନନ୍‌ଜୁଡିସିଆଲ ଷ୍ଟାମ୍ପ ପେପର ପ୍ରାୟ ମିଳୁନାହିଁ । ଏହା ସତ୍ୟପାଠ, ଚୁକ୍ତିପତ୍ର ଓ ଦଲିଲ ପ୍ରଭୃତିରେ ଲାଗିଥାଏ । ଏହା ନ ମିଳୁଥିବାରୁ ଲୋକେ ୨୦ ଓ ୫୦ ଟଙ୍କିଆ ନନ୍‌ଜୁଡିସିଆଲ ଷ୍ଟାମ୍ପ ପେପର ଲଗାଉଛନ୍ତି । ଫଳରେ ଅଯଥାରେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ ।

**କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

### ଚିରନ୍ତନୀ

ସେ ମୋର ପ୍ରେମିକା ଦେଖିବାକୁ ମନ ଉଠଇ ମାତି
ତାହାରି ସ୍ୱପନେ ପୂରି ଉଠେ ମୋର ସକଳ ରାତି ।
ତାହାରି ଭାବନା ଭାବ ଭାବି ସଦା ବିତଇ କାଳ
ସୁଖେ ତା'ର ସୁଖୀ ହୁଏଁ ଦୁଃଖ ଦେଖି ଝରଇ ଝାଳ ।
–(ସେହି ମୁଁ ନିଜେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଆଜି ବିଶ୍ୱ ହାତୀ ଦିବସ**

# ରକ୍ଷକ ସାଜୁଛି ଭକ୍ଷକ

**ହାତୀ ଏକ ଐତିହ୍ୟ ପ୍ରାଣୀ। ଏହାର ସୁରକ୍ଷା ଜରୁରୀ। ନଚେତ୍ ଯେଉଁଭଳି ଭାବେ ହାତୀ ଶିକାର ଏବଂ ମୃତ୍ୟୁ ବଢ଼ିଚାଲିଛି, ଆଗାମୀ ଦଶନ୍ଧିରେ ଏମାନଙ୍କୁ ଆଉ ଦେଖିବାକୁ ମିଳିବା କଷ୍ଟକର ହୋଇପଡ଼ିବ। ବିଶେଷକରି ରାଜ୍ୟରେ ବଢ଼ୁଥିବା ହାତୀ ଶିକାରକୁ ରୋକାଯିବା ସହ ଏଥିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ବିଭାଗୀୟ ଅବହେଳା ପ୍ରଦର୍ଶନ କରୁଥିବା ଅଧିକାରୀ ଏବଂ କର୍ମଚାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବ୍ୟବସ୍ଥା କରିବାର ଆବଶ୍ୟକ ରହିଛି। ଅପରପକ୍ଷରେ ହାତୀ ସୁରକ୍ଷା ପାଇଁ ଆବଶ୍ୟକ ବାସସ୍ଥଳୀ, ଜଙ୍ଗଲ ଅଭାବ କାରଣରୁ ସେମାନେ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହେଉଛନ୍ତି। ଫଳରେ ଅନେକ ସମୟରେ ହାତୀ-ମଣିଷ ଲଢ଼େଇ ସ୍ଥିତି ମଧ୍ୟ ଉପୁଜୁଛି । ଏଥିରେ କେତେବେଳେ ହାତୀର ଜୀବନ ଯାଉଛି ତ, କେତେବେଳେ ମଣିଷ ଜୀବନ ଯାଉଛି। ତେଣୁ ହାତୀ ବଂଶ ରକ୍ଷା ଏବଂ ଏହାର ସୁରକ୍ଷା ଆମ ସମସ୍ତଙ୍କ ପ୍ରଧାନ କର୍ତ୍ତବ୍ୟ ପାଲିଟିଛି। ଶୁକ୍ରବାର ବିଶ୍ୱ ହାତୀ ଦିବସ ଉପଲକ୍ଷେ ଓଡ଼ିଶାରେ ହାତୀ ସୁରକ୍ଷା ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା।**

## ହାଇକୋର୍ଟରେ ହାତୀ

ରାଜ୍ୟରେ ହାତୀ ମୃତ୍ୟୁ ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ବନ ବିଭାଗ ଏକଥାକୁ ଅନେକ ଥର ସ୍ୱୀକାର କରିଛି। ବିଧାନସଭାରେ ମଧ୍ୟ ହାତୀ ମୃତ୍ୟୁର ତଥ୍ୟ ଉପସ୍ଥାପନା କରାଯାଏ। ହେଲେ ହାତୀ-ମଣିଷ ଦ୍ୱନ୍ଦ୍ୱ କେବେ କମିବାର ନାଁ ନେଉନାହିଁ। ଖୋଦ୍ ବନ ବିଭାଗ କର୍ମଚାରୀମାନେ କେତେବେଳେ ହାତୀକୁ ମାରି ମାଟିତଳେ ପୋତି ଦେଉଛନ୍ତି ତ ଆଉ କେତେବେଳେ ପୋଡ଼ି ପ୍ରମାଣ ନଷ୍ଟ କରିଦେଉଛନ୍ତି। ଏଭଳିସ୍ଥିତିରେ ହାତୀଙ୍କ ସୁରକ୍ଷାର ଶେଷ ଆଶା ଓ ଭରସା ସାଜିଛନ୍ତି ଓଡ଼ିଶା ହାଇକୋର୍ଟ। ଓଡ଼ିଶା ହାଇକୋର୍ଟରେ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ହାତୀ ମୃତ୍ୟୁ ପାଇଁ ବନ ବିଭାଗ ଉପରେ କ୍ଷୋଭ ପ୍ରକାଶ କରିବା ପରେ ଏବେ ହାତୀ ସଂରକ୍ଷଣ ନେଇ ନୂତନ ଆଶା ସଞ୍ଚାର ହୋଇଛି। ରାଜ୍ୟରେ ହାତୀ ଶିକାର ଏବଂ ମୃତ୍ୟୁକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାରେ ପିସିସିଏଫ୍(ବନ୍ୟପ୍ରାଣୀ) ଏକ ସତ୍ୟପାଠ ଦାଖଲ କରିଛନ୍ତି। ଏଥିରେ ୫ବର୍ଷରେ ହାତୀ ଶିକାର ଓ ଆନୁଷଙ୍ଗିକ ତାଲିକା ପ୍ରଦାନ କରାଯାଇଥିଲା। ଏପରି କି ହାତୀ ମୃତ୍ୟୁକୁ ନେଇ ମୋଟ ୧୪ଟି ମାମଲା ରୁଜୁ ହୋଇଥିବାବେଳେ ୨୮ଜଣଙ୍କୁ ଗିରଫ କରାଯାଇଥିବା ଉଲ୍ଲେଖ କରାଯାଇଥିଲା। ତେବେ ଏଥିରେ ହାତୀ ଶିକାର ଘଟଣା ସମ୍ପର୍କିତ ବହୁ ତଥ୍ୟ ପ୍ରଦାନ କରାଯାଇ ନ ଥିଲା, ଯାହାକୁ ନେଇ ହାଇକୋର୍ଟ କ୍ଷୋଭ ପ୍ରକାଶ କରିଥିଲେ। ଏପରିକି ହାତୀ ଶିକାର ଗୁଳିରେ ହୋଇଥିବା ଜାଣିବା ପରେ ମଧ୍ୟ କାହିଁକି ଆର୍ମସ ଆକ୍ଟ ଲଗାଯାଇ ନ ଥିଲା ବୋଲି ମୁଖ୍ୟ ବିଚାରପତି ପିସିସିଏଫ୍‌ଙ୍କୁ ପ୍ରଶ୍ନ କରିଥିଲେ। ଏଥିସହ ହାତୀ ଶିକାର ଘଟଣାରେ କେତେ ଜଣ ସାଧାରଣ ଲୋକ ଏବଂ କେତେ ଜଣ ବନକର୍ମଚାରୀ ସାମିଲ ହୋଇଛନ୍ତି ଏବଂ ସେମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବା ପାଇଁ ମୁଖ୍ୟ ବିଚାରପତି ପିସିସିଏଫ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ଆଠଗଡ଼ ପାଇଁ ଲଜ୍ଜିତ ଓଡ଼ିଶା

ହାତୀ ଶିକାର ଓଡ଼ିଶା ପାଇଁ କାଳ ସାଜିଲାଣି। ଚଳିତବର୍ଷ ଆଠଗଡ଼ ବନଖଣ୍ଡ ବଡ଼ମ୍ବା ବନାଞ୍ଚଳରେ ଘଟିଥିବା ଘଟଣା କେବଳ ଓଡ଼ିଶାବାସୀଙ୍କୁ ନୁହେଁ, ସାରା ଦେଶରେ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ଚକିତ କରିଦେଇଛି। ଆଠଗଡ଼ ପାଇଁ ଓଡ଼ିଶା ଲଜ୍ଜିତ ହୋଇଛି। ଏପରିକି ଏହି ଘଟଣାର ତଦନ୍ତ ପାଇଁ କେନ୍ଦ୍ରରୁ ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋର ଏକ ଟିମ୍ ଆଠଗଡ଼ ଯାଇ ଘଟଣାର ଅନୁଧ୍ୟାନ କରିଥିଲେ। ଘଟଣାକ୍ରମରେ ଆଠଗଡ଼ ବନଖଣ୍ଡ ବଡ଼ମ୍ବା ବନାଞ୍ଚଳରେ ଚଳିତବର୍ଷ ଗତ ମେ' ମାସରୁ ଜୁନ୍ ମାସ ମଧ୍ୟରେ ମାଟି ତଳୁ ହାତୀ କଙ୍କାଳ ଉଦ୍ଧାର ହୋଇଥିଲା। ଗୋଟିଏ କି ଦୁଇଟି ନୁହେଁ ୪ଟି ହାତୀ କଙ୍କାଳ ଉଦ୍ଧାର ହୋଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏଥିରେ ବନ ବିଭାଗର କର୍ମଚାରୀ ମଧ୍ୟ ସାମିଲ ଥିବା ପିସିସିଏଫ୍(ବନ୍ୟପ୍ରାଣୀ) ଶଶୀ ପଲ୍ କହିଛନ୍ତି। ବଡ଼ମ୍ବା ବନାଞ୍ଚଳରୁ ଭିନ୍ନ ଭିନ୍ନ ସ୍ଥାନରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଦୁଇଟି ହାତୀ କଙ୍କାଳ ଉଦ୍ଧାର କରିଥିଲା। ଏହାର ତଦନ୍ତ ବେଳେ ବନ ବିଭାଗ ଆଉ ଦୁଇଟି କଙ୍କାଳ ମାଟିତଳୁ ଉଦ୍ଧାର କରିଥିଲା। ବାରମ୍ବାର ଏଭଳି ଘଟଣା ସାମ୍ନାକୁ ଆସୁଥିବାବେଳେ ଆଠଗଡ଼ ବନଖଣ୍ଡର କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ବିଭାଗ ଅଧିକାରୀଙ୍କ ଖାମଖିଆଲି ଯୋଗୁ ଏହି ଘଟଣା ଘଟୁଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରିଥିଲେ। ତେଣୁ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ପାଇଁ ସେମାନେ ଦାବି କରିଥିଲେ। ରାଜ୍ୟ ସରକାର ଏହାକୁ ଗୁରୁତର ସହ ନେଇ ଗତ ଜୁନ୍ ୧୬ରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍‌ଆଇଟି) ଗଠନ କଲେ। ଯେଉଁଥିରେ ଦୁଇଜଣ ବନ କର୍ମଚାରୀ ଏବଂ ଜଣେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଅଧିକାରୀ ରହିଛନ୍ତି। ତଦନ୍ତ କରି ରିପୋର୍ଟ ପଠାଇବା ପାଇଁ ଟିମ୍‌କୁ ଗୋଟେ ମାସେ ସମୟ ଦିଆଯାଇଥିଲା। କିନ୍ତୁ ମାସକରେ ତଦନ୍ତ ନ ସରିବାରୁ ଏସ୍‌ଆଇଟି ଆଉ ଗୋଟେ ସମୟ ମାଗିଥିବା ପିସିସିଏଫ୍ ପଲ୍ କହିଛନ୍ତି। ତେବେ ଏହି ଘଟଣାର ତଦନ୍ତବେଳେ ଡିଏଫ୍‌ଓଙ୍କ କାର୍ଯ୍ୟାଳୟରୁ ଜଣେ ଫରେଷ୍ଟର ଫେରାର ହୋଇଯାଇଥିଲେ। ତାଙ୍କୁ ଧରିବା ପାଇଁ ବନ ବିଭାଗକୁ ମାସେ ଲାଗିଗଲା। ଏବେ ସେହି ଫରେଷ୍ଟର ଗିରଫ ହୋଇଛନ୍ତି। ଆଠଗଡ଼ ବନଖଣ୍ଡ ଏହି ଘଟଣାକୁ ନେଇ ଦୋଷ ମୁଣ୍ଡାଇଥିବା ବେଳେ ଆଉ ଏକ ଘଟଣା ଆଠଗଡ଼ ବନଖଣ୍ଡକୁ ଲଜ୍ଜିତ କରିଦେଇଥିଲା। ତାହା ଥିଲା ଗୁଳିବିଦ୍ଧ ହାତୀ ମୃତ୍ୟୁ ଘଟଣା। ବଡ଼ମ୍ବା ବନାଞ୍ଚଳର ଏଜ ଜଙ୍ଗଲରେ ଗୁଳିବିଦ୍ଧ ହାତୀ ବୁଲୁଥିବା ଖବର ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଥିଲେ ସୁଦ୍ଧା ବିଭାଗ ଏହାକୁ ଭ୍ରୂକ୍ଷେପ କରି ନ ଥିଲା। ପରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଏହି ଘଟଣା ବିଷୟରେ ଜାଣିବା ପରେ ଗୁଳିବିଦ୍ଧ ହାତୀର ଫଟୋ ସହିତ ଘଟଣା ସମ୍ପର୍କରେ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହାପରେ ବନ ବିଭାଗ ତତ୍ପରତା ଦେଖାଇଥିଲା। ପିସିସିଏଫ୍ ନିଜେ ସେହି ସ୍ଥାନକୁ ଯିବା ସହିତ ଘଟଣାର ଅନୁଧ୍ୟାନ କରିଥିଲେ। ହାତୀକୁ ଟ୍ରାଙ୍କୁଲାଇଜ କରି ଧରାଯିବା ସହିତ ତା'ର ଚିକିତ୍ସା ଆରମ୍ଭ କରାଯାଇଥିଲା। କିନ୍ତୁ କିଛିଦିନ ପରେ ଦନ୍ତା ହାତୀଟିର ମୃତ୍ୟୁ ଘଟିଥିଲା। ସମାନ ଏକ ଘଟଣା ଜୁଲାଇ ମାସ ଶେଷ ବେଳକୁ ସେହି ଅଞ୍ଚଳରେ ପୁଣି ଦେଖାଯାଇଥିଲା। ଆଉ ଏକ ଗୁଳିବିଦ୍ଧ ଦନ୍ତା ଜଙ୍ଗଲରେ ବୁଲୁଥିବା ଖବର ମିଳିଥିଲା। ତାକୁ ମଧ୍ୟ ଟ୍ରାଙ୍କୁଲାଇଜ କରି ଚିକିତ୍ସା ଆରମ୍ଭ କରିବାର ଦିନକ ପରେ ହାତୀଟିର ମୃତ୍ୟୁ ଘଟିଥିଲା। ତେବେ ପୂର୍ବ ଗୁଳିବିଦ୍ଧ ହାତୀ ମୃତ୍ୟୁ ଘଟଣାକୁ ନେଇ କେନ୍ଦ୍ର ସରକାର ଉଦ୍‌ବେଗ ପ୍ରକାଶ କରିଥିଲେ। ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏ ଦିଗରେ ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବା ପାଇଁ ଏବଂ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

**-ଅସମାପିକା ସାହୁ**

## କାଦୁଅରେ ଫସି ହାତୀ ମୃତ

**ଢେଙ୍କାନାଳ ଅଫିସ/କାମାକ୍ଷାନଗର (ଡି.ଏନ୍.ଏ.), ୧୧।୮**

ଢେଙ୍କାନାଳ ଜିଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ୍ ସୁନ୍ଦରାଖୋଲା ସଂରକ୍ଷିତ ଜଙ୍ଗଲ ନିକଟବର୍ତ୍ତୀ ଜମ୍ବିତଇଲା ଦନାର ପୋଖରୀ କାଦୁଅରେ ଫସି ଗୁରୁବାର ଏକ ଅଣ୍ଡିରା ହାତୀର ମୃତ୍ୟୁ ଘଟିଛି। ଏହାର ଆନୁମାନିକ ବୟସ ୪ବର୍ଷ ହେବ। ବନ କର୍ମଚାରୀ ଘଟଣାସ୍ଥଳରେ ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ। ଅନ୍ୟପଟେ ହାତୀମୃତ୍ୟୁ ପାଇଁ ବନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି ସ୍ଥାନୀୟ ଲୋକେ। ଦୁଇଦିନ ତଳେ ଏକ ପଲରେ ୫ ହାତୀ ପାଣି ପିଇବାକୁ ଆସି ଦନାର ପୋଖରୀରେ ଫସିଯାଇଥିଲେ। ଗହଳି କମିବା ପରେ ଯଦିଓ ହାତୀପଲ ଜଙ୍ଗଲକୁ ପଳାଇଥିଲେ, ତଥାପି ବନ କର୍ମଚାରୀ ସେମାନଙ୍କ ଉପରେ ନଜର ରଖିଲେ ନାହିଁ। ତେଣୁ ପୁନର୍ବାର ଏକ ହାତୀ କାଦୁଅରେ ଫସି ମରିଗଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏପରି କି ପଶ୍ଚିମାଞ୍ଚଳ ରେଞ୍ଜର ମୃତହାତୀକୁ ପ୍ରଥମେ ମାଈ ବୋଲି କହିଥିବାବେଳେ ପରବର୍ତ୍ତୀ ସମୟରେ ଅଣ୍ଡିରା ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏଥିରୁ ବନ କର୍ମଚାରୀଙ୍କ ହାତୀ ସୁରକ୍ଷା ପ୍ରତି ରହିଥିବା ଆନ୍ତରିକତା କେତେ ତାହା ପଦାରେ ପଡ଼ିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, କେଉଁ ପରିସ୍ଥିତିରେ ହାତୀର ମୃତ୍ୟୁ ଘଟିଲା, ତାହା ଅସ୍ପଷ୍ଟ ରହିଛି। ତା'ର ଶରୀରରେ କୌଣସି କ୍ଷତ ଚିହ୍ନ ନାହିଁ। ବ୍ୟବଚ୍ଛେଦ ପରେ ମଧ୍ୟ କାରଣ ଜଣାପଡୁନାହିଁ। ତେଣୁ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱର ଓୟୁଏଟି ପଠାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

**ପୂର୍ବ ତଟ ରେଳପଥ**

ଫାଇଲ ନଂ. DRM/Engg/KUR/22-23/E-Tender/57, ତା:08.08.2022

1.ଟେଣ୍ଡର ବିଜ୍ଞପ୍ତି ସଂ. eTender-North-KUR-125-2022, ତା:03.08.2022

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ନର୍ଥ)ଙ୍କ ଅଧିନସ୍ଥ ପ୍ୟାଚ ଗୁଡ଼ିକରେ 60.496 KMS. ପାଇଁ ଥ୍ରୁ ଫାଷ୍ଟେନିଂ ନବୀକରଣ ଏବଂ 8.40 KMS. ପାଇଁ ଥ୍ରୁ ରେଳ ନବୀକରଣ ର ସମାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹158.53 ଲକ୍ଷ, EMD (ଟଙ୍କାରେ) : ₹2,29,300/-

2.ଟେଣ୍ଡର ବିଜ୍ଞପ୍ତି ସଂ. eTender-North-KUR-134-2022, ତା:01.08.2022

ବିବରଣୀ : ନାୟଗଡ଼, ପର୍ଜନପୁର, ଗୋଆଲଡିହ, ଦଲଙ୍ଖାରୀ, ଟମକା, ଖୋର୍ଦ୍ଧା ରୋଡ଼, ନିର୍ଗୁଣ୍ଡି ଗୁଡ୍ସ ସେଡ୍ ପ୍ଲାଟଫର୍ମ ଠାରେ ପାନୀୟ ଜଳ ସୁବିଧାର ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹53.44 ଲକ୍ଷ, EMD (ଟଙ୍କାରେ) : ₹1,06,900/-

3.ଟେଣ୍ଡର ବିଜ୍ଞପ୍ତି ସଂ. eTender-North-KUR-142-2022, ତା:03.08.2022

ବିବରଣୀ : 30,000 ଘନ ମିଟରର କଠିନ ପଥରକୁ ବାଲାଷ୍ଟ ରୂପେ ମେସିନ୍ ଦ୍ୱାରା 50mm ଆକାରରେ ଭାଙ୍ଗି କେନ୍ଦୁଆପଦା ଡିପୋ ପର୍ଯ୍ୟନ୍ତ ଯୋଗାଣ ତଥା ତାହାକୁ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଯେକୌଣସି ପ୍ରକାର ରେଲୱେ ୱାଗନରେ ବୋଝେଇ କରିବା କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹470.00 ଲକ୍ଷ, EMD (ଟଙ୍କାରେ) : ₹3,85,000/-

କାର୍ଯ୍ୟ ଶେଷ ହେବା ଅବଧି : 06(ଛଅ) ମାସ (କ୍ରମ ସଂ. 1 ଏବଂ 2 ପାଇଁ), 15(ପନ୍ଦର) ମାସ (କ୍ରମ ସଂ. 3 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.24.08.2022 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-375/N/22-23

## ଅଭିଯୁକ୍ତ ନୀତିନ୍‌ଙ୍କ ଜାମିନ ଖାରଜ

### ଚାଇନା ନାଗରିକଙ୍କ ଲୋନ୍ ଆପ୍ ଠକେଇ ମାମଲା

**ଭୁବନେଶ୍ୱର, ୧୧।୮(ବ୍ୟୁରୋ)**

ଚାଇନା ନାଗରିକଙ୍କ ଦ୍ୱାରା ବଡ଼ଧରଣର ଲୋନ୍ ଆପ୍ ଠକେଇ ଓ ନିର୍ଯାତନା ସଂକ୍ରାନ୍ତ ମାମଲାରେ ଗିରଫ ହୋଇଥିବା ଭାରତୀୟ ମୁଖ୍ୟ ଅଭିଯୁକ୍ତ ନୀତିନ୍ ମଲ୍ଲିକଙ୍କ ଜାମିନ ଆବେଦନକୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ନୀତିନ୍‌ଙ୍କୁ ମୁମ୍ବାଇ ଭିପି ରୋଡ୍ ଥାନା ପୋଲିସ ଅଗଷ୍ଟ ୩ରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇ ଏହି ଠକେଇର ଅଧିକ ଖୋଳତାଡ଼ ଜାରି ରଖିଥିବା କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲ୍ୟୁ ସୂଚନା ଦେଇଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ନୀତିନ୍ ଏମ୍‌ଏସ୍ ଗୁଡ୍ ଷ୍ଟାର୍ଟ ବିଜ୍‌ନେସ୍ ପ୍ରାଇଭେଟ ଲିଃ ଓ ଏମ୍‌ଏସ୍ ରାଇଟ୍ ଷ୍ଟାର୍ଟ ବିଜନେସ୍ ପ୍ରାଇଭେଟ ଲିଃର ନିର୍ଦ୍ଦେଶକ ଅଛନ୍ତି। ସେ ଠକେଇ ର୍‍ୟାକେଟର ମାଷ୍ଟରମାଇଣ୍ଡ୍ ଥିବା ୩ ଚାଇନା ନାଗରିକଙ୍କ ସହଯୋଗୀ ଥିଲେ। ନୀତିନ ବିଏସ୍‌ଏନ୍‌ଏଲ୍ ଓ ଏୟାରଟେଲ ଆଦି ଟେଲିକମ୍ ସଂସ୍ଥାରୁ ବହୁ ସିମ୍ ଆଣି ଚାଇନା ମାଷ୍ଟରମାଇଣ୍ଡଙ୍କୁ ଦେଉଥିଲେ। ଏଥିସହ ଉକ୍ତ ସିମ୍ ଦ୍ୱାରା ଗ୍ରାହକଙ୍କଠାରୁ ଟଙ୍କା ଆଦାୟ କରିବାକୁ ବିଭିନ୍ନ ଏଜେଣ୍ଟଙ୍କୁ ସେ ନିୟୋଜିତ କରୁଥିଲେ। ଏଥିପାଇଁ ଚାଇନା ନାଗରିକଙ୍କଠାରୁ ସେ କମିଶନ ଆକାରରେ ବିପୁଳ ଟଙ୍କା ପାଉଥିଲେ। ଜୁଲାଇ ୧୫ରେ ଇଓଡବ୍ଲ୍ୟୁ ମାମଲା ନଂ.୧୩/୨୨ରେ ନୀତିନ୍‌ଙ୍କୁ ଦିଲ୍ଲୀରୁ ଗିରଫ କରିଥିଲା।



ନୀତିନ୍ ମଲ୍ଲିକ

## ଯୁକ୍ତ ୩ ନାମଲେଖା ଆବେଦନ ଆରମ୍ଭ

### ପ୍ରଥମ ଦିନରେ ପଞ୍ଜୀକରଣ ହେଲା ୧୩ ହଜାରରୁ ଅଧିକ

**ଭୁବନେଶ୍ୱର, ୧୧।୮(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ନାତକ(ୟୁଜି) ପାଠ୍ୟକ୍ରମରେ ୨୦୨୨-୨୩ ବର୍ଷ ଲାଗି ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଗୁରୁବାରଠାରୁ ସାମ୍ସ ପୋର୍ଟାଲ ଜରିଆରେ ନାମଲେଖା ପାଇଁ ଆବେଦନ କରାଯାଉଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ପ୍ରଥମ ଦିନରେ ରାତି ୯ଟା ସୁଦ୍ଧା ୧୩,୩୧୩ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୬୮୪୭ ଜଣ ଅନ୍‌ଲାଇନରେ ଆବେଦନ କରିଛନ୍ତି। ସେହିପରି ୬୭୯୯ ଜଣ ଫି' ପୈଠ କରିସାରିଛନ୍ତି। ଆବେଦନ ପ୍ରକ୍ରିୟା ଶେଷ ହେବାପରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଆସନ୍ତା ୩୧ରେ ପ୍ରକାଶ ପାଇବ। ମେଧା ତାଲିକାରେ ମନୋନୀତ ଛାତ୍ରୀଛାତ୍ରଙ୍କୁ ପ୍ରଥମ ପର୍ଯ୍ୟାୟ ନାମଲେଖା ସେପ୍ଟେମ୍ବର ୨ରୁ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ପରେ ୨ୟ ପର୍ଯ୍ୟାୟ ମେଧା ତାଲିକା ସେପ୍ଟେମ୍ବର ୧୧ରେ ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ରଙ୍କ ନାମଲେଖା ସେପ୍ଟେମ୍ବର ୧୨ରୁ ୧୪ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ୨ଟି ପର୍ଯ୍ୟାୟରେ ନାମଲେଖା ପ୍ରକ୍ରିୟା ଶେଷ ହେବା ପରେ ଯଦି କୌଣସି କଲେଜରେ ସିଟ୍ ବଳକା ରହେ ତେବେ ୧୬ ତାରିଖ ଅପରାହ୍ଣ ୨ଟାରେ କଲେଜଗୁଡ଼ିକର ସାମ୍ସ ଇ-ସ୍ପେସ୍‌ରେ ପ୍ରକାଶ ପାଇବ। ସେପ୍ଟେମ୍ବର ୧୯ରୁ ଛାତ୍ରୀଛାତ୍ର ସ୍ପଟ୍ ନାମଲେଖା ପାଇଁ ଆବେଦନ କରିବେ। ୨୮ ତାରିଖ ସୁଦ୍ଧା ନାମଲେଖା ପ୍ରକ୍ରିୟା ଶେଷ ହେବାକୁ ଥିବାବେଳେ ୨୯ ତାରିଖ ସନ୍ଧ୍ୟା ୭ଟାରେ ନାମଲେଖା ସମ୍ପର୍କିତ ଚୂଡ଼ାନ୍ତ ତଥ୍ୟ ସାମ୍ସ ପୋର୍ଟାଲର ଅପ୍‌ଲୋଡ୍ ହେବ। ଚଳିତବର୍ଷ ରାଜ୍ୟରେ ୨ ଲକ୍ଷ ୪୯ ହଜାର ୩୮୯ ସିଟ୍‌ରେ ନାମଲେଖା ହେବ।

**PARADIP PORT AUTHORITY**
**Corrigendum - 1 to e-TCN**

In continuation to e-Tender Call Notice No. EM/MCHP-31/2022 for the work "Operation & Maintenance of Mechanized Coal Handling Plant", the date of submission of query, pre-bid meeting, submission of bids and opening has been extended. For online bidding details please log on to the website **https://eprocure.gov.in/eprocure/app**.

E.E., MCHP
Paradip Port Authority

PPA/PR/183/22-23 dtd.11.08.2022

**PARADIP PORT AUTHORITY**
**e-Tender Call Notice**

Name of the work "Construction of Culvert and Drain Connecting from Sanjaya Gandhi School to STP - 2 at Nuabazar". Estimated cost Rs.1,21,03,552.60. Last date & time of submission of Bid 29.08.2022 at 17.15 hrs. For details please refer our website **https://eprocure.gov.in/eprocure/app**.

E.E., R&B
Paradip Port Authority

PPA/PR/185/22-23 dtd.11.08.2022

**ଏସ୍‌ଏଲ୍‌ଆର୍/ଭିପିର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୧୧-୨୨ ତାରିଖ: ୧୦।୦୮।୨୦୨୨

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ **https://www.ireps.gov.in/website**ରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍/ଭିପିଗୁଡ଼ିକର ଲିଜିଂ । **ବର୍ଗ:** ପାର୍ସଲ । **କାଟାଲଗ୍ ନଂ.:** ଲିଜ୍-କେଜିପି-୧୧-୨୨ । **ନିଲାମ ତାରିଖ:** ୨୫।୦୮।୨୦୨୨ । **ନିଲାମ ଆରମ୍ଭ ସମୟ:** ୧୦.୩୦ ଘଟିକା । **ନିଲାମ ସମାପ୍ତି ସମୟ:** ୧୬.୩୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-463) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

## ଜବରଦଖଲରେ ପାରାଦୀପ ବନ୍ଦର ଟ୍ରଷ୍ଟ ଜମି

- **୧୪ ଏକର ଜମିର ପତ୍ତା ମିଳୁନି**
- **ସିବିଆଇ ଦ୍ୱାରସ୍ଥ ହେଲେ ଆରଟିଆଇ କର୍ମୀ**
- **ତହସିଲ ପ୍ରଶାସନ, ବନ୍ଦର କର୍ତ୍ତୃପକ୍ଷଙ୍କ ଭିତିରି ବୁଝାମଣା ଅଭିଯୋଗ**

**ଯାଜପୁର ଅଫିସ,୧୧।୮**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ବ୍ରହ୍ମପୁରଶାସନ ଗ୍ରାମରେ ରହିଥିବା ପାରାଦୀପ ବନ୍ଦର ଟ୍ରଷ୍ଟ(ପିପିଟି)ର ୩୪.୪୬ ଏକର ଜମି ଗତ ୧୦ ବର୍ଷ ହେଲା ଜବରଦଖଲରେ ରହିଛି। ଏହି ଜମିରେ ଫାର୍ମ ହାଉସ, କ୍ରଶର, ମୋରମ ଖାଦାନ ଇତ୍ୟାଦି ବେଆଇନ କାମ ଚାଲିଥିବା ଅଭିଯୋଗ ହୋଇଛି। ଏହାସହ ୧୪.୪୨ ଏକର ଜମିର ପତ୍ତା ମିଳୁନି। ଏହି କ୍ରମରେ ଜବରଦଖଲ ଜମିର ଉପଯୁକ୍ତ ତଦନ୍ତ କରି ସମ୍ପୃକ୍ତ ଜବରଦଖଲକାରୀ ଏବଂ ଏଥିରେ ସହଯୋଗୀ ପାଲଟିଥିବା ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା, ଜିତେନ୍ଦ୍ର ସାହୁ, ପ୍ରକାଶ ଦାସ ଓ ପ୍ରଦୀପ ପ୍ରଧାନ ଗୁରୁବାର ସିବିଆଇର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅଧିକାର ଆଇନ(ଆରଟିଆଇ) ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ବ୍ରହ୍ମପୁରଶାସନ ଗ୍ରାମର ଖାତା ନଂ.୨୨ ଓ ପ୍ଲଟ ନଂ.୪୧୬, ୪୧୯, ୪୫୫, ୪୫୯ ଓ ୪୭୨ରେ ସମୁଦାୟ ୩୪.୪୬ ଏକର ଜମି ପାରାଦୀପ ବନ୍ଦର ଟ୍ରଷ୍ଟ ନାମରେ ରହିଛି। ତେବେ ଏଥିରୁ ୨୦.୦୪ ଏକର ଜମିକୁ ୧।୧୧।୨୦୦୭ରେ ଲାଇସେନ୍ସ ସୂତ୍ରରେ ୬ ବର୍ଷ ପାଇଁ ଶ୍ରୀବାସ ଜେନାଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ସେତେବେଳେ ଶ୍ରୀବାସ ଜେନାଙ୍କ ସହିତ କୌଣସି ଲିଜ୍ ଏଗ୍ରିମେଣ୍ଟ ହୋଇ ନ ଥିଲା। ତେବେ ଲାଇସେନ୍ସ ଚୁକ୍ତିର ଉଲ୍ଲଂଘନ କରିବାରୁ ୮।୨।୨୦୧୨ରେ ପାରାଦୀପ ବନ୍ଦର ଟ୍ରଷ୍ଟ କର୍ତ୍ତୃପକ୍ଷ ଜମି ନିଜ ହାତକୁ ନେଇ ଲାଇସେନ୍ସକୁ ବାତିଲ କରିଥିଲେ। ହେଲେ ବନ୍ଦର କର୍ତ୍ତୃପକ୍ଷ ଉକ୍ତ ଜମିରେ କୌଣସି କାର୍ଯ୍ୟ ନ କରିବାରୁ ଏଯାଏ ଜମି ଜେନାଙ୍କ କବ୍‌ଜାରେ ରହିଛି। ଏହାପରେ ଜେନା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବାରୁ ମାମଲା ଏବେ ବି ବିଚାରାଧୀନ ରହିଥିବା ଆରଟିଆଇ ତଥ୍ୟରେ ଦର୍ଶାଯାଇଛି। ଅନ୍ୟପକ୍ଷେ ବାକି ୧୪.୪୨ ଏକର ଜମି ଚିହ୍ନଟ ହୋଇ ପାରି ନ ଥିବାବେଳେ ତା'ର କୌଣସି ପତ୍ତା ମିଳୁନାହିଁ ବୋଲି ପାରାଦୀପ ବନ୍ଦର ଟ୍ରଷ୍ଟର ତତ୍କାଳୀନ ସହକାରୀ ସମ୍ପାଦକ ଏ.କେ. ସାମଲ ଆରଟିଆଇ ତଥ୍ୟରେ ଉଲ୍ଲେଖ କରିଛନ୍ତି। ଏହି ମୂଲ୍ୟବାନ ଜମିକୁ କଳେବଳେ କୌଶଳେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି। ଏହି ବେଆଇନ କାରବାରରେ କେତେଜଣ ସରକାରୀ ଅଧିକାରୀଙ୍କ ସମ୍ପୃକ୍ତି ରହିଛି ବୋଲି ସୂଚନା ଅଧିକାର କର୍ମୀ ବେହୁରା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଶାହା କମିଶନଙ୍କ ରିପୋର୍ଟ ଆଧାରରେ ଯାଜପୁର ଓ କେନ୍ଦୁଝର ଜିଲାର ବିପୁଳ ପରିମାଣର ଖଣିଜ ଦ୍ରବ୍ୟ ଲୁଟ୍ ହୋଇ ପାରାଦୀପ ବନ୍ଦର ଯୋଗେ ଦେଶ ବାହାରକୁ ରପ୍ତାନି ହେଉଥିଲା। ଏନେଇ କମିଶନ ୨୦୧୦-୧୧ରେ ରାଜ୍ୟ ସରକାରଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବା ପରେ ସମ୍ପୃକ୍ତ ଖଣି କମ୍ପାନୀ କର୍ତ୍ତୃପକ୍ଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜରିମାନା ଆଦାୟ କରାଯାଇଥିଲା। ସିବିଆଇକୁ ଦେଇଥିବା ସ୍ମାରକପତ୍ରରେ ଦର୍ଶାଯାଇଛି, ଲାଇସେନ୍ସ ଚୁକ୍ତି ଖାରଜ ହେବା ପରେ ବି ଦଖଲ ଜମିକୁ ବନ୍ଦର କର୍ତ୍ତୃପକ୍ଷ ନିଜ ଅଧୀନକୁ ନେଇ ପାରି ନ ଥିଲେ। ବନ୍ଦର କର୍ତ୍ତୃପକ୍ଷ ଏବଂ ତହସିଲ ପ୍ରଶାସନର ମିଳିତ ସହଯୋଗରେ ଏହି ଜମିରୁ ବିପୁଳ ପରିମାଣର ମୋରମ ଲୁଟ୍ ହୋଇଥିବା ସହ ବ୍ୟବସାୟିକ ଅନୁଷ୍ଠାନ ଓ କ୍ରଶର ୟୁନିଟ୍ ଗଢ଼ି ଉଠିଛି । ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ମତାମତ ନେବାକୁ ଗୁରୁବାର ସନ୍ଧ୍ୟା ୬ଟା୨୫ରେ ତାଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ କଲ ଗ୍ରହଣ କରି ନ ଥିଲେ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୪୩୦୮/୨୩୪୪୩୦୨, ଇ-ମେଲ: sbi.10027@sbi.co.in

**ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସ୍‌ମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ସମ୍ପତ୍ତିଗୁଡିକର ତନଖି କରିବାର ତାରିଖ ଓ ସମୟ: ୨୬.୦୮.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ଣ ୪.୦୦ ଘଟିକା ମଧ୍ୟରେ**

**ଇ-ନିଲାମ ତାରିଖ ଏବଂ ସମୟ: ତା ୩୦.୦୮.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ଣ ୨.୦୦ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ/ ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: ୧) ଶ୍ରୀ ଯୁଧିଷ୍ଠିର ସାମଲ, ପିତା: ଇନ୍ଦ୍ରମଣି ସାମଲ, ୨) ଶ୍ରୀ ବିଜୟ କୁମାର ସାମଲ, ପିତା: ଇନ୍ଦ୍ରମଣି ସାମଲ, ୩) ଶ୍ରୀ କୈଳାସ ଚନ୍ଦ୍ର ସାମଲ, ପିତା: ଇନ୍ଦ୍ରମଣି ସାମଲ, ସମସ୍ତଙ୍କ ଠିକଣା- ସା: ଫତେପୁର, ପୋ.: ଗୋପିଆକୁଦ, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର (ଓଡ଼ିଶା) / ଆକାଉଣ୍ଟ ନଂ: ୬୨୨୧୫୧୫୨୦୫୨ | ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ କୁମାର ସାମଲ ଏବଂ ଶ୍ରୀ କୈଳାସ ଚନ୍ଦ୍ର ସାମଲଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଫତେପୁର, ତହସିଲ/ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଖାତା ନଂ.: ୫୯୦/୧୯୬, ପ୍ଲଟ୍ ନଂ.: ୭୩୨/୧୪୫୫, କ୍ଷେତ୍ର: ଏକର୦.୨୬ଡିସିମିଲି, କିସମ: ଘରବାରୀ | ଟ.୪୧,୦୫,୩୫୦/- / ଟ.୪,୧୦,୫୩୫/- / ଟ. ୫୦,୦୦୦/- | ୩୧.୦୧.୨୦୧୮ ସୁଦ୍ଧା ଟ.୧୯,୧୭,୮୮୪/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି / ୧୩.୦୨.୨୦୧୮ |
| ୨. | ଋଣଗ୍ରହୀତା: ମେସର୍ସ ବାବୁ କନ୍‌ଷ୍ଟ୍ରକ୍‌ସନ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ସାହୁ, ସା: ଫ୍ଲାଟ୍ ନଂ.: ୩୦୪, ବସେରା ହାର୍ମୋନୀ, ଡମଣା ସ୍କୋୟାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୧୬/ ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନୁରାଧା ସାହୁ, ସା: ଫ୍ଲାଟ୍ ନଂ.: ୩୦୪, ବସେରା ହାର୍ମୋନୀ, ଡମଣା ସ୍କୋୟାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୧୦୧୬/ ଆକାଉଣ୍ଟ ନଂ: ୧୦୬୫୭୯୯୨୮୧୧ | ଅନୁରାଧା ସାହୁଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅସନାବାଣି, ଖାତା ନଂ.: ୬୫/୨୪, ପ୍ଲଟ୍ ନଂ.: ୧/୩୧୩, ୨/୩୧୪, ୩/୩୧୫, କ୍ଷେତ୍ର: ଏକର୦.୯୪୦ ଡିସିମିଲି, କିସମ: ଘରବାରୀ | ଟ.୪୮,୦୦,୦୦୦/- / ଟ.୪,୮୦,୦୦୦/- / ଟ.୫୦,୦୦୦/- | ୧୦.୦୬.୨୦୨୧ ସୁଦ୍ଧା ଟ.୯୫,୦୯,୨୭୬/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଇତ୍ୟାଦି / ୧୧.୦୬.୨୦୨୧ |

ଇଚ୍ଛୁକ ବିଡରମାନେ ଇ-ନିଲାମ ଶେଷ ହେବା ପୂର୍ବରୁ MSTC ରେ ପ୍ରାକ୍ ବିଡ୍ ଅମାନତ ରାଶି ଜମା କରିପାରିବେ । ପ୍ରାକ୍ ବିଡ୍ ଅମାନତ ରାଶିର କ୍ରେଡିଟ୍ ବିଡ୍‌ରଙ୍କୁ କେବଳ MSTC ର ବ୍ୟାଙ୍କ ଆକାଉଣ୍ଟରେ ଦେୟ ରସିଦ୍ ଏବଂ ଇ-ନିଲାମ ୱେବସାଇଟ୍‌ରେ ସୂଚନା ଅପଡେଟ୍ କରିବା ପରେ ପ୍ରଦାନ କରାଯିବ । ବ୍ୟାଙ୍କିଙ୍ଗ୍ ପ୍ରକିୟା ଅନୁଯାୟୀ ଏହା କିଛି ସମୟ ନେଇପାରେ, ତେଣୁ ବିଡ୍‌ରମାନେ ଶେଷ ମୁହୂର୍ତ୍ତରେ ହେବାକୁ ଥିବା ଅସୁବିଧାକୁ ଏଡାଇବା ପାଇଁ ନିଜ ଇଚ୍ଛା ଅନୁସାରେ ପ୍ରାକ ବିଡ୍ ଅମାନତ ରାଶି ଯଥେଷ୍ଟ ପୂର୍ବରୁ ଦାଖଲ କରିବାକୁ ଅନୁରୋଧ କରାଯାଉଛି ।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଅନୁସାରେ ରୁଲ ୮(୬) ଏବଂ ୯(୧)ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: କ୍ର. ନଂ. ୧ ଏବଂ ୨ ନିମନ୍ତେ ଶ୍ରୀ ପ୍ରଦୀପ ରଞ୍ଜନ ମହାପାତ୍ର (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୯୨୦୩୫୭୧, ଶେଖ୍ ମାସିଉଲ୍ଲା (ସିଟି କେସ୍ ଅଫିସର), ମୋ.: ୯୯୩୮୭୭୮୯୪୯

ସମସ୍ତ ସମ୍ପତ୍ତି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି ।

ତାରିଖ : ୧୧.୦୮.୨୦୨୨, ସ୍ଥାନ : କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୨ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ଭାଇଙ୍କୁ ଆକ୍ରମଣ, ଭଉଣୀଙ୍କୁ ଅସଦାଚରଣ: ଯୁବକ ଗିରଫ

ଭୁବନେଶ୍ୱର,୧୧।୮(ବ୍ୟୁରୋ): ସାମାନ୍ୟ କଥା କଟାକଟିକୁ ନେଇ ଭାଇକୁ କାଠ ଫାଳିଆରେ ପିଟିବା ସହ ଭଉଣୀକୁ ଅସଦାଚରଣ ଅଭିଯୋଗ ହୋଇଛି। ଏନେଇ ଖାରବେଳନଗର ଥାନା ପୋଲିସ ସଂପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ସତ୍ୟନଗର ଦୁର୍ଗାମଣ୍ଡପ ବସ୍ତିର ରାଜୁ ମହାରଣା(୩୦)। ଏନେଇ ପୋଲିସ ମାମଲା (ନଂ.୨୪୫/୨୨) ରୁଜୁ କରି ଅଭିଯୁକ୍ତ ରାଜୁଙ୍କୁ ଗୁରୁବାର ଦିନ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ସତ୍ୟନଗର ଦୁର୍ଗାମଣ୍ଡପ ବସ୍ତିରେ ଶଶିଭୂଷଣ ଦେହୁରୀ ଓ ଅଭିଯୁକ୍ତ ରାଜୁ ମହାରଣା ରୁହନ୍ତି। ବୁଧବାର କୌଣସି ଏକ କଥାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଜୁ ଉତ୍‌କ୍ଷିପ୍ତ ହୋଇ ଶଶିଭୂଷଣଙ୍କୁ କାଠ ଫାଳିଆରେ ପିଟୁଥିବା ଖବରପାଇ ଭଉଣୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ଅଭିଯୁକ୍ତ ତାଙ୍କୁ ମଧ ଛାଡ଼ି ନ ଥିଲେ। ଅସଦାଚରଣ କରିବା ସହ ସର୍ବସମ୍ମୁଖରେ ମାଡ ମାରିଲେ। ଏନେଇ ଶଶିଭୂଷଣ ଗୁରୁବାର ଖାରବେଳନଗର ଥାନାରେ ଅଭିଯାଗ କରିବା ପରେ ପୋଲିସ ଅଭିଯୁକ୍ତ ରାଜୁଙ୍କୁ କାବୁ କରିଥିଲା।

### ଥାନାରେ ଶୁଣିଲେନି, ଡିସିପିଙ୍କ ଦ୍ୱାରସ୍ଥ

#### ରାଜନୈତିକ ଆକ୍ରୋଶରୁ ଆକ୍ରମଣ

ଭୁବନେଶ୍ୱର,୧୧।୮(ବ୍ୟୁରୋ): ରାଜନୈତିକ ଆକ୍ରୋଶରୁ ଏକ ପରିବାରକୁ ଗାଳିଗୁଲଜ ସହ ଆକ୍ରମଣ ହୋଇଛି। ଏନେଇ ସମ୍ପୃକ୍ତ ପରିବାର ପକ୍ଷରୁ ମଞ୍ଚେଶ୍ୱର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଅଭିଯୋଗକାରୀଙ୍କୁ ନାଲିଆଖି ଦେଖାଉଛି। ଗାଳି କରିବା ସହ ଥାନାରେ ଭର୍ତ୍ତି କରାଇଦେବାର ଭୟ ଦେଖାଇବାରୁ ଶେଷରେ ସମ୍ପୃକ୍ତ ପରିବାର ନ୍ୟାୟ ଦାବିରେ ଡିସିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ପୋଲିସ ସମର୍ଥନରେ ଆକ୍ରମଣକାରୀ ବିଭିନ୍ନ ପ୍ରକାର ଧମକ ଚମକ ଦେଉଥିବା ମଧ ଅଭିଯୋଗ କରିଛନ୍ତି ସଂପୃକ୍ତ ପରିବାର। ଅଭିଯୋଗ ଅନୁଯାୟୀ, ବରିମୁଣ୍ଡ ଗ୍ରାମର ମଙ୍ଗୁଚରଣ ସେଠୀ ଗତବର୍ଷ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ। ଫଳରେ ଗ୍ରାମର ଜଣେ ରାଜନୈତିକ ବ୍ୟକ୍ତି ରାଜନୈତିକ ଆକ୍ରୋଶ ରଖି ପ୍ରାୟ ସମୟରେ ଗାଳିଗୁଲଜ କରନ୍ତି। ଗତ ୯ ତାରିଖରେ ଉକ୍ତ ଯୁବକ ମଦ୍ୟପାନ କରି ମଙ୍ଗୁଳି ଓ ତାଙ୍କ ସ୍ତ୍ରୀଙ୍କୁ ଆଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବିଧା, ଗୋଇଠା ମାଡ ମାରିଥିବା ସେ ଅଭିଯୋଗ କରିଛନ୍ତି।

# ତଦନ୍ତରେ ଅସହଯୋଗ, ଶାଶୁଘର ଲୋକଙ୍କୁ ନୋଟିସ

ଭୁବନେଶ୍ୱର,୧୧।୮(ବ୍ୟୁରୋ)



**ନିର୍ଯାତନା ସହି ନ ପାରି ନବବଧୂ ଆତ୍ମହତ୍ୟା ଘଟଣା**

- ବ୍ୟବଚ୍ଛେଦ ରିପୋର୍ଟରେ ଶ୍ୱାସରୁଦ୍ଧ ସୂଚନା
- ସ୍ୱାମୀ, ଶାଶୁ ଓ ନଣନ୍ଦ ଥାନାରେ ହାଜର ହେବେ

ନବବଧୂ ପ୍ରଜ୍ଞାପାରମିତା ସ୍ୱାଇଁଙ୍କ ଆତ୍ମହତ୍ୟାର କାରଣ ଖୋଜୁଛି ପୋଲିସ। ଶାଶୁଘର ଲୋକଙ୍କ ନିର୍ଯାତନା ସହି ନ ପାରି ସେ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ଭାଇ ଅଭିଯୋଗ କରିଥିଲେ। ଘଟଣାକୁ ୭ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଶାଶୁଘର ଲୋକେ ତଦନ୍ତରେ ସହଯୋଗ କରୁ ନ ଥିବାରୁ ମଞ୍ଚେଶ୍ୱର ଥାନା ପକ୍ଷରୁ ସେମାନଙ୍କୁ ନୋଟିସ କରାଯାଇଛି। ଥାନାରେ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ ପ୍ରଜ୍ଞାଙ୍କ ସ୍ୱାମୀ ପ୍ରଶାନ୍ତ ପାତ୍ର, ଶାଶୁ ଓ ନଣନ୍ଦଙ୍କୁ ପୋଲିସ ଡାକିଛି। ଏପଟେ ପ୍ରଜ୍ଞାଙ୍କ ବ୍ୟବଚ୍ଛେଦ ରିପୋର୍ଟ ପ୍ରସ୍ତୁତ ହୋଇସାରିଛି। ଶ୍ୱାସରୁଦ୍ଧରୁ ତାଙ୍କର ମୃତ୍ୟୁ ଘଟିଥିବା ସେଥିରେ ଉଲ୍ଲେଖ ରହିଛି। ତେବେ ଉକ୍ତ ରିପୋର୍ଟ ହସ୍ତଗତ ହୋଇ ନ ଥିବା ମଞ୍ଚେଶ୍ୱର ଥାନା ପକ୍ଷରୁ କୁହାଯାଇଛି। ପ୍ରଜ୍ଞାଙ୍କ ଶାଶୁଘର ଲୋକଙ୍କୁ ପଚରାଉଚରା ସହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ପଟିଆ ଜଗନ୍ନାଥ ନଗରର ପ୍ରଶାନ୍ତଙ୍କୁ ନିଆଳିର ପ୍ରଜ୍ଞାପାରମିତା ଜୁନ ୮ରେ ବିବାହ କରିଥିଲେ। ବିବାହର ୧୨ଦିନ ପରେ କ୍ୟାନସର ହୋଇଥିବା କହି ଶାଶୁ, ନଣନ୍ଦ ଓ ସ୍ୱାମୀ ନିର୍ଯାତନା ଦେବା ସହ ଘରୁ ବାହାରି ଯିବାକୁ କହିଥିଲେ। ଫଳରେ ଜିଜିପି କଲୋନୀସ୍ଥିତ ଭଡାଘରେ ରହୁଥିବା ଭାଇ ପ୍ରିୟବ୍ରତ ଜୁନ ୨୦ରେ ପ୍ରଜ୍ଞାଙ୍କୁ ନିଜ ପାଖକୁ ନେଇ ଆସିଥିଲେ। ଏକ ଘରୋଇ ହସ୍ପିଟାଲରେ ତାଙ୍କର ସମସ୍ତ ପରୀକ୍ଷାନିରୀକ୍ଷା ହୋଇଥିଲା। ହେଲେ ତାଙ୍କର କ୍ୟାନ୍‌ସର ହୋଇ ନ ଥିବା ଡାକ୍ତର କହିଥିଲେ। ସାମନ୍ୟ ଦାନ୍ତ ପୋକ ଯୋଗୁ ପାଟିରେ ସମସ୍ୟା ହୋଇଥିବା କହିଥିଲେ। ଏନେଇ ଶାଶୁଘର ଲୋକଙ୍କୁ ପ୍ରଜ୍ଞା ଜଣାଇବା ପାଇଁ ବାରମ୍ବାର ଫୋନ କରିଥିଲେ ମଧ୍ୟ କିଛି ଉତ୍ତର ମିଳି ନ ଥିଲା। ଶାଶୁଘରକୁ ଫେରିବା ଆଶା ହରାଇ ପ୍ରଜ୍ଞା ମାନସିକ ସ୍ତରରେ ଭାଙ୍ଗି ପଡିଥିଲେ। ଭାଇ ଘରେ ନ ଥିବାବେଳେ ପ୍ରଜ୍ଞା ଆତ୍ମହତ୍ୟା କରିଥିଲେ। ଭାଇ ପ୍ରିୟବ୍ରତଙ୍କ ଅଭିଯୋଗକ୍ରମେ ମଞ୍ଚେଶ୍ୱର ଥାନା ପୋଲିସ ଆଇପିସି ଦଫା ୩୦୬,୪୯୮(କ) ,୩୪ ରେ ଏକ ମାମଲା (ନଂ.୨୮୦/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ସିଲ୍ ହେଲା ହସ୍ପିଟାଲ ଫାର୍ମା




ଭୁବନେଶ୍ୱର, ୧୧।୮(ବ୍ୟୁରୋ)

ଖରାପ ପରିମଳ ବ୍ୟବସ୍ଥା ପାଇଁ ଗୁରୁବାର ପଟିଆସ୍ଥିତ ମେଡିସିନ ଦୋକାନ ହସ୍ପିଟାଲ ଫାର୍ମାକୁ ସିଲ୍ କରାଯାଇଛି। ଏହି ଦୋକାନ ସମ୍ମୁଖରେ ଅଳିଆ ଗଦା ହୋଇ ରହିଥିବାବେଳେ ଆଖପାଖ ୫ ମିଟର ପରିମିତ ଅଞ୍ଚଳରେ ଆବର୍ଜନା ପଡି ରହିଥିଲା। ତେଣୁ ବିଏମ୍‌ସି ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ତୁରନ୍ତ ଏହି ଅଞ୍ଚଳକୁ ସଫା କରିବା ସହିତ ନିୟମ ଅନୁଯାୟୀ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ଦୋକାନ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ତାଗିଦ୍ କରାଯାଇଛି। ପରିମଳ ବ୍ୟବସ୍ଥାରେ ସୁଧାର ଆଣି ସହରକୁ ସୁସ୍ଥ ସୁନ୍ଦର ଭାବେ ଗଢ଼ି ତୋଳିବାକୁ ବିଏମ୍‌ସି ଏଭଳି ଚଢ଼ାଉକୁ ନିୟମିତ କରିବା ସହ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଶେଷକରି ରାସ୍ତାକଡ଼ରେ ଥିବା ଦୋକାନ ବଜାରର ଆଖପାଖ ଅଞ୍ଚଳରେ ଅଳିଆ ଆବର୍ଜନା ଗଦା ହୋଇ ରହୁଥିବାରୁ ତାହା ପରିବେଶକୁ ଦୂଷିତ କରୁଛି। ପରିବେଶକୁ ସଫା ରଖିବା ପାଇଁ ବିଏମ୍‌ସି ପକ୍ଷରୁ ବାରମ୍ବାର ତାଗିଦ୍ କରାଯାଉଥିଲେ ବି ବ୍ୟବସାୟୀମାନେ ଶୁଣିବାକୁ ନାରାଜ। ତେଣୁ ନିୟମ ମାନୁ ନ ଥିବା ଦୋକାନଗୁଡିକୁ ବିଏମ୍‌ସି ପକ୍ଷରୁ ସିଲ୍ କରାଯାଉଛି। ଆବଶ୍ୟକ ସ୍ଥଳେ ସେମାନଙ୍କଠାରୁ ଜରିମାନା ମଧ ଆଦାୟ କରାଯାଉଛି। ବିଏମ୍‌ସି ଗତ ୧୫ ଦିନ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଦୋକାନ ସିଲ୍ କରିବା ସହିତ ଜରିମାନା ମଧ ଆଦାୟ କରିଛି। ହେଲେ ଯେତେ ଯାହା କଲେ ବି ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ଖାମଖିଆଲ ମନୋଭାବ ପାଇଁ ସ୍ଥିତିରେ କୌଣସି ପରିବର୍ତ୍ତନ ଆସିପାରୁ ନାହିଁ।

# ଦିଲ୍ଲୀରେ ଗାନ୍ଧୀ ଚିତ୍ରକଳା ପ୍ରଦର୍ଶନୀ




ଭୁବନେଶ୍ୱର ସୁଭଦ୍ରା ଆର୍ଟ ଗ୍ୟାଲେରୀ ପକ୍ଷରୁ ଦିଲ୍ଲୀଠାରେ ଅନୁଷ୍ଠିତ ଗାନ୍ଧୀ ଚିତ୍ରକଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଚିତ୍ରଶିଳ୍ପୀଙ୍କ ସହ ଅତିଥିମାନେ।

ଭୁବନେଶ୍ୱର,୧୧।୮(ବ୍ୟୁରୋ)

ଭୁବନେଶ୍ୱରର ସୁଭଦ୍ରା ଆର୍ଟ ଗ୍ୟାଲେରୀ ପକ୍ଷରୁ ଦିଲ୍ଲୀର କନ୍‌ଷ୍ଟିଚ୍ୟୁଶନ କ୍ଲବସ୍ଥିତ ଐତିହାସିକ ସ୍ପିକର ହଲ୍‌ରେ ଗୁରୁବାର ଗାନ୍ଧୀ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ପାଳନ କରାଯାଉଥିବା 'ଆଜାଦୀକା ଅମୃତ ମହୋତ୍ସବ' ଅବସରରେ ଆୟୋଜିତ ଏହି ଚିତ୍ରକଳା ମହାକୁମ୍ଭରେ ଦିଲ୍ଲୀ ଏବଂ ଓଡ଼ିଶାର ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ। ଚିତ୍ରଶିଳ୍ପୀମାନେ ଗାନ୍ଧିଜୀଙ୍କ ଜୀବନ ଓ ଦର୍ଶନ ଉପରେ ବିରଳ କଳାକୃତି ପ୍ରଦର୍ଶିତ କରିଥିଲେ। କବି ଶଙ୍କର୍ଷଣ ପରିଡ଼ା, ଲେଖିକା ଡ. ସୁନୀତୀ ମୁଣ୍ଡ ଓ ପ୍ରବାସୀ ଓଡ଼ିଆ ସମାଜସେବୀ ରୀତା ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆର୍ଟ ଗ୍ୟାଲେରୀ ଅଧକ୍ଷ ତଥା ମୁଖ୍ୟ ଆୟୋଜକ ଡ. ସୂର୍ଯ୍ୟ ରଥ ପୌରୋହିତ୍ୟ କରି, ମହାତ୍ମା ଗାନ୍ଧୀଙ୍କ ମହାନ୍ ଜୀବନ ଓ ମହତ୍ତ୍ୱ ଦର୍ଶନ ଦ୍ୱାରା ବର୍ତ୍ତମାନ ପିଢ଼ିର ଚିତ୍ରଶିଳ୍ପୀମାନେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସିଲଭର ଗାନ୍ଧୀ ଭାବେ ପ୍ରସିଦ୍ଧି ହାସଲ କରିଥିବା ମୋହନ ମହାପାତ୍ର ମହାତ୍ମାଙ୍କ ବେଶରେ ଛିଡ଼ା ହୋଇ ତାଙ୍କର ସ୍ୱଭାବ ସୁଲଭ ଢଙ୍ଗରେ ଆଗନ୍ତୁକଙ୍କୁ ସ୍ୱାଗତ କରିଥିଲେ। ସୁଧାଂଶୁ ସୂତାର, ପ୍ରବୋଧ ସ୍ୱାଇଁ, ସଜଲ୍ ପାତ୍ର, ପ୍ରବୋଧ କୁମାର ସାହୁ, ତପନ ଦାସ, ଅନୁପ ଚାନ୍ଦ, ଶୁଭ୍ରା ଚାନ୍ଦ, ଡାଇନା ମହାପାତ୍ର, ମମତା ସାମନ୍ତରାୟ,ନିବେଦିତା ପଟ୍ଟନାୟକ, ଶଶିକାନ୍ତ ରାଉତ, ଟୁଟୁ ପଟ୍ଟନାୟକ, ମାନସ ରଞ୍ଜନ ଜେନାଙ୍କ ସମେତ ବହୁ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଉତ୍କଳ ଭାରତୀର ମୁଖ୍ୟ ସମ୍ପାଦକ ଡ. ନିର୍ମଳ ପଟ୍ଟନାୟକ, କଳିଙ୍ଗ ଭାରତୀ ଫାଉଣ୍ଡେଶନ ପ୍ରତିଷ୍ଠାତା ସଭାପତି ଇଂ. ଅକ୍ଷୟ ସାମଲ ଏବଂ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ ସଭାପତି ଡ. ବିପିନ ମିଶ୍ର, ଅନ୍ତର୍ଜାତୀୟ ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥ, ଶିଳ୍ପୀ ସୁଧାଂଶୁ ସୂତାର ପ୍ରମୁଖ ଉପସ୍ଥିତ ଥିଲେ। ଆରମ୍ଭରେ ଓଡ଼ିଶୀ ନୃତ୍ୟାଙ୍ଗନା ଅଭିପ୍ସା ଦାଶ ଗଣେଶ ବନ୍ଦନା ପରିବେଷଣ କରିଥିଲେ। ଆର୍ଟ ଗ୍ୟାଲେରୀର ନିର୍ଦ୍ଦେଶକ ଅଶୋକ ନାୟକ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଜି ଶ୍ରୀମନ୍ଦିରରେ ରକ୍ଷାବନ୍ଧନ, ବଳଭଦ୍ରଙ୍କ ଜନ୍ମନୀତି

ପୁରୀ ଅଫିସ, ୧୧।୮

ଶ୍ରାବଣ ପୂର୍ଣ୍ଣମା ବା ଗହ୍ମାପୂର୍ଣ୍ଣମା ପଡୁଥିବାରୁ ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ପର୍ବ ଶୁକ୍ରବାର ଅନୁଷ୍ଠିତ ହେବ। ଏଥିସହ ବଡଠାକୁର ବଳଭଦ୍ରଙ୍କ ଜନ୍ମନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡଠାକୁର ବଳଭଦ୍ର ୨ଟି ଲେଖାଏ ରାଖୀ ଏବଂ ୨ଟି ଲେଖାଏ ଗୁଆମାଳ ପରିଧାନ କରିବେ। ପାଟରା ବିଶୋଇ ସେବକ ମହାପ୍ରଭୁଙ୍କ ନିମନ୍ତେ ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳ ପ୍ରସ୍ତୁତ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ବଡ଼ଠାକୁର ବଳଭଦ୍ର ବାଇଗଣୀ ଓ ନୀଳ ରଙ୍ଗର ଗୁଆମାଳ ପରିଧାନ କରିବେ। ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଭୋଗମଣ୍ଡପ ସାରି ତିନିବାଡରେ ମଇଲମ ହୋଇ ମହାସ୍ନାନ ହେବ। ପରେ ତିନିବାଡରେ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ସର୍ବାଙ୍ଗ ନୀତି ସମ୍ପନ୍ନ କରିବା ପରେ ନୂଆଲୁଗା ଲାଗି ସହ ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ଦ୍ୱିପ୍ରହର ଧୂପବେଶ ବଢ଼ିବ। ତିନିଖଣ୍ଡ ଆଜ୍ଞାମାଳ ଠାକୁରଙ୍କ ଦକ୍ଷିଣ ଗୋଟିଏ ଏବଂ ବାମ ଭୁଜରେ ଲାଗିବ। ୪ଟି ରାଖୀ ଏବଂ ୪ଟି ଗୁଆମାଳକୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ ଠାକୁର ବଳଭଦ୍ରଙ୍କ ଶ୍ରୀହସ୍ତରେ ପୁଷ୍ପାଳକ ସେବକମାନେ ବାନ୍ଧିବେ। ଗହ୍ମାପୂର୍ଣ୍ଣମାରେ ବଡ଼ ଠାକୁର ବଳଭଦ୍ର ଜନ୍ମଗ୍ରହଣ କରିଥିବାରୁ ବଡ଼ଠାକୁରଙ୍କ ସମ୍ମୁଖରେ ସିଂହାସନ ତଳେ ଷଷ୍ଠୀ ମାର୍କଣ୍ଡି ଓ ବରୁଣ ପୂଜା ଅନୁଷ୍ଠିତ ହେବ।

# ବଳଦେବଜୀଉଙ୍କ ଆଲବମ୍ 'ଶିଳାବ୍ରହ୍ମ' ଉନ୍ମୋଚିତ



ଭୁବନେଶ୍ୱର,୧୧।୮(ବ୍ୟୁରୋ)

ତୁଳସୀକ୍ଷେତ୍ରାଧୀଶ ଶ୍ରୀବଳଦେବଜୀଉଙ୍କ ଉପରେ ଆଧାରିତ ଭାବପୂର୍ଣ୍ଣ ପ୍ରଥମ ଭଜନ ଆଲବମ୍ 'ଶିଳାବ୍ରହ୍ମ' ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସୋଆ ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜ ନାୟକ ଏହାକୁ ଉନ୍ମୋଚନ କରିଥିଲେ। ସୋଆ ଅଧୀନରେ କାର୍ଯ୍ୟ କରୁଥିବା ଗବେଷଣା ସଂସ୍ଥା 'ପ୍ରାଚୀନ' ପକ୍ଷରୁ ପ୍ରସ୍ତୁତ ଏହି ଆଲବମ୍‌ର ଗୀତ ରଚନା କରିଛନ୍ତି ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ସଙ୍ଗୀତ ସଂଯୋଜନା କରିଛନ୍ତି କେନ୍ଦ୍ରାପଡ଼ା ବାରୁଅସ୍ଥିତ ଭାବଗ୍ରାହୀ କଳାନିକେତନର ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡା। କଣ୍ଠଶିଳ୍ପୀ ସୌରଭ ନାୟକ, କରୁଣାକର, ସୋହିନୀ ମିଶ୍ର ଓ ଅନ୍ତରା ଚକ୍ରବର୍ତ୍ତୀ ପ୍ରମୁଖ କଣ୍ଠଦାନ କରିଛନ୍ତି। ଉନ୍ମୋଚନ ଅବସରରେ ପ୍ରଫେସର ନାୟକ ଶିକ୍ଷା ଓ ଅନୁସନ୍ଧାନ ନାମର ମହତ୍ତ୍ୱ ସମ୍ପର୍କରେ କହିବା ସହ ବର୍ତ୍ତମାନ ଏହି ବିଶ୍ୱବିଦ୍ୟାଳୟ ସଂସ୍କୃତି ଏବଂ ଐତିହ୍ୟକୁ ନେଇ ମଧ ଗବେଷଣା ଆରମ୍ଭ କରିଛି। ଏଥି ନିମନ୍ତେ 'ପ୍ରାଚୀନ' ବିଭାଗ କାର୍ଯ୍ୟ କରୁଛି ବୋଲି ସେ ସୂଚନା ଦେଇଛନ୍ତି। ଆଲବମ୍‌ରେ ୬ଟି ଗୀତ ରହିଛି। ପ୍ରମେୟର ବ୍ୟୁରୋ ଚିଫ୍ ଦେବେନ୍ଦ୍ର ସୁଆର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୋଆ ଛାତ୍ରମଙ୍ଗଳଡିନ୍‌ପ୍ରଫେସରଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଛ ବି ଆମର ଭାଇ

ଭୁବନେଶ୍ୱର,୧୧।୮(ବ୍ୟୁରୋ)



ରାଜଧାନୀର ବିଭିନ୍ନ ସ୍ଥାନରେ ଗୁରୁବାର ରାଖୀ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରେରଣା ପକ୍ଷରୁ ଇନ୍ଦିରା ଗାନ୍ଧୀ ପାର୍କରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶତାଧିକ ଯୁବତୀ, ମହିଳା ଓ ସ୍ୱେଚ୍ଛାସେବୀ ଯୋଗଦେଇ ଗଛରେ ରାଖୀ ବାନ୍ଧି ସଚେତନତାର ବାର୍ତ୍ତା ଦେଇଥିଲେ। 'ଗଛ ବି ଆମର ଭାଇ', 'ଭାଇ ପରି ଗଛ ବି ଆମକୁ ସୁରକ୍ଷା ଦିଏ', 'ଆଗ ଲଗାଇବା ଗଛ, ଆଉସବୁ କଥା ପଛ', 'ଆମେ ଲଗାଇଥିବା ଗଛକୁ ମାରିବାକୁ ଦେବା ନାହିଁ' ଆଦି ସ୍ଲୋଗାନ ଦେଇ ପାର୍କରୁ ମାଷ୍ଟର କ୍ୟାଣ୍ଟିନ ଛକ ଦେଇ ରାମ ମନ୍ଦିର ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରାରେ ବାହାରିଥିଲା। ୫୦୦ରୁ ଅଧିକ ନିମ୍ବ, ବଉଳ, ଫାଶୀ, କଦମ୍ବ, ଆମ୍ବ, ପିଜୁଳି ଆଦି ଗଛ ବିନା ମୂଲ୍ୟରେ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରେରଣାର ଅଧ୍ୟକ୍ଷ ଡ. ଦିଲୀପ ଶ୍ରୀଚନ୍ଦନ, ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ସାମାଜିକ କର୍ମୀ ସ୍ମିତା ଭ୍ରମରବର ରାୟ, ବର୍ଷା ପୃଷ୍ଟି, ନମିତା ରାୟ, ଜଲିଲ ଖାନ, ପ୍ରଦୀପ ରାଉତରାୟ, ଶୋଭାମୟୀ ସୁନ୍ଦରାୟ, ଗବେଷକ ହରିହର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ସାଇ ଏନ୍‌କ୍ଲେଭ୍‌ରେ ନିଆଁ, ଜଳିଗଲା ଘର

ଭୁବନେଶ୍ୱର,୧୧।୮(ବ୍ୟୁରୋ)

**୩ ଲକ୍ଷରୁ ଊର୍ଦ୍ଧ୍ୱ ସମ୍ପତ୍ତି ନଷ୍ଟ**



ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗିରି ସାଇ ଏନ୍‌କ୍ଲେଭ୍ ଆପାର୍ଟମେଣ୍ଟରେ ଥିବା ଏକ ବନ୍ଦ ଘରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଏଥିର ଘରର ସମସ୍ତ ସାମଗ୍ରୀ ଜଳିଯାଇଛି। ସେକ୍ରେଟେରିଏଟ୍ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫାୟାର ଅଫିସର ଅନୁପ କୁମାର ଦାସ କହିଛନ୍ତି, ଅଗ୍ନିକାଣ୍ଡ ସମୟରେ ଘରେ କେହି ନ ଥିବାରୁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ଏଥିରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ସାମଗ୍ରୀ ଜଳିଯାଇଥିବା ଅନୁମାନ କରାଯାଉଛି। ସର୍ଟସର୍କିଟରୁ ନିଆଁ ଲାଗିଥିବା ସେ କହିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଘରେ ଡାକ୍ତର ପ୍ରକାଶ ଷଡ଼ଙ୍ଗୀ ଭଡ଼ାରେ ରୁହନ୍ତି। କିଛି ମାସ ତଳେ ସେ ଲଣ୍ଡନରେ ରହୁଥିବା ତାଙ୍କ ପୁଅଙ୍କ ପାଖକୁ ଚାଲିଯାଇଥିବାରୁ ଘର ତାଲା ପଡ଼ିଥିଲା। ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟା ୪୫ରେ ଉକ୍ତ ଘରର ଝରକା ପଟୁ ଧୂଆଁ ବାହାରିଥିଲା। ପଡ଼ୋଶୀମାନେ ଏହା ଦେଖିବା ପରେ ତୁରନ୍ତ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର ୧୫ ଜଣିଆ ଟିମ୍ ପହଞ୍ଚି ଘରର ତାଲା ଭାଙ୍ଗି ଭିତରେ ପଶିଥିଲା। ଏପରିକି ସ୍ଥାନୀୟ ପୋଲିସ ମଧ ସେଠାରେ ପହଞ୍ଚି ନିଆଁ ଲିଭାଇବାରେ ସହାୟତା କରିଥିଲା। ଦୀର୍ଘ ଅଢ଼େଇ ଘଣ୍ଟା ପରେ ଅଗ୍ନିଶମ ବାହିନୀ ନିଆଁ ଲିଭାଇବାରେ ସଫଳ ହୋଇଥିଲେ। ହେଲେ ସେତେବେଳକୁ ଘରେ ଥିବା ବିଭିନ୍ନ ଆସବାବପତ୍ର, ବୈଦ୍ୟୁତିକ ଓ ଅନ୍ୟାନ୍ୟ ସାମଗ୍ରୀ ଜଳିଯାଇଥିଲା। ତେବେ ଘରେ ଆଉକ'ଣ ସବୁ ରହିଥିଲା ଓ ମୋଟ କେତେ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି, ତାହା ସ୍ପଷ୍ଟ ହୋଇନାହିଁ।



ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲ୍ ଅନ୍ତେବାସୀଙ୍କ ପିଲାମାନେ ରହୁଥିବା ମଧୁରମୟୀ ଆଦର୍ଶ ଶିକ୍ଷାନିକେତନରେ ଗୁରୁବାର ଭଉଣୀମାନେ ଭାଇଙ୍କ ହାତରେ ରାଖୀ ବାନ୍ଧୁଛନ୍ତି।



ରାଖୀ ପୂର୍ଣ୍ଣିମା ଅବସରରେ ଗୁରୁବାର ଭୁବନେଶ୍ୱର ଜଗନ୍ନାଥ ନଗରରେ ଭାଇ ହାତରେ ରାଖୀ ବାନ୍ଧୁଛନ୍ତି ଭଉଣୀ।



ଭୁବନେଶ୍ୱର ୟୁନିଟ୍-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଅନୁଷ୍ଠିତ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ।

## ମାଗଣାରେ ମିଳିବ ୩୦ ଲକ୍ଷ ତ୍ରିରଙ୍ଗା

ଭୁବନେଶ୍ୱର,(ବ୍ୟୁରୋ): ସାରା ଦେଶରେ ଚଳିତ ବର୍ଷ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ହେଉଛି। ଏଥିପାଇଁ ଦେଶବାସୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖାଦେଇଛି। ସରକାରୀ ଓ ବେସରକାରୀ ସ୍ତରରେ ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ସ୍ୱାଧୀନତାର ୭୫ତମ ପୂର୍ତ୍ତି ଉତ୍ସବ ଅବସରରେ ଓଡ଼ିଶାବାସୀଙ୍କୁ ମାଗଣାରେ ଜାତୀୟ ପତାକା ଯୋଗାଇ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ମିଶନ ଶକ୍ତିର ଗୋଷ୍ଠୀଗୁଡ଼ିକୁ ଜାତୀୟ ପତାକା ତିଆରି ଓ ବଣ୍ଟନ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ ଯେ ମିଶନ ଶକ୍ତି ଅଧୀନରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ୩୦ ଲକ୍ଷ ତ୍ରିରଙ୍ଗା ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ରାଜ୍ୟ ସରକାର ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଗଙ୍ଗାଧର ମେହେର ଜୟନ୍ତୀ କମିଟି ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ, କଳିଙ୍ଗ ହସ୍ପିଟାଲ ପାଖ, ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ, କଳିଙ୍ଗ ହସ୍ପିଟାଲ ନିକଟସ୍ଥ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ଓଡ଼ିଶା ମହାବିଦ୍ୟାଳୟ ଗ୍ରନ୍ଥାଗାରିକ ସଂଘ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳନ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ମେହେଫିଲ- ଇ- ଗଜଲ-୨, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**ତିଗିରିଆ**

- ନୂଆପାଟଣା ୧ ନଂ. ତନ୍ତୁବାୟ ସହଯୋଗ ସମିତିରେ ବୁଣାକାରଙ୍କ ଚକ୍ଷୁ ପରୀକ୍ଷା ଶିବିର, ନୂଆପାଟଣା ୧ ନଂ. ବୁଣାକାର ସମିତି ପରିସର, ପୂର୍ବାହ୍ନ ୧୦ଟା।
- ଜେମାଦେଇପୁର ବୁଦ୍ଧଦେବ ଯୁବ ନାଟ୍ୟ ସଂସଦ ତରଫରୁ ନାଟକ 'ଲୁହରେ ଲେଖା ମୋ କପାଳ ରେଖା', ଜେମାଦେଇପୁର ସରାକ ସାହି, ରାତି ୯ଟା।

# ଚିଙ୍ଗୁଡ଼ିଘେରି ସମ୍ପୂର୍ଣ୍ଣ ଉଚ୍ଛେଦ ଉପରେ ଗୁରୁତ୍ୱ

**ହାଇକୋର୍ଟରେ ଚିଲିକା, ଭିତରକନିକାର ଆର୍ଦ୍ରଭୂମି ସୁରକ୍ଷା ପ୍ରସଙ୍ଗ**



**୧୭ ସୁଦ୍ଧା ଜିଲାପାଳଙ୍କୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ**

କଟକ ଅଫିସ,୧୧।୮

ଚିଲିକା ଓ ଭିତରକନିକାର ଆର୍ଦ୍ରଭୂମି ସୁରକ୍ଷା ପ୍ରସଙ୍ଗରେ ଚିଙ୍ଗୁଡ଼ିଘେରି ଉଚ୍ଛେଦ ପ୍ରକ୍ରିୟାକୁ ହାଇକୋର୍ଟ ଗୁରୁତ୍ୱ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ହେଉଥିବାବେଳେ ପୁନର୍ବାର ସେଠାରେ ବେଆଇନ ଚିଙ୍ଗୁଡ଼ି ଘେରି ତିଆରି ହେଉଛି। ଏପରି କି କେତେକ ସ୍ଥାନରେ ପ୍ରଶାସନ ପକ୍ଷରୁ ଚିଙ୍ଗୁଡ଼ି ଘେରି ଭଙ୍ଗାଯାଇ ସମ୍ପୂର୍ଣ୍ଣ ଘେରି ଉଚ୍ଛେଦ ହେଉଥିବା ଅଦାଲତଙ୍କୁ ଦର୍ଶାଯାଉଛି। ଯାହାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ଆର୍ଦ୍ରଭୂମି ଅଞ୍ଚଳରେ ୨୪ ଘଣ୍ଟିଆ ପୋଲିସ ପାଟ୍ରୋଲିଂ ସତ୍ତ୍ୱେ ବେଆଇନ ଘେରି କିଭଳି ହେଉଛି ବୋଲି ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି ।

ସୂଚନା ଅନୁସାରେ, ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳରେ ତହସିଲଦାର ଓ ଆର୍‌ଆଇଙ୍କ ପ୍ରୋତ୍ସାହନରେ ଘେରି ହେଉଥିବା ହାଇକୋର୍ଟଙ୍କୁ ଆମିକସ୍‌କ୍ୟୁରି ଅବଗତ କରିଥିଲେ। ଆମିକସକ୍ୟୁରିଙ୍କ ରିପୋର୍ଟକୁ ଆଧାର କରି ହାଇକୋର୍ଟ କୃଷ୍ଣପ୍ରସାଦ ତହସିଲଦାର ଓ ବଜ୍ରକୋଟ ଆରଆଇଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରି ଆସନ୍ତା ୧୭ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କେନ୍ଦ୍ରାପଡ଼ା ରାଜନଗର ତହସିଲ ଅଞ୍ଚଳରେ ଗୋଟିଏ ପାଖ ଘେରି ଭାଙ୍ଗି ଘେରି ଉଚ୍ଛେଦ କରାଯାଇଥିବା ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ତେଣୁ କେନ୍ଦ୍ରାପଡ଼ା ଜିଲାପାଳ ଏହାର ତଦନ୍ତ କରି ସତ୍ୟପାଠ ଦାଖଲ କରିବା ସହ ପରବର୍ତ୍ତୀ ଶୁଣାଣି ବେଳେ ହାଇକୋର୍ଟରେ ଉପସ୍ଥିତ ରହିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲା ଜିଲାପାଳ ଓ ସ୍ଥାନୀୟ ତହସିଲଦାର ଉଚ୍ଛେଦ ଓ ପାଟ୍ରୋଲିଂ ତଦାରଖ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସାଟେଲାଇଟ ଚିତ୍ର ଉତ୍ତୋଳନ କରି ସେହି ଅନୁସାରେ ଚିଲିକା ଭିତରେ ଥିବା ଚିଙ୍ଗୁଡ଼ି ଘେରିକୁ ଯେଭଳି ସମ୍ପୂର୍ଣ୍ଣ ନଷ୍ଟ କରାଯାଇପାରିବ, ସେଭଳି ପଦକ୍ଷେପ ଗ୍ରହଣ କରିବାକୁ କଡ଼ା ନିର୍ଦ୍ଦେଶ ରହିଛି । ମାମଲାର ପରବର୍ତ୍ତୀ ଶୁଣାଣି ପୂର୍ବରୁ ଗଞ୍ଜାମ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପି ଚିଙ୍ଗୁଡ଼ି ଘେରି ଉଚ୍ଛେଦ ନେଇ ସବିଶେଷ ତଥ୍ୟ ସରକାରଙ୍କୁ ଜଣାଇବେ। ପରବର୍ତ୍ତୀ ଶୁଣାଣି ସମୟରେ ସରକାରଙ୍କ ପକ୍ଷରୁ ଅପଟୁଡେଟ ଷ୍ଟାଟସ୍ ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍. ମୁରଲୀଧର ଓ ଜଷ୍ଟିସ ଆର୍. କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଆମିକସ୍‌କ୍ୟୁରି ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ ଯେ, ସମଗ୍ର ଦେଶରେ ରହିଥିବା ଆର୍ଦ୍ରଭୂମିଗୁଡ଼ିକର ସୁରକ୍ଷା ମାମଲାରେ ସୁପ୍ରିମକୋର୍ଟ ଶୁଣାଣି କରି ୧୫ଟି ରାଜ୍ୟର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁସାରେ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରି ନିୟମିତ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଜିଲା ପ୍ରଶାସନଗୁଡିକୁ ନିର୍ଦ୍ଦେଶ ଦେଉଛନ୍ତି।

## ରାଜ୍ୟପାଳ, ମନ୍ତ୍ରୀ, ବିଧାୟକ, ପୋଲିସ ରାଖୀ ବାନ୍ଧିଲେ

ଭୁବନେଶ୍ୱର,୧୧।୮(ବ୍ୟୁରୋ) - ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ ସେବାକେନ୍ଦ୍ରର ସଂଚାଳିକା ବ୍ରହ୍ମାକୁମାରୀ ଗୀତା ଭଉଣୀ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ରାଜଭବନରେ ରାଖୀ ବାନ୍ଧିଥିଲେ। ତାଙ୍କ ସହ ବ୍ରହ୍ମାକୁମାରୀ ତ୍ରିପୁରା, ବ୍ରହ୍ମାକୁମାରୀ ଶୃତିଲାନା, ବ୍ରହ୍ମାକୁମାର ନିର୍ମଳ ଓ ବ୍ରହ୍ମାକୁମାର ଅରୁଣ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ମୁଖ୍ୟ ସେବାକେନ୍ଦ୍ରରେ ୫୦୦ରୁ ଉର୍ଦ୍ଧ୍ୱ ଭଉଣୀଭାଇଙ୍କୁ ରାଖୀ ବନ୍ଧାଯାଇଥିଲା। ସେହିପରି ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ପକ୍ଷରୁ ଗାଇଡସ୍‌ମାନେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ବାଚସ୍ପତି ବିକ୍ରମ କେଶରୀ ଆରୁଖ, ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ସଭାପତି ଅତନୁ ସବ୍ୟସାଚୀ ନାୟକ, ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ସୁଶାନ୍ତ କୁମାର ରାଉତ, ଅନନ୍ତ ନାରାୟଣ ଜେନା, ଟି. ପ୍ରସାଦ ରାଓ ଦୋରା, ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ହାତରେ ରାକ୍ଷୀ ବାନ୍ଧି ରକ୍ଷାବନ୍ଧନର ଶୁଭେଚ୍ଛା ଜଣାଇଥିଲେ। ଏଥିସହ ରେଳ ଷ୍ଟେଶନ, ଜେଲ୍, ଟ୍ରାଫିକ୍ ଛକରେ କର୍ମଚାରୀ ଓ ଜନସାଧାରଣଙ୍କ ହାତରେ ରାଖୀ ବାନ୍ଧିଥିଲେ। ରେଞ୍ଜରମାନେ ସୀମାରେ କାମ କରୁଥିବା ଜବାନଙ୍କ ପାଇଁ ମଧ ରାକ୍ଷୀ ପଠାଇଥିଲେ।

# ନୂଆ ରୂପ ନେବ ଅଲାରନାଥ ପୀଠ

**ବିକାଶ କାର୍ଯ୍ୟର ସମୀକ୍ଷା କଲେ ୫-ଟି ସଚିବ**

ବ୍ରହ୍ମଗିରି,୧୧।୮(ଡି.ଏନ.ଏ)

ଓଡ଼ିଶାର ପ୍ରସିଦ୍ଧ ମନ୍ଦିର ତଥା ଧର୍ମାନୁଷ୍ଠାନର ସୌନ୍ଦର୍ଯ୍ୟକରଣ ଓ ଉନ୍ନତି ପାଇଁ ସରକାର ବିଶେଷ ଧ୍ୟାନ ଦେଇଆସୁଛନ୍ତି। ଶ୍ରୀମନ୍ଦିର, ଲିଙ୍ଗରାଜ ମନ୍ଦିର, ତାରାତାରିଣୀ ମନ୍ଦିର ଭଳି ପୁରୀ ଜିଲାର ବ୍ରହ୍ମଗିରିସ୍ଥିତ ପ୍ରଭୁ ଅଲାରନାଥଙ୍କ ପୀଠ ନୂଆ ରୂପ ନେବ। ମନ୍ଦିର ସହ ପରିସରର ବିକାଶ ପାଇଁ ଏବେ ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ବ୍ରହ୍ମଗିରି ଗସ୍ତ କରିଥିଲେ। ଅପରାହ୍ନ ୫ଟାରେ ପ୍ରଭୁ ଅଲାରନାଥଙ୍କ ମନ୍ଦିରରେ ପହଞ୍ଚି ଠାକୁରଙ୍କ ଦର୍ଶନ କରିବା ସହ ବିକାଶ ସଂକ୍ରାନ୍ତରେ ସେବାୟତ, ପ୍ରଶାସନ ସହ ଆଲୋଚନା କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ସହ ବ୍ରହ୍ମଗିରି ଅଲାରନାଥଙ୍କ ସମ୍ପର୍କ ରହିଛି। ଶ୍ରୀକ୍ଷେତ୍ର ଭଳି ଅଲାରନାଥ ପୀଠ ମଧ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଭ କରିଛି। ଏଠାକୁ ବର୍ଷସାରା ଭକ୍ତଙ୍କ ଆଗମନ ଲାଗି ରହିଥିବାବେଳେ ବିଶେଷକରି ମହାପ୍ରଭୁଙ୍କ ଅନବସର ଦର୍ଶନ ସମୟରେ ଏଠାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଏସବୁକୁ ଦୃଷ୍ଟିରେ ରଖି ଏହି ଐତିହ୍ୟ ମନ୍ଦିର ତଥା ପୀଠର ବିକାଶ ଓ ଉନ୍ନତୀକରଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ୫-ଟି ସଚିବ ପାଣ୍ଡିଆନ ପ୍ରଥମେ ପ୍ରଭୁ ଅଲାରନାଥ ଓ ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପରେ ମନ୍ଦିରର ବିଭିନ୍ନ ସମସ୍ୟା ଓ ପାରିପାର୍ଶ୍ୱିକ ସ୍ଥିତି ସମ୍ପର୍କରେ ସେବାୟତଙ୍କ ସହ ଆଲୋଚନା କରି ମନ୍ଦିର ପରିସର, ଆନନ୍ଦ ବଜାର, ଚୈତନ୍ୟ ମନ୍ଦିର ଓ ଲକ୍ଷ୍ମୀମନ୍ଦିର ବୁଲି ଦେଖିଥିଲେ । ଅଲାରନାଥ ମନ୍ଦିର ପରିସରରୁ ଜଳ ନିଷ୍କାସନ, ରୋଷଘରର ଆବର୍ଜନା, ପାର୍କିଂ ବ୍ୟବସ୍ଥା ଆଦି ସମସ୍ୟା ସମ୍ପର୍କରେ ସେବାୟତମାନେ ଅବଗତ କରିଥିଲେ। ମନ୍ଦିରର ଚତୁଃପାର୍ଶ୍ୱର ବିକାଶ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ପାଣ୍ଡିଆନ ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ମନ୍ଦିରର ଚତୁଃପାର୍ଶ୍ୱରେ ଥିବା ଠାକୁରଙ୍କ ଜମି, ମନ୍ଦିର ନିକଟରେ ଥିବା ମଠ ସମ୍ପତ୍ତି ଓ ସର୍ବ ସାଧାରଣ ଜାଗା ଚିହ୍ନଟ କରାଯାଇ ବ୍ରହ୍ମଗିରି ତହସିଲ ତରଫରୁ ଏକ ନକ୍ସା ପ୍ରସ୍ତୁତ କରାଯାଇଛି। ପରେ ମନ୍ଦିର ବିକାଶ ସମ୍ପର୍କରେ ସମୀକ୍ଷା କରାଯାଇ ଆଗାମୀ କାର୍ଯ୍ୟକ୍ରମ ପ୍ରସ୍ତୁତି ହେବ ବୋଲି ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ୫-ଟି ସଚିବଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲାପାଳ, ବ୍ରହ୍ମଗିରି ତହସିଲଦାର କାହ୍ନୁଚରଣ ଘଡାଇ, ବ୍ରହ୍ମଗିରି ଥାନାଧିକାରୀ ମନୋଜ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।






**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ଜନ୍ମେଜୟ



@ ଦିନେଶ



@ ଜିତୁ



@ ଟୁକୁ

## କାଇ, ମଣିଷ ସମ୍ପର୍କକୁ ନେଇ ଚଳଚ୍ଚିତ୍ର 'ବଣ୍ଡିଂ ଗ୍ଲୁ'

ଭୁବନେଶ୍ୱର,୧୧।୮(ବ୍ୟୁରୋ)




କାଇ, ପିମ୍ପୁଡ଼ିରେ ରହିଛି ଭରପୂର ପ୍ରୋଟିନ। ସେଥିପାଇଁ ଓଡ଼ିଶାର ମୟୂରଭଞ୍ଜ ଜିଲାର ଲୋକେ କାଇକୁ ଚଟଣି କରି ଖାଇଥାନ୍ତି। ନିକଟରେ ଏହି ଖାଦ୍ୟକୁ ଜିଆଇ ଟ୍ୟାଗ୍ ଲାଗି ଆବେଦନ କରାଯାଇଥିଲା। ମଣିଷ ନିଜର ଇମ୍ୟୁନିଟି ବା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାକୁ କାଇଙ୍କୁ ମାରି ଖାଇଥାନ୍ତି। କାଇଙ୍କୁ ଧରିବା ପରେ ଗୋଟିଏ ସ୍ଥାନରେ ଏକତ୍ର କରି ଚଟଣି ପ୍ରସ୍ତୁତ କରାଯାଇଥାଏ। ତେବେ ନିଜର ସ୍ୱାର୍ଥ ହାସଲ ପାଇଁ ନିରୀହ ଜୀବଗୁଡ଼ିକୁ ମାରି ମଣିଷ ଜାତି ସ୍ୱାର୍ଥପରତାର ପରିଚୟ ଦେଉଛି। ଏହାକୁ ନେଇ ପ୍ରସ୍ତୁତ ହୋଇଛି କ୍ଷୁଦ୍ର ଚଳଚ୍ଚିତ୍ର 'ବଣ୍ଡିଂ ଗ୍ଲୁ'। ମଣିଷ ଓ କାଇଙ୍କ ସମ୍ପର୍କ ରକ୍ଷା ସହ ଉଭୟ ପ୍ରାଣୀ ସୁରକ୍ଷିତ ରହିବାର ବାର୍ତ୍ତା ଦେଇଛି ଏହି ଚଳଚ୍ଚିତ୍ର। ପ୍ରଯୋଜକ ରାଜଗୋପାଳ ସିଂ ଓ ଲିଲିମା ସିଂ ଏହାର ପ୍ରଯୋଜନା ଦେଇଛନ୍ତି। ଲିଲିମା ସିଂ ପ୍ରଡକ୍ସନ ପକ୍ଷରୁ ପ୍ରସ୍ତୁତ ଏହି କ୍ଷୁଦ୍ର ଚଳଚ୍ଚିତ୍ର ଇଂଲିଶ ଭାଷାରେ ତିଆରି ହୋଇଛି। ଏହାର ସ୍କ୍ରିପ୍ଟ ଶୁଭେନ୍ଦୁ ମହାନ୍ତି ଲେଖିଥିବାବେଳେ ସଙ୍ଗୀତ ବିକାଶ ଦାସ, ସ୍ୱର ପ୍ରତାପ କୁମାର ସାମନ୍ତସିଂପୁର ଓ ଏଡିଟିଂ ସାନୁ କରିଛନ୍ତି। ଶୁଟିଂ କଳାହାଣ୍ଡି ଜିଲାର ଭବାନୀପାଟଣାଠାରେ ହୋଇଛି। ଏହାଖୁବ୍ ଶୀଘ୍ର ମୁକ୍ତିଲାଭ କରିବା ସହ ମୁମ୍ବାଇ ଓ ଗୋଆର ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲକୁ ପଠାଯିବ ବୋଲି ପ୍ରଯୋଜକ ସିଂ କହିଛନ୍ତି। ଏହା ପୂର୍ବରୁ ସେମାନଙ୍କ ୨ଟି ଫିଲ୍ମ ଅନ୍ତର୍ଜାତୀୟ ପୁରସ୍କାର ଲାଭ କରିଛି।

## ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି

ପୁରୀ ଅଫିସ,୧୧।୮

ଶ୍ରୀମନ୍ଦିର ରତ୍ନଭଣ୍ଡାର ପ୍ରସଙ୍ଗକୁ ନେଇ ଦୀର୍ଘଦିନରୁ ରହିଆସିଥିବା ଦ୍ୱନ୍ଦ୍ୱ ଦୂର ହେବା ନେଇ ରାସ୍ତା ଫିଟୁଛି। ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ହୋଇଥିବା ହେତୁ ଏହାର ସ୍ଥିତି ଯାଞ୍ଚ ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖାଯାଇଛି। ଗତ ୮ ତାରିଖରେ ଏଏସ୍‌ଆଇ(ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା)ର ସୁପରିଣ୍ଟେଣ୍ଡେଣ୍ଟ ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି କରାଯାଇଥିବା ସୂଚନା ମିଳିଛି। ପ୍ଲାଷ୍ଟର ଖରାପ ହୋଇଯାଇଥିବା ହେତୁ ଭିତର ରତ୍ନଭଣ୍ଡାର ଖୋଲିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ସବୁ ପ୍ରକାର କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ରାଜ୍ୟ ଆଇନ ବିଭାଗ ଓ ଏଏସ୍‌ଆଇ ଡିଜିଙ୍କୁ ମଧ ଏ ନେଇ ଚିଠି ଲେଖାଯାଉଛି।

ନିକଟ ଅତୀତରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ କହିଥିଲେ ଯେ, ରତ୍ନ ଭଣ୍ଡାର ମରାମତି ଦାୟିତ୍ୱ ଆମ ସଂସ୍ଥା ପାଖରେ ନାହିଁ। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ଅନୁମତି ଦେଲେ ସ୍ଥିତି ଅନୁଧ୍ୟାନ କରାଯାଇ ମରାମତି କରାଯିବ। ଅନ୍ୟପକ୍ଷେ ଏଏସ୍‌ଆଇ ପକ୍ଷରୁ ମିଳିଥିବା ଚିଠିକୁ ନେଇ ଶ୍ରୀମନ୍ଦିର ପ୍ରଶାସନର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଏ ନେଇ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ଏଏସ୍‌ଆଇ ଚିଠି କରିବା ପରେ ସବୁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଉପରେ ନିର୍ଭର କରୁଛି। ଶ୍ରୀମନ୍ଦିର ପ୍ରଶାସନ ପ୍ରସଙ୍ଗକୁ ଗୁରୁତର ସହ ନେଇ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ପାଇଁ ଅନୁମତି ଦେବା ଦରକାର। ଫଳରେ ରତ୍ନଭଣ୍ଡାର ଖୋଲାଯାଇ ମରାମତି ହେବା ସହ ଭିତର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣନା ହୋଇପାରିବ। ସେହିଭଳି ଶ୍ରୀମନ୍ଦିର ଭଣ୍ଡାର ମେକାପ କହିଥିଲେ, ରତ୍ନଭଣ୍ଡାର ବାହାର ଘରେ ପାଣି ଗଳୁଛି। ଏଣୁ ଭିତର ରତ୍ନଭଣ୍ଡାର ସ୍ଥିତି ଆହୁରି ଖରାପ ଥିବା ଆଶଙ୍କା କରାଯାଉଛି। ଏଣୁ ସରକାର କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଧର୍ମୀୟ ଭାବନାକୁ ସମ୍ମାନ ଜଣାଇ ରତ୍ନ ଭଣ୍ଡାର ଖୋଲିବା ନେଇ ନିଷ୍ପତ୍ତି ନିଅନ୍ତୁ।



ଉଲ୍ଲେଖଯୋଗ୍ୟ, ୨୦୧୮ରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏକ ୧୭ଜଣିଆ ପ୍ରାଧିକୃତ କମିଟି ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ପାଇଁ ଯାଇଥିଲେ। ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ଥିବା, କାନ୍ଥରୁ ପାଣି ଗଳୁଥିବା ଓ ଲୁହାରଡ଼ ବାହାରକୁ ଦେଖାଯାଉଥିବା ରତ୍ନ ଭଣ୍ଡାର ରେଜିଷ୍ଟ୍ରରରେ ଉଲ୍ଲେଖ କରିଥିଲେ। ଏହାପରେ ଏକ ଯାଞ୍ଚ ରିପୋର୍ଟ ଦାଖଲ ହୋଇଥିଲା। ଯାଞ୍ଚ ରିପୋର୍ଟରେ ଯାନ୍ତ୍ରିକ ସମସ୍ୟା ସମ୍ପର୍କରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଗଲା। କେମିତି ଉଲ୍ଲେଖ କରିଥିଲେ ଯେ, ଶ୍ରୀମନ୍ଦିର ରତ୍ନ ଭଣ୍ଡାର ସ୍ଥିତି ଦୁର୍ବଳ ଥିବା ହେତୁ, ଏହାର ମରାମତି ଆବଶ୍ୟକ ଓ ବିଭିନ୍ନ ଯାନ୍ତ୍ରିକ ପରୀକ୍ଷା ନିରୀକ୍ଷା କରିବା ପାଇଁ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ପୁନଶ୍ଚ ସ୍ଥିତି ଅନୁଧ୍ୟାନ ପାଇଁ ପରାମର୍ଶ ଦେଇଥିଲେ। ପରେ ପରିଚାଳନା କମିଟି ଏହି ଅନୁଧ୍ୟାନ ରିପୋର୍ଟ ଉପରେ କେବେ ହେଲେ ଆଲୋଚନା କରିନାହିଁ। କିମ୍ବା ରାଜ୍ୟ ଆଇନ ବିଭାଗକୁ ଏ ନେଇ କୌଣସି ସୁପାରିସ କରି ନ ଥିଲେ। ଗତ ଅଗଷ୍ଟ ୬ରେ ହୋଇଥିବା ପରିଚାଳନା କମିଟିରେ ରତ୍ନଭଣ୍ଡାର ପ୍ରସଙ୍ଗ ଉଠାଇବାକୁ ସର୍ବସାଧାରଣରେ ଦାବି ଉଠିଥିଲେ ମଧ୍ୟ ପ୍ରସଙ୍ଗକୁ ଅଣଦେଖା କରାଯାଇଥିଲା।



ଓଡିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ପକ୍ଷରୁ ଗାଇଡସ୍‌ମାନେ ଗୁରୁବାର ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ହାତରେ ରାଖୀ ବାନ୍ଧୁଛନ୍ତି।





ରାଜ୍ୟସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଗୁରୁବାର ଅନୁଷ୍ଠିତ ଅଭ୍ୟାସ ପରେଡ଼। ଡିସିପି ପ୍ରତୀପ ସିଂ ଉତ୍ସବ ସ୍ଥଳ ଓ ଅଭ୍ୟାସ ପରେଡର ଅନୁଧ୍ୟାନ କରିଥିଲେ।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: ଗତ କିଛିଦିନ ହେବ ବିଦେଶୀ ବଜାରରେ ମାନ୍ଦାବସ୍ଥା ଦେଖାଦେଇଛି। ଫଳରେ ଭାରତୀୟ ଶେୟାର ବଜାରର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। କାରଣ ଦୀର୍ଘ ମାସ ପରେ ଗତ କିଛିଦିନ ହେବ ଷ୍ଟକ୍ ବଜାର କାରବାର ଉପର ତଳ ହେଉଥିଲେ ମଧ୍ୟ ବିଶେଷ କ୍ଷତି ଘଟୁନାହିଁ। ଫଳରେ ଉଭୟ ସେନ୍ସେକ୍ସ ଏବଂ ନିଫ୍ଟିରେ କାରବାର ଭଲ ଦେଖିବାକୁ ମିଳିଛି। ଗୁରୁବାର ସେନ୍ସେକ୍ସ ୫୧୫ (୫୧୫.୩୧) ପଏଣ୍ଟ ବଢି ୫୯,୩୩୩ (୫୯,୩୩୨.୬୦) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ୧୨୪ (୧୨୪.୨୫) ପଏଣ୍ଟ ବୃଦ୍ଧି ଘଟି ୧୭,୬୫୯ (୧୭,୬୫୯.୦୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଏସିଆ ଅର୍ଥନୀତିରେ ଭାରତ ସବୁଠୁ ଶକ୍ତିଶାଳୀ

ନୂଆଦିଲ୍ଲୀ,୧୧।୮

ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତ ଏସିଆର ସବୁଠାରୁ ଶକ୍ତିଶାଳୀ ଅର୍ଥନୀତି ପାଲଟିବ। ଏପରିକି ଅର୍ଥନୈତିକ ପଲିସି ସଂସ୍କାର ବଳରେ ଘରୋଇ ଚାହିଦା ବଢ଼ାଇବା ଲାଗି ଭାରତ ଭଲ ଭାବେ ପ୍ରସ୍ତୁତ କରୁଛି ବୋଲି ମୋର୍ଗାନ ଷ୍ଟାନ୍‌ଲେ ତା'ର ବାର୍ଷିକ ରିପୋର୍ଟରେ ପ୍ରକାଶ କରିଛି। ଯୁବ କାର୍ଯ୍ୟବଳ ଏବଂ ନିବେଶ ଭାରତୀୟ ଅର୍ଥନୀତି ପାଇଁ ବରଦାନ ସାବ୍ୟସ୍ତ ହେବ ବୋଲି ସଂସ୍ଥା ଉକ୍ତ ରିପୋଟରେ ଉଲ୍ଲେଖ କରିଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତର ହାରାହାରି ଅଭିବୃଦ୍ଧି ୭% ରହିବ। ଏସିଆ ଏବଂ ବିଶ୍ୱ ଅଭିବୃଦ୍ଧିକୁ ଏହା ଯଥାକ୍ରମେ ୨୮% ଏବଂ ୨୨% ଯୋଗଦାନ ଦେବ ବୋଲି ମୋର୍ଗାନ ଷ୍ଟାନ୍‌ଲେର ବରିଷ୍ଠ ଅର୍ଥନୀତିଜ୍ଞମାନେ ମତ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୧-୨୨ ଆର୍ଥିକବର୍ଷରେ ଏସିଆର ତୃତୀୟ ବୃହତ୍ ଅର୍ଥନୀତି ଭାବେ ଭାରତ ୯.୨% ବଢ଼ିଥିଲା। ହେଲେ କୋଭିଡ୍-୧୯ ଯୋଗୁ ଅର୍ଥନୀତିରୁ ଦେଶ ମୁକୁଳିଥିଲା। ଫଳରେ ମହାମାରୀ ପ୍ରଭାବରେ ୨୦୨୦-୨୧ରେ ଭାରତୀୟ ଅର୍ଥବ୍ୟବସ୍ଥା ୬.୬% ସଙ୍କୁଚିତ ହୋଇଥିଲା। ତେବେ ଅର୍ଥନୀତି ଏବେ ଠିକ୍ ଦିଗରେ ରହିଛି। ଦେଶର ନୀତିଗତ ସଂସ୍କାର ପ୍ରଗତିଶୀଳ ରହିଛି।



ଏଭଳି ସ୍ଥିତିରେ ଚଳିତ ଆର୍ଥିକ ବର୍ଷ ଭାରତୀୟ ଅର୍ଥନୀତି ଏସିଆର ଶକ୍ତିଶାଳୀ ଅର୍ଥବ୍ୟବସ୍ଥା ହେବ ବୋଲି ମୋର୍ଗାନ ଷ୍ଟାନ୍‌ଲେ ପ୍ରକାଶ କରିଛି। ସେହିପରି ୨୦୨୨-୨୩ରେ ଭାରତୀୟ ଅର୍ଥନୀତି ୮ରୁ ୮.୫% ବଢ଼ିବ ବୋଲି ଦେଶ ପୂର୍ବାନୁମାନ କରିଛି। ଅପରପକ୍ଷରେ ନିମ୍ନ କମ୍ପାନୀ ଟିକସ, ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ ସ୍କିମ୍ (ପିଏଲ୍‌ଆଇ), ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ବିବିଧତା ଘରୋଇ ଚାହିଦା ବଜାୟ ରଖିବ ବୋଲି ମୋର୍ଗାନ ଷ୍ଟାନ୍‌ଲେର ଅର୍ଥନୀତିଜ୍ଞମାନେ ମତ ପ୍ରକାଶ କରିଛନ୍ତି। ସମ୍ପ୍ରତି ଆମେରିକା ଏବଂ ୟୁରୋପୀୟ ଦେଶଗୁଡ଼ିକରେ ପ୍ରତିକୂଳ ପରିସ୍ଥିତି ସାଙ୍ଗକୁ ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ ରହିଛି। ଏଭଳି ପରିସ୍ଥିତିରେ ମୋର୍ଗାନ ଷ୍ଟାନ୍‌ଲେ ଭାରତ ପାଇଁ ଏକ ଭଲ ଖବର ଆକଳନ କରିଛି।

## ଜୁଲାଇରେ କୋଇଲା ଉତ୍ପାଦନ ୧୧% ବୃଦ୍ଧି

ନୂଆଦିଲ୍ଲୀ,୧୧।୮

କୋଇଲା ମନ୍ତ୍ରଣାଳୟ ଡାଟା ଅନୁସାରେ କୋଇଲାର ମୋଟ ଉତ୍ପାଦନ ଗତ ବର୍ଷ ତୁଳନାରେ ୧୧% ଅଧିକ ରହିଛି। ଚଳିତ ବର୍ଷ ଜୁଲାଇରେ କୋଇଲାର ମୋଟ ଉତ୍ପାଦନ ଗତ ବର୍ଷ ତୁଳନାରେ ୧୧.୩୭% ବୃଦ୍ଧି ସହ ୬ କୋଟି ଟନ ପାରକରିଛି। ଗତ ବର୍ଷ ଜୁଲାଇରେ ମୋଟ ୫.୪ କୋଟି ଟନ କୋଇଲା ଉତ୍ପାଦନ ହୋଇଥିଲା। ଦେଶର ୨୪ଟି ବୃହତ୍ କୋଇଲା ଖଣିରୁ ଉତ୍ପାଦନ ୧୦୦% ରହିଛି। ଅନ୍ୟ ୭ଟି ଖଣିରୁ ଉତ୍ପାଦନ ୮୦ରୁ୧୦୦% ମଧ୍ୟରେ ରହିଛି। ସେହିପରି ଜୁଲାଇରେ କୋଇଲା ସ୍ଥାନାନ୍ତର ୮.୫୧% ବଢି ୬.୭୮କୋଟି ଟନ୍‌ରେ ପହଞ୍ଚିଛି। ବିଜୁଳି ଚାହିଦା ବୃଦ୍ଧି ଯୋଗୁ ପାୱାର ପ୍ଲାଣ୍ଟଗୁଡ଼ିକୁ ପଠାଯାଉଥିବା କୋଇଲା ୧୭% ବୃଦ୍ଧି ପାଇ ୫.୮୪ କୋଟି ଟନ ହୋଇଛି।

## ମହିନ୍ଦ୍ରାର ନ୍ୟୁ ବୋଲେରୋ ମ୍ୟାକ୍ସ ପିକ୍-ଅପ୍



ଭୁବନେଶ୍ୱର,୧୧।୮

ଦେଶର ପ୍ରମୁଖ ଅଟୋଶିଳ୍ପ 'ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା' (ଏମ୍ ଆଣ୍ଡ ଏମ୍) ଲିମିଟେଡ୍ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ବେଲୋରୋ ମ୍ୟାକ୍ସ ପିକ୍-ଅପ୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି କମ୍ପାନୀର ବୋଲେରୋ ମ୍ୟାକ୍ସ ପିକ୍‌ଅପ୍ ସିଟି-୩୦୦୦ ବ୍ରାଣ୍ଡକୁ ମଧ୍ୟ ଉନ୍ମୋଚନ କରାଯାଇଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୭,୬୮,୦୦୦ ଟଙ୍କାରୁ ଆରମ୍ଭ ହୋଇଛି (ଏକ୍ସ ଶୋ'ରୁମ୍) ଓ ଏହା ୨୫ ହଜାର ଟଙ୍କାର ଡାଉନ୍ ପେମେଣ୍ଟ ଓ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ସହ ମଧ୍ୟ ଉପଲବ୍ଧ ହେଉଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର 'ଉତ୍କଳ ଅଟୋମୋବାଇଲ୍ସ ପ୍ରା.ଲି. ପରିସରରେ ଏହାର ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଉତ୍କଳ ଅଟୋମୋବାଇଲ୍ସର ଜିଏମ୍ (ସେଲ୍‌ସ) ଶୁଭେନ୍ଦୁ ପଟ୍ଟନାୟକ, ବିଡିଏମ୍ (ସେଲ୍‌ସ) ପ୍ରସନ୍ନ କୁମାର ମଲ୍ଲିକ ଏବଂ ଏମ୍ ଆଣ୍ଡ ଏମ୍‌ର ଏଏସ୍‌ଏମ୍ ମନୋଜ ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ଏହାର ଉନ୍ମୋଚନ କରାଯାଇଥିଲା।

ଏଥିରେ ଆଇମ୍ୟାକ୍ସ ଟେଲିମେଟିକ୍ସ ସମାଧାନ ରହିଛି, ଯାହା ବ୍ୟବସାୟ ଦକ୍ଷତାରେ ଉନ୍ନତି ଆଣିବା ସହ ମାନସିକ ଶାନ୍ତି ପ୍ରଦାନ କରିବ। ଏଥିରେ ଉଚ୍ଚତା ବଦଳାଇ ହେଉଥିବା ଡ୍ରାଇଭର ସିଟ୍, ଟର୍ନ ସେଫ୍ ଲାଇଟ୍, ଅଧିକ ଲେଗ୍ ରୁମ୍ ଭଳି ସୁବିଧା ମଧ୍ୟ ରହିଛି। ଏହାର ଏମ୍୨ଡିଆଇ ଇଞ୍ଜିନ ଲିଟର ପିଛା ୧୭.୨ କି.ମି. ମାଇଲେଜ୍ ପ୍ରଦାନ କରୁଥିବାବେଳେ ପ୍ରାୟ ୧୩୦୦ କେଜିର ଅଧିକ ଅପ୍‌ଲୋଡ୍ କ୍ଷମତା ରହିଛି। ଉନ୍ନତ ଲୋଡିଂ ପାଇଁ ଏଥିରେ ଆର୍୧୫ ଟାୟାର ବ୍ୟବହାର କରାଯାଇଛି।

## କିଓରୋ ପ୍ଲସ୍ ହେଲ୍‌ଥ ଫାସିଲିଟି

ଭୁବନେଶ୍ୱର,୧୧।୮

ରାଜ୍ୟର ଏକ ପ୍ରମୁଖ ସ୍ୱାସ୍ଥ୍ୟଭିତ୍ତିକ ସଂସ୍ଥା ଆପ୍‌ନି ଫାର୍ମାସୀ ପକ୍ଷରୁ ଗୁରୁବାର ସ୍ଥାନୀୟ ଲକ୍ଷ୍ମୀସାଗରଠାରେ 'କିଓରୋ ପ୍ଲସ୍ ହେଲ୍‌ଥ ଫାସିଲିଟି'ର ଶୁଭାରମ୍ଭ କରାଯାଇଛି। ପ୍ରଥମ ଷ୍ଟୋରର ବ୍ୟାପକ ସଫଳତା ପରେ ରାଖୀ ପୂର୍ଣ୍ଣିମା ଅବସରରେ ସଂସ୍ଥାର ୨ୟ ଷ୍ଟୋରର ଶୁଭାରମ୍ଭ ହୋଇଯାଇଛି। ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସିର ୪୩ ନମ୍ବର ୱାର୍ଡ କର୍ପୋରେଟର ଭରତ କୁମାର ଲେଙ୍କା, କିଓରୋ ପ୍ଲସ୍ (ଆପ୍‌ନି ଫାର୍ମାସୀ) ର ପ୍ରତିଷ୍ଠାତା ମଣିଶଙ୍କର ପଣ୍ଡା ଏବଂ ସହ ପ୍ରତିଷ୍ଠାତା ବିଜନ ଜେନାଙ୍କ ସମେତ କିଓରୋ ପ୍ଲସ୍‌ର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଶେଷକରି ଏଠାରେ ସବୁ ବର୍ଗର ଔଷଧ ଉପରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ସାଙ୍ଗକୁ ରୋଗୀଙ୍କୁ ଆବଶ୍ୟକ ଡାକ୍ତରୀ ପରାମର୍ଶ ଏବଂ ମେଡିକାଲ ସାମଗ୍ରୀର ହୋମ୍ ଡେଲିଭରିର ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ସେହିଭଳି ମେଡିକାଲ ସମ୍ବନ୍ଧୀୟ ଅନେକ ପ୍ରକାର ସୁବିଧା ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି। ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ସହରରେ ଏହାର ଷ୍ଟୋର ଖୋଲିବ ବୋଲି ମଣିଶଙ୍କର ମତବ୍ୟକ୍ତ କରିଛନ୍ତି।




## ଅଗଷ୍ଟ ୨୧ରେ 'ଏଇ ରାଖୀ ତୋ ରକ୍ଷାକବଚ'



ଜୀ ସାର୍ଥକ ଫିଲ୍ମସରେ ରାଖୀ ସ୍ୱତନ୍ତ୍ର ଚଳଚ୍ଚିତ୍ରର ପ୍ରମୁଖ କଳାକାର ଓ ଅନ୍ୟମାନଙ୍କ ଦ୍ୱାରା 'ଏଇ ରାଖୀ ତୋ ରକ୍ଷାକବଚ'ର ପୋଷ୍ଟର ଓ ଅଡିଓ ରିଲିଜ କରାଯାଉଛି।

ଭୁବନେଶ୍ୱର,୧୧।୮

ରାଜ୍ୟର ପ୍ରମୁଖ ଘରୋଇ ମନୋରଞ୍ଜନଭିତ୍ତିକ ଚ୍ୟାନେଲ ଜୀ ସାର୍ଥକର 'ଜୀ ସାର୍ଥକ ଫିଲ୍ମସ'ରେ ରାଖୀ ପୂର୍ଣ୍ଣିମା ଅବସରରେ ନୂଆ ସିନେମା 'ଏଇ ରାଖୀ ତୋ ରକ୍ଷା କବଚ' ର ପୋଷ୍ଟର ଓ ଅଡିଓ ରିଲିଜ ହୋଇଯାଇଛି। ଉକ୍ତ ଚଳଚ୍ଚିତ୍ରରେ ଭାଇ-ଭଉଣୀର ସମ୍ପର୍କକୁ ଏକ ସୁନ୍ଦର ରୂପରେ ଅବତାରଣା କରାଯାଇଥିବା ବେଳେ ସମ୍ପୂର୍ଣ୍ଣ ପାରିବାରିକ କାହାଣୀକୁ ନେଇ ଏହି ଚଳଚ୍ଚିତ୍ର ଗତିଶୀଳ ହୋଇଛି। ଉକ୍ତ ଚଳଚ୍ଚିତ୍ର ଆସନ୍ତା ଅଗଷ୍ଟ ୨୧ ରବିବାର ସନ୍ଧ୍ୟା ୬ଟା୩୦ରେ ଜୀ ସାର୍ଥକରେ ପ୍ରସାରିତ ହେବ। ଏଥିରେ କ୍ଷୀରୋଦ ପଟ୍ଟନାୟକ ପ୍ରଯୋଜନା ଦେଇଥିବା ବେଳେ ଲିପ୍ସା ମିଶ୍ର ସହ ପ୍ରଯୋଜନା ଭାର ଗ୍ରହଣ କରିଛନ୍ତି। ସେହିଭଳି ଗିମିକ ମାଷ୍ଟର ସଞ୍ଜୟ ନାୟକ ଉକ୍ତ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି। ପୂର୍ବରୁ ରାଖୀକୁ ନେଇ ସଞ୍ଜୟ ସୁପରହିଟ୍ 'ରାଖୀ ବାନ୍ଧିଲି ମୋ ରଖିବ ମାନ' ଭଳି ଫିଲ୍ମ ନିର୍ମାଣ କରିଥିଲେ, ଯେଉଁଥିରେ ସ୍ୱର୍ଗତ ମିହିର ଦାସଙ୍କ ସହ ସିଦ୍ଧାନ୍ତ ମହାପାତ୍ର ଓ ଅନୁ ଚୌଧୁରୀଙ୍କୁ ଦେଖିବାକୁ ମିଳିଥିଲା। ତେବେ ଏହି ଚଳଚ୍ଚିତ୍ରରେ ଗିମିକ ମାଷ୍ଟର ସଞ୍ଜୟ କ'ଣ ନୂଆ କରିବାକୁ ଯାଉଛନ୍ତି ତାକୁ ସମସ୍ତେ ଅପେକ୍ଷା କରିଛନ୍ତି। ଏହି ଚଳଚ୍ଚିତ୍ରର ଗୀତଗୁଡ଼ିକ୍ ବହୁ ସୁମଧୁର ହୋଇଥିବାରୁ ଦର୍ଶକମାନେ ପସନ୍ଦ କରିବେ। ରାଖୀକୁ ନେଇ ଅନେକ ଓଡ଼ିଆ ଚଳଚ୍ଚିତ୍ର ପରଦାକୁ ଆସିଛି। କିନ୍ତୁ ଗତ କିଛି ବର୍ଷ ହେବ ରାଖୀକୁ ବଡ଼ପରଦାରେ ଦେଖିବାକୁ ମିଳି ନ ଥିଲା। ଅନେକ ଦିନ ପରେ ରାଖୀକୁ ନେଇ ଓଡ଼ିଆ ସିନେମା ନିର୍ମାଣ ହୋଇଥିବା ବେଳେ ଏହା ଦର୍ଶକଙ୍କୁ ଆକୃଷ୍ଟ କରିବାରେ ସଫଳ ହେବ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଉଛି।

## ପିଏନ୍‌ବି ଦ୍ୱାରା 'ଫିଲ୍ମ ସମୀକ୍ଷା ଲେଖା ପ୍ରତିଯୋଗିତା'

ଭୁବନେଶ୍ୱର,୧୧।୮

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ଏବଂ ଟାଉନ୍ ଅଫିସିଆଲ୍ ଲାଙ୍ଗୁଏଜ୍ ଇମ୍ପ୍ଲିମେଣ୍ଟେସନ କମିଟି (ବ୍ୟାଙ୍କ) ଭୁବନେଶ୍ୱରର ସହଯୋଗିତାରେ ଏକ 'ଫିଲ୍ମ ସମୀକ୍ଷା ଲେଖା ପ୍ରତିଯୋଗିତା' ନିକଟରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଟାଉନ ଅଫିସିଆଲ୍ ଲାଙ୍ଗୁଏଜ୍ ଇମ୍ପ୍ଲିମେଣ୍ଟେସନ୍ କମିଟି (ବ୍ୟାଙ୍କ)ର ସହାୟକ ମହାପ୍ରବନ୍ଧକ ଏବଂ ଅନ୍ୟ ବ୍ୟାଙ୍କର ଅଫିସିଆଲ୍ ଲାଙ୍ଗୁଏଜ୍ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଉଦୟ ଭାସ୍କର ରେଡ୍ଡୀ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ ଏବଂ ଅଫିସିଆଲ୍ ଲାଙ୍ଗୁଏଜ୍ ପଲିସିର କାର୍ଯ୍ୟାନ୍ୱୟନ ସମୀକ୍ଷା ନିମନ୍ତେ ଏହି ଟୋଲିକ୍ ଗଠନର ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ। ଏହିପରି ପ୍ରତିଯୋଗିତା ବିଭିନ୍ନ ସମୟରେ ଆୟୋଜିତ ହେବା ସହ ପରସ୍ପର ସହିତ ଯୋଗାଯୋଗ ଏବଂ ଭାବାନୁପ୍ରଦାନ ଓ ସହଭାଗିତା ଏହା ମାଧ୍ୟମରେ ସହଜ ହେବ ବୋଲି ରେଡ୍ଡୀ ମତ ପ୍ରକାଶ କରିଥିଲେ। ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟର ଉପ-ମହାପ୍ରବନ୍ଧକ ଉମାକାନ୍ତ ଦାସ ସମସ୍ତ ଅଂଶଗ୍ରହଣକାରୀ ଏବଂ ଅଫିସିଆଲ୍ ଲାଙ୍ଗୁଏଜ୍ ଅଧିକାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁର୍‌ସତ

# ୨୦ ଟଙ୍କା ପାଇଁ ୨୨ ବର୍ଷ ଲଢ଼େଇ

### ଟିକେଟ ବାବଦକୁ ଅଧିକ ଅର୍ଥ ନେଇଯାଇଥିଲା ରେଲୱେ

**ମୁମ୍ବାଇ:** ଟିକେଟ ପାଇଁ ରେଲୱେ ୨୦ ଟଙ୍କା ଅଧିକ ନେଇଯାଇଥିବାରୁ ଏହା ବିରୋଧରେ ୨୨ ବର୍ଷ ହେଲା ଆଇନଗତ ଲଢ଼େଇ ଲଢ଼ିଥିବା ଉତ୍ତରପ୍ରଦେଶର ଆଇନଜୀବୀ ତୁଙ୍ଗନାଥ ଚତୁର୍ବେଦୀ ଏବେ ବେଶ୍ ଚର୍ଚ୍ଚାରେ। ୧୯୯୯ ମସିହାରୁ କୋର୍ଟରେ ଚାଲିଥିବା ଏହି ମାମଲାରେ ସେ ଜିତିଛନ୍ତି। ଗତ ସପ୍ତାହରେ ଏକ ଖାଉଟି ଅଦାଲତ ଚତୁର୍ବେଦୀଙ୍କ ସପକ୍ଷରେ ରାୟ ଶୁଣାଇ ବାର୍ଷିକ ୧୨% ସୁଧ ସହ ୨୦ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

୬୬ ବର୍ଷୀୟ ଚତୁର୍ବେଦୀଙ୍କ କହିବା ଅନୁସାରେ, ୟୁପିର ମଥୁରା କ୍ୟାଣ୍ଟନମେଣ୍ଟ ରେଳ ଷ୍ଟେଶନରେ ଏହି ଘଟଣା ଘଟିଥିଲା। ସେ ମଥୁରାରୁ ମୋରଦାବାଦ ଯାଉଥିବାବେଳେ ଜଣେ କ୍ଲର୍କ ୨ଟି ଟିକେଟ ବାବଦରେ ତାଙ୍କଠାରୁ ଅଧିକ ଟଙ୍କା ନେଇଥିଲେ। ସେତେବେଳେ ପ୍ରତି ଟିକେଟ ମୂଲ୍ୟ ୩୫ ଟଙ୍କା ରହିଥିବାବେଳେ ଚତୁର୍ବେଦୀ କ୍ଲର୍କଙ୍କୁ ଏକ ଶହେ ଟଙ୍କିଆ ନୋଟ ଦେଇଥିଲେ। କ୍ଲର୍କ ତାଙ୍କୁ ୩୦ ଟଙ୍କା ବଦଳରେ ୧୦ ଟଙ୍କା ଫେରାଇଥିଲେ। ଏହା ବିରୋଧରେ ଚତୁର୍ବେଦୀ ଉତ୍ତର-ପୂର୍ବ ରେଲୱେ (ଗୋରଖପୁର)ରେ ମାମଲା ଦାଏର କରିବା ସହ ସମ୍ପୃକ୍ତ କ୍ଲର୍କଙ୍କ ବିରୋରେ ମଥୁରା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣିବେଳେ ଚତୁର୍ବେଦୀ ପ୍ରାୟ ୧୨୦ ଥର କୋର୍ଟକୁ ଯାଇଥିଲେ। ଦୀର୍ଘ ବର୍ଷର ଲଢ଼େଇ ପରେ ଅଦାଲତ ରେଲୱେ ତାଙ୍କୁ ୧୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦ ଟଙ୍କା ସହ ୧୯୯୯ରୁ ୨୦୨୨ ପର୍ଯ୍ୟନ୍ତ ଏହା ଉପରେ ବାର୍ଷିକ ୧୨% ସୁଧହାରରେ ଅର୍ଥ ଦେବାକୁ ଅଦାଲତ ରାୟ ଦେଇଛନ୍ତି। ମାସକ ଭିତରେ ରେଲୱେ ଏହି ଅର୍ଥ ଚତୁର୍ବେଦୀଙ୍କୁ ନ ଫେରାଇଲେ ବାର୍ଷିକ ୧୫% ସୁଧହାରରେ ଟଙ୍କା ଦେବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି।





## ଅଟୋ ଚାଳକଙ୍କୁ ରାଖୀ ପିନ୍ଧାଇଲେ



ଅଦା ଶର୍ମା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଅଦା ଶର୍ମା ରକ୍ଷାବନ୍ଧନ ଅବସରରେ ଅଟୋ ଚାଳକଙ୍କୁ ରାଖୀ ବାନ୍ଧି ଚର୍ଚ୍ଚାକୁ ଆସିଛନ୍ତି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଅଦାଙ୍କ କେହି ଭାଇ ନାହାନ୍ତି। ସେ ଅଟୋ ଚାଳକଙ୍କ ସହ ରାସ୍ତାରେ କେତେଜଣ ବ୍ୟକ୍ତିଙ୍କୁ ରାଖୀ ବାନ୍ଧୁଥିବା ଦେଖିବାକୁ ମିଳିଛି। ଅଦା କହିଛନ୍ତି, ମୁମ୍ବାଇରେ ଏହି ଲୋକଙ୍କ ପାଇଁ ଆମେ ଝିଅମାନେ ସୁରକ୍ଷିତ ଭାବେ ଯାତାୟାତ କରିପାରୁଛୁ। ସେଥିପାଇଁ ଅଦା ସେମାନଙ୍କୁ ରାଖୀ ପିନ୍ଧାଇ ଧନ୍ୟବାଦ ଦେଇଛନ୍ତି। ଅଦା ତାଙ୍କର ଏହି ଫଟୋକୁ ସୋସିଆଲ ମିଡିଆରେ ଛାଡିବା ପରେ ଅନେକେ ଏହାକୁ ପସନ୍ଦ କରିଛନ୍ତି। ବିକ୍ରମ ଭଟ୍ଟଙ୍କ ଫିଲ୍ମ ୧୯୨୦ରେ ଅଦାଙ୍କ ଅଭିନୟ ପରେ ସେ ଚର୍ଚ୍ଚାକୁ ଆସିଥିଲେ। ଏହା ପରେ ସେ କମାଣ୍ଡୋ-୨, କମାଣ୍ଡୋ-୩ରେ ନଜରକୁ ଆସିଛନ୍ତି। ତେବେ ଅଦାଙ୍କ ଆଗକୁ ଏକ ଫିଲ୍ମ ଆସୁଛି, ଯାହାର ନାମ ରହିଛି 'କ୍ୱେଶ୍ଚନ୍ ମାର୍କ'। ସିନେମାରେ ଭିପ୍ର ନିର୍ଦ୍ଦେଶନା ଦେଇଛନ୍ତି।

## ବିମାନରେ ସିଗାରେଟ୍ ଟାଣି ଭିଡିଓ

**ନୂଆଦିଲ୍ଲୀ:** ବଡିବିଲ୍ଡର ତଥା ୟୁଟ୍ୟୁବର ବବି କଟାରିଆ ସ୍ପାଇସଜେଟ୍‌ର ଏକ ବିମାନରେ ସିଗାରେଟ୍ ଟାଣୁଥିବାର ଭିଡିଓ ବହୁଳ ପ୍ରସାରିତ ହୋଇଛି। ଏହାକୁ ନେଇ ବିବାଦ ଦେଖାଦେଇଥିବାବେଳେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗତ ଜାନୁୟାରୀ ୨୩ରେ ବିମାନଟି ଦୁବାଇରୁ ନୂଆଦିଲ୍ଲୀ ଆସିବାବେଳେ ଏପରି ଘଟଣା ସାମ୍ନାକୁ ଆସିଥିଲା। ପୁରୁଣା ଭିଡିଓ ଉପରେ ସେତେବେଳେ ବବିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତାଙ୍କ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମରେ ମଧ୍ୟ ଏହି ଭିଡିଓ ନ ଥିବା ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋ ପକ୍ଷରୁ କୁହାଯାଇଛି। ଫ୍ଲାଇଟ୍‌ରେ ସିଗାରେଟ୍, ଲାଇଟର ଆଦି ନେବା ମନା ହୋଇଥିବାବେଳେ କିପରି ବବି ତାହାକୁ ଭିତରକୁ ନେଲେ ତାହାର ତଦନ୍ତ ଦାବି ହୋଇଛି। ସଫେଇ ଦେଇ ବବି କହିଛନ୍ତି, ତାଙ୍କ ବାୟୋପିକ୍ ଉପରେ ଶୁଟିଂ ଚାଲିଛି। ଦୁବାଇର ଏକ ଡେମୋ ପ୍ଲେନ୍‌ରେ ହୋଇଥିବା ଭିଡିଓ ଏବେ ପ୍ରସାରିତ ହେଉଛି। ପ୍ରକାଶ ଯେ, ବବିଙ୍କ ଇନ୍‌ଷ୍ଟାରେ ୬ ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱ ଫଲୋଅର୍ସ ଅଛନ୍ତି।

**ବିବାଦରେ ୟୁଟ୍ୟୁବର ବବି କଟାରିଆ**



## ସମାଜ ଗଠନରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



**ଅନ୍ତର୍ଜାତୀୟ ଯୁବ ଦିବସ**

ବିଶ୍ୱର ବିକାଶ ସହ ଏକ ସୁସ୍ଥ ସମାଜ ଗଠନରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ପ୍ରୟାସରେ ଆଜିର ପୃଥିବୀ ଆହୁରି ଉନ୍ନତ ହୋଇପାରିବ। ଏ ଦିଗରେ ଯୁବବର୍ଗଙ୍କ ଦକ୍ଷତା ଏବଂ ସେମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅଗଷ୍ଟ ୧୨ରେ ଅନ୍ତର୍ଜାତୀୟ ଯୁବ ଦିବସ (ଆଇୱାଇଡି) ପାଳନ କରାଯାଇଥାଏ। ଏହି ସଚେତନତା ଦିବସ ପାଳନ ଲାଗି ଜାତିସଂଘ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଉକ୍ତ ଦିବସ ପାଳନ ଲାଗି ଜାତିସଂଘ ଦ୍ୱାରା ୧୯୯୯ରେ ଏକ ପ୍ରସ୍ତାବ ୧୨୦ରୁ ୫୪ ସଦସ୍ୟ ରାଷ୍ଟ୍ରଙ୍କ ସହମତି କ୍ରମେ ଗ୍ରହଣ କରାଯାଇଥିଲା। ଏହାପରେ ପ୍ରଥମ ଅନ୍ତର୍ଜାତୀୟ ଯୁବ ଦିବସ ୧୨ ଅଗଷ୍ଟ, ୨୦୦୦ରେ ପାଳନ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ କନ୍‌ସର୍ଟ, କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଜାତୀୟ ତଥା ସ୍ଥାନୀୟ ସରକାରୀ ଅଧିକାରୀ ଏବଂ ଯୁବ ସଂଗଠନଙ୍କ ପକ୍ଷରୁ ଆୟୋଜନ ହୋଇଥାଏ।

## ନୌସେନା ଜାହାଜରେ ସଲମାନ



ନୂଆଦିଲ୍ଲୀ

ବଲିଉଡ୍ ଅଭିନେତା ସଲମାନ ଖାନ୍ ଫିଲ୍ମ ଶୁଟିଂରୁ ବ୍ରେକ୍ ନେଇ ଗୁରୁବାର ଦିନସାରା ଭାରତୀୟ ନୌସେନା ସହ ବିତାଇଛନ୍ତି। ନୌସେନା ଜାହାଜ ଆଇଏନ୍‌ଏସ୍ ବିଶାଖାପଟ୍ଟନମରେ ନାବିକଙ୍କୁ ଭେଟି ସଲମାନ ଉପକୂଳ ସୁରକ୍ଷାକର୍ମୀଙ୍କ ସହ ଆଲୋଚନା କରିଥିଲେ। ଏପରିକି ସେମାନଙ୍କ ସହ ସଲମାନ ନାଚଗୀତ କରୁଥିବାର ଫଟୋ ମଧ୍ୟ ସୋସିଆଲ ମିଡିଆରେ ପୋଷ୍ଟ ହୋଇଛି। ଏହି ଅଭିନେତା ସେଠାରେ ପୁଶ୍‌ଅପ୍ ଚ୍ୟାଲେଞ୍ଜରେ ଭାଗ ନେବା ସହ ରୋଷେଇ କରିଥିଲେ। ଏଥିସହ ଜାତୀୟ ପତାକା ମଧ୍ୟ ଉଡ଼ାଇଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ନନ୍ଦନକାନନରେ ବିଶ୍ୱ ହସ୍ତୀ ଦିବସ ପାଇଁ ପ୍ରସ୍ତୁତି

**ବାରଙ୍ଗ,୧୧।୮(ଡି.ଏନ୍.ଏ.):** ବିଶ୍ୱ ବ୍ୟାପୀ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅଗଷ୍ଟ ୧୨କୁ ବିଶ୍ୱ ହସ୍ତୀ ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ କୋଭିଡ୍ କଟକଣା କୋହଳ ହେବା ପରେ ଚଳିତବର୍ଷ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ସପ୍ତମ ବିଶ୍ୱହସ୍ତୀ ଦିବସ ପାଳନ ହେବ। ଏଥିପାଇଁ ପ୍ରାଣୀ ଉଦ୍ୟାନରେ ପ୍ରସ୍ତୁତି ଶେଷ ହୋଇଛି। ନନ୍ଦନକାନନରେ ଥିବା ବଡ଼ହାତୀ ବାସନ୍ତୀ, ପ୍ରେମା, ହୀରା ଓ ଛୁଆ ହାତୀ ମାମାକୁ ଏହି ଉତ୍ସବରେ ସାମିଲ କରାଯିବ। ଚଳିତବର୍ଷ ହାତୀଶାଳରେ ଏହାକୁ ପାଳନ କରାଯିବ। ଏହି ଅବସରରେ କର୍ତ୍ତୃପକ୍ଷ ଅନ୍‌ଲାଇନରେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା କରୁଥିବାବେଳେ ନନ୍ଦନକାନନ ବୁଲିବାକୁ ଆସିଥିବା ପର୍ଯ୍ୟଟକଙ୍କୁ ନେଇ ଦସ୍ତଖତ, ସ୍ଲୋଗାନ ଓ କୁଇଜ୍ ପ୍ରତିଯୋଗିତା କରାଯିବ। ସେହିପରି ହାତୀଙ୍କୁ ସୁଷମ ଖାଦ୍ୟ ଖାଇବାକୁ ଦିଆଯିବା ସହିତ ମାହୁନ୍ତଙ୍କୁ ସମ୍ମାନିତ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ସଫେଇ କର୍ମଚାରୀଙ୍କ ମୁହଁରେ ହସ ଫୁଟାଇଲା ଉଡ୍ ଫାୟାର

**ଭୁବନେଶ୍ୱର, ୧୧।୮(ବ୍ୟୁରୋ):** ରାଖୀ ପୂର୍ଣ୍ଣିମାକୁ ନିଆରା ଢଙ୍ଗରେ ପାଳନ କରିଛି ଉଡ୍ ଫାୟାର ଅନୁଷ୍ଠାନ। ଗୁରୁବାର ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱରର ସଫେଇ କର୍ମଚାରୀଙ୍କୁ ଭାତ, ଡାଲମା, ପନିର ତରକାରି ସହ ମିଠା ଖୁଆଇ ହସ ଫୁଲାଇଛନ୍ତି। ସଫେଇ କର୍ମଚାରୀଙ୍କ ମୁହଁରେ ହସ ଫୁଟିଲେ ଆମକୁ ପ୍ରେରଣା ମିଳିବ ବୋଲି ସଂସ୍ଥାର ମୁଖ୍ୟ ସନ୍ତୋଷ ଚୌଧୁରୀ କହିଛନ୍ତି। ସେ କହିଛନ୍ତି ସଫେଇ କର୍ମଚାରୀମାନେ ଦିନ ରାତି ପରିଶ୍ରମ କରି ଭୁବନେଶ୍ୱରକୁ ପରିଷ୍କାର ପରିଚ୍ଛନ୍ନ ରଖୁଛନ୍ତି। ଲୋକମାନେ ରାଖୀ ପୂର୍ଣ୍ଣିମା ପାଳନ କରୁଥିବାବେଳେ ସେମାନେ ଏଭଳି ଦିନରେ ମଧ୍ୟ ନିଜ କାମରେ ବ୍ରତୀ ରହିଛନ୍ତି। ସେଥିପାଇଁ ସକାଳୁ ସକାଳୁ ଭୁବନେଶ୍ୱରର ବିଭିନ୍ନ ଛକରେ ସଫେଇ କର୍ମଚାରୀମାନଙ୍କୁ ଉଡ୍ ଫାୟାର ପକ୍ଷରୁ ଖାଦ୍ୟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ଭବ ଚୌଧୁରୀ, ଚିନ୍ମୟୀ ଭୂୟାଁ, ଦିଲୀପ ସେଠୀ ଓ ଜିତେନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ୨ କାର୍ କାଚ ଭାଙ୍ଗି ନେଇଗଲେ ଲାପ୍‌ଟପ୍

**ଭୁବନେଶ୍ୱର,୧୧।୮(ବ୍ୟୁରୋ):** ଖାରବେଳନଗର ଥାନା ଅଞ୍ଚଳରେ ଗୋଟିଏ ଦିନରେ ୨ଟି କାରର କାଚ ଭାଙ୍ଗି ୨ ଲାପଟପ୍ ଚୋରାଇ ନେଇଛନ୍ତି ଦୁର୍ବୃତ୍ତ। ଏନେଇ ଗାଡି ମାଲିକ ଯୁ. ତ୍ରିପତି ବାଲାଜୀ ଦୋରା ଓ ପ୍ରଫେସର ଅଶ୍ୱିନୀ କୁମାର ମୁନୀ ଖାରବେଳନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜକୁ ଜବତ କରି ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଅଭିଯୋଗ ଅନୁସାରେ, ରସୁଲଗଡରେ ରହୁଥିବା ତ୍ରିପତି ବାଲାଜୀ ବୁଧବାର ରାତି ୭ଟାରେ ବିଗ୍‌ବଜାର ନିକଟ ଆକ୍ସିସ ବ୍ୟାଙ୍କ ଆଗରେ କାର୍ ରଖି କୌଣସି କାମରେ ଯାଇଥିଲେ। ଫେରିବା ପରେ କାରର କାଚ ଭଙ୍ଗାଯିବା ସହ ଭିତରେ ଲାପଟପ ନ ଥିବା ଦେଖିବାକୁ ପାଇଥିଲେ। ସେହିପରି ସମାନ ଢଙ୍ଗରେ ନୟାପଲ୍ଲୀରେ ରହୁଥିବା ଅଶ୍ୱିନୀ କୁମାର ମୁନୀଙ୍କ କାର କାଚ ଭଙ୍ଗାଯିବା ସହ ଭିତରେ ଥିବା ଲାପଟପ୍‌କୁ ଦୁର୍ବୃତ୍ତମାନେ ନେଇଯାଇଥିବା ଅଭିଯୋଗ ହୋଇଛି।

# ଗଳା କାଟି ଅଟୋ ଚାଳକଙ୍କୁ ହତ୍ୟା

**କଟକ ସଦର,୧୧।୮(ଡି.ଏନ୍.ଏ.)**

- ଘଟଣାସ୍ଥଳରୁ ମୋବାଇଲ ଜବତ
- ହତ୍ୟାକୁ ନେଇ ଗ୍ରାମରେ ଉତ୍ତେଜନା

କଟକ ଜିଲା କିଶନନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମ ନମାଜ ପଡିଆ ନିକଟ ପାଚେରି ପାଖରେ ବୁଧବାର ରାତିରେ ଜଣେ ଅଟୋ ଚାଳକଙ୍କ ଗଳା କାଟି ହତ୍ୟା କରାଯାଇଛି। ସେ ହେଲେ ସ୍ଥାନୀୟ ପ୍ରହରାଜପୁର ଗ୍ରାମର ଅବ୍‌ଦୁଲ କାଦର(୪୬)। ଗୁରୁବାର ସକାଳେ ଖବରପାଇ ସାଲେପୁର ଏସ୍‌ଡିପିଓ ବିମଳ ବାରିକ, ଥାନାଧିକାରୀ ରଶ୍ମିରଞ୍ଜନ ଦାସ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରୁ ପୋଲିସ ଏକ ମୋବାଇଲ ଜବତ କରିଛି। ଅବ୍‌ଦୁଲ୍‌ଙ୍କ ଗଳା କାଟି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଥିବା ଥାନାଧିକାରୀ ଦାସ କହିଛନ୍ତି। ଏହି ହତ୍ୟା ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଅବ୍‌ଦୁଲ ଅଟୋ ଚଲାଇ ପରିବାର ପ୍ରତିପୋଷଣ କରୁଥିଲେ। ବୁଧବାର ସେ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ରାତି ପ୍ରାୟ ୧୧ଟାରେ ସେ ତାଙ୍କ ସ୍ତ୍ରୀ ୱାହିଦା ଖାତୁନଙ୍କୁ ଫୋନ୍ କରି ଘରକୁ ଶୀଘ୍ର ଫେରିବେ ବୋଲି କହିଥିଲେ। ହେଲେ ରାତିରେ ଆଉ ଫେରି ନ ଥିଲେ। ଗୁରୁବାର ସକାଳେ ନମାଜ ପଡିଆ ନିକଟରେ ଅବ୍‌ଦୁଲଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ସଦସ୍ୟ ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ନେଇ ୱାହିଦା ଅଭିଯୋଗ କରିବା ପରେ ଦଫା ୩୦୨ ଅନୁଯାୟୀ ପୋଲିସ ଏକ ହତ୍ୟା ମାମଲା(ନଂ.୧୪୩/୨୨) ରୁଜୁ କରିଛି। ଅପରପକ୍ଷେ ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡିବ ବୋଲି ଥାନାଧିକାରୀ ଦାସ କହିଛନ୍ତି।



ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ପକ୍ଷରୁ କଳ୍ପନା ଛକରେ ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଉଛି।

## ସ୍ୱାଭାବିକ ହେଲା ଶ୍ରୀଲିଙ୍ଗରାଜଙ୍କ ନୀତି

**ପୁରୁଣା ଭୁବନେଶ୍ୱର, ୧୧।୮(ଡି.ଏନ୍.ଏ.)**

ସ୍ୱାଭାବିକ ହେଲା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି। ପବିତ୍ରାରୋପଣ ନେଇ ଦେଖାଦେଇଥିବା ଶ୍ରୀଲିଙ୍ଗରାଜ ମନ୍ଦିରର ଦୁଇ ପ୍ରମୁଖ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ଗତ ମଙ୍ଗଳବାର ରାତି ୯ଟା ୧୫ ରୁ ଶ୍ରୀଜୀଉଙ୍କ ନୀତି ବନ୍ଦ ରହିଥିଲା। ତେବେ ନୀତି ବନ୍ଦ ଯୋଗୁ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ସ୍ପର୍ଶ କରି ପୂଜାର୍ଚ୍ଚନା କରିଥିଲେ। ଫଳରେ ଶ୍ରୀଜୀଉ ମାରା ହୋଇଥିଲେ। ତେଣୁ ନୀତି ଆରମ୍ଭ ପୂର୍ବରୁ ଗୁରୁବାର ପ୍ରାତଃରୁ ପାଳିଆ ପୂଜା ପଣ୍ଡା ସେବକ ଶ୍ରୀଜୀଉଙ୍କୁ ମାଘସ୍ନାନ ଦେଇ ସୁଦ୍ଧି କରିଥିଲେ। ପରେ ମଙ୍ଗଳଆଳତି, ଅବକାଶ ଆଦି ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ହୋଇଥିଲା ବୋଲି ପୂଜାପଣ୍ଡା ନିଯୋଗ ସଭାପତି କାଶୀନାଥ ପୂଜାପଣ୍ଡା କହିଛନ୍ତି। ଅନ୍ୟପଟେ ମନ୍ଦିର ଟ୍ରଷ୍ଟ ବୋର୍ଡ ଏବଂ କୌଣସି ପ୍ରଶାସନିକ ଅଧିକାରୀ ପବିତ୍ରାରୋପଣ ସମସ୍ୟାର ସମାଧାନ ନ କରି ନୀରବ ରହିଥିଲେ। ଯାହା ହାଣ୍ଡିଭଙ୍ଗା ଯାତ୍ରା ପରମ୍ପରାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଭଳି ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

## ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି

**ପୁରୀ ଅଫିସ,୧୧।୮**

ଶ୍ରୀମନ୍ଦିରରେ ଗୁରୁବାର ଅପରାହ୍ନରେ ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଭିତର କାଠ ନିକଟରେ ବାନ୍ତି ପଡିଥିବା ଦେଖିବାକୁ ମିଳିଥିଲା। ଫଳରେ ଶ୍ରୀବିଗ୍ରହମାନଙ୍କର ବଡ଼ ମହାସ୍ନାନ ହୋଇଥିଲା। ସୂଚନାଯୋଗ୍ୟ, ଗୁରୁବାର ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ନୀତି ସମ୍ପନ୍ନ ହେଇଥିଲା। ପରେ ଭକ୍ତମାନଙ୍କୁ ଭିତରକାଠ ନିକଟକୁ ଦର୍ଶନ ପାଇଁ ଛଡାଯାଇଥିଲା। ଭକ୍ତମାନେ ଭିତରକାଠ ନିକଟରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରୁଥିବା ସମୟରେ ହଠାତ୍ ଦେଖିବାକୁ ମିଳିଥିଲା ଭିତର କାଠ ନିକଟରେ ବାନ୍ତି ପଡିଛି। ଦର୍ଶନ ସମୟରେ କେହି ଜଣେ ଶ୍ରଦ୍ଧାଳୁ ବାନ୍ତି କରିଦେଇଥିବା ଅନୁମାନ କରାଯାଉଛି। ବାନ୍ତି ପଡିଥିବା ଦେଖି ସଙ୍ଗେ ସଙ୍ଗେ ନୀତି ବନ୍ଦ କରାଯାଇଥିଲା। ଭକ୍ତମାନଙ୍କ ଦର୍ଶନ ବନ୍ଦ କରାଯାଇ କବାଟ ବନ୍ଦ କରାଯାଇଥିଲା। ପରେ ବଡ ମହାସ୍ନାନ ପାଇଁ ନୀତି ଆରମ୍ଭ କରାଯାଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ସିଂହାସନ, ଭିତରକାଠ ଧୁଆ ହୋଇ ଚୂନପାଣି ପଡିଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ ପାଇଁ ପ୍ରାୟ ପାଖାପାଖି ୧ ଘଣ୍ଟା ୩୦ ମିନିଟ୍ ନୀତି ବିଳମ୍ବ ହୋଇଥିଲା। ବଡ଼ ମହାସ୍ନାନ ପାଇଁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା।

**ନୀତିକାନ୍ତିରେ ଦେଢ଼ ଘଣ୍ଟା ବିଳମ୍ବ**

## ରାଖୀ ପୂର୍ଣ୍ଣିମାରେ ନଡ଼ିଆ ଲଢ଼େଇ

**ସାକ୍ଷୀଗୋପାଳ, ୧୧।୮(ଡି.ଏନ୍.ଏ./ସ୍ୱ.ପ୍ର.)**

ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ଗୁରୁବାର ସାକ୍ଷୀଗୋପାଳରେ ନଡ଼ିଆ ଲଢ଼େଇ ପରମ୍ପରା ଅନୁଷ୍ଠିତ ହୋଇଯାଇଛି। ସାକ୍ଷୀଗୋପାଳ ନଡ଼ିଆର ସୁନାମ ସାରା ଦେଶରେ ରହି ଆସିଛି। ଏହି ପରମ୍ପରା କାହିଁ କେଉଁ କାଳରୁ ରହିଛି। ଗହ୍ମାପୂର୍ଣ୍ଣିମା ଆସିବାର ମାସକ ଆଗରୁ ଲଢେଇ ପାଇଁ ନଡ଼ିଆ ଖୋଜିବା ଆରମ୍ଭ ହୋଇଥାଏ। ଗାଁରେ ଯୁବକ ଭଲ ଲଢେଇ ନଡ଼ିଆ କିଣିବା ପାଇଁ ଘୂରି ବୁଲନ୍ତି। ଲଢ଼େଇ ପାଇଁ ନଡ଼ିଆର ଦାମ ୨ଶହଠାରୁ ଆରମ୍ଭ ୧ ହଜାର ପର୍ଯ୍ୟନ୍ତ ରହିଥାଏ। ଗହ୍ମା ବେଦୀରେ ଠାକୁରଙ୍କ ପୂଜା ସରିଲା ପରେ ନଡ଼ିଆ ଲଢେଇ ଆରମ୍ଭ ହୋଇଯାଏ। ମାତ୍ର ଚଳିତବର୍ଷ ସାକ୍ଷୀଗୋପାଳ ମନ୍ଦିରରେ ରଖୀ ପୂର୍ଣ୍ଣିମା ଅବସରରେ ଅଞ୍ଚଳବାସୀ ଏହି ପର୍ବ ପାଳିଛନ୍ତି। ଘରେ ରାଖୀ ବନ୍ଧା ସରିବା ପରେ ନଡିଆ ଲଢ଼େଇ ପାଇଁ ଆରମ୍ଭ ହୋଇଥାଏ। ଯାହାର ନଡ଼ିଆଟି ଭାଙ୍ଗିଯାଏ ସେ ହାରିଯାଇଥାଏ। ବିଜେତା ସେହି ନଡ଼ିଆଟି ନିଅନ୍ତି। ନଡ଼ିଆ ଲଢ଼େଇ ଦେଖିବାକୁ ଦର୍ଶକମାନେ ଭିଡ ଜମେଇଥାନ୍ତି। ଏହି ନଡ଼ିଆ ଲଢ଼େଇ ଜୟପୁର, ଅଳସା, ବାଲିସାହି, କାଦୁଆ, ପୁଷକେରା, ନହଲା, ପଞ୍ଚୁକେରା, ଗୋପାଳପୁରପାଟଣା, ବରାଳ, ଆଳସରଙ୍ଗ, ସୁକଳ, ରଙ୍ଗଣିସାହି, ବସୁକେରା, ପଟ୍ଟନାୟିକିଆ ଛକରେ ହୋଇଥିଲା। ବିଶେଷ କରି ସାକ୍ଷୀଗୋପାଳଙ୍କ ମନ୍ଦିର ସାମ୍ନା, ଦୋଳବେଦୀ ପ୍ରାଙ୍ଗଣରେ ପ୍ରତିବର୍ଷ ଭଳି ଚଳିତବର୍ଷ ଏହି ନଡ଼ିଆ ଲଢ଼େଇରେ ଶତାଧିକ ଯୁବକ ସାମିଲ ହୋଇଥିଲେ। ସମୟ ବଦଳିଥିଲେ ମଧ୍ୟ ସାକ୍ଷୀଗୋପାଳର ନଡ଼ିଆ ଲଢେଇ ପରମ୍ପରା ଆଜି ବି ଜୀବିତ ରହିଛି। ଏହା ଭାଇଚାରା ସୃଷ୍ଟି କରେ ବୋଲି ଅଞ୍ଚଳବାସୀ କହିଥିଲେ।



ସାକ୍ଷୀଗୋପାଳ ଅଞ୍ଚଳରେ ନଡିଆ ଲଢେଇ ହେଉଛି ।

## କେନ୍ଦ୍ରାପଡ଼ାର ବିକାଶ ପାଇଁ ଏକାଠି ହେବାକୁ ଆହ୍ୱାନ

**ଭୁବନେଶ୍ୱର, ୧୧।୮**

କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀ ବଳଦେଜୀଉଙ୍କ ଜନ୍ମୋତ୍ସବ ଗୁରୁବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲା ବିକାଶ ପରିଷଦର ପ୍ରଥମ ବନ୍ଧୁ ମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡାକ୍ତର ମଧୁସୂଦନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିକାଶ ପରିଷଦର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ଜିଲାର ବିକାଶ ପାଇଁ ସମସ୍ତେ ଏକାଠି ହେବାକୁ ଆହ୍ୱାନ ଦିଆଯାଇଥିଲ। ସମ୍ପାଦକ ଚୌଧୁରୀ ଅମିତାଭ ଦାସ, ଡ.ଶରତ କୁମାର ଆଚାର୍ଯ୍ୟ, ଡ. ମନୋରଞ୍ଜନ କର, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଓ ପ୍ରଫେସର ଅମିୟ କୁମାର ମହାନ୍ତି ପ୍ରମୁଖ ଜିଲାର ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ଖବରଦାତା ଶ୍ରୀରାମ ଦାଶ, ପ୍ରଶାସକ ସୁରେଶ ଚନ୍ଦ୍ର ମନ୍ତ୍ରୀ, ଅଲେଖ ଚନ୍ଦ୍ର ପଡିଆରୀ ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। ବ୍ୟଙ୍ଗକବି ଧର୍ମଛଡାଙ୍କ ବ୍ୟଙ୍ଗ କବିତାରେ ସାମ୍ପ୍ରତିକ ସ୍ଥିତିର ନିଚ୍ଛକ ଚିତ୍ର ପ୍ରତିଫଳିତ ହୋଇଥିଲା। ସଙ୍ଗୀତଜ୍ଞ ପ୍ରଫେସର ବୀରବର ଜେନାଙ୍କ ତତ୍ତ୍ୱାବଧାନରେ ସଙ୍ଗୀତ ଓ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। କ୍ଷୀରୋଦ କୁମାର ନାଥ ଓ ସାଥୀଜିଲାର ପାରମ୍ପରିକ କେନ୍ଦରା ଗୀତ ପରିବେଷଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

### 'କବି ଗଙ୍ଗାଧର ମେହେରଙ୍କ ସୃଷ୍ଟି ସର୍ବକାଳୀନ'

**କଟକ ଅଫିସ, ୧୧।୮**

ସାରଳା ସାହିତ୍ୟ ସଂସଦ ଓ ଗଙ୍ଗାଧର ମେହେର ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୦ତମ ଜୟନ୍ତୀ ଉତ୍ସବ ଗୁରୁବାର କଟକ ସାରଳା ଭବନଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ତଥା କବି ଅରୁନ୍ କୁମାର ପରିଚ୍ଛା ଯୋଗଦେଇ କହିଥିଲେ, କବି ଗଙ୍ଗାଧର ମେହେରଙ୍କ ସୃଷ୍ଟି ସର୍ବକାଳୀନ। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ହେମେନ୍ଦ୍ର ନାରାୟଣ ଦାସ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଥିଲେ, କବି ଗଙ୍ଗାଧର ଓଡ଼ିଆ ସାହିତ୍ୟରେ ବିରଳ ପ୍ରତିଭା। ପ୍ରଫେସର ଡା. ନିମାଇଁ ଚରଣ ପରିଜା, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ କବି ମନୋଜ ମେହେରଙ୍କୁ ଗଙ୍ଗାଧର ମେହେର ସମ୍ମାନ ପ୍ରଦାନ କରାଯାଇଥିଲା। ଫାଉଣ୍ଡେଶନର ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ, ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ଅତିଥି ପରିଚୟ, ସାରଳା ସାହିତ୍ୟ ସଂସଦର ସମ୍ପାଦକ ପ୍ରଫେସର ନିରଞ୍ଜନ ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ, ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ ଓ ପ୍ରଭାକର ନାୟକ ଧନ୍ୟବାଦ ଦେଇଥିଲେ।

## ଗୋଚାଲାଣ ଉଦ୍ୟମ ପଣ୍ଡ, ୧୦୩ ଗୋରୁ ଉଦ୍ଧାର

**ଟାଙ୍ଗୀ(ଖୋର୍ଦ୍ଧା),୧୧।୮(ଡି.ଏନ୍.ଏ.):**

ରକ୍ଷାବନ୍ଧନ ତଥା ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନରେ ପରମ୍ପରା ଅନୁସାରେ ଗୋପୂଜନର ବିଧି ରହିଛି। ତେବେ ଏହା ପୂର୍ବରୁ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଦୀକ୍ଷିତପଡ଼ା ଅଞ୍ଚଳରୁ ରାଜ୍ୟ ବାହାରକୁ ଗୋଚାଲାଣ ପାଇଁ ହେଉଥିବା ଯୋଜନାକୁ ପଣ୍ଡ କରିଛି ପୋଲିସ। ଘଟଣାସ୍ଥଳରେ ପୋଲିସ ଚଢ଼ାଉ କରି ଏକ ମିନିଟ୍ରକ୍ ଜବତ କରିବା ସହ ୧୦୩ ଗୋରୁଙ୍କୁ ଉଦ୍ଧାର କରିଛି। ଏନେଇ ଟାଙ୍ଗୀ ପୋଲିସ ଏକ ମାମଲା (ନଂ.୪୧୯/୨୨) ରୁଜୁ କରିବା ସହ ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଦୀକ୍ଷିତପଡ଼ା ଅଞ୍ଚଳରୁ ରାଜ୍ୟ ବାହାରକୁ ଗୋଚାଲାଣ ହେଉଥିବା ନେଇ ପୋଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଥାନା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳଙ୍କ ନେତୃତ୍ୱରେ କୁହୁଡି ଫାଣ୍ଡି ଅଧିକାରୀ ପ୍ରସନ୍ନ ଜେନା ଏକ ଟିମ୍ ସହ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ୧୦୩ ଗୋରୁଙ୍କୁ ଉଦ୍ଧାର କରିବା ସହ ମିନିଟ୍ରକ୍ ଜବତ କରିଥିଲେ। ପୋଲିସ ଜଣଙ୍କୁ ଧରିଥିବା ବେଳେ ଅନ୍ୟମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।



ଜବତ ମିନି ଟ୍ରକ୍ ଏବଂ ଉଦ୍ଧାର ହୋଇଥିବା ଗୋରୁ ।

**ମିନିଟ୍ରକ୍ ଜବତ, ଜଣେ ଅଟକ**

## ରାସ୍ତା ପାର ବେଳେ ଗାଡ଼ି ମାଡ଼ିଗଲା, ୨ ଯୁବକ ମୃତ

**ଯୋଡ଼ା,୧୧।୮(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ଲହଣ୍ଡା ଛକଠାରେ ଗୁରୁବାର ରାତି ୯ଟା ୩୦ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରାଫିକ୍ ନିୟମ ଭାଙ୍ଗି ରଙ୍ଗରୁଟ୍‌ରେ ଆସୁଥିବା ଏକ ଗାଡ଼ି ମାଡ଼ି ଯିବାରୁ ରାସ୍ତା ପାର୍ ହେଉଥିବା ୨ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ସ୍ଥାନୀୟ ଅଞ୍ଚଳର ଜେନା ମୁଣ୍ଡା(୩୦) ଓ ପରମେଶ୍ୱର ମୁଣ୍ଡା(୨୨)। ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଘଟଣାସ୍ଥଳରୁ ପଳାଇ ଯାଇଥିବା ବେଳେ ଏହା ଏକ ବସ୍ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଦୁର୍ଘଟଣା ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ସେଠାରେ ରାସ୍ତାରୋକୋ କରିଥିଲେ। ଯୋଡ଼ା ଥାନା ଓ ବିଲେଇପଦା ଫାଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।



ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରରେ ଗୁରୁବାର ପିପି ପ୍ରଡକ୍ସନର ଦ୍ୱିତୀୟ ଚଳଚ୍ଚିତ୍ର 'ସିନ୍ଦୂର'ର ଗ୍ରାଣ୍ଡ ମହୁରତ ଅବସରରେ ଅଭିନେତା, ଅଭିନେତ୍ରୀ ଓ କଳାକାରଙ୍କ ସହ ଅନ୍ୟମାନେ।

### ଚତୁର୍ମାସ୍ୟା ବ୍ରତ ଉଦ୍‌ଯାପିତ

**ପୁରୁଣା ଭୁବନେଶ୍ୱର, ୧୧।୮ (ଡି.ଏନ୍.ଏ.)**

ହାଟସାହିସ୍ଥିତ ଶ୍ୟାମା ଶଙ୍କର ମଠରେ ଏକ ମାସ ବ୍ୟାପୀ ଚାଲିଥିବା ଚତୁଃମାସ୍ୟା ବ୍ରତ ଗୁରୁବାର ଉଦ୍‌ଯାପିତ ହୋଇଛି। ଜଟଣୀ ଓ ପଶ୍ଚିମବଙ୍ଗ ମେଦିନୀପୁର ଅଞ୍ଚଳର ସାଧୁସନ୍ଥମାନେ ଏଠାରେ ରହି ବ୍ରତ କରିଥିଲେ। ସେମାନଙ୍କ ଶାକାହାରୀ ବ୍ରତ, ମୌନ ବ୍ରତ ଗୁରୁବାର ଭଙ୍ଗ ହୋଇଛି। କୋଲକାତାର ମହାମିଳନ ମଠର ନୟନ ରଞ୍ଜନ ସାଧୁଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଚତୁଃମାସ୍ୟା ବ୍ରତ ଅବସରରେ ନାମ ସଙ୍କୀର୍ତ୍ତନ, ଭଜନ ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଠର ମୁଖ୍ୟ ପରିଚାଳକ ଅରୁଣ ଗାଙ୍ଗୁଲି, କିଙ୍କର ମିହିର ନସ୍କର, ମହେଶ୍ୱର ନାଥ, ପ୍ରଶାନ୍ତ ପରିଡ଼ା, କୃପାସିନ୍ଧୁ ପାତ୍ରସାମନ୍ତ, ପୂର୍ଣ୍ଣ ଦାଶ, ପ୍ରଶାନ୍ତ ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜି ସ୍କୁଲ, ଅଙ୍ଗନୱାଡିରେ କୃମିନାଶ ବଟିକା ବଣ୍ଟନ

**ଭୁବନେଶ୍ୱର,୧୧।୮(ବ୍ୟୁରୋ)**

**ଜାତୀୟ କୃମିନାଶକ ଦିବସ**

ପିଲାଙ୍କ ମଧ୍ୟରେ କୃମି ସଂକ୍ରମଣର ମୁକାବିଲା କରିବା ପାଇଁ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ପକ୍ଷରୁ ୧ରୁ ୧୯ ବର୍ଷ ବୟସର ପିଲାଙ୍କ ପାଇଁ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ କୃମିନାଶକ ବଟିକା ବଣ୍ଟାଯିବ। ଶୁକ୍ରବାର କୃମିନାଶକ ଔଷଧ ଖାଇ ନ ଥିବା ପିଲାମାନେ ସପ୍ତାହ ପରେ (ଆସନ୍ତା ୧୯ ତାରିଖରେ)ଏହି ଔଷଧ ଖାଇପାରିବେ। ଏନେଇ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ୟୁନିସେଫ୍ ପକ୍ଷରୁ ବୁଧବାର ଭୁବନେଶ୍ୱରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ଅଧିକାରୀମାନେ କୃମିନାଶକର ଗୁରୁତ୍ୱ, ପିଲାଙ୍କୁ କୃମିରୁ ଦୂରରେ ରଖିବା ପାଇଁ ଅଭିଭାବକ ମଧ୍ୟରେ ସଚେତନତା ବିଷୟରେ ଅଲୋଚନା କରିଥିଲେ। ଜାତୀୟ କୃମିନାଶକ ଦିବସ (ଏନ୍‌ଡିଡି)ର ମୂଳ ଲକ୍ଷ୍ୟ ହେଉଛି, ପିଲାଙ୍କ ସ୍ୱାସ୍ଥ୍ୟ, ପୋଷଣ ସ୍ଥିତି, ଶିକ୍ଷା ତଥା ଜୀବନଶୈଳୀରେ ଉନ୍ନତି ଆଣିବା। ଏହା ବର୍ଷକୁ ୨ଥର ଫେବୃୟାରୀ ଏବଂ ଅଗଷ୍ଟରେ ପାଳନ ହେଉଥିବାବେଳେ ଚଳିତବର୍ଷ ଅଗଷ୍ଟ ୧୨(ଆଜି)ରେ ଏହି ଦିବସ ପାଳନ କରାଯିବ। ଏନେଇ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ, ଓଡ଼ିଶାର ନିର୍ଦ୍ଦେଶକ ଡ. ବିଜୟ କୁମାର ପାଣିଗ୍ରାହୀ କହିଛନ୍ତି। କୃମିନାଶକ ବଟିକା ଦ୍ୱାରା ପିଲାଙ୍କୁ ରକ୍ତହୀନତା ଓ ଅପପୁଷ୍ଟିରୁ ସୁରକ୍ଷା ଦିଆଯାଇପାରିବ। ଫଳରେ ପିଲାମାନେ ଉତ୍ତମ ସ୍ୱାସ୍ଥ୍ୟ ପାଇବା ସହ ବିଦ୍ୟାଳୟରେ ସେମାନଙ୍କ ଉପସ୍ଥାନ ବଢିବ ଏବଂ ଭବିଷ୍ୟତରେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ପାଣିଗ୍ରାହୀ କହିଥିଲେ। ଜାତୀୟ କୃମିନାଶକ ଦିବସ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଏବଂ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ୟୁନିସେଫ୍ ଓଡ଼ିଶାର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ କହିଛନ୍ତି, କୋଭିଡ-୧୯ର ସମସ୍ତ ଗାଇଡଲାଇନ୍ ଯଥା ହାତ ସାନିଟାଇଜ୍ କରିବା, ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ବଜାୟ ରଖିବା ଆଦି ଏନ୍‌ଡିଡି କାର୍ଯ୍ୟକ୍ରମ ସମୟରେ ଅବଲମ୍ବନ କରାଯିବା ଉଚିତ।

# ‘ନବୀନ ସ୍ୱଚ୍ଛତା ପ୍ରତିଶ୍ରୁତି ଦେଲେ ଘର ଦିଆଯିବ’

**ପିଏମ୍ଏୱାଇ ସମୀକ୍ଷା ବୈଠକ**
- ରାଜ୍ୟ ସରକାରଙ୍କୁ ଟାର୍ଗେଟ କଲେ ଗିରିରାଜ
- ଦୁର୍ନୀତି ହୋଇଥିବା ସ୍ୱୀକାର କଲେ ମନ୍ତ୍ରୀ ଅମାତ

ଭୁବନେଶ୍ୱର, ୧୧।୮(ବ୍ୟୁରୋ)

ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ)ରେ ବ୍ୟାପକ ଅନିୟମିତତା ହୋଇଛି। ଘର ବଣ୍ଟନରେ ଆଦୌ ସ୍ୱଚ୍ଛତା ନାହିଁ। ଉପଯୁକ୍ତ ହିତାଧିକାରୀ ଘର ପାଇନାହାନ୍ତି। ବାତ୍ୟା ଫନୀ ଦ୍ୱାରା କ୍ଷତିଗ୍ରସ୍ତ ୩୭% ଲୋକଙ୍କୁ ଘର ମିଳିବାରେ ଏପଟସେପଟ ହୋଇଛି। ଏହି ଯୋଜନାରେ ସ୍ୱଚ୍ଛତା ରହିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ଦେଲେ ଅବଶିଷ୍ଟ ଘର ଯୋଗାଇବା ଲାଗି ମଞ୍ଜୁରୀ ପ୍ରଦାନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି। ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଉପସ୍ଥିତିରେ କେନ୍ଦ୍ରମନ୍ତ୍ରୀ ସିଂଙ୍କ ଏଭଳି ସିଧାସଳଖ ମନ୍ତବ୍ୟ ଓଡ଼ିଶା ସରକାରଙ୍କ ପ୍ରଶାସନିକ ସ୍ୱଚ୍ଛତା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରିଛି। ଅନ୍ୟପଟେ ମନ୍ତ୍ରୀ ଅମାତ ପିଏମ୍ଏୱାଇରେ ଅନିୟମିତତା ହୋଇଥିବା ସ୍ୱୀକାର କରିଛନ୍ତି।

ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂଙ୍କ ଅଧ୍ୟକ୍ଷତାରେ ଗୁରୁବାର ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତିର ସମୀକ୍ଷା କରାଯାଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସରକାରଙ୍କ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପିଏମ୍ଏୱାଇରେ ସ୍ୱଚ୍ଛତା ରହିବା ନେଇ ପ୍ରତିଶ୍ରୁତି ଦେବା ପରେ ଅବଶିଷ୍ଟ ୮ ଲକ୍ଷ ଘର ଓଡ଼ିଶା ପାଇଁ ମଞ୍ଜୁର କରାଯିବ। ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବାକୁ ଗିରିରାଜ ସ୍ପଷ୍ଟ ଭାବେ ଅମାତଙ୍କୁ କହିଛନ୍ତି।

ଅନ୍ୟପଟେ ମନ୍ତ୍ରୀ ଅମାତ କହିଛନ୍ତି, ପିଏମ୍ଏୱାଇରେ ଅନିୟମିତତା ଅଭିଯୋଗ ଆସିବା ପରେ ରାଜ୍ୟ ସରକାର କଠୋର ପଦକ୍ଷେପ ନେଇଛନ୍ତି। ୪୪ ଅଫିସରଙ୍କୁ ସସ୍‌ପେଣ୍ଡ କରାଯାଇଥିବାବେଳେ ୨୨ ଜଣଙ୍କୁ ନିଲମ୍ବିତ କରାଯାଇଛି। ୨୬୮ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରାଜ୍ୟ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଅନୁସାରେ କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ସ୍ୱଚ୍ଛତାର ସହ କାର୍ଯ୍ୟ କରାଯିବ ବୋଲି ଅମାତ କହିଛନ୍ତି। ବୈଠକ ପରେ ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଭାରତ ସରକାର ଟାର୍ଗେଟ ନେଇଥିଲେ। ହେଲେ ଏଥିରେ ଅନିୟମିତତା ହୋଇଛି। ୨୦୧୮ରେ ଆବାସ ପ୍ଲସ୍ ପୋର୍ଟାଲ ଖୋଲିବା ପରେ କୌଣସି କାରଣରୁ ରାଜ୍ୟ ସରକାର ସେଥିରେ ନାମ ଦେଇପାରି ନ ଥିଲେ। ୨୦୧୯ରେ ବାତ୍ୟା ଫନୀ ପରେ ଆବାସ ପୋର୍ଟାଲ ପୁଣିଥରେ ଖୋଲିଥିଲା। ସେଥିରେ ଯେଉଁ ସବୁ ନାମ ଆସିଲା, ତାକୁ ନେଇ ନାନା ଆପତ୍ତି ଓ ଅଭିଯୋଗ ହେଲା। ଏହାପରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଏହି ଆଲୋଚନା ହୋଇଛି। ଚଳିତ ବର୍ଷ ପିଏମ୍ଏୱାଇରେ ଓଡ଼ିଶା ପାଇଁ ୭ ହଜାର କୋଟି ଟଙ୍କା ରହିଛି। ୮ ଲକ୍ଷରୁ ଊର୍ଦ୍ଧ୍ୱ ଘର ନିର୍ମାଣ ହେବ। କେନ୍ଦ୍ର ସରକାର ଯେଉଁ ଟଙ୍କା ପଠାଉଛନ୍ତି ତାହା ଠିକ୍ ଭାବେ କାମରେ ଲାଗୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ସୂଚନାଯୋଗ୍ୟ, ପାର୍ଲାମେଣ୍ଟ ଅଧିବେଶନ ବେଳେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏହି ପ୍ରସଙ୍ଗ ଉଠାଇଥିଲେ। ବହୁ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହୋଇରହିଛନ୍ତି। ନୂଆ ତାଲିକା ପ୍ରସ୍ତୁତ ହୋଇପାରୁ ନାହିଁ। ଫନୀରେ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଘର ଦେବାରେ ସମସ୍ୟା ଉପୁଜୁଛି। ତେଣୁ ତୁରନ୍ତ ଆବାସ ପ୍ଲସ୍ ପୋର୍ଟାଲ ଖୋଲିବା ସହିତ ନୂଆ ଘର ଯୋଗାଇ ଦେବାକୁ ସେ ଦାବି କରିଥିଲେ। ଏଥିପୂର୍ବରୁ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଚିଠି ଲେଖି ଅବଗତ କରାଇଥିଲେ। ସେହିଦିନ ହିଁ ଗିରିରାଜଙ୍କୁ ଭେଟି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପିଏମ୍ଏୱାଇ ପୋର୍ଟାଲ ଖୋଲିବା ନେଇ ନିବେଦନ କରିଥିଲେ। ଏଥିସହ ଯୋଜନାରେ ହୋଇଥିବା ଦୁର୍ନୀତି ବିଷୟରେ ଅବଗତ କରାଇଥିଲେ।


ନୂଆଦିଲ୍ଲୀଠାରେ ଗୁରୁବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମୀକ୍ଷା ବୈଠକରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ, ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ ଓ ଅନ୍ୟ ଅଧିକାରୀମାନେ।

# କ’ଣ କରିବେ ହରିବଂଶ

ନୂଆଦିଲ୍ଲୀ, ୧୧।୮


ହରିବଂଶ ନାରାୟଣ ସିଂ

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଭାଜପା ସହ ସମ୍ପର୍କ ଛିନ୍ନ କରି ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସମର୍ଥନରେ ସରକାର ବଦଳାଇଛନ୍ତି। ଏହି ରାଜନୈତିକ ଘଟଣାକ୍ରମ ପରେ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଟାଣି ହୋଇଯାଇଛି। ସଂଯୁକ୍ତ ଜନତା ଦଳ(ଜେଡିୟୁ) ଏମ୍‌ପି ହରିବଂଶ ଉଚ୍ଚସଦନ ଉପାଧ୍ୟକ୍ଷ ପଦ ଛାଡ଼ିବେ କି ନାହିଁ ତାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି। ହରିବଂଶ ଏ ନେଇ ଅଦ୍ୟାବଧି ମୁହଁ ଖୋଲି ନାହାନ୍ତି। ତେବେ ସେ ଖୁବଶୀଘ୍ର ନୀତୀଶଙ୍କୁ ଭେଟି ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବେ। ଜେଡିୟୁ ଅଧ୍ୟକ୍ଷ ରାଜୀବ ରଞ୍ଜନ ସିଂ ଓରଫ୍ ଲଲନ୍ ସିଂ କହିଛନ୍ତି, ନୀତୀଶଙ୍କୁ ଏନ୍‌ଡିଏରେ ସାମିଲ ହେବା ପାଇଁ ପରାମର୍ଶ ଦେଇଥିବା ନେତାଙ୍କ ମଧ୍ୟରେ ହରିବଂଶ ସାମିଲ ଥିଲେ। ରାଜନୈତିକ ସମୀକ୍ଷକଙ୍କ ମତରେ ହରିବଂଶ ଉପାଧ୍ୟକ୍ଷ ପଦ ନ ଛାଡ଼ିଲେ ଜେଡିୟୁ ତାଙ୍କୁ ଦଳରୁ ବାହାର କରିପାରେ। କିନ୍ତୁ ତାଙ୍କ ରାଜ୍ୟ ସଭା ସଦସ୍ୟତା ବଜାୟ ରହିବ। ପ୍ରକାଶ ଯେ, ସାମ୍ବାଦିକରୁ ରାଜନେତା ପାଲଟିଥିବା ହରିବଂଶ ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ଗଣମାଧ୍ୟମ ପରାମର୍ଶଦାତା ଥିଲେ। ଜେଡିୟୁ ତାଙ୍କୁ ୨୦୧୪ରେ ରାଜ୍ୟ ସଭାକୁ ପଠାଇଥିଲା। ୨୦୧୮ ଅଗଷ୍ଟରେ ସେ ଉଚ୍ଚସଦନର ଉପାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ୨୦୨୦ ସେପ୍ଟେମ୍ବରରେ ଦ୍ୱିତୀୟ ଥର ପାଇଁ ଏହି ପଦ ପୁନଃ ଅଳଙ୍କୃତ କରିଥିଲେ।

# ତେଜସ୍ୱୀଙ୍କୁ ଜେଡ୍ ପ୍ଲସ୍

ପାଟନା,୧୧।୮


ତେଜସ୍ୱୀ ଯାଦବ

ବିହାରରେ ପୁଣି ମହାମେଣ୍ଟ ସରକାର ଗଠନ ହୋଇଛି। ବିରୋଧୀ ଦଳର ନେତା ତେଜସ୍ୱୀ ଯାଦବ ବର୍ତ୍ତମାନ ସରକାରରେ ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଗୃହ ବିଭାଗ ପକ୍ଷରୁ ଏବେ ତାଙ୍କ ସୁରକ୍ଷା ମଧ୍ୟ ବୃଦ୍ଧି କରାଯାଇଛି। ତେଜସ୍ୱୀଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ଦିଆଯାଇଛି। ଏହାସହ ବୁଲେଟ୍ ପ୍ରୁଫ୍ ଗାଡ଼ି ମଧ୍ୟ ଦିଆଯାଇଛି। ଏହାପୂର୍ବରୁ ସେ ୱାଇ ପ୍ଲସ୍ ସୁରକ୍ଷା ପାଉଥିଲେ। ନୀତୀଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀଙ୍କ ସହ ପ୍ରଥମ କ୍ୟାବିନେଟ ବୈଠକ କରିଛନ୍ତି। ଏହି ବୈଠକରେ ଅଗଷ୍ଟ ୨୪ରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଇବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅଧିବେଶନ ଅଗଷ୍ଟ ୨୪ ଏବଂ ୨୫ରେ ଅନୁଷ୍ଠିତ ହେବ। ସରକାରଙ୍କ ପକ୍ଷରୁ ଅଗଷ୍ଟ ୨୪ରେ ଫ୍ଲୋର୍ ଟେଷ୍ଟ କରାଯିବ। ସୂଚନାଯୋଗ୍ୟ, ବିହାରରେ ୨୦୧୭ରେ ଭାଜପା ସମର୍ଥନରେ ଜେଡିୟୁ ସରକାର ଗଢ଼ିବା ପରଠାରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଭାଜପା ନେତା କ୍ରମାଗତ ଭାବେ ପରସ୍ପରକୁ କଟାକ୍ଷ କରିଆସୁଥିଲେ। କିନ୍ତୁ ଗତ କିଛିଦିନ ହେଲା ତାହା ଚରମ ସ୍ଥିତିରେ ପହଞ୍ଚିଥିବାବେଳେ ରାଜ୍ୟରେ ଏନ୍‌ଡିଏ ମେଣ୍ଟ ଭାଙ୍ଗି ଯାଇଥିଲା। ଜେଡିୟୁର ଅଭିଯୋଗ ଥିଲା ଦଳ ଭିତରେ ନୀତୀଶଙ୍କ ପତିଆରା କ୍ଷୁଣ୍ଣ କରିବାକୁ ଭାଜପା ଉଦ୍ୟମ ଚଳାଇଥିଲା। ଶେଷରେ ନୀତୀଶ ଭାଜପାଠାରୁ ଦୂରେଇ ଯାଇ ଆର୍‌ଜେଡି ସହ ମିଶି ରାଜ୍ୟରେ ସରକାର ଗଢ଼ିଛନ୍ତି।

# ଜାତୀୟ ପତାକାକୁ ଅସମ୍ମାନ କରାଯାଇଛି: କଂଗ୍ରେସ

ଭୁବନେଶ୍ୱର, ୧୧।୮(ବ୍ୟୁରୋ)

ଜାତୀୟ ପତାକାକୁ ସମ୍ମାନ କରିବା ଏବଂ ଗୌରବକୁ ରକ୍ଷା କରିବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ପରମ କର୍ତ୍ତବ୍ୟ। ମାତ୍ର ଗତ ୮ ତାରିଖ କଟକ ଇଣ୍ଡୋର ଷ୍ଟାଡିୟମରେ ପ୍ରଜାତନ୍ତ୍ରର ପ୍ରତିଷ୍ଠା ଉତ୍ସବରେ ଖୋଦ ସ୍ୱରାଷ୍ଟ୍ର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ଏମ୍‌ପି ଉପସ୍ଥିତ ଥାଇ ମଧ୍ୟ ଭାରତର ଜାତୀୟ ପତାକାର ଅସମ୍ମାନ କରାଯାଇଥିବା ନେଇ ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନଗୋ ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପଞ୍ଚାନନ କହିଛନ୍ତି, ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତିପାଳନ ଅବସରରେ ଖୋଦ ପ୍ରଧାନମନ୍ତ୍ରୀ ଘର ଘର ମେ ତ୍ରିରଙ୍ଗାର ଉଡ଼ିବାର ବାର୍ତ୍ତା ଦେଉଥିଲା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କ ସମ୍ମୁଖରେ ଜାତୀୟ ପତାକାକୁ ବ୍ୟାଗ କରି ଖାଦ୍ୟ ପୁଡ଼ିଆ ବୁହାଯାଉଥିଲା। ସଭା ଗୃହରେ ବହୁ ସ୍ଥାନରେ ଜାତୀୟ ପତାକା ତଳେ ପଡ଼ିରହିଥିବାର ଚିତ୍ର ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହେଲାପରେ ନା କେନ୍ଦ୍ର ନା ରାଜ୍ୟ ସରକାର କେହି ଏହା ବିରୋଧରେ ପଦୁଟିଏ ଉଚ୍ଚାରଣ କଲେ ନାହିଁ ବୋଲି ସେ କହିଛନ୍ତି।

# ନୂଆ ପ୍ରଭାରୀ ନିଯୁକ୍ତି ପରେ ବଢ଼ିଛି ଉତ୍ସାହ

ଭୁବନେଶ୍ୱର, ୧୧।୮(ବ୍ୟୁରୋ)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୨ ଦିନିଆ ଓଡିଶା ଗସ୍ତ ସାରି ଫେରିଯିବାର ଦିନକ ପରେ ରାଜ୍ୟ ଭାଜପା ପ୍ରଭାରୀଙ୍କୁ ବଦଳାଇ ଆଉ ଜଣଙ୍କ ହାତରେ ଦାୟିତ୍ୱ ଟେକିଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହାଠାରୁ ଅଧିକ ଆଶ୍ଚର୍ଯ୍ୟ କରିଛି, ଭାଜପା ଟାର୍ଗେଟରେ ଥିବା ୩ ରାଜ୍ୟ ପଶ୍ଚିମବଙ୍ଗ, ତେଲେଙ୍ଗାନା ଏବଂ ଓଡିଶା ଦାୟିତ୍ୱ ସେହି ଜଣେ ନେତାଙ୍କ ହାତରେ ନ୍ୟସ୍ତ କରିବା। ଉକ୍ତ ୩ ରାଜ୍ୟର ପ୍ରଭାରୀ ଭାବେ ସୁନିଲ ବଂଶଲଙ୍କୁ ଦାୟିତ୍ୱ ଦିଆଯାଇଛି। ୟୁପି ଦାୟିତ୍ୱରେ ରହିଥିବା ବେଳେ ସେଠାରେ ସେ ଭଲ ପ୍ରଦର୍ଶନ କରିଛନ୍ତି। ତାଙ୍କର ସେହି ରେକର୍ଡ ଏବେ ଓଡ଼ିଶାର ଭାଜପା ନେତାଙ୍କ ଭିତରେ ଉତ୍ସାହ ବଢାଇ ଦେଇଛି। ଏଭଳି ସ୍ଥିତିରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର କହିଛନ୍ତି, ୯୦ ମିନିଟ୍‌ର ଫୁଟବଲ୍ ଖେଳରେ ପ୍ରଥମରୁ ଆକ୍ରମଣାତ୍ମକ ରହିବା ନ ରହିବା ଦଳର ରଣନୀତି ଉପରେ ନିର୍ଭର କରେ। ଗୋଲ୍ ହେଲେ ଟିମ୍ ଜିତିବ। ଗୋଲ୍ ପାଇଁ ସୁଯୋଗ ଆସି ପହଞ୍ଚି ଯାଇଛି। ଶେଷ ୧୫ମିନିଟ୍‌ରେ ନିଶ୍ଚିତ ଗୋଲ୍ ମାରିବୁ ବୋଲି ସେ କହିଛନ୍ତି। ବିଜେଡି ବିଧାୟକ ଦେବୀ ମିଶ୍ର କହିଛନ୍ତି, ୨୦୧୯ ସାଧାରଣ ନିର୍ବାଚନରେ ୧୨୦ ନେବେ ସେମାନେ କହିଥିଲେ। ତେବେ ସେମାନେ ନିଜ ଷ୍ଟ୍ରାଟେଜି ବନାଉଛନ୍ତି। ଏହା ତାଙ୍କ ଆଭ୍ୟନ୍ତରୀଣ ବ୍ୟାପାର ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁଭଳି ଦରଦାମ୍ ବୃଦ୍ଧି କରିଛନ୍ତି ସେମାନେ ମନକୁ ଲୋପ ହୋଇଯିବେ।

## ରାଜ୍ୟ ଖବର

# ଝାଡ଼ାବାନ୍ତି: ୭୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ, ଜଣେ ମୃତ

**ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କଲା ସ୍ୱାସ୍ଥ୍ୟ ବିଭାଗ**

ଝାରସୁଗୁଡ଼ା ଅଫିସ୍,୧୧।୮


ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀ।

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ପିଥିଣ୍ଡା ପଞ୍ଚାୟତର ପିଥିଣ୍ଡା, ବାଦିମାଲ ପଞ୍ଚାୟତର ବାଦିମାଲ ଓ ଭଅଁରଖୋଲ ପଞ୍ଚାୟତର ଖୋଲଜାମକାନୀ ଗ୍ରାମରେ ୭୦ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏ ସମ୍ପର୍କରେ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡା. ବୈକୁଣ୍ଠନାଥ କଶ୍ୟପ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପିଥିଣ୍ଡା ଗ୍ରାମର ୪୫ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୩୩ଜଣଙ୍କୁ ପ୍ରଥମେ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୧୪ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ସେହିପରି ବାଦିମାଲ ଗ୍ରାମର ୧୪ଜଣ ଆକ୍ରାନ୍ତଙ୍କୁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୫ଜଣ ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ବାଦିମାଲ ଗ୍ରାମର ପ୍ରିୟଙ୍କା ପ୍ରଧାନ(୨୦)ଙ୍କ ବୁଧବାର ରାତିରେ ମୃତ୍ୟୁ ଘଟିଛି। ତାଙ୍କ ମାଆ ନୀର ପ୍ରଧାନ ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଭିମ୍‌ସାର୍‌କୁ ସ୍ଥାନାନ୍ତର କରାଯାଇଛି। ଖୋଲଜାମକାନୀ ଗ୍ରାମର ୭ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୩ଜଣ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଲଖନପୁର ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ କଶ୍ୟପ କହିଛନ୍ତି।

ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଗୁରୁବାର ସକାଳେ ସ୍ୱାସ୍ଥ୍ୟବିଭାଗ ତରଫରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଡୋଲାମଣି ପଟେଲ, ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. କଶ୍ୟପ, ଡିପିଏମ୍ ବୁଲୁନାଥ ସାହୁ, ବିଡିଓ ଜୟନ୍ତ ସାହୁ, ବିଧାୟିକା ଅଳକା ମହାନ୍ତି, ଜିଲାପରିଷଦ ସଦସ୍ୟ ସନତ ସିଂହ ପ୍ରମୁଖ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏହିସବୁ ଗ୍ରାମରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଗ୍ରାମରେ ଲୋକଙ୍କୁ ହାଲୋଜିନ୍ ବଟିକା, ଓଆର୍‌ଏସ୍ ଆଦି ବଣ୍ଟନ କରାଯାଉଛି। ପିଥିଣ୍ଡା ଓ ବାଦିମାଲ ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ କ୍ୟାମ୍ପ କରାଯାଇ ଲୋକଙ୍କୁ ଚିକିତ୍ସା କରାଯାଉଛି। ଗ୍ରାମରେ ଆମ୍ବୁଲାନ୍ସ ରହିଥିବାବେଳେ ନୂଆ ରୋଗୀଙ୍କୁ ତୁରନ୍ତ ଚିକିତ୍ସାଳୟକୁ ନିଆଯାଉଛି। ବାଦିମାଲ ଗ୍ରାମର ଗୋଟିଏ ପରିବାର ବାହାରେ ଭୋଜିଖାଇ ଘରକୁ ଫେରିବାପରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଖାଦ୍ୟ ବିଷକ୍ରିୟା ଯୋଗୁ ପ୍ରିୟଙ୍କା ମୃତ୍ୟୁ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସକ ଡା. ପଟେଲ କହିଛନ୍ତି। ସେହିପରି ପିଥିଣ୍ଡା ଗ୍ରାମରେ ୨ମାସ ହେଲା ଟ୍ରାନ୍ସଫର୍ମର ପୋଡିଯିବା ଫଳରେ ଗଭୀର ନଳକୂପ ଅଚଳ ହୋଇପଡିଛି। ପାଇପ୍ ଯୋଗେ ଜଳଯୋଗାଣ ନ ହେବାରୁ ଗାଁ ଲୋକେ ପୋଖରୀ ପାଣି ବ୍ୟବହାରକରି ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ପଞ୍ଚାୟତ ତରଫରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଛି। ବିଧାୟିକା ଅଳକା ମହାନ୍ତି ତୁରନ୍ତ ଟ୍ରାନ୍ସଫର୍ମର ମରାମତି କରି ପୂର୍ବଭଳି ପାନୀୟଜଳ ଯୋଗାଣ କରିବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସମ୍ପର୍କୀୟ ଭାଇଙ୍କୁ ହତ୍ୟା

**ଅଭିଯୁକ୍ତ ବାପ, ପୁଅ ଗିରଫ**

ବୌଦ୍ଧ,୧୧।୮(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତଥା ପୁରୁଣାକଟକ ଥାନା ଅନ୍ତର୍ଗତ ଲୁଣିବାହାଲ ବଜାରରେ ବିଟ୍ ରାସ୍ତା ଉପରେ ଦିନ ଦ୍ୱିପ୍ରହରରେ ଗୁରୁବାର ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଲୁଣିବାହାଲ ଗ୍ରାମପଞ୍ଚାୟତ ଯୁବରାଜପୁର ଗ୍ରାମର ଝରିଆ ବାରିକ (୬୦)। ତାଙ୍କୁ ତାଙ୍କର ସମ୍ପର୍କୀୟ ଭାଇ ସୁବାସ ବାରିକ(୫୦) ଓ ସୁବାସଙ୍କ ପୁଅ ଅସିତ (୨୪) କଇଁଚି ଓ କାଠଫାଳିଆରେ ଆକ୍ରମଣ କରି ହତ୍ୟା କରିଛନ୍ତି। ପୋଲିସ ବାପ, ପୁଅଙ୍କୁ ଗିରଫ କରିଛି।

ରାଖୀ ପୂର୍ଣ୍ଣିମା ଥିବାରୁ ଝରିଆ ଗାଇଗେଣ୍ଡାଳ ବିକ୍ରି କରିବାକୁ ଲୁଣିବାହାଲ ବଜାରକୁ ଆସିଥିଲେ। ଉକ୍ତ ବଜାରରେ ସୁବାସ ଏକ ଟେଲର ଦୋକାନ କରିଛନ୍ତି। ଜମିକୁ ନେଇ ସୁବାସ ଓ ଝରିଆଙ୍କ ପରିବାର ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ଲାଗି ରହିଥିଲା। ପୂର୍ବ ଶତ୍ରୁତା ଯୋଗୁ ଲୁଣିବାହାଲ ବଜାରରେ ହଠାତ ସୁବାସ ଓ ଝରିଆଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସୁବାସ ଓ ଅସିତ କଇଁଚି ଓ କାଠଫାଳିଆ ଦ୍ୱାରା ଝରିଆଙ୍କୁ ଆକ୍ରମଣ କରିଥିଲେ। ଭୟରେ ସ୍ଥାନୀୟ ବଜାରବାସୀ କେହି ପାଖକୁ ଆସି ନ ଥିଲେ। ଆକ୍ରମଣ ଯୋଗୁ ଝରିଆ ରାସ୍ତା ଉପରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକ ପୁରୁଣାକଟକ ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ଝରିଆଙ୍କୁ ଏକ ଗାଡିରେ ପୁରୁଣାକଟକ ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପଟେ ଦୁଇ ଅଭିଯୁକ୍ତ ବାପ, ପୁଅ ଫେରାର୍ ହୋଇଯାଉଥିବାବେଳେ ପୋଲିସ ଗୋଡ଼ାଇ ସରସରାଠାରେ ଧରିବା ପରେ ଥାନାକୁ ଆଣିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି। ଏନେଇ ପୁରୁଣାକଟକ ଥାନାରେ ଏକ ହତ୍ୟା ମାମଲା (ନଂ.୧୦୧/୨୨) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଜ୍ୟୋତ୍ସ୍ନା କାଉଁରୀ ପ୍ରକାଶ କରିଛନ୍ତି।

# ସୀମାନ୍ତରେ ଜଣଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି, ୧୧।୮(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ମାଓବାଦୀମାନେ ଜଣେ ଗ୍ରାମବାସୀଙ୍କ ଗଳାକାଟି ହତ୍ୟା କରିଛନ୍ତି। ବିଜାପୁର ଜିଲା କଭରଗାଁରେ ଗତ ଅଗଷ୍ଟ ୮ରେ କେତେଜଣ ସଶସ୍ତ୍ର ମାଓବାଦୀ ଗ୍ରାମରେ ପଶି ଗ୍ରାମର ଗୋପୀରାମ ମାଡକମଙ୍କୁ ଅପହରଣ କରି ନେଇଥିଲେ। ପରେ ମାଓବାଦୀମାନେ ତାଙ୍କୁ ଘଞ୍ଚ ଜଙ୍ଗଲକୁ ନେଇଯାଇ ବୁଧବାର ବିଳମ୍ବିତ ରାତିରେ ଗଳାକାଟି ହତ୍ୟା କରି ମୃତଦେହ ଫିଙ୍ଗିଦେଇ ଚାଲି ଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ବିଜାପୁର ଏସ୍‌ପି ଅଞ୍ଜନେ ଭର୍ସନ କହିଛନ୍ତି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ଗୋପୀରାମଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି।


## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**


ପରମପୂଜ୍ୟ ଗୁରୁଦେବ
ମହନ୍ତ ୧୦୦୮
ଶ୍ରୀ ଗୋପୀନାଥ ଦାସଜୀ ମହାରାଜ
ନରୋତ୍ତମ ଆଶ୍ରମ, ଦାମୋଦର ରୋଡ୍, ପୁରୀ
ପ୍ରଥମ ବାର୍ଷିକ ସ୍ମରଣ ମହୋତ୍ସବ ଅବସରରେ ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ମହନ୍ତ ଶ୍ରୀ ଲଡୁ ଗୋପାଳ ଦାସ, ଶ୍ରୀ ବ୍ରଜକୃଷ୍ଣ ଦାସ, ସୁଦାମ, ସମୀର, ସୌମ୍ୟ, ଗଣେଶ ଏବଂ ଶ୍ରୀଗୁରୁ ଚରଣାଶ୍ରିତ ଶ୍ରଦ୍ଧାଳୁବୃନ୍ଦ।
ଧ-67646

**ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**


ସ୍ୱ ସୁଧାଂଶୁ ମୋହନ ଦତ୍ତ
ଆବିର୍ଭାବ- ୧୧।୦୮।୧୯୩୯
ତିରୋଧାନ- ୧୨।୦୮।୨୦୨୦
ସ୍ୱ ପ୍ରତିମା ଦତ୍ତ
ଆବିର୍ଭାବ- ୨୯।୦୫।୧୯୪୪
ତିରୋଧାନ- ୨୩।୦୮।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମିତ୍ତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ହତଭାଗ୍ୟ ଚନ୍ଦନ, ଚାରୁ, ତପନ, ଆରତୀ, ଏଲ, ଶ୍ରୀହର୍ଷ, ଚିନ୍ନୁ, ବାପ୍ପୁ, ଚୁମ୍କି, ମୁକୁଳ, ପୁତୁଲ ଓ ପରିବାରବର୍ଗ।
ଏମ୍.ଆଇ.ଜି.-୩, ମାରୁତିଭିଲ୍ଲା, ପଟିଆ, ଭୁବନେଶ୍ୱର
ଧ-୬୧୯୪୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**


ସ୍ୱ ସୁବାସିନୀ ପଟ୍ଟନାୟକ
ପ୍ଲଟ୍ ୪୯୬୧/୧୦, ଭି.ଏସ୍.ଏସ୍.ନଗର, ଭୁବନେଶ୍ୱର
ଆବିର୍ଭାବ- ୨୧।୧୧।୧୯୪୭
ତିରୋଧାନ- ୨୩।୦୮।୨୦୨୧
ତୁମ ସ୍ନେହ, ଶ୍ରଦ୍ଧା ଆମ ଉପରେ ପୂର୍ବପରି ରହିଥାଉ। ଆଜି ଏହି ପବିତ୍ର ଦିନରେ ତୁମର ଅମର ଆତ୍ମା ଚିର ଶାନ୍ତି ଲାଭକରୁ, ଏହା ହିଁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପୁତ୍ରମାନେ ମୁନା, କୁନା, ପୁତ୍ରବଧୂ- ପୁଷ୍ପା, ଗୁଡ଼ି, ଝିଅଝିଅଁ- ମାମୀ, ବାବୁଲି, ନାତିନାତୁଣୀ- ଲକି, ସିଲ୍‌କି, ଶୁଭମ୍, ସୁଜନୀ।
ଧ-୧୨୩୦

**ଏକାଦଶାହ ଉପଲକ୍ଷେ**


ସ୍ୱ ହରମୋହନ ମିଶ୍ର
ସ୍ଥାନ: ଜଗନ୍ନାଥ ଆଶ୍ରମ, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ଆବିର୍ଭାବ- ୧୬।୦୨।୧୯୫୬
ତିରୋଧାନ- ୩୧।୦୭।୨୦୨୨
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ମଣିଷ ପଣିଆ, ଦୂରଦୃଷ୍ଟି, ସମ୍ମାନବୋଧ, ଆଦର୍ଶ, ତ୍ୟାଗ ଓ ଆଶୀର୍ବାଦ ସବୁଦିନ ସ୍ମୃତିହୋଇ ରହିବ। ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ - ପଦ୍ମାବତୀ ମିଶ୍ର, ସତ୍ୟପ୍ରକାଶ ମିଶ୍ର, କୌଶଳ କିଶୋର ମିଶ୍ର, ଦୀପାଳି ମିଶ୍ର, ସୃଚିସ୍ମିତା ପାଢ଼ୀ, ସ୍ୱସ୍ତି ମିଶ୍ର, ଆର୍ଣ୍ଣବି ମିଶ୍ର, ଆହାନା ମିଶ୍ର।
ଧ-୧୨୪୦

**ଏଗାରମାସିକ ଶ୍ରାଦ୍ଧ ଉପଲକ୍ଷେ**


ସ୍ୱ ପ୍ରଭାତ ସୁନ୍ଦର ପାଣିଗ୍ରାହୀ
ଆବିର୍ଭାବ- ୧୩।୦୮।୧୯୪୦
ତିରୋଧାନ- ୨୧।୦୯।୨୦୨୧
ତୁମେ ଛାଡି ଯାଇଥିବା ତୁମର ପରିବାର, ଜ୍ୟେଷ୍ଠ ପୁତ୍ର:ଜୀତେନ,ଜ୍ୟେଷ୍ଠ ପୁତ୍ରବଧୂ: ଶୁଭଯାନୀ, କନିଷ୍ଠ ପୁତ୍ର:ରୋଷନ, କନିଷ୍ଠ ପୁତ୍ରବଧୂ: ରଶ୍ମିପ୍ରଭା, ଦୁହୀତା:ସ୍ମୃତି, ଜାମାତା: ସୀମାଞ୍ଚଳ ଓ ନାତି,ନାତୁଣୀ:ରୀମା, ସିତୁନ୍, ପପ୍‌ଲି, ପୀୟୁଷ, ନିତୁ ସମସ୍ତ ପରିବାର ସହ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଜଗନ୍ନାଥଙ୍କ ପାଖରେ ଆମର ବିନୀତ ପ୍ରାର୍ଥନା ତୁମର ଆତ୍ମାର ସଦଗତି ହେଉ।
ଧ-୭୩୬୧୪



# ଅଲ୍‌ଟିମେଟ ଖୋ ଖୋ

**ସ୍ୱଦେଶୀ କ୍ରୀଡ଼ା ଖୋ ଖୋରେ ଏକ ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି। ଏହି ଖେଳର ଅଧିକ ପ୍ରଚାର ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ଆରମ୍ଭ ହେବାକୁ ଯାଉଛି ଫ୍ରାଞ୍ଚାଇଜ୍ ଭିତ୍ତିକ ଅଲ୍‌ଟିମେଟ ଖୋ ଖୋ ଲିଗ୍। ପ୍ରତିଯୋଗିତାର ସର୍ବପ୍ରଥମ ସଂସ୍କରଣ ଅଗଷ୍ଟ ୧୪ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ...**

ସ୍ୱଦେଶୀ କ୍ରୀଡ଼ା ଖୋ ଖୋରେ ଏକ ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି। ଏହି ଖେଳର ଅଧିକ ପ୍ରଚାର ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ଆରମ୍ଭ ହେବାକୁ ଯାଉଛି ଫ୍ରାଞ୍ଚାଇଜ୍ ଭିତ୍ତିକ ଅଲ୍‌ଟିମେଟ ଖୋ ଖୋ ଲିଗ୍। ପ୍ରତିଯୋଗିତାର ସର୍ବପ୍ରଥମ ସଂସ୍କରଣ ଅଗଷ୍ଟ ୧୪ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସହିତ ମିଶି ଡାବର ଇଣ୍ଡିଆର ଚେୟାରମ୍ୟାନ ଅମିତ ବର୍ମନ ଏହାକୁ ପ୍ରମୋଟ କରୁଛନ୍ତି। ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସର ବ୍ୟାଡ୍‌ମିଣ୍ଟନ ହଲ୍‌ରେ ମ୍ୟାଚଗୁଡ଼ିକ ଖେଳାଯିବ।

ପ୍ରତିଯୋଗିତାରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲେ ମୁମ୍ବାଇ ଖିଲାଡିଜ୍, ଗୁଜରାଟ ଜିଆଣ୍ଟ୍ସ, ଚେନ୍ନାଇ କୁଇକ୍ ଗନ୍ସ,ତେଲ୍‌ଗୁ ଯୋଦ୍ଧାସ, ରାଜସ୍ଥାନ ୱାରିୟର୍ସ ଏବଂ ଓଡ଼ିଶା ଜଗରନଟ୍ସ। ୨୧ ଦିନ ବିଶିଷ୍ଟ ଟୁର୍ନାମେଣ୍ଟରେ ମୋଟ ୩୪ଟି ମ୍ୟାଚ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟ ଶେଷରେ ଶ୍ରେଷ୍ଠ ୪ଟି ଦଳ ପ୍ଲେ-ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ। ନକ୍‌ଆଉଟ ମ୍ୟାଚ ଗୁଡ଼ିକ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଢାଞ୍ଚାରେ କ୍ୱାଲିଫାୟର ଓ ଏଲିମିନେଟର ଭିତ୍ତିରେ ଅନୁଷ୍ଠିତ ହେବ। ଏଲିମିନେଟର ଓ କ୍ୱାଲିଫାୟର-୧ ସେପ୍ଟେମ୍ବର ୨ରେ, କ୍ୱାଲିଫାୟର-୨ ସେପ୍ଟେମ୍ବର ୩ରେ ଏବଂ ଫାଇନାଲ ସେପ୍ଟେମ୍ବର ୪ରେ ଅନୁଷ୍ଠିତ ହେବ। ଶୀର୍ଷ ୨ ଦଳ ମଧ୍ୟରେ କ୍ୱାଲିଫାୟର ଖେଳାଯିବ। ଏହାର ବିଜେତା ସିଧାସଳଖ ଫାଇନାଲରେ ପ୍ରବେଶ କରିବ। ତୃତୀୟ ଓ ଚତୁର୍ଥ ସ୍ଥାନୀୟ ଦଳ ମଧ୍ୟରେ ଏଲିମିନେଟର ଅନୁଷ୍ଠିତ ହେବ। ଏହାର ବିଜେତା ଏବଂ କ୍ୱାଲିଫାୟର-୧ର ପରାଜିତ ଦଳ ମଧ୍ୟରେ କ୍ୱାଲିଫାୟର-୨ ଖେଳାଯିବ। ଏହାର ବିଜେତା କ୍ୱାଲିଫାୟର-୧ର ବିଜେତାକୁ ଫାଇନାଲରେ ଭେଟିବ। ଲିଗ୍ ପର୍ଯ୍ୟାୟରେ ଦିନକୁ ୨ଟି ଲିଗ୍ ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚ ରାତି ୭ଟାରେ ଆରମ୍ଭ ହେବ।

**ଓଡ଼ିଶା ଜଗରନଟ୍ସ:** ହକି ସମେତ ବିଭିନ୍ନ କ୍ରୀଡ଼ାକୁ ପ୍ରୋତ୍ସାହନ ଦେଇ ଆସୁଥିବା ଓଡ଼ିଶା ସରକାର ସ୍ୱଦେଶୀ ଖେଳ ଖୋ ଖୋକୁ ମଧ୍ୟ ସମର୍ଥନର ହାତ ବଢ଼ାଇଛନ୍ତି। ଫଳ ସ୍ୱରୂପ ହକିରେ କଳିଙ୍ଗ ଲାନ୍ସର୍ସ ଏବଂ ଫୁଟବଲରେ ଓଡ଼ିଶା ଏଫ୍‌ସି ଭଳି ଖୋ ଖୋରେ ଏକ ଓଡ଼ିଶା ଭିତ୍ତିକ ଦଳ ସାମିଲ ହୋଇ ପାରିଛି। ଏହାର ନାମ ରଖା ଯାଇଛି ଓଡ଼ିଶା ଜଗରନଟ୍ସ। ଅଲ୍‌ଟିମେଟ ଖୋ ଖୋରେ ୫ମ ଫ୍ରାଞ୍ଚାଇଜ୍ ଦଳଭାବେ ଓଡ଼ିଶା ଜଗରନଟ୍ସର ପ୍ରବେଶ ଘଟିଛି। ଅଗଷ୍ଟ ୧ରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ଦଳର ଜର୍ସି ଉନ୍ମୋଚନ କରିଛନ୍ତି। ଓଡ଼ିଶା ସ୍ପୋର୍ଟ୍ସ ଡେଭେଲପ୍‌ମେଣ୍ଟ ଆଣ୍ଡ ପ୍ରମୋଶନ କମ୍ପାନୀ (ଓଏସ୍‌ଡିପିସି) ମାଲିକାନାରେ ଓଡ଼ିଶା ଜଗରନଟ୍ସ ଆଗାମୀ ଲିଗ୍‌ରେ ଖେଳିବାକୁ ଯାଉଥିବାବେଳେ ଅଶ୍ୱିନୀ କୁମାର ଶର୍ମା ଏହାର ମୁଖ୍ୟ କୋଚ୍ ଅଛନ୍ତି। ଲିଲନ ପ୍ରସାଦ ସାହୁ ଟିମ୍ ମ୍ୟାନେଜର ଦାୟିତ୍ୱ ତୁଲାଉଛନ୍ତି। ଓଡ଼ିଶା ଜଗରନଟ୍ସ ଦଳରେ ମୋଟ ୨୫ ଖେଳାଳି ରହିଛନ୍ତି। ରାଜ୍ୟର ୬ ଖେଳାଳି ଏଥିରେ ରହିଥିବାବେଳେ ମୋଟ ୧୦ ଖେଳାଳି ଓଭରଅଲ୍ ଲିଗ୍‌ରେ ପ୍ରତିନିଧିତ୍ୱ କରିବେ। ଅଗ୍ରଣୀ ଇସ୍ପାତ ନିର୍ମାତା ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ଲିମିଟେଡ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ସହିତ ମିଶି ଓଏସ୍‌ଡିପିସି ଅଲ୍‌ଟିମେଟ ଖୋ ଖୋ ପାଇଁ କାର୍ଯ୍ୟ କରୁଛି। ଅଲ୍‌ଟିମେଟ ଖୋ ଖୋର ସର୍ବପ୍ରଥମ ସଂସ୍କରଣ ପାଇଁ ଓଡ଼ିଶା ଜଗରନଟ୍ସ ଦଳରେ ୨ ଜଣ ଅଧିନାୟକ ରହିବେ। ସେମାନେ ହେଲେ ଏକଲବ୍ୟ ପୁରସ୍କାରପ୍ରାପ୍ତ ମିଲିନ୍ଦ ଦିଲୀପ ଚଭାରେକର ଓ ଦୀପେଶ ବିଜୟ ମୋରେ। ଘରୋଇ ମ୍ୟାଚଗୁଡ଼ିକରେ ଦୀପେଶ ବିଜୟ ଏବଂ ଅନ୍ୟ ମ୍ୟାଚରେ ମିଲିନ୍ଦ ଏହି ଗୁରୁଦାୟିତ୍ୱ ତୁଲାଇବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ପ୍ରକାଶ କରାଯାଇଛି। ଓଡ଼ିଶା ଜଗରନଟ୍ସ ଏହାର ପ୍ରଥମ ମ୍ୟାଚ ୧୫ ତାରିଖରେ ଚେନ୍ନାଇ କ୍ୱିକ୍ ଗନ୍ସ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

**ଓଡ଼ିଶା ଜଗରନଟ୍ସ ଦଳ**

**ଆଟାକର:** ଦର୍ଶନାପୁ ସତୀଶ, ଦୀନେଶ ନାଏକ, ଲିପୁନ ମୁଖୀ, ମହେଶ ପି., ମନୋଜ ନାରାୟଣରାଓ, ମୁକେଶ ପ୍ରଜାପତ, ଶିବ୍ କୁମାର ସେନ୍ ଓ ସୁରଜ ଶୀତଲ ଲାଣ୍ଡେ।

**ଡିଫେଣ୍ଡର:** ଗୌତମ ଏମ୍. କେ, ଗୁରଜିନ୍ଦର ସିଂ, ସୁରେଶ କୁମାର, ସ୍ୱୟମ ସତ୍ୟପ୍ରକାଶ ପରିଜା, ଥୁଙ୍ଗନା ବିନୋଦ କୁମାର ଓ ବିଶାଲ।

**ଅଲ୍‌ରାଉଣ୍ଡର:** ଆଦିତ୍ୟ କୁଡାଲେ, ଅର୍ଜୁନ ସିଂ, ଅବିନାଶ ଶିବାଜୀ ଦେଶାଇ, ଦୀପେଶ ବିଜୟ ମୋରେ (ଅଧିନାୟକ), ଜଗନ୍ନାଥ ମୁର୍ମୁ, ମିଲିନ୍ଦ ଦିଲୀପ ଚଭାରେକର (ଅଧିନାୟକ), ନିଲେଶ୍ ଆନନ୍ଦ ଯାଦବ, ଶୁଭାଶିଷ ସାନ୍ତ୍ରା, ଦିଲୀପ ଖାଣ୍ଡଭି, ସିଦ୍ଧେଶ୍ୱର ଗୁଡ୍ଡୁ, ସୁକାନ୍ତ ସିଂ।

| ଟିମ୍ | ମାଲିକ |
|---|---|
| ମୁମ୍ବାଇ ଖିଲାଡିଜ୍ | ବାଦଶାହ ଓ ପୁନିତ ବାଲାନ |
| ଚେନ୍ନାଇ କୁଇକ୍ ଗନ୍ସ | କେଏଲ୍‌ଓ ସ୍ପୋର୍ଟ୍ସ |
| ତେଲ୍‌ଗୁ ଯୋଦ୍ଧାସ | ଜିଏମ୍‌ଆର୍ ସ୍ପୋର୍ଟ୍ସ |
| ଓଡ଼ିଶା ଜଗରନଟ୍ସ | ଓଡ଼ିଶା ସରକାର |
| ରାଜସ୍ଥାନ ୱାରିୟର୍ସ | କାପ୍ରି ଗ୍ଲୋବାଲ |
| ଗୁଜରାଟ ଜିଆଣ୍ଟ୍ସ | ଅଦାନି ସ୍ପୋର୍ଟ୍ସଲାଇନ୍ |

## ଲିଗ୍ ପର୍ଯ୍ୟାୟ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ |
|---|---|
| ଅଗଷ୍ଟ ୧୪ | ମୁମ୍ବାଇ ଖିଲାଡିଜ୍ ବନାମ ଗୁଜରାଟ ଜିଆଣ୍ଟ୍ସ |
| | ଚେନ୍ନାଇ କୁଇକ୍ ଗନ୍ସ ବନାମ ତେଲ୍‌ଗୁ ଯୋଦ୍ଧାସ |
| ଅଗଷ୍ଟ ୧୫ | ରାଜସ୍ଥାନ ୱାରିୟର୍ସ ବନାମ ମୁମ୍ବାଇ ଖିଲାଡିଜ୍ |
| | ଓଡ଼ିଶା ଜଗରନଟ୍ସ ବନାମ ଚେନ୍ନାଇ କୁଇକ୍ ଗନ୍ସ |
| ଅଗଷ୍ଟ ୧୬ | ତେଲ୍‌ଗୁ ଯୋଦ୍ଧାସ ବନାମ ରାଜସ୍ଥାନ ୱାରିୟର୍ସ |
| | ଗୁଜରାଟ ଜିଆଣ୍ଟ୍ସ ବନାମ ଓଡ଼ିଶା ଜଗରନଟ୍ସ |
| ଅଗଷ୍ଟ ୧୭ | ଗୁଜରାଟ ଜିଆଣ୍ଟ୍ସ ବନାମ ମୁମ୍ବାଇ ଖିଲାଡିଜ୍ |
| | ତେଲ୍‌ଗୁ ଯୋଦ୍ଧାସ ବନାମ ଚେନ୍ନାଇ କୁଇକ୍ ଗନ୍ସ |
| ଅଗଷ୍ଟ ୧୯ | ରାଜସ୍ଥାନ ୱାରିୟର୍ସ ବନାମ ଓଡ଼ିଶା ଜଗରନଟ୍ସ |
| | ମୁମ୍ବାଇ ଖିଲାଡିଜ୍ ବନାମ ଚେନ୍ନାଇ କୁଇକ୍ ଗନ୍ସ |
| ଅଗଷ୍ଟ ୨୧ | ଓଡ଼ିଶା ଜଗରନଟ୍ସ ବନାମ ଗୁଜରାଟ ଜିଆଣ୍ଟ୍ସ |
| | ରାଜସ୍ଥାନ ୱାରିୟର୍ସ ବନାମ ତେଲ୍‌ଗୁ ଯୋଦ୍ଧାସ |
| ଅଗଷ୍ଟ ୨୩ | ତେଲ୍‌ଗୁ ଯୋଦ୍ଧାସ ବନାମ ମୁମ୍ବାଇ ଖିଲାଡିଜ୍ |
| | ଗୁଜରାଟ ଜିଆଣ୍ଟ୍ସ ବନାମ ଚେନ୍ନାଇ କୁଇକ୍ ଗନ୍ସ |
| ଅଗଷ୍ଟ ୨୪ | ଚେନ୍ନାଇ କୁଇକ୍ ଗନ୍ସ ବନାମ ଓଡ଼ିଶା ଜଗରନଟ୍ସ |
| | ମୁମ୍ବାଇ ଖିଲାଡିଜ୍ ବନାମ ରାଜସ୍ଥାନ ୱାରିୟର୍ସ |
| ଅଗଷ୍ଟ ୨୫ | ଓଡ଼ିଶା ଜଗରନଟ୍ସ ବନାମ ରାଜସ୍ଥାନ ୱାରିୟର୍ସ |
| | ଗୁଜରାଟ ଜିଆଣ୍ଟ୍ସ ବନାମ ତେଲ୍‌ଗୁ ଯୋଦ୍ଧାସ |
| ଅଗଷ୍ଟ ୨୬ | ଚେନ୍ନାଇ କୁଇକ୍ ଗନ୍ସ ବନାମ ଗୁଜରାଟ ଜିଆଣ୍ଟ୍ସ |
| | ମୁମ୍ବାଇ ଖିଲାଡିଜ୍ ବନାମ ତେଲ୍‌ଗୁ ଯୋଦ୍ଧାସ |
| ଅଗଷ୍ଟ ୨୭ | ରାଜସ୍ଥାନ ୱାରିୟର୍ସ ବନାମ ଚେନ୍ନାଇ କୁଇକ୍ ଗନ୍ସ |
| | ଓଡ଼ିଶା ଜଗରନଟ୍ସ ବନାମ ମୁମ୍ବାଇ ଖିଲାଡିଜ୍ |
| ଅଗଷ୍ଟ ୨୮ | ଓଡ଼ିଶା ଜଗରନଟ୍ସ ବନାମ ତେଲ୍‌ଗୁ ଯୋଦ୍ଧାସ |
| | ରାଜସ୍ଥାନ ୱାରିୟର୍ସ ବନାମ ଗୁଜରାଟ ଜିଆଣ୍ଟ୍ସ |
| ଅଗଷ୍ଟ ୨୯ | ଚେନ୍ନାଇ କୁଇକ୍ ଗନ୍ସ ବନାମ ମୁମ୍ବାଇ ଖିଲାଡିଜ୍ |
| | ତେଲ୍‌ଗୁ ଯୋଦ୍ଧାସ ବନାମ ଗୁଜରାଟ ଜିଆଣ୍ଟ୍ସ |
| ଅଗଷ୍ଟ ୩୦ | ମୁମ୍ବାଇ ଖିଲାଡିଜ୍ ବନାମ ଓଡ଼ିଶା ଜଗରନଟ୍ସ |
| | ଚେନ୍ନାଇ କୁଇକ୍ ଗନ୍ସ ରାଜସ୍ଥାନ ୱାରିୟର୍ସ |
| ଅଗଷ୍ଟ ୩୧ | ଗୁଜରାଟ ଜିଆଣ୍ଟ୍ସ ବନାମ ରାଜସ୍ଥାନ ୱାରିୟର୍ସ |
| | ତେଲ୍‌ଗୁ ଯୋଦ୍ଧାସ୍ ବନାମ ଓଡ଼ିଶା ଜଗରନଟ୍ସ |



ଜର୍ସି ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଓଡ଼ିଶା ଜଗରନଟ୍ସ ଦଳ।

# ଟିମ ଇଣ୍ଡିଆର ଭବିଷ୍ୟତ କ୍ରିକେଟର



ନିର୍ମଳ କୁମାର ମିଶ୍ର

**ୱେଷ୍ଟଇଣ୍ଡିଜ ମାଟିରେ ଉଭୟ ଦିନିକିଆ ଓ ଟି୨୦ ସିରିଜ ଜିତିଛି ଟିମ୍ ଇଣ୍ଡିଆ। ସିନିୟର ଖେଳାଳିଙ୍କ ଅନୁପସ୍ଥିତିରେ ଯୁବ ଖେଳାଳିମାନେ ସେମାନଙ୍କ ଦକ୍ଷତା ଦେଖାଇଛନ୍ତି। ଭାରତର ବେଞ୍ଚଷ୍ଟ୍ରେନ୍ଥ ଦୃଢ଼ଥିବା ଏଥିରୁ ପ୍ରମାଣିତ ହୋଇଛି। ଯୁବ ଖେଳାଳିଙ୍କ ତାଲିକା କ୍ରମେ ଲମ୍ବିବାରେ ଲାଗିଛି.....**

ବ୍ୟସ୍ତ ବହୁଳ କାର୍ଯ୍ୟସୂଚୀ ମଧ୍ୟରେ ଗତି କରୁଛି ଟିମ୍ ଇଣ୍ଡିଆ। ବର୍ତ୍ତମାନ ଅଭିଜ୍ଞ ଏବଂ ଯୁବ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ ଗସ୍ତ ଶେଷ କରିଛି। ଅଧିନାୟକ ରୋହିତ ଶର୍ମା, ତାରକା ବ୍ୟାଟର ବିରାଟ କୋହଲି, ଇନ୍‌ଫର୍ମ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍ରାଙ୍କ ପରି ସିନିୟର ଖେଳାଳି ବିଶ୍ରାମ ନେଇଥିଲେ ହେଁ ଭେଟେରାନ ଶିଖର ଧାୱନଙ୍କ ନେତୃତ୍ୱାଧୀନ ଭାରତୀୟ ଯୁବଦଳ ପୂର୍ଣ୍ଣ ଶକ୍ତି ସମ୍ପନ୍ନ ୱେଷ୍ଟଇଣ୍ଡିଜକୁ କାରିବିୟନ ମାଟିରେ ଚକ୍‌ମା ଦେଇ ଦିନିକିଆ ସିରିଜ ବିଜୟୀ ହେବାରେ ସକ୍ଷମ ହୋଇଛି। ଏହାଦ୍ୱାରା ଭାରତର ବେଞ୍ଚଷ୍ଟ୍ରେନ୍ଥ କେତେ ଶକ୍ତିଶାଳୀ ତାହା ପୁଣିଥରେ ପ୍ରମାଣିତ ହୋଇଛି। ପରେ ରୋହିତଙ୍କ ସମେତ ହାର୍ଦ୍ଦିକ ପ୍ରମୁଖଙ୍କ ପ୍ରତ୍ୟାବର୍ତ୍ତନ ସହ ଭାରତ ଟି୨୦ ସିରିଜକୁ ମଧ୍ୟ ଜିତିଛି।

ଗତ କିଛିଦିନ ତଳେ ଖେଳା ଯାଇଥିବା ଇଂଲଣ୍ଡ ବିପକ୍ଷ ୨୦୨୧ ଟେଷ୍ଟ ସିରିଜର ୫ମ ତଥା ଅନ୍ତିମ ମ୍ୟାଚ ଜିତି ଭାରତ ସିରିଜ ବିଜୟୀ ହେବାର ସୁବର୍ଣ୍ଣ ସୁଯୋଗ ରହିଥିଲା। ଭାରତର ଆରମ୍ଭ ମଧ୍ୟ ଭଲ ହୋଇଥିଲା। ମାତ୍ର ଏହି ଟେଷ୍ଟ ହାରି ଭାରତ ସିରିଜକୁ ୨-୨ରେ ଡ୍ର ରଖି ସନ୍ତୁଷ୍ଟ ହୋଇଥିଲା। ତେବେ ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷ ଟି୨୦ ଓ ଦିନିକିଆ ସିରିଜ ଜିତିବାରେ ସକ୍ଷମ ହୋଇଥିଲା। ଟି୨୦ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ସିରିଜକୁ ୨-୨ରେ ସମାପ୍ତ କରିଥିବା ବେଳେ ଆୟର୍ଲାଣ୍ଡ ବିପକ୍ଷରେ ବିଜୟୀ ହୋଇଥିଲା। ଏହି ସମସ୍ତ ସିରିଜରେ ଭାରତୀୟ ଯୁବ ଖେଳାଳିମାନେ ସେମାନଙ୍କ ଦକ୍ଷତା ଦେଖାଇଥିଲେ। ଆଗକୁ ରହିଛି ଏସିଆ କପ୍ ଏବଂ ଆଇସିସି ଟି୨୦ ବିଶ୍ୱକପ୍। ଦୀର୍ଘଦିନ ହେବ ଟିମ୍ ଇଣ୍ଡିଆ କୌଣସି ଆଇସିସି ଟ୍ରଫି ଜିତିବାକୁ ସକ୍ଷମ ହୋଇନାହିଁ। ଆଇପିଏଲରେ ଭଲ ପ୍ରଦର୍ଶନ କରିଥିବା ଯୁବ ଖେଳାଳିଙ୍କ ଉପରେ ବର୍ତ୍ତମାନ ଭାରତୀୟ କ୍ରିକେଟର ଭବିଷ୍ୟତ ନିର୍ଭର କରୁଛି। ସେମାନେ ନିଜର ପ୍ରଦର୍ଶନ ମାଧ୍ୟମରେ ବିସିସିଆଇର ଦୃଷ୍ଟି ଆକର୍ଷଣ କରିବାକୁ ମଧ୍ୟ ସକ୍ଷମ ହୋଇପାରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଶୁବମନ ଗିଲ୍, ଋତୁରାଜ ଗାଏକ୍ୱାର୍ଡ, ଦେବଦତ୍ତ ପଡିକଲ, ଇଶାନ କିଷନ, ଶ୍ରେୟସ ଆୟାର, ଋଷଭ ପନ୍ତ, ରିଆନ ପରାଗ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଆଭେଶ ଖାଁ, ଉମ୍ରାନ ମଲିକ, କାର୍ତ୍ତିକ ତ୍ୟାଗୀ, ଦୀପକ ହୁଡା ଏବଂ ସୂର୍ଯ୍ୟକୁମାର ଯାଦବ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଖେଳାଳିଙ୍କୁ ବିସିସିଆଇ କ୍ରିକେଟର ବିଭିନ୍ନ ଫର୍ମାଟରେ ସୁଯୋଗ ଦେଇସାରିଛି ଏବଂ ସେମାନେ ଭଲ ପ୍ରଦର୍ଶନ କରୁଛନ୍ତି।

ଭଲ ଫର୍ମରେ ନ ଥିଲେ ହେଁ ଏକମାସର ବ୍ରେକ୍ ପରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟର ବିରାଟ କୋହଲି। ଏସିଆ କପ୍ ପାଇଁ ଘୋଷିତ ଦଳରେ ବିରାଟ ଏବଂ ଆହତ ସମସ୍ୟାରୁ ମୁକୁଳିଥିବା ଲୋକେଶ ରାହୁଲ ସ୍ଥାନ ପାଇଛନ୍ତି। ବାରମ୍ବାର ସିନିୟର ଖେଳାଳିଙ୍କୁ ବିଶ୍ରାମ ଦିଆଯିବା ଘଟଣାକୁ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ପରି ଖେଳାଳି ନାପସନ୍ଦ କରିଥିଲେ। ୨୦୨୧ ଟି୨୦ ବିଶ୍ୱକପ୍ ପରେ କୋହଲି ଟି୨୦ ଫର୍ମାଟରେ ଅଧିନାୟକ ପଦ ଛାଡିଦେଇଥିଲେ। ଏହାପରେ ରୋହିତ ଶର୍ମାଙ୍କୁ ଏହି ଫର୍ମାଟ ପାଇଁ ଅଧିନାୟକ କରାଯାଇଥିଲା। ୨୦୨୨ସିଜନ୍ ଆରମ୍ଭ ପୂର୍ବରୁ ବିରାଟ ୩ଟି ଯାକ ଫର୍ମାଟର ଅଧିନାୟକ ପଦରୁ ଓହରି ଯାଇଥିଲେ। ଏହା ପରେ ହିଟମ୍ୟାନ୍ ରୋହିତଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା।

ଆହତ ସମସ୍ୟାକୁ ଦୃଷ୍ଟିରେ ରଖି ଏବଂ ରୋଟେଶନ ପଦ୍ଧତି ଅନୁସାରେ ବିସିସିଆଇ ଇତିମଧ୍ୟରେ ୭ ଜଣ ଅଧିନାୟକ ପରିବର୍ତ୍ତନ କରିସାରିଲାଣି। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପାଇଁ ଦଳ ଘୋଷଣା ପରେ ସାମାଜିକ ଗଣମାଧ୍ୟମରେ ବେଶ୍ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଥିଲେ ଭାରତୀୟ କ୍ରିକେଟପ୍ରେମୀ। ଯଦିଓ ଭାରତ ନିକଟ ଅତୀତରେ ଭଲ ପ୍ରଦର୍ଶନ କରୁଛି ତେବେ ଏକାଧିକ ଅଧିନାୟକ ନିଯୁକ୍ତ କରାଯିବାକୁ ଅନେକେ ଗ୍ରହଣ କରିପାରି ନ ଥିଲେ। ଗତ ଟି୨୦ ସିରିଜରେ ଇଂଲଣ୍ଡ ପରି ଶକ୍ତିଶାଳୀ ଦଳକୁ ହରାଇ ଭାରତୀୟ ଦଳ ନିଜର ଦକ୍ଷତା ଦେଖାଇଥିଲା। ଯୁବ ବ୍ୟାଟର ଦୀପକ ହୁଡା ଆକ୍ରମଣାତ୍ମକ ବ୍ୟାଟିଂ ମାଧ୍ୟମରେ ୪ର୍ଥ ଭାରତୀୟ ଖେଳାଳି ରୂପେ ଟି୨୦ରେ ଆୟର୍ଲାଣ୍ଡ ବିପକ୍ଷରେ ଶତକ ହାସଲ କରିଥିଲେ। ଇଂଲଣ୍ଡ ବିପକ୍ଷ ସିରିଜରେ ମଧ୍ୟ ଭଲ ଖେଳିଥିଲେ। ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ପରୀକ୍ଷା ନିରୀକ୍ଷାକୁ ବ୍ୟାପକ କରାଯାଇଛି। ତେବେ ରଣଜୀ ଟ୍ରଫିରେ ସବୁଠାରୁ ସଫଳ ବ୍ୟାଟର ମୁମ୍ବାଇର ସର୍ଫରାଜ ଖାଁଙ୍କୁ ସୁଯୋଗ ନ ମିଳିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତ କେତୋଟି ସିରିଜରେ ନୂଆନୂଆ ଅଧିନାୟକ ରହୁଥିବାରୁ ମୁଖ୍ୟ କୋଚ ରାହୁଲ ଦ୍ରାବିଡଙ୍କୁ ବାରମ୍ବାର ରଣନୀତି ବଦଳାଇବାକୁ ପଡୁଛି। କୋଚପଦ ସମ୍ଭାଳିବା ପରଠାରୁ ଅଳ୍ପ ଦିନ ମଧ୍ୟରେ ସାତ ଜଣ ଅଧିନାୟକଙ୍କ ସହ କାମ କରିବା ନିଶ୍ଚିତ ରୂପେ କୋଚଙ୍କ ପାଇଁ କଠିନ ବ୍ୟାପାର। ଇଂଲଣ୍ଡ ବିପକ୍ଷ ଟି୨୦ ପାଇଁ ଅଧିନାୟକ ରୂପେ ରୋହିତ ଶର୍ମା ପ୍ରତ୍ୟାବର୍ତ୍ତନ କରି ସିରିଜ ଜିତିବାରେ ସଫଳ ହୋଇଛନ୍ତି। ଯୁବ ଖେଳାଳିଙ୍କୁ ସୁଯୋଗ ଦିଆଯିବା ଭଲ କଥା। ମାତ୍ର ମାତ୍ରାଧିକ ପରୀକ୍ଷା ନୀରିକ୍ଷା ଦଳପାଇଁ ସବୁବେଳେ ଶୁଭଦାୟକ ହୋଇନାହିଁ। ଗିଲ୍, ସୂର୍ଯ୍ୟକୁମାର ଯାଦବ, ଶ୍ରେୟସ ଆୟାର ଓ ଦୀପକ ହୁଡାଙ୍କ ପରି ବ୍ୟାଟର ଏବଂ ମହମ୍ମଦ ସିରାଜ, ଅଭେଶ ଖାଁ, ଉମ୍ରାନ ମଲିକ, ରବି ବିଷ୍ଣୋଇ, କାର୍ତ୍ତିକ ତ୍ୟାଗୀଙ୍କ ପରି କ୍ୱାଲିଟି ବୋଲରଙ୍କ ଉପସ୍ଥିତିରେ ଭାରତର କ୍ରିକେଟ ଭବିଷ୍ୟତ ଉଜ୍ଜ୍ୱଳ ମନେ ହେଉଛି।

ବର୍ତ୍ତମାନ ଅନ୍ୟଦେଶ ମାନଙ୍କ ପରି ଲଙ୍ଗ୍ ଫର୍ମାଟ ଏବଂ ଶର୍ଟ ଫର୍ମାଟ ପାଇଁ ୨ଟି ଟିମ୍ ଏବଂ ଅଧିନାୟକରେ ବିଶ୍ୱାସ କରୁଛି ବିସିସିଆଇ। ଆଗକୁ ରହିଛି ଏସିଆ କପ୍, ଆଇସିସି ଟି୨୦ ବିଶ୍ୱକପ୍, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ। ଅନେକ ଗୁରୁତ୍ୱପୂର୍ଣ୍ଣ ସିରିଜ ଏବଂ ଟୁର୍ନାମେଣ୍ଟ ଥିବାରୁ ସୁଯୋଗର ସଦ୍‌ବ୍ୟବହାର କରିପାରିଲେ ଯୁବ ଖେଳାଳିମାନେ ନିଶ୍ଚିତ ପ୍ରତିଷ୍ଠିତ ହୋଇପାରିବେ।



ସୂର୍ଯ୍ୟକୁମାର ଯାଦବ

## ଲୟ

ରାଜ୍ୟଗୋଷ୍ଠୀ କ୍ରୀଡ଼ା ଟେବୁଲ ଟେନିସ<br>
ଇଭେଣ୍ଟରେ ମାରି ବାଜି<br>
ଗୋଲ୍ଡେନ ପଦକ ଜିତିଛି ଇଣ୍ଡିଆ<br>
ଷୋଳ ବର୍ଷ ଭଜିଭଜି<br>
ମନ ଦୃଢ଼ କରି ପାଜି<br>
ଚେଷ୍ଟା କରି ଫର୍ଟି ଇୟରରେ ହିରୋ<br>
ଶରଥ କମଲ ଆଜି।

ଦଶ ହଜାର ମିଟର ରେସ୍ ୱାକ୍‌ରେ<br>
ପାଇଛି ଦ୍ୱିତୀୟ ସ୍ଥାନ<br>
ଅଣଚାଳିଶ ମିନିଟ ଅଣ ତିରିଶ ସେକେଣ୍ଡରେ<br>
ଚାଲି ରଖିଅଛି ମାନ<br>
କଙ୍ଗ୍ରାଚୁଲେଶନ ଘେନ<br>
ପ୍ରିୟଙ୍କା ଗୋସ୍ୱାମୀ ତୁମ ସଫଳତା ପାଇଁ<br>
ଇଣ୍ଡିଆ ହୋଇଛି ଧନ୍ୟ।



ତିନିବର୍ଷ ଅବୈତନିକ ଛୁଟି ନେଇ<br>
ଜୟ ଭଗବାନ ଜୟ<br>
ଝିଅ ନୀତୁ ସ୍ୱର୍ଣ୍ଣ ପଦକ ବିଜେତା<br>
ଟ୍ରେନିଂରେ ରଖି ଲୟ<br>
ଶ୍ରମ ଦାନ ସତ୍ୟ ନ୍ୟାୟ<br>
ବୃଥା ଯାଏନାହିଁ ମିଥ୍ୟାବାଦୀ ପାଇଁ<br>
ରହିଥାଏ ସଦା ଭୟ।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୨/୨୦୨୨ Bhubaneswar, Friday, August 12/ 2022



କଟକରେ ଅନୁଷ୍ଠିତ ମହିଳା ଟି୨୦ କ୍ରିକେଟରେ ଯୁଗ୍ମ ବିଜେତା ଓଡ଼ିଶା ରେଡ୍ ଓ ଭାଓଲେଟ ଦଳ ଅତିଥିଙ୍କ ଗହଣରେ।

# ଓଡ଼ିଶା ରେଡ୍-ଭାଓଲେଟ ଯୁଗ୍ମ ବିଜେତା

## ମହିଳା ଟି୨୦

ଭୁବନେଶ୍ୱର, ୧୧।୮ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକରେ ଅନୁଷ୍ଠିତ ମହିଳା ଟି୨୦ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଶେଷ ହୋଇଛି। ଏଥିରେ ଓଡ଼ିଶା ରେଡ୍ ଓ ଓଡ଼ିଶା ଭାଓଲେଟକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଛି। ଉଭୟ ଦଳ ଫାଇନାଲରେ ପ୍ରବେଶ କରିଥିବାବେଳେ ପ୍ରତିକୂଳ ପାଗ ଯୋଗୁ ମ୍ୟାଚ ସମ୍ଭବ ହୋଇ ନ ଥିଲା। ପ୍ରତିଯୋଗିତାରେ ମୋଟ ୫ଟି ଦଳ ଅଂଶଗ୍ରହଣ କରିଥିଲେ। ସୁଶ୍ରୀ ଦିବ୍ୟଦର୍ଶିନୀ ଏମ୍‌ଜିଏମ୍ ପ୍ଲେୟର ଅଫ୍ ଦି ସିରିଜ, ଜି.ଏମ୍. ଅଳକାନନ୍ଦା ଇମର୍ଜିଂ ପ୍ଲେୟର ଅଫ୍ ଦି ସିରିଜ, କାଜଲ ଜେନା ସିରିଜର ଶ୍ରେଷ୍ଠ ବ୍ୟାଟର, ରସନାରା ପରବିନ ଶ୍ରେଷ୍ଠ ବୋଲର ଏବଂ ଶ୍ରେୟା ପ୍ରିୟଦର୍ଶିନୀ ସିରିଜର ସର୍ବକନିଷ୍ଠ ପ୍ରତିଭା ପୁରସ୍କାର ପାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡ୍ରିମ୍ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ପ୍ରମୋଦ ଚନ୍ଦ୍ର ରଥ, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ଯୁଗ୍ମ ସମ୍ପାଦକ ମେହତାବ ଖାଁ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଜିମ୍ବାୱେ ବିପକ୍ଷରେ ରାହୁଲ ଅଧିନାୟକ

ନୂଆଦିଲ୍ଲୀ, ୧୧।୮ (ପି.ଟି.)





ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଟିମ୍ ଦ୍ୱାରା ଫିଟ୍ ଘୋଷିତ ହେବାରୁ ସିନିୟର ଓପନର କେ.ଏଲ୍. ରାହୁଲ ଜିମ୍ବାୱେ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ତାଙ୍କୁ ଅଧିନାୟକ କରାଯାଇଛି। ପୂର୍ବରୁ ଶିଖର ଧାୱନଙ୍କୁ ଅଧିନାୟକ କରାଯାଇଥିଲା। ବର୍ତ୍ତମାନ ସେ କିନ୍ତୁ ତାଙ୍କର ଡେପୁଟି ଭାବେ କାର୍ଯ୍ୟକରିବେ। ରାହୁଲଙ୍କ ହାର୍ନିଆ ଅସ୍ତ୍ରୋପଚାର ହୋଇଥିଲା। ଏଥିରୁ ସେ ଆରୋଗ୍ୟ ଲାଭ କରିଛନ୍ତି। ପୂର୍ବରୁ କୋଭିଡ୍ ପାଇଁ ସେ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରୁ ବାଦ୍ ପଡ଼ିଥିଲେ। ସୁସ୍ଥ ହେବା ଲାଗି କିଛି ସମୟ ଲାଗିବାକୁ ଥିବାରୁ ରାହୁଲଙ୍କୁ ପ୍ରଥମେ ଜିମ୍ବାୱେ ଟୁର୍ ପାଇଁ ମନୋନୀତ କରାଯାଇ ନ ଥିଲା। ଗୁରୁତ୍ୱପୂର୍ଣ୍ଣ ଏସିଆ କପ୍ ପୂର୍ବରୁ ସମ୍ପୂର୍ଣ୍ଣ ଫିଟ୍ ହେବା ସକାଶେ ତାଙ୍କୁ ସମୟ ଦିଆଯାଇଥିଲା। ତେବେ ବିସିସିଆଇ ମେଡିକାଲ ଟିମ୍ ବର୍ତ୍ତମାନ ତାଙ୍କୁ ଫିଟ୍ ଘୋଷଣା କରିବା ପରେ ଦଳ ପାଇଁ ମନୋନୟନ ଲାଗି ସେ ଉପଲବ୍ଧ ହୋଇଥିଲେ। ସମସ୍ତ ଫର୍ମାଟ ଲାଗି ନିୟମିତ ଅଧିନାୟକ ରୋହିତ ଶର୍ମାଙ୍କ ଡେପୁଟି ଭାବେ ରାହୁଲ ପ୍ରଥମ ପସନ୍ଦ ରହିଛନ୍ତି। ସେ ଉପଲବ୍ଧ ହେବାଦ୍ୱାରା ସିରିଜ ପାଇଁ ଧାୱନ ଉପଅଧିନାୟକ ପଦବୀକୁ ଖସିଛନ୍ତି। ରାହୁଲଙ୍କୁ ସାମିଲ କରାଯିବା ପରେ ଦଳରେ କୌଣସି ଖେଳାଳିଙ୍କୁ ବଦଳ କରାଯାଇନାହିଁ। ଫଳରେ ମନୋନୀତ ଖେଳାଳି ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ରାହୁଲଙ୍କ ପ୍ରବେଶ ଦ୍ୱାରା ସିରିଜରେ ଋତୁରାଜ ଗାଏକ୍ୱାଡଙ୍କୁ ଗୋଟିଏ ହେଲେ ମ୍ୟାଚରେ ସୁଯୋଗ ମିଳିବା ସମ୍ଭାବନା ଆପାତତଃ ନାହିଁ। ଏହି ସିରିଜରୁ ରୋହିତ ଶର୍ମା, ବିରାଟ କୋହଲି, ରିଷଭ ପନ୍ତ, ଶ୍ରେୟାସ ଆୟାର, ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ଶାମିଙ୍କୁ ବିଶ୍ରାମ ଦିଆଯାଇଛି। ପିଠିରେ ଇଞ୍ଜୁରି ଯୋଗୁ ବୁମ୍‌ରା ଏବେ ଚିକିତ୍ସିତ ହେଉଛନ୍ତି। ସେ ଅଗଷ୍ଟ ୨୭ରୁ ଆରମ୍ଭ ହେବାକୁଥିବା ଏସିଆ କପ୍‌ରେ ମଧ୍ୟ ଖେଳିପାରିବେ ନାହିଁ।

**ଭାରତୀୟ ଦଳ**

କେ.ଏଲ୍. ରାହୁଲ (ଅଧିନାୟକ), ଶିଖର ଧାୱନ (ଉପଅଧିନାୟକ), ଋତୁରାଜ ଗାଏକ୍ୱାଡ୍, ଶୁବମନ ଗିଲ୍, ଦୀପକ ହୁଡା, ରାହୁଲ ତ୍ରିପାଠୀ, ଈଶାନ କିଶନ (ଉଇକେଟକିପର), ସଞ୍ଜୁ ସାମ୍‌ସନ (ଉଇକେଟକିପର), ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଳ ଠାକୁର, କୁଲଦୀପ ଯାଦବ, ଅକ୍ଷର ପଟେଲ, ଆଭେଶ ଖାଁ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ ଓ ଦୀପକ ଚହର।

# କ୍ୟାରମ୍, ଚେସ୍ ପାଇଁ ଏଲ୍‌ଆଇସିର ଚୟନ ପ୍ରତିଯୋଗିତା



ଭୁବନେଶ୍ୱର, ୧୧।୮ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ ଜୀବନବୀମା ନିଗମର ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ କ୍ୟାରମ୍ ଏବଂ ଚେସ୍ ଖେଳ ପାଇଁ ଚୟନ ପ୍ରତିଯୋଗିତା ଗୁରୁବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିବା କ୍ରୀଡ଼ାବିତ୍‌ମାନେ ଭୋପାଳରେ ହେବାକୁଥିବା ସର୍ବଭାରତୀୟ ଏଲ୍‌ଆଇସି କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ମାନବ ସମ୍ବଳ ବିକାଶ ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମ ସୁନ୍ଦର ବେଶ୍‌ରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା କିପରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୁଏ ତାହା ସେ ଏହି ଅବସରରେ ପ୍ରକାଶ କରିଥିଲେ। ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସେ ଶତ ପ୍ରତିଶତ ପ୍ରଦର୍ଶନ ଦେବାକୁ ଆହ୍ୱାନ ଦେଇଥିଲେ। ଭୁବନେଶ୍ୱର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ପ୍ରଫୁଲ୍ଲ କୁମାର ମହାନ୍ତି ସମସ୍ତ ଖେଳାଳିଙ୍କୁ ଭୁବନେଶ୍ୱରକୁ ସ୍ୱାଗତ କରିଥିଲେ। ଦୈନନ୍ଦିନ କାର୍ଯ୍ୟଧାରା ସହ କ୍ରୀଡ଼ା କିପରି ମାନସିକ ସ୍ତରରେ ମଣିଷକୁ ଦୃଢ଼ କରିଥାଏ ତା' ଉପରେ ସେ ଆଲୋକପାତ କରିଥିଲେ। ମଣ୍ଡଳ ପ୍ରବନ୍ଧକ ଟି.ଭି.ଏସ୍.ଏନ୍. ମୂର୍ତ୍ତି ମଧ୍ୟ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହା ବ୍ୟତୀତ ଏଲ୍‌ଆଇସି ଖେଳ ପଦୋନ୍ନତି ବୋର୍ଡର ସଦସ୍ୟ ସୁଧାଂଶୁ ଭୂଷଣ ମିଶ୍ର ଏବଂ ଡ. ମନୋରମା କୁମାରୀ ମଧ୍ୟ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଓଡ଼ିଶା ସମେତ ବିହାର ଓ ଝାଡ଼ଖଣ୍ଡର ୧୧ଟି ଦଳରେ ୪୪ (୨୨ ମହିଳା, ୨୨ ପୁରୁଷ) ଖେଳାଳି ଭାଗ ନେଇଛନ୍ତି। ୨ ଦିନଧରି ଚାଲିବାକୁ ଥିବା ପ୍ରତିଯୋଗିତାରେ ଓଡ଼ିଶାର ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) କିରଣ ମନୀଷା ମହାନ୍ତି ଅନ୍ୟତମ ଆକର୍ଷଣ ରହିଛନ୍ତି।

# ଗୋଆରୁ ଖେଳିବେ ଅର୍ଜୁନ

ନୂଆଦିଲ୍ଲୀ, ୧୧।୮ (ପି.ଟି)

କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ଏଣିକି ଗୋଆ ପାଇଁ କ୍ରିକେଟ ଖେଳିବେ। ଏହି ୨୨ ବର୍ଷୀୟ କ୍ରିକେଟର ଜଣଙ୍କ ମୁମ୍ବାଇ କ୍ରିକେଟ ଆସୋସିଏଶନ ପାଖରୁ ନୋ-ଅବ୍‌ଜେକ୍‌ଶନ ସାର୍ଟିଫିକେଟ ହାସଲ ପାଇଁ ଆବେଦନ ମଧ୍ୟ କରିଛନ୍ତି। ଆଇପିଏଲ୍ ଫ୍ରାଞ୍ଚାଇଜି ମୁମ୍ବାଇ ଇଣ୍ଡିଆନ୍ସର ସଦସ୍ୟ ରହିଥିବା ଅର୍ଜୁନ ମୁମ୍ବାଇ ପକ୍ଷରୁ ଦୁଇଟି ଟି୨୦ ମୁକାବିଲା ଖେଳିଛନ୍ତି। ୨୦୨୧-୨୨ ସିଜିନର ସୟଦ ମୁସ୍ତାକ ଅଲୀ ଟ୍ରଫିରେ ହରିୟାଣା ଓ ପୁଡୁଚେରି ବିପକ୍ଷ ମ୍ୟାଚରେ ଅର୍ଜୁନଙ୍କୁ ସୁଯୋଗ ମିଳିଥିଲା। ମୁମ୍ବାଇ ଛାଡି ଗୋଆ ପକ୍ଷରୁ ଖେଳିବା ଦ୍ୱାରା ଅର୍ଜୁନଙ୍କୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଖେଳରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ। ପଡିଆରେ ଅଧିକ ସମୟ ବିତାଇବା ଦ୍ୱାରା ହିଁ ଅର୍ଜୁନ ନିଜ ଖେଳକୁ ଶାଣିତ କରିପାରିବେ। ନିଜ କ୍ରିକେଟ ଜୀବନର ଏକ ଭିନ୍ନ ପର୍ଯ୍ୟାୟରେ ସେ ପ୍ରବେଶ କରୁଥିବାରୁ ଅଧିକ ସମୟ ଖେଳିବାକୁ ମିଳିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ୧୯ ବର୍ଷରୁ କମ୍ ଭାରତୀୟ ଦଳ ପକ୍ଷରୁ ଶ୍ରୀଲଙ୍କା ବିପକ୍ଷରେ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଏହା ପରେ ୩ ବର୍ଷ ତଳେ ତାଙ୍କୁ ମୁମ୍ବାଇ ଦଳରେ ସାମିଲ କରାଯାଇଥିଲା। ତେବେ ନିୟମିତ ଭାବରେ ସେ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇପାରିନାହାନ୍ତି। ଅର୍ଜୁନଙ୍କ ଖେଳକୁ ନିୟମିତ ନଜର ରଖୁଥିବା ବ୍ୟକ୍ତି କୁହନ୍ତି ଯେ, ତାଙ୍କ ଖେଳରେ ବେଶ ଉନ୍ନତି ଘଟିଛି। ତେବେ ଉପଯୁକ୍ତ ସୁଯୋଗ ଅଭାବରୁ ସେ ଆଗକୁ ବଢି ପାରୁନାହାନ୍ତି।





ଅର୍ଜୁନ ତେନ୍ଦୁଲକର

ଏହି ଘଟଣା ପରେ ଗୋଆ କ୍ରିକେଟର ବରିଷ୍ଠ ଅଧିକାରୀ ମଧ୍ୟ ଏହି ଘଟଣାକୁ ସ୍ପଷ୍ଟ କରିଛନ୍ତି। ଗୋଆ କ୍ରିକେଟ ସଂଘର ସଭାପତି ରହିଥିବା ସୁରଜ ଲୋଟଲିକାର ମଧ୍ୟ ଏହି ଖବରକୁ ସ୍ପଷ୍ଟ କରିଛନ୍ତି। ଗୋଆ ଦଳର ଜଣେ ବାମହାତୀ ପେସର ଓ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଆବଶ୍ୟକ ରହିଥିଲା। ତେବେ ତେନ୍ଦୁଲକରଙ୍କ ଆଗମନ ପରେ ଏହି ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି।



ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଫେରି ନୂଆଦିଲ୍ଲୀରେ ପହଞ୍ଚିବା ପରେ ସେଠାରେ ନ୍ୟାଶନାଲ ୱାର୍ ମେମୋରିଆଲ ବୁଲି ଦେଖୁଛନ୍ତି ଭାରତୀୟ ହକି ଦଳର ଖେଳାଳିମାନେ।

# ଡାଇମଣ୍ଡ ଲିଗ୍‌ରେ ନିରାଶକଲେ ଶ୍ରୀଶଙ୍କର

ମୋନାକୋ, ୧୧।୮ (ପି.ଟି)

ଡାଇମଣ୍ଡ ଲିଗ୍‌ରେ ନିରାଶ କଲେ ଭାରତୀୟ ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର। ଐତିହାସିକ ରାଜ୍ୟଗୋଷ୍ଠୀ ରୌପ୍ୟ ପଦକ ଜିତିଥିବା ଶ୍ରୀଶଙ୍କର ନିଜ ସଫଳତାକୁ ଦୋହରାଇବାରେ ବିଫଳ ହୋଇଛନ୍ତି। ଡାଇମଣ୍ଡ ଲିଗ୍‌ରେ ପଦାର୍ପଣ କରିଥିବା ଶ୍ରୀଶଙ୍କରଙ୍କ ପ୍ରଦର୍ଶନ ଅତ୍ୟନ୍ତ ସାଧାରଣ ରହିଥିଲା। ୭.୯୪ ମିଟର ଦୂରକୁ ଡେଇଁବା ସହିତ ଷଷ୍ଠ ସ୍ଥାନରେ ରହିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡାରେ ଅଳ୍ପକେ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିବା ଶ୍ରୀଶଙ୍କରଙ୍କ ନିକଟରୁ ପ୍ରଥମ ପଦାର୍ପଣରେ ପଦକ ଆଶା କରାଯାଉଥିଲା। ତେବେ ବୁଧବାର ରାତିରେ ଖେଳାଯାଇଥିବା ମୁକାବିଲାରେ ନିଜର ଶ୍ରେଷ୍ଠ ପ୍ରଦର୍ଶନଠାରୁ ବେଶ୍ ଦୂରରେ ରହିଥିଲେ ଶ୍ରୀଶଙ୍କର। ୮.୩୬ ମିଟର ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହୋଇଥିବା ବେଳେ ରାଜ୍ୟଗୋଷ୍ଠୀରେ ସେ ୮.୦୮ ମିଟର ଡେଇଁଥିଲେ।

ଏହି ଇଭେଣ୍ଟ ସମୟରେ ପବନର ବେଗ ସାମାନ୍ୟ ଅଧିକ (୧ମି/ସେକେଣ୍ଡ) ଥିବାରୁ ଖେଳାଳିଙ୍କୁ ଡେଇଁବାରେ ଅସୁବିଧା ହୋଇଥିଲା। ଶ୍ରୀଶଙ୍କର ପ୍ରଥମ ପ୍ରୟାସରେ ୭.୬୧ ମିଟର ଡେଇଁଥିଲେ। ପରବର୍ତ୍ତୀ ଦୁଇ ପ୍ରୟାସରେ ୭.୮୪ ଓ ୭.୮୩ ମିଟର ଡେଇଁବା ସହିତ ଅଷ୍ଟମ ସ୍ଥାନକୁ ଖସିଥିଲେ। ଚତୁର୍ଥ ପ୍ରୟାସରେ ୭.୬୯ ଓ ୫ମ ପ୍ରୟାସରେ ୭.୯୪ ମିଟର ଡେଇଁବା ସହିତ ଷଷ୍ଠ ସ୍ଥାନରେ ରହିଥିଲେ। ଡାଇମଣ୍ଡ ଲିଗ୍‌ର ନିୟମ ଅନୁସାରେ ପ୍ରଥମ ୩ ସ୍ଥାନରେ ରହିଥିବା ଖେଳାଳିଙ୍କୁ ଷଷ୍ଠ ପ୍ରୟାସର ସୁଯୋଗ ମିଳିଥାଏ। ଫଳରେ ଶ୍ରୀଶଙ୍କରଙ୍କୁ ଅନ୍ତିମ ଜମ୍ପର ସୁଯୋଗ ମିଳିନଥାଏ। ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ମେକେଲ୍ ମାସୋ ୮.୩୫ମିଟରର ଡିଆଁ ସହିତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଗ୍ରୀସ୍‌ର ଟେଣ୍ଟୋଗୋଲୁ ମିଲିଟାଡିସ୍ ଏବଂ ଆମେରିକାର ମାର୍କ୍ୱିସ୍ ଡେଣ୍ଡି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଶ୍ରୀଶଙ୍କର ଲଉସାନ୍ନେ ଓ ସ୍ୱିଜରଲାଣ୍ଡରେ ହେବାକୁ ଥିବା ପରବର୍ତ୍ତୀ ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିଥିଲେ। ଏହି ମୁକାବିଲା ପରେ ୪ ପଏଣ୍ଟ ସହିତ ସେ ୧୦ମ ସ୍ଥାନରେ ରହିଛନ୍ତି।





ମୁରଲୀ ଶ୍ରୀଶଙ୍କର

# ନ୍ୟୁଜିଲାଣ୍ଡ କ୍ରିକେଟରେ ବର୍ଣ୍ଣବୈଷମ୍ୟବାଦ

**ଅକଲାଣ୍ଡ, ୧୧।୮:** ନ୍ୟୁଜିଲାଣ୍ଡ କ୍ରିକେଟ ପୁଣି ଥରେ ଚର୍ଚ୍ଚାରେ। କିଛି ଦିନ ତଳେ ପୁରୁଷ ଓ ମହିଳା ଖେଳାଳିଙ୍କ ସମାନ ଦରମାକୁ ନେଇ ନ୍ୟୁଜିଲାଣ୍ଡ କ୍ରିକେଟ ଚର୍ଚ୍ଚାରେ ରହିଥିବା ବେଳେ ବର୍ତ୍ତମାନ ବର୍ଣ୍ଣବୈଷମ୍ୟବାଦକୁ ନେଇ ସୃଷ୍ଟି ହୋଇଛି ନୂଆ ବିବାଦ। ଅବସର ନେଇ ସାରିଥିବା ଖେଳାଳି ରସ୍ ଟେଲର ଏମିତି କିଛି ବିବାଦୀୟ ବୟାନ ଦେଇଛନ୍ତି। ବେଳେବେଳେ ମଜା ପାଇଁ କରାଯାଉଥିବା ଏହି ମନ୍ତବ୍ୟ ଅସମ୍ବେଦନଶୀଳ ରହିଥାଏ ବୋଲି ସେ କହିଛନ୍ତି। ଡ୍ରେସିଂ ରୁମ୍‌ରେ ଶ୍ୱେତାଙ୍ଗ ଖେଳାଳିମାନେ ଅଣ ଶ୍ୱେତାଙ୍ଗ ଖେଳାଳିଙ୍କ ଉଦ୍ଦେଶ୍ୟରେ ଏଭଳି ବୟାନ ଦେଇଥାନ୍ତି। ରସ୍ ଟେଲର୍ ସମୋଆ ଜାତିର ଅଟନ୍ତି। ନିଜ ବହି ବ୍ଲାକ୍ ଆଣ୍ଡ ହ୍ୱାଇଟରେ ଟେଲର ଏ ସମ୍ପର୍କରେ ବିସ୍ତୃତ ଭାବରେ ଉଲ୍ଲେଖ କରିଛନ୍ତି। ନ୍ୟୁଜିଲାଣ୍ଡରେ ପ୍ରାୟ ୮ ପ୍ରତିଶତ ଜନସାଧାରଣ ହାୱାଇର ଅଟନ୍ତି। ତେବେ ଜଣେ କ୍ରିକେଟର ଭାବରେ ଏହି ସମସ୍ୟାର ସମ୍ମୁଖୀନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବହିରେ ଟେଲର ଏଭଳି ବିବାଦୀୟ ଘଟଣା ଉପରେ ଖୁଲାସା କରିଥିଲେ ହେଁ ନ୍ୟୁଜିଲାଣ୍ଡ କ୍ରିକେଟ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।





# ମରକ୍କୋ ଫୁଟ୍‌ବଲ କୋଚ୍ ବହିଷ୍କୃତ

**ରାବାଟ (ମରକ୍କୋ), ୧୧।୮ (ଏପି):** ଫିଫା ବିଶ୍ୱକପ୍ ହେବାକୁ ୩ ମାସରୁ କମ୍ ସମୟ ବାକି ରହିଥିବା ବେଳେ ମରକ୍କୋ ଫୁଟ୍‌ବଲ କୋଚ୍ ଭାହିଦ୍ ହାଲିଲୋଜିକ୍ ତାଙ୍କ ପଦବୀରୁ ବହିଷ୍କୃତ ହୋଇଛନ୍ତି। ଟୁର୍ନାମେଣ୍ଟ ଲାଗି ଦଳକୁ ପ୍ରସ୍ତୁତ କରିବା କ୍ଷେତ୍ରରେ ମତଭେଦ ହେବାରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ମରୋକାନ ଫୁଟ୍‌ବଲ ମହାସଂଘ କହିଛି। ମରକ୍କୋ ଏହାର ପ୍ରଥମ ମ୍ୟାଚ ନଭେମ୍ବର ୨୩ରେ ୨୦୧୮ ବିଶ୍ୱକପ୍ ଫାଇନାଲିଷ୍ଟ କ୍ରୋଏସିଆକୁ ଭେଟିବ। ଦଳ ଆହୁରି ମଧ୍ୟ ଗ୍ରୁପ୍ ଏ'ରେ ବେଲଜିୟମ ଓ କାନାଡାକୁ ଭେଟିବ। ଭାହିଦ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମରକ୍କୋ ବିଶ୍ୱକପ୍ ଯୋଗ୍ୟତା ହାସଲ କରିଥିଲା। ତାଙ୍କ ବହିଷ୍କାର ପରେ ଦଳକୁ ହାକିମ୍ ଜିୟେଚ୍‌ଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ପଥ ଉନ୍ମୁକ୍ତ ହୋଇଛି। ଭାହିଦ୍ ଗତବର୍ଷ ଏହି ଚେଲ୍‌ସି ୱିଙ୍ଗରଙ୍କୁ ବହିଷ୍କୃତ କରିଥିଲେ। ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବାକୁ ରାଜି ନ ହେବାରୁ ଦୁହିଁଙ୍କ ମଧ୍ୟରେ ବିବାଦ ହୋଇଥିଲା। ସୂଚନାଯୋଗ୍ୟ, ୬୯ ବର୍ଷୀୟ ବୋନିଆନ କୋଚ୍ ଦଳକୁ ଯୋଗ୍ୟତା ହାସଲ କରିବାରେ ସହାୟତା କରି ମଧ୍ୟ ତାଙ୍କ ପଦବୀରୁ ତୃତୀୟ ଥର ବହିଷ୍କୃତ ହୋଇଛନ୍ତି। ପୂର୍ବରୁ ତାଙ୍କ ଅଧୀନରେ ଆଇଭରି କୋଷ୍ଟକୁ ୨୦୧୦ ଏବଂ ଜାପାନ ୨୦୧୮ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା, ହେଲେ ବିଶ୍ୱକପ୍ ପୂର୍ବରୁ ଏହି ଦୁଇଦେଶର ଫୁଟ୍‌ବଲ ମହାସଂଘ ତରଫରୁ ସେ ବହିଷ୍କୃତ ହୋଇଥିଲେ।

# ୱେଷ୍ଟଇଣ୍ଡିଜକୁ ୧୩ରନରେ ହରାଇଲା ନ୍ୟୁଜିଲାଣ୍ଡ

କିଙ୍ଗଷ୍ଟନ, ୧୧।୮ (ଏପି)

ସ୍ଥାନୀୟ ସବିନା ପାର୍କଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡ ୧୩ରନରେ ବିଜୟ ଲାଭ କରିଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୧୮୫ ରନ କରିଥିଲା। ମାର୍ଟିନ ଗୁପ୍‌ଟିଲ (୧୬) ଓ ଉଇକେଟକିପର ଡେଭନ କନୱେ (୪୩) ପ୍ରଥମ ଉଇକେଟ ପାର୍ଟନରଶିପ୍‌ରେ ୬୩ରନ ଯୋଗ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ।

ଅଧିନାୟକ କେନ୍ ୱିଲିୟମସନ ଦୃଢ଼ ୪୭ରନ ସଂଗ୍ରହ କରିଥିଲେ। ଜିମ୍ମି ନିଶାମ ୧୫ ବଲ୍‌ରୁ ୩୩ ରନ ସଂଗ୍ରହ କରିଥିଲେ। ସେ ଶେଷ ୩ ବଲ୍‌ରେ ୩ ଚୌକା ଲଗାଇବା ସହ ଅନ୍ତିମ ଓଭରରେ ୨୩ ବଲ୍ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜ ଦଳ ତରଫରୁ ଓଡିନ୍ ସ୍ମିଥ୍ ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରି ୩୨ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ପରେ ମିଚେଲ ସାଣ୍ଟନର ଚମତ୍କାର ବୋଲିଂ କରି ୧୯ରନ ବିନିମୟରେ ୩ ଉଇକେଟ ନେବାରୁ ୱେଷ୍ଟଇଣ୍ଡିଜ ସ୍କୋର ନିର୍ଦ୍ଧାରିତ ଓଭରରେ ୧୭୨/୭ ସ୍କୋରରେ ସୀମିତ ହୋଇଯାଇଥିଲା। ସାଣ୍ଟନର ଯେଉଁ ୩ଜଣଙ୍କର ଉଇକେଟ ଅକ୍ତିଆର କରିଥିଲେ ସେମାନେ ହେଲେ ଘରୋଇ ଦଳର ଟପ୍ ସ୍କୋରର ସାମରା ବ୍ରୁକ୍ସ (୪୨), ଅଧିନାୟକ ନିକୋଲାସ ପୁରନ (୧୫) ଓ ସିମରନ ହେଟମେର (୨)। ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।





କେନ୍ ୱିଲିୟମସନ

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ଇନିଂସ: ୨୦ ଓଭରରେ ୧୮୫/୫ (କେନ୍ ୱିଲିୟମସନ-୪୭, ଡେଭନ କନୱେ-୪୩, ଜିମ୍ମି ନିଶାମ-୩୩*; ଓଡିନ୍ ସ୍ମିଥ୍-୩/୩୨)। ୱେଷ୍ଟଇଣ୍ଡିଜ ଇନିଂସ: ୨୦ ଓଭରରେ ୧୭୨/୭ (ଶାମରା ବ୍ରୁକ୍ସ-୪୨, ରୋମାରିଓ ଶେଫର୍ଡ-୩୧*, ଓଡ଼ିନ ସ୍ମିଥ୍-୨୭*; ମିଚେଲ ସାଣ୍ଟନର-୩/୧୯)।





4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଦୟାନଦୀରୁ ଜବତ ମୃତାଙ୍କ ପରିଚୟ ମିଳିଲା

କଣାସ,୧୧।୮ (ସ୍ୱ.ପ୍ର.): କଣାସ ଥାନା ବଳଭଦ୍ରପୁର ଗ୍ରାମ ନିକଟ ଦୟାନଦୀରୁ ଗତ ମାସ ୩୦ ତାରିଖରେ ଜଣେ ମହିଳାଙ୍କ ମୃତଦେହ ମିଳିଥିବାବେଳେ ଗୁରୁବାର ତାଙ୍କର ପରିଚୟ ମିଳିଛି। ସେ ହେଲେ ପିପିଲି ଥାନା ନିଜିଗଡ କୁକ୍ରି ଗ୍ରାମର ଆଶୁତୋଷ ପାତ୍ରଙ୍କ ସ୍ତ୍ରୀ ଗୀତାଞ୍ଜଳି ପାତ୍ର। ସୂଚନା ମୁତାବକ, ଦୟାନଦୀରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି କଣାସ ଦମକଳ କେନ୍ଦ୍ରକୁ ଜଣାଇଥିଲେ। ଅଗ୍ନିଶମ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ସୁବାସ ପାତ୍ର ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଏନେଇ କଣାସ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୨/୨୦୨୨) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ତଦନ୍ତ ଜାରି ରଖିଥିଲା। ତଦନ୍ତରୁ ମହିଳାଙ୍କ ପରିଚୟ ମିଳିଛି। ଗୀତାଞ୍ଜଳି କିଛିଦିନ ତଳେ ସ୍ୱାମୀ ଓ ଝିଅପୁଅଙ୍କୁ ଛାଡି ଜଣେ ଯୁବକଙ୍କ ସହ ପଳାଇଥିଲେ। ପରେ ଗୀତାଞ୍ଜଳିଙ୍କ ମୃତଦେହ ମିଳିବା ପରେ ଉକ୍ତ ଯୁବକ ତାଙ୍କ ସ୍ତ୍ରୀଙ୍କୁ ମାରିଥିବା ସ୍ୱାମୀ ଅଭିଯୋଗ କରିଥିଲେ।




୧୧।୮।୨୦୨୨

| | |
|---|---|
| ୨,୭୪,୯୦୮ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୨୫.୩୧୦ ଗ୍ରାମ |

# ଡ୍ରେନେଜ୍‌ର ଗାର୍ଡୱାଲ ଭୁଶୁଡ଼ିଲା

- ୫ଦିନ ତଳେ ନିର୍ମାଣ ହୋଇଥିଲା
- ନିମ୍ନମାନର କାର୍ଯ୍ୟ ଅଭିଯୋଗ

ପିପିଲି,୧୧।୮(ସ୍ୱ.ପ୍ର.)

ପିପିଲି ପୌରାଞ୍ଚଳର ୧୪ନଂ. ୱାର୍ଡର ସୁଲତାନ ନଗର ମୁଖ୍ୟ ରାସ୍ତାକୁ ଅତିକ୍ରମ କରିଥିବା ଜଇଶପାଟଣା–ଅମାଳଙ୍ଗ ଡ୍ରେନେଜ ତଥା ଖଲାସି ନାଳର ଡାହାଣପଟ ବନ୍ଧ ଉପରେ ନିର୍ମାଣ ହୋଇଥିବା ଗାର୍ଡୱାଲ୍‌ଟି ଭୁଶୁଡ଼ି ପଡ଼ିଛି। ଡ୍ରେନେଜ ବନ୍ଧକୁ ସୁରକ୍ଷା ପାଇଁ ଗତ ୫ଦିନ ତଳେ ହିଁ ପୌରାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ୪ଲକ୍ଷ ଟଙ୍କା ବ୍ୟୟରେ ଏହି ଗାର୍ଡୱାଲ ନିର୍ମାଣ କରାଯାଇଥିଲା। ତେବେ ପ୍ରକଳ୍ପ ଅନୁମୋଦନରେ ସେଠାରେ କଂକ୍ରିଟ ରାସ୍ତା ନିର୍ମାଣ କରିବା ପାଇଁ ଥିବାବେଳେ ଉକ୍ତ ଡ୍ରେନ୍ ବନ୍ଧକୁ ସୁରକ୍ଷା ଦେବା ପାଇଁ ତରବରିଆ ଭାବେ ଗାର୍ଡୱାଲ ନିର୍ମାଣ କରାଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦା ମହମ୍ମଦ ଜଲାଲ ଅଭିଯୋଗ କରିଛନ୍ତି ଯେ, ବର୍ଷାଦିନେ ଏହି କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଗାର୍ଡୱାଲଟି ଭୁଶୁଡି ପଡିଲା। ଭୁଶୁଡି ପଡିଥିବା ଗାର୍ଡୱାଲ୍‌ର ଲମ୍ବ ୩୦ଫୁଟ ହେବ। ସେଠାରେ ପ୍ରାୟ ୪ଶହ ମିଟର ଗାର୍ଡୱାଲ ନିର୍ମାଣ କରାଯାଇଥିବା ବେଳେ ଅବଶିଷ୍ଟ କେତେ ସୁରକ୍ଷିତ ତାହା ସନ୍ଦେହରେ ରହିଛି। ଉକ୍ତ କାର୍ଯ୍ୟ ଖରାଦିନେ ହେବା କଥା, ଡ୍ରେନର ତଳ ଲେୟାରଠାରୁ ୧ଫୁଟ ଗଭୀରରେ ନିଅଁ ଖୋଳି କାର୍ଯ୍ୟ ଆରମ୍ଭ କରିଥିଲେ ଗାର୍ଡୱାଲଟି ମଜଭୁତ ରୁହନ୍ତା। ଏବେ ବର୍ଷାଦିନ ହୋଇଥିବାରୁ ଚାଷ ଜମି ଗହୀରର ଉଦ୍‌ବୃତ ଜଳ ଏହି ଡ୍ରେନ୍ ଦେଇ ନିଷ୍କାସନ ହେଉଛି। ବର୍ଷାଦିନେ କାମ ହୋଇଥିବାରୁ ପାଣିର ସ୍ରୋତରେ ଗାର୍ଡୱାଲଟି ଭୁଶୁଡି ପଡିଛି। ତେବେ ନିମ୍ନମାନର କାର୍ଯ୍ୟକୁ ନେଇ ପୌରାଞ୍ଚଳ ଯନ୍ତ୍ରୀ ବିଭୂତି ତ୍ରିପାଠୀଙ୍କ ପାଖରେ ଗ୍ରାମବାସୀ ଅଭିଯୋଗ କରିଥିଲେ ସୁଦ୍ଧା ସେ ଘଟଣାସ୍ଥଳକୁ ଆସି ନାହାନ୍ତି। ଠିକାଦାର ତାଙ୍କର ମନଇଚ୍ଛା କାର୍ଯ୍ୟ କରିବାରୁ ଏଇଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ପୌରାଞ୍ଚଳ ଯନ୍ତ୍ରୀ ବିଭୂତି ତ୍ରିପାଠୀ କହିଛନ୍ତି, ସେଠାରେ ଗାର୍ଡୱାଲ ନିର୍ମାଣ ପାଇଁ ଅର୍ଥ ବରାଦ ହୋଇ ନ ଥିଲା। କଂକ୍ରିଟ ରାସ୍ତା ନିର୍ମାଣ ଅର୍ଥରୁ କିଛି ଟଙ୍କାରେ ଗାର୍ଡୱାଲ ନିର୍ମାଣ କରାଯାଇଛି । ତାହା ପୁଣି ପଥରରେ କରାଯିବ ବୋଲି କହିଥିଲେ। କିନ୍ତୁ ବାସ୍ତବ କ୍ଷେତ୍ରରେ ଉକ୍ତ ଗାର୍ଡୱାଲ ମେଟାଲ ବାଲି ସିମେଣ୍ଟରେ ନିର୍ମାଣ କରାଯାଇଛି। ତେଣୁ ପ୍ରଶାସନ ପକ୍ଷରୁ ଠିକ୍ ଭାବେ ଏହି କାର୍ଯ୍ୟର ତଦନ୍ତ କରାଯାଉ ବୋଲି ଗ୍ରାସବାସୀ ଅଭିଯୋଗ କରିଛନ୍ତି।



ଜଇଶପାଟଣା–ଅମାଳଙ୍ଗ ଡ୍ରେନେଜର ଡାହାଣପଟ ବନ୍ଧରେ ଥିବା ଗାର୍ଡୱାଲ ଭୁଶୁଡି ପଡିଛି ।

## ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି

### ନୀତିକାନ୍ତିରେ ଦେଢ଼ ଘଣ୍ଟା ବିଳମ୍ବ

ପୁରୀ ଅଫିସ,୧୧।୮

ଶ୍ରୀମନ୍ଦିରରେ ଗୁରୁବାର ଅପରାହ୍ନରେ ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଭିତର କାଠ ନିକଟରେ ବାନ୍ତି ପଡିଥିବା ଦେଖିବାକୁ ମିଳିଥିଲା। ଫଳରେ ଶ୍ରୀବିଗ୍ରହମାନଙ୍କର ବଡ଼ ମହାସ୍ନାନ ହୋଇଥିଲା। ସୂଚନାଯୋଗ୍ୟ, ଗୁରୁବାର ଶ୍ରୀବିଗ୍ରହମାନଙ୍କ ମଧ୍ୟାହ୍ନ ଧୂପ ନୀତି ସମ୍ପନ୍ନ ହେଇଥିଲା। ପରେ ଭକ୍ତମାନଙ୍କୁ ଭିତରକାଠ ନିକଟକୁ ଦର୍ଶନ ପାଇଁ ଛଡାଯାଇଥିଲା। ଭକ୍ତମାନେ ଭିତରକାଠ ନିକଟରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରୁଥିବା ସମୟରେ ହଠାତ୍ ଦେଖିବାକୁ ମିଳିଥିଲା ଭିତର କାଠ ନିକଟରେ ବାନ୍ତିପଡିଛି। ଦର୍ଶନ ସମୟରେ କେହି ଜଣେ ଶ୍ରଦ୍ଧାଳୁ ବାନ୍ତି କରିଦେଇଥିବା ଅନୁମାନ କରାଯାଉଛି। ବାନ୍ତି ପଡିଥିବା ଦେଖି ସଙ୍ଗେ ସଙ୍ଗେ ନୀତି ବନ୍ଦ କରାଯାଇଥିଲା। ଭକ୍ତମାନଙ୍କ ଦର୍ଶନ ବନ୍ଦ କରାଯାଇ କବାଟ ବନ୍ଦ କରାଯାଇଥିଲା। ପରେ ବଡ ମହାସ୍ନାନ ପାଇଁ ନୀତି ଆରମ୍ଭ କରାଯାଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ସିଂହାସନ, ଭିତରକାଠ ଧୁଆ ହୋଇ ଚୂନପାଣି ପଡିଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ ପାଇଁ ପ୍ରାୟ ପାଖାପାଖି ୧ ଘଣ୍ଟା ୩୦ ମିନିଟ୍ ନୀତି ବିଳମ୍ବ ହୋଇଥିଲା। ବଡ଼ ମହାସ୍ନାନ ପାଇଁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା।

## ସଂକ୍ଷେପରେ

### ଘରେ ପଶି ବୃଦ୍ଧାଙ୍କୁ ବଳାତ୍କାର

ପୁରୀ ଅଫିସ,୧୧।୮: ପୁରୀ ଜିଲା ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ସମଙ୍ଗରା ବାଲିପାଟଣା ଗାଁରେ ବୁଧବାର ରାତିରେ ଜଣେ ଦୁର୍ବୃତ୍ତ ଘରେ ପଶି ଜଣେ ବୃଦ୍ଧା(୬୧)ଙ୍କୁ ବଳାତ୍କାର କରିଛନ୍ତି। ଏ ନେଇ ବୃଦ୍ଧାଙ୍କ ପୁଅ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୭୧/୨୨) ରୁଜୁ କରି ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ଏଥିରେ ସମ୍ପୃକ୍ତ ଅନ୍ୟ ୨ ସହଯୋଗୀ ଫେରାର ଅଛନ୍ତି। ଅଭିଯୋଗ ଅନୁସାରେ, ବୁଧବାର ରାତିରେ ବୃଦ୍ଧା ଓ ତାଙ୍କ ସାନପୁଅ ଘରର ତଳମହଲାରେ ଶୋଇଥିଲେ। ବଡ଼ପୁଅ ଅନୁପସ୍ଥିତ ଥିବାରୁ ଉପରମହଲାରେ ବୋହୂ ଏକାକୀ ଥିଲେ। ରାତି ପ୍ରାୟ ସାଢ଼େ ୧୨ଟାରୁ ୧ଟା ମଧରେ ଜଣେ ଯୁବକ କବାଟ ବାଡ଼େଇଥିଲେ। ବୃଦ୍ଧା କବାଟ ଖୋଲିବା ମାତ୍ରେ ଯୁବକ ଅଚାନକ ତାଙ୍କ ମୁହଁରେ କପଡ଼ା ଦେଇ ବଳାତ୍କାର କରିଥିଲେ। କୌଣସି ଶବ୍ଦ ଶୁଣି ବୋହୂ ଆସିବାରୁ ସମ୍ପୃକ୍ତ ଯୁବକ ବାହାରେ ଛିଡ଼ା ହୋଇଥିବା ଦୁଇଜଣ ସହଯୋଗୀଙ୍କ ସହ ବାଇକ୍‌ରେ ଚମ୍ପଟ ମାରିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଅଭିଯୁକ୍ତ ଏଭଳି କାଣ୍ଡ ଭିଆଇଥିବା ପୀଡ଼ିତାଙ୍କ ପୁଅ କହିଛନ୍ତି।

### ସଡ଼କ ଦୁର୍ଘଟଣାରେ ମହିଳା ମୃତ, ୫ ଆହତ

ପିପିଲି,୧୧।୮(ଡି.ଏନ୍.ଏ.)- ଭୁବନେଶ୍ୱର-ପୁରୀ ୩୧୬ ନମ୍ବର ଜାତୀୟ ରାଜପଥର ସାତଶଙ୍ଖ ଫାଣ୍ଡି ଅନ୍ତର୍ଗତ ସୁବଳପୁର ଛକଠାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ୫ଜଣ ଲୋକ ଆହତ ହୋଇଛନ୍ତି। ମୃତା ହେଲେ ପିପିଲି ଥାନା ଅଞ୍ଚଳର ସାତଶଙ୍ଖ ସୁବଳପୁର କଲୋନୀରେ ରହୁଥିବା ପ୍ରଭାତୀ ମହାନ୍ତି(୪୨)। ସୂଚନା ମୁତାବକ, ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଆସୁଥିବା ଏକ କାର୍ ଅପରାହ୍ନରେ ସୁବଳପୁର ଛକରେ ହଠାତ୍ ଭାରସାମ୍ୟ ହରାଇ ପ୍ରଥମେ ଦୁଇଜଣ ମହିଳାଙ୍କୁ ଧକ୍କା ଦେଇଥିଲା। ପରେ ରାସ୍ତା ଉପରେ ଥିବା ଏକ ବୋଲେରୋ ପଛରେ ପିଟି ହୋଇଥିଲା। ଦୁଇ ଜଣ ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ନିଆଯାଇଥିବା ବେଳେ ସେଠାରେ ପ୍ରଭାତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟଜଣେ ତେଇସପୁର ଗ୍ରାମର ସୁଜାତା ରଥ ଚିକିତ୍ସିତ ହେଉଛନ୍ତି। ସେହିପରି କାର୍‌ରେ ଥିବା ସ୍ୱାମୀ ଓ ସ୍ତ୍ରୀ, ବୋଲେରୋ ପଛରେ ବସିଥିବା ଦୁଇ ଜଣ ଆହତ ହୋଇଛନ୍ତି। ଖବରପାଇ ଜାତୀୟ ରାଜପଥର ପାଟ୍ରୋଲିଂ ପୋଲିସ ଓ ସାତଶଙ୍ଖ ଫାଣ୍ଡି ପୋଲିସ ପହଞ୍ଚି କାର୍‌କୁ ଜବତ କରି ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ ପି.କେ. ଭୁୟାଁ କହିଛନ୍ତି।



ପୁରୀର ସଂକଳ୍ପ ପରିବାର ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳାଘାଟସ୍ଥିତ ସଂକଳ୍ପ ଜରାଶ୍ରମରେ ଥିବା ଅନ୍ତେବାସୀଙ୍କୁ ନେଇ ରକ୍ଷାବନ୍ଧନ ପାଳନ କରାଯାଇଛି।

## ଜିଲାସ୍ତରୀୟ ଅମିନ ସଂଘ ବୈଠକ

ଗୋପ,୧୧।୮(ଡି.ଏନ୍.ଏ.): ସଂଘର ନିୟମ ଅନୁସାରେ କାର୍ଯ୍ୟ ନ କଲେ ବୈଠକରେ ଏହାର କାର୍ଯ୍ୟାନୁଷ୍ଠାନ ନିଆଯିବ। ଗୋପ ଅଖଣ୍ଡଳେଶ୍ୱର ଶୈବ ପୀଠରେ ଗୁରୁବାର ଆୟୋଜିତ ଜିଲାସ୍ତରୀୟ ଅମିନ ସଂଘ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀକ୍ଷେତ୍ର ଜୋନ୍‌ର ସଭାପତି ନାଗେଶ୍ୱର ବାରିକ ଏହା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜୋନ୍ ସମ୍ପାଦକ ଅଜୟ ମିଶ୍ର, ଅସ୍ତରଙ୍ଗ–କାକଟପୁର ଜୋନ୍ ସଭାପତି ଶ୍ରୀନାଥ ଦଳାଇ, ସମ୍ପାଦକ ଦଣ୍ଡି ରଞ୍ଜନ ପରିଡ଼ା, ପିପିଲି– ଡେଲାଙ୍ଗ ଜୋନ୍‌ର ସଭାପତି ରଶ୍ମି ରଞ୍ଜନ ଶତପଥୀ ଓ ପୁରୀ ଜିଲା ଜୋନ୍‌ର ସଭାପତି ସୁରେନ୍ଦ୍ର ନାଥ ବେହେରା ପ୍ରମୁଖ ଯୋଗଦେଇ ୭ଟି ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ରବିନାରାୟଣ ସାହୁ, ଗୋବିନ୍ଦ ଚନ୍ଦ୍ର ପାତ୍ର, ହଟକିଶୋର ମଙ୍ଗରାଜ, କମଳ ଭୂଷଣ ଉପାଧ୍ୟାୟ ପରିଚାଳନା କରିଥିଲେ।

## ଗଛକୁ ରାଖୀ ବାନ୍ଧି ସଚେତନ କଲେ



ସାହିଭାଇ ଅନୁଷ୍ଠାନ ପକ୍ଷରୁ ଗଛରେ ରାଖୀ ବାନ୍ଧା ଯାଉଛି ।

ପୁରୀ ଅଫିସ,୧୧।୮

ସାମାଜିକ ଅନୁଷ୍ଠାନ ସାହିଭାଇ ପକ୍ଷରୁ ପବିତ୍ର ରକ୍ଷାବନ୍ଧନକୁ ଏକ ନିଆରା ଢଙ୍ଗରେ ଗୁରୁବାର ପାଳନ କରାଯାଇଛି। ସାହିଭାଇ ଅନୁଷ୍ଠାନ ତରଫରୁ ଗଛକୁ ପୂଜାର୍ଚ୍ଚନା କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଶ୍ରୀଗୁଣ୍ଡିଚା ମନ୍ଦିର ସଂଲଗ୍ନ ତୁଳସୀ ବଗିଚା ପରିସରରେ ଥିବା ବକୁଳବୃକ୍ଷକୁ ରକ୍ଷାସୂତ୍ର ବନ୍ଧନ କରାଯାଇଛି। ଏଥିସହିତ ଅନୁଷ୍ଠାନ ତରଫରୁ ବିଭିନ୍ନ ଅଞ୍ଚଳରେ ରୋପଣ କରାଯାଇଥିବା ବୃକ୍ଷଗୁଡିକରେ ରକ୍ଷାସୂତ୍ର ବନ୍ଧନ ପୂର୍ବକ ପୂଜାର୍ଚ୍ଚନା କରାଯାଇ ଜନସାଧାରଣଙ୍କୁ ବୃକ୍ଷ ଉପରେ ସଚେତନ କରାଯାଇଛି। ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରକୃତି ମା’ ଆମକୁ ସୁରକ୍ଷା ଦେଉଛି। ସେଇ ପ୍ରକୃତି ମା’ର ସୁରକ୍ଷା ପାଇଁ ଅନୁଷ୍ଠାନ ତରଫରୁ ଏହି ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଏହି ପ୍ରକୃତି କେତେବେଳେ ଜୀବନଦାତ୍ରୀ ମା’ ତ କେତେବେଳେ ପୁଣି ସ୍ନେହମୟୀ ଭଗିନୀ ସଦୃଶ। ଏଣୁ ଜୀବଜଗତର ସୁରକ୍ଷା ପାଇଁ ଶ୍ରୀକ୍ଷେତ୍ର ଭୂଖଣ୍ଡକୁ ସବୁଜିମାରେ ଭରିଦେବା ଲାଗି ମହାପ୍ରଭୁଙ୍କ ପାଇଁ ଗଛଟିଏ ଏବଂ ବିଭିନ୍ନ ପର୍ବପର୍ବାଣିରେ ବୃକ୍ଷପୂଜନ କାର୍ଯ୍ୟକ୍ରମ ଅନୁଷ୍ଠାନର ଏକ ଛୋଟିଆ ପ୍ରୟାସ ବୋଲି କୁହାଯାଇଛି। ପ୍ରକୃତି ମା’କୁ ଭଲପାଇବା ତଥା ପ୍ରକୃତିକୁ ସମ୍ମାନ ପ୍ରଦାନ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ବୋଲି ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର ସୂଚନା ଦେଇଛନ୍ତି। ସୂର୍ଯ୍ୟ ନାରାୟଣ ପ୍ରଧାନ, ତନ୍ମୟ ଚାଟାର୍ଜୀ, ସତ୍ୟକାମ ସାହୁ, ଦୀପକ ଜେନା, ଦୁଷ୍ମନ୍ତ ପରିଡା, ମହେନ୍ଦ୍ର ପ୍ରଧାନ, ଗୌରୀ ପ୍ରଧାନ, ମହାରଥୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ଆଜି ଶ୍ରୀମନ୍ଦିରରେ ରକ୍ଷାବନ୍ଧନ

### ବଡ଼ଠାକୁରଙ୍କ ଜନ୍ମନୀତି

ପୁରୀ ଅଫିସ, ୧୧।୮

ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମା ପଡୁଥିବାରୁ ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ପର୍ବ ଶୁକ୍ରବାର ଅନୁଷ୍ଠିତ ହେବ। ଏଥିସହ ବଡଠାକୁର ବଳଭଦ୍ରଙ୍କ ଜନ୍ମନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡଠାକୁର ବଳଭଦ୍ର ୨ଟି ଲେଖାଏ ରାଖୀ ଏବଂ ୨ଟି ଲେଖାଏ ଗୁଆମାଳ ପରିଧାନ କରିବେ। ପାଟରା ବିଶୋଇ ସେବକ ମହାପ୍ରଭୁଙ୍କ ନିମନ୍ତେ ବାସୁଙ୍ଗା ପାଟରେ ରାଖୀ ଏବଂ ଗୁଆମାଳ ପ୍ରସ୍ତୁତ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ବଡ଼ଠାକୁର ବଳଭଦ୍ର ବାଇଗଣୀ ଓ ନୀଳ ରଙ୍ଗର ଗୁଆମାଳ ପରିଧାନ କରିବେ। ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଭୋଗମଣ୍ଡପ ସାରି ତିନିବାଡରେ ମଇଲମ ହୋଇ ମହାସ୍ନାନ ହେବ। ପରେ ତିନିବାଡରେ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ସର୍ବାଙ୍ଗ ନୀତି ସମ୍ପନ୍ନ କରିବା ପରେ ନୂଆଲୁଗା ଲାଗି ସହ ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ଦ୍ୱିପ୍ରହର ଧୂପବେଶ ବଢ଼ିବ। ଏହାପରେ ତିନିଖଣ୍ଡ ଆଜ୍ଞାମାଳ ଠାକୁରଙ୍କ ଦକ୍ଷିଣ ଗୋଟିଏ ଏବଂ ବାମ ଭୁଜରେ ଲାଗିବ। ପରେ ୪ଟି ରାଖୀ ଏବଂ ୪ଟି ଗୁଆମାଳକୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ ଠାକୁର ବଳଭଦ୍ରଙ୍କ ଶ୍ରୀହସ୍ତରେ ପୁଷ୍ପାଳକ ସେବକମାନେ ବାନ୍ଧିବେ। ଅପରପକ୍ଷେ ଗହ୍ମାପୂର୍ଣ୍ଣିମାରେ ବଡ଼ ଠାକୁର ବଳଭଦ୍ର ଜନ୍ମଗ୍ରହଣ କରିଥିବାରୁ ବଡ଼ଠାକୁରଙ୍କ ସମ୍ମୁଖରେ ସିଂହାସନ ତଳେ ଷଷ୍ଠୀ ମାର୍କଣ୍ଡି ଓ ବରୁଣ ପୂଜା ଅନୁଷ୍ଠିତ ହେବ।

## ଗଡ଼ମାଟିଆପଡ଼ାରେ ତ୍ରିରଙ୍ଗା ମହୋତ୍ସବ ପାଳିତ

କଣାସ,୧୧।୮(ସ୍ୱ.ପ୍ର.): କଣାସ ବ୍ଲକ ପାଣ୍ଡିଆକେରା ପଞ୍ଚାୟତର ଗଡମାଟିଆପଡା ଗ୍ରାମରେ ଗୁରୁବାର ମହାବୀର ସାଂସ୍କୃତିକ ପରିଷଦ ପକ୍ଷରୁ ତ୍ରିରଙ୍ଗା ମହୋତ୍ସବ ପାଳନ କରାଯାଇଛି। ପରିଷଦ ସଭାପତି ତପନ ଚମ୍ପତି ଉତ୍ସବର ଅଧକ୍ଷତା କରିଥିଲେ। ବିଭୂତି ପାଇକରାୟ, ନୀଳଗ୍ରୀବ ଶ୍ରୀଚନ୍ଦନ, ଶୁଭାଶିଷ ପାହାଡସିଂଙ୍କ ନେତୃତ୍ୱରେ ଏହି ତ୍ରିରଙ୍ଗା ଶୋଭାଯାତ୍ରା ନୂଆସାହି ଓ ଗଡମାଟିଆପଡା ପରିକ୍ରମା କରିଥିଲା। ମହାବୀର ମନ୍ଦିର ସମ୍ମୁଖରେ ସ୍ୱାଧୀନତା ସଂଗ୍ରାମୀ ବଂଶୀଧର ଛୋଟରାୟ ଓ ଦଳବେହେରା ସମ୍ରାଟ କେଶରୀ ହରିଚନ୍ଦନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ୭୫ଟି ଦୀପ ଜଳାଯାଇଥିଲା। ଶିଶୁ ସାହିତ୍ୟିକ ଡ. ହେମନ୍ତ ଛୋଟରାୟ, ବିଭୂତି ଭୂଷଣ ପଟ୍ଟନାୟକ, ପ୍ରାଧ୍ୟାପକ ରାମଚନ୍ଦ୍ର ସାମନ୍ତରାୟ, ଡ. ତପନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହିଉତ୍ସବରେ କଣାସ ମହନ୍ତ ବନମାଳି ଦାସ ରୂପଶ୍ରୀ ଛୋଟରାୟ, ପ୍ରବଚିକା ନିର୍ମଳା ଫତେସିଂ, ସର୍ବେଶ୍ୱର ବିଶୋଇ, ହାଡିବନ୍ଧୁ ଚମ୍ପତି, ଶ୍ୟାମସୁନ୍ଦର ବଡଜେନା ଓ ସୁଶାନ୍ତ ଛୋଟରାୟ ଉପସ୍ଥିତ ଥିଲେ।

# ଜଗନ୍ନାଥ ସଂସ୍କୃତିର ପ୍ରଚାର କରିବ ୪ ୟୁଟ୍ୟୁବ୍ ଚାନେଲ

ପୁରୀ ଅଫିସ,୧୧।୮

ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ପଦ୍ମନାଭ ଷ୍ଟୁଡିଓ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ୩ଟି ଭାଷାରେ ୟୁଟ୍ୟୁବ୍ ଚାନେଲ ଖୋଲାଯାଇଛି। ଏ ନେଇ ପଦ୍ମନାଭ ଷ୍ଟୁଡିଓ ପକ୍ଷରୁ ଗୁରୁବାର ବଳଗଣ୍ଡି ସ୍ଥିତ ଭକ୍ତ ସାଲବେଗ ପୀଠରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀରେ ଷ୍ଟୁଡିଓର ଚେୟାରମ୍ୟାନ ସନାତନ ଦାସ, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ କାର୍ତ୍ତିକ କୁମାର ଏବଂ ଯୁବ ଉଦ୍‌ଘୋଷକ ଗଣେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିପାଇଁ ୩ଟି ଭାଷା ଓଡ଼ିଆ, ହିନ୍ଦୀ ଏବଂ ବଙ୍ଗଳାରେ ଜଗନ୍ନାଥଙ୍କ ଗାରିମା ପ୍ରଚାର ହେବ। ଏଥିପାଇଁ ପଦ୍ମନାଭ ଭକ୍ତି , ପଦ୍ମନାଭ ଓଡ଼ିଆ , ପଦ୍ମନାଭ ହିନ୍ଦୀ ଏବଂ ପଦ୍ମନାଭ ବଙ୍ଗଳା ନାମକ ୪ଟି ୟୁଟ୍ୟୁବ ଚାନେଲ ଖୋଲାଯାଇଛି। ଏଥିରେ ଧାର୍ମିକ ସିରିଏଲ ଏବଂ ଶୋ ମଧ ପ୍ରସାରିତ ହେବ।

## ରାଖୀ ବାନ୍ଧି ଶୁଭ ମନାସିଲେ ଭଉଣୀ

ପୁରୀ ଅଫିସ ୧୧।୮

ପୁରୀର ଶ୍ରୀମନ୍ଦିର ସମେତ ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ପାଳିତ ହୋଇଯାଇଛି। ଭଉଣୀମାନେ ଭାଇ ହାତରେ ରାଖୀ ବାନ୍ଧି ମଥାରେ ଚନ୍ଦନ ଲଗାଇ ବନ୍ଦାପନା କରିଥିଲେ। ପୁରୀ ଦଣ୍ଡତୋଟାସ୍ଥିତ ଉତ୍କଳ ବଚନ୍ ସ୍କୁଲ ପରିସରରେ ରାଖୀ ବନ୍ଧନ ପାଳିତ ହୋଇଛି। କୁନି ଭଉଣୀମାନେ ଭାଇଙ୍କ ମୁଣ୍ଡରେ ଚନ୍ଦନ ପୁଷ୍ପ ଦେଇ ହାତରେ ରାଖୀ ବାନ୍ଧି ଶୁଭ ମନାସି ଥିଲେ। ଭଉଣୀର ସୁଖ ଦୁଃଖରେ ଭାଇ ସବୁବେଳେ ସାଥିରେ ରହିବା ପାଇଁ ବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମିଶ୍ର ସମସ୍ତଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ରୀନା ରାୟ, ରାଜକୁମାରୀ କୁଣ୍ଟୁ, ମନସ୍ୱିନୀ ନନ୍ଦ, ସୁଜାତା ସାହୁ, କବିତା ଦାସ ଏବଂ ପ୍ରିୟଙ୍କା ଶୁକ୍ଳା ପ୍ରମୁଖ ସହଯୋଗ କରିଥିଲେ। ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୈଦ୍ଦିକ ମଣ୍ଡପ ଏବଂ ବାଟିକା ମଣ୍ଡପରେ ରକ୍ଷା ବନ୍ଧନ ପାଳନ ହୋଇଥିଲା। ଅତିଥି ଭାବେ ଆର୍‌ଏସ୍‌ଏସ୍ ସଂଘର ସର୍ବେଶ୍ୱର ବିଶୋଇ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟ ସଭାପତି ସୁନୀଲ ଚକ୍ରବର୍ତ୍ତୀ, ସହ ସମ୍ପାଦିକା ଦୀପ୍ତି ମିଶ୍ର, ସଭ୍ୟା ଅଞ୍ଜଳି ରଥ ଏବଂ ତନୁଶ୍ରୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ଏବଂ ସହ ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ପାଣି, ଭାଗ୍ୟଲକ୍ଷ୍ମୀ ମିଶ୍ର ଉପସ୍ଥିତ ଥିଲେ। ଘୋଡା ବଜାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ବାସୁଦେବ କୁଟୀର ମଠ, ଇନ୍ଦ୍ରଦ୍ୟୁମ୍ନର ମଠାଧୀଶ, ନରେନ୍ଦ୍ରକୋଣସ୍ଥିତ ଅନାଥ ଆଶ୍ରମ, ମଶାଣି ଚଣ୍ଡି ଛକରେ ଥିବା ଗୋଶାଳା ଓ ଶ୍ରୀରାମ ନଗର ବସ୍ତିରେ ଥିବା ସଂସ୍କାର କେନ୍ଦ୍ର ଆଦି ସ୍ଥାନରେ ରକ୍ଷା ବନ୍ଧନ କରାଯାଇଥିଲା।

# ରାଖୀ ପୂର୍ଣ୍ଣିମାରେ ନଡ଼ିଆ ଲଢ଼େଇ ପରମ୍ପରା

ସାକ୍ଷୀଗୋପାଳ, ୧୧।୮(ଡି.ଏନ୍.ଏ./ସ୍ୱ.ପ୍ର.):

ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ଗୁରୁବାର ସାକ୍ଷୀଗୋପାଳରେ ନଡ଼ିଆ ଲଢ଼େଇ ପରମ୍ପରା ଅନୁଷ୍ଠିତ ହୋଇଯାଇଛି। ସାକ୍ଷୀଗୋପାଳ ନଡ଼ିଆର ସୁନାମ ସାରା ଦେଶରେ ରହି ଆସିଛି। ଏହି ପରମ୍ପରା କାହିଁ କେଉଁ କାଳରୁ ରହିଛି। ଗହ୍ମାପୂର୍ଣ୍ଣିମା ଆସିବାର ମାସକ ଆଗରୁ ଲଢେଇ ପାଇଁ ନଡ଼ିଆ ଖୋଜିବା ଆରମ୍ଭ ହୋଇଥାଏ। ଗାଁରେ ଯୁବକ ଭଲ ଲଢେଇ ନଡ଼ିଆ କିଣିବା ପାଇଁ ଘୂରି ବୁଲନ୍ତି। ଲଢ଼େଇ ପାଇଁ ନଡ଼ିଆର ଦାମ ୨ଶହଠାରୁ ଆରମ୍ଭ ୧ ହଜାର ପର୍ଯ୍ୟନ୍ତ ରହିଥାଏ। ଗହ୍ମା ବେଦୀରେ ଠାକୁରଙ୍କ ପୂଜା ସରିଲା ପରେ ନଡ଼ିଆ ଲଢେଇ ଆରମ୍ଭ ହୋଇଯାଏ। ମାତ୍ର ଚଳିତବର୍ଷ ସାକ୍ଷୀଗୋପାଳ ମନ୍ଦିରରେ ରଖୀ ପୂର୍ଣ୍ଣିମା ଅବସରରେ ଅଞ୍ଚଳବାସୀ ଏହି ପର୍ବ ପାଳିଛନ୍ତି। ଘରେ ରାଖୀ ବନ୍ଧା ସରିବା ପରେ ନଡିଆ ଲଢ଼େଇ ପାଇଁ ଆରମ୍ଭ ହୋଇଥାଏ। ଯାହାର ନଡ଼ିଆଟି ଭାଙ୍ଗିଯାଏ ସେ ହାରିଯାଇଥାଏ। ବିଜେତା ସେହି ନଡ଼ିଆଟି ନିଅନ୍ତି। ନଡ଼ିଆ ଲଢ଼େଇ ଦେଖିବାକୁ ଦର୍ଶକମାନେ ଭିଡ ଜମେଇଥାନ୍ତି। ଏହି ନଡ଼ିଆ ଲଢ଼େଇ ଜୟପୁର, ଅଳସା, ବାଲିସାହି, କାଦୁଆ, ପୁଷକେରା, ନହଲା, ପଞ୍ଚୁକେରା, ଗୋପାଳପୁରପାଟଣା, ବରାଳ, ଆଳସରଙ୍ଗ, ସୁକଳ, ରଙ୍ଗଣିସାହି, ବସୁକେରା, ପଟ୍ଟନାୟିକିଆ ଛକରେ ହୋଇଥିଲା। ବିଶେଷ କରି ସାକ୍ଷୀଗୋପାଳଙ୍କ ମନ୍ଦିର ସାମ୍ନା, ଦୋଳବେଦୀ ପ୍ରାଙ୍ଗଣରେ ପ୍ରତିବର୍ଷ ଭଳି ଚଳିତବର୍ଷ ଏହି ନଡ଼ିଆ ଲଢ଼େଇରେ ଶତାଧିକ ଯୁବକ ସାମିଲ ହୋଇଥିଲେ। ସମୟ ବଦଳିଥିଲେ ମଧ ସାକ୍ଷୀଗୋପାଳର ନଡ଼ିଆ ଲଢେଇ ପରମ୍ପରା ଆଜି ବି ଜୀବିତ ରହିଛି। ଏହା ଭାଇଚାରା ସୃଷ୍ଟି କରେ ବୋଲି ଅଞ୍ଚଳବାସୀ କହିଥିଲେ।



ସାକ୍ଷୀଗୋପାଳ ଅଞ୍ଚଳରେ ନଡିଆ ଲଢେଇ ହେଉଛି ।

# ଅଠରନଳାରେ ବଢୁଛି ବଟି ଆଦାୟ

### ବଟି ନ ଦେଲେ ଅଟୋ ନ ଚଳାଇବାକୁ ଧମକ

ପୁରୀ ଅଫିସ,୧୧।୮:

ପୁରୀ ଅଠରନଳା ଛକରେ ଥିବା ଅଟୋ ଷ୍ଟାଣ୍ଡରେ ଚାଳକମାନଙ୍କୁ ବଟି ମଗାଯାଉଥିବା ଅଭିଯୋଗ ହେଉଛି। ଯାତ୍ରୀଙ୍କୁ ଅଠରନଳା ଛକରୁ ଉଠାଇଲେ ଅଟୋ ପିଛା ୨୦ରୁ ୫୦ଟଙ୍କା ଦେବାକୁ ବାଧ କରାଯାଉଛି। କୌଣସି ଅଟୋ ମାଲିକ ବଟି ଦେବାକୁ ମନା କଲେ, ଧମକଚମକ ସହ ମାଡ଼ ମଧ ମରାଯାଉଛି। ଦୁର୍ବୃତ୍ତମାନଙ୍କ ଏଭଳି ବଟି ମାଗିବା ଦିନକୁଦିନ ବଢ଼ିଚାଲିଥିବା ବେଳେ ଅଟୋ ଚାଳକମାନେ ହଇରାଣ ହେଉଛନ୍ତି। ତେଣୁ ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସାଧାରଣ ପୁରୀକୁ ଆସୁଥିବା ଯାତ୍ରୀବାହୀ ଗାଡ଼ି ଅଧିକାଂଶ ଅଠରନଳାରେ ଅଟକୁଛି। ସେଠାକାର ସ୍ଥାନୀୟ ଲୋକେ ବସ୍ ଅଟକିଥିବାମାନେ ଯାତ୍ରୀଙ୍କୁ ଘେରି ଯାଉଛନ୍ତି ଓ ଗୋଟିଏ ସ୍ଥାନରେ ରୁଣ୍ଡ କରି ନେଉଛନ୍ତି। କୌଣସି ଅଟୋ ଚାଳକ ଯାତ୍ରୀଙ୍କୁ ନେଇ ସହର ଭିତରକୁ ଆସିଲେ, ସେମାନଙ୍କୁ ପ୍ରତି ଅଟୋ ପିଛା ଟଙ୍କା ମଗାଯାଉଛି। ସ୍ଥାନୀୟ ଅଟୋଚାଳକମାନେ କମ୍ ଟଙ୍କା ଦେଉଥିବା ବେଳେ ସହର ବାହାରର ଅଟୋ ଚାଳକଙ୍କୁ ଅଧିକ ବଟି ମଗାଯାଉଛି। ସେହିଭଳି ଯାତ୍ରୀମାନେ ଭୁବନେଶ୍ୱର ଫେରନ୍ତା କାର୍‌ରେ ମଧ ଅଠରନଳାରୁ ଚଢୁଛନ୍ତି। ସ୍ଥାନୀୟ ଅସାମାଜିକ ଯୁବକମାନେ ଟ୍ୟାକ୍ସି ଚାଳକଙ୍କୁ ୫୦ରୁ ଶହେ ଟଙ୍କା ପର୍ଯ୍ୟନ୍ତ ଦାବି କରୁଛନ୍ତି। ନଚେତ୍ ବସ୍ ମାଲିକ ସଂଘକୁ କହି ବେପାର ବନ୍ଦ କରିଦେବା ନେଇ ଧମକ ଦିଆଯାଉଛି। ଅଠରନଳା ଛକରୁ ୧୦୦ ମିଟର ଦୂରରେ କୁମ୍ଭାରପଡ଼ା ଥାନା ଅବସ୍ଥିତ ହୋଇଥିଲେ ମଧ ଥାନା କର୍ମଚାରୀମାନେ ଏନେଇ ଧ୍ୟାନ ଦେଉନାହାନ୍ତି। ଦିନଦମାମ୍ ଦାଦାବଟି ଆଦାୟ ହେଉଥିବା ବେଳେ ପୋଲିସ କେବଳ ନୀରବଦ୍ରଷ୍ଟା ସାଜିଛି। ବସ୍ ଲାଗିବା ମାତ୍ରେ ୨ଜଣ ଯୁବକ ମଧ୍ୟରୁ ଜଣେ ଅଟୋ ପାଖରେ ଓ ଅନ୍ୟ ଜଣେ ବସ୍ ପାଖରେ ପହଞ୍ଚୁଛନ୍ତି। ଯାତ୍ରୀଙ୍କୁ ଜୋର ଜବରଦସ୍ତ ଭାବେ ଅଟୋ ପାଖକୁ ଯିବା ପାଇଁ କୁହାଯାଉଛି। ଅଟୋଚାଳକ ସେମାନଙ୍କୁ ଆଣି ଗାଡ଼ିରେ ବସାଇବା ପରେ ଅଟୋ ପାଖରେ ଥିବା ଯୁବକ ଟଙ୍କା ମାଗୁଛନ୍ତି। ଗ୍ରାହକ ଧରି ଅଟୋ ଚାଳକ କିଛି ସମୟ ଯୁକ୍ତି କରୁଛନ୍ତି ଓ ପରେ ଟଙ୍କା ଦେଇ ଯାଉଛନ୍ତି। ସିଦ୍ଧମହାବୀରର ଜଣେ ଅଟୋ ଚାଳକ ନିଜ ନାମ ଗୋପନ ରଖି କହିଛନ୍ତି, ପ୍ରତି ଦିନ ଏଭଳି ହେଉଛି। ଯାତ୍ରୀଙ୍କୁ ଆମେ ଡାକି ଆଣୁଥିଲେ ମଧ ଅଠରନଳା ଛକରେ ଜବରଦସ୍ତ ବଟି ନିଆଯାଉଛି। ଏ ନେଇ ଅଟୋ ଚାଳକ ସଂଘରେ ଆଲୋଚନା କରିବୁ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହେବୁ। ଏ ନେଇ କୁମ୍ଭାରପଡ଼ା ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ କହିଛନ୍ତି, ଅଠରନଳା ଅଞ୍ଚଳରେ ପୋଲିସ ପଇଁତରା ମାରୁଛି। ଏଭଳି ଘଟଣା ସାମ୍ନାକୁ ଆସି ନାହିଁ। ଯଦି କୌଣସି ଏଭଳି ଘଟଣା ଘଟୁଛି, ତେବେ ଶୁକ୍ରବାର ଅଠରନଳା ଛକରେ ଚେକିଂ କରାଯିବ ଏବଂ ଧରାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ଅଟୋରୁ ବଟି ଆଦାୟ କରୁଛନ୍ତି ।

## ସଂକ୍ଷେପରେ

### ଗୋଟିଏ ରାତିରେ ୩ ଘରୁ ଚୋରି

**କଟକ ଅଫିସ,୧୧।୮:** ମଙ୍ଗଳାବାଗ ଥାନା ଅନ୍ତର୍ଗତ ବକ୍ସିବଜାର ବେପାରିସାହି ଅଞ୍ଚଳର ୩ ଘରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖବରପାଇ ପୋଲିସ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଥିସହ ନିକଟରେ ଲାଗିଥିବା ସିସିଟିଭି ଫୁଟେଜକୁ ମଧ ଯାଞ୍ଚ କରିଛି। ଅଭିଯୋଗ ଅନୁଯାୟୀ, ବେପାରିସାହିର ଅଭିଜିତ୍ ଭଗତ ଘରେ ଶୋଇଥିବାବେଳେ ଜଣେ ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ପରେ ତାଙ୍କ ଘରେ ଥିବା ସୁନା ଓ ରୁପା ଅଳଙ୍କାର, ୩ଟି ମୋବାଇଲ୍ ଫୋନ୍, ଗୋଟିଏ ଟାବ୍‌ଲେଟ୍, ୩ଟି ପାୱାରବ୍ୟାଙ୍କ ସହ ଅନ୍ୟ ସାମଗ୍ରୀ ଚୋରିକରି ନେଇଥିଲେ। ସେହିପରି ପଡୋଶୀ କଳ୍ପନା ସାହୁଙ୍କ ଠାକୁର ଘରୁ ସୁନା, ରୁପାର ପାତ୍ର, ୫୦୦ ଟଙ୍କା ଓ ବିଶ୍ୱଜିତ୍ ନାୟକଙ୍କ ଘରୁ ମୋବାଇଲ, କମ୍ପ୍ୟୁଟର ସାମଗ୍ରୀ ଓ ଟଙ୍କା ଚୋରି ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଠିକ୍ ଭାବେ ପୋଲିସ ପାଟ୍ରୋଲିଂ ହେଉ ନ ଥିବାରୁ ଏଭଳି ଚୋରି ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ତୁରନ୍ତ ପାଟ୍ରୋଲିଂ କଡାକଡି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ରେଭେନ୍‌ଶା କଲିଜିଏଟ୍ ସ୍କୁଲରେ ପ୍ରଭାତଫେରି କାର୍ଯ୍ୟକ୍ରମ

**କଟକ ଅଫିସ,୧୧।୮:** ରେଭେନ୍‌ଶା କଲିଜିଏଟ୍ ସ୍କୁଲରେ ଗୁରୁବାର ଆଜାଦୀ କା ଅମୃତ ମହୋତ୍ସବ ଓ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଳିତ ହୋଇଥିଲା। ୭ ଦିନ ବ୍ୟାପୀ ପାଳନ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ପ୍ରଭାତଫେରି କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ପ୍ରଧାନ ଶିକ୍ଷୟିତ୍ରୀ ଡ. ଅନୁସ୍ମିତା ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏଥିରେ ଶିକ୍ଷକ ସନ୍ତୋଷ ସ୍ୱାଇଁ, ରଞ୍ଜନ ଧଳ, ପ୍ରଦୀପ ନାୟକ, ନନ୍ଦନ ମହାନ୍ତି, ବିଶ୍ୱନାଥ ମିଶ୍ର, ପରେଶ କୁମାର ମଲ୍ଲ, ଦିଲୀପ ଜେନା, ସୁପ୍ରଭା ସେନାପତି, ଗାୟତ୍ରୀ ହୋତା, ସଂଘମିତ୍ରା ପଟ୍ଟନାୟକ, ମଧୁସ୍ମିତା ମହାନ୍ତିଙ୍କ ସମେତ ୧୦୦ ଜଣ ଏନ୍‌ସିସି ଛାତ୍ର ଯୋଗଦେଇଥିଲେ।

### ଠିକା ସଫେଇ କର୍ମଚାରୀଙ୍କ ସମସ୍ୟା ସମାଧାନ ହେବ

**କଟକ ଅଫିସ,୧୧।୮:** କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟାଳୟରେ ମେୟର ସୁବାସ ସିଂଙ୍କ ଉପସ୍ଥିତିରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ହିନ୍ଦ୍ ମଜଦୁର ସଭା, ଓଡ଼ିଶା ସ୍ୱଚ୍ଛସାଥୀ ମହାସଭା ଓ ଠିକା ସଫେଇ କର୍ମଚାରୀ ସଭାର କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ସଭାରେ ହିନ୍ଦ୍ ମଜଦୁର ସଭାର ରାଜ୍ୟ ଯୁବ ଶାଖା ସଭାପତି ବିଜୟ ଭୂଷଣ ପତି ଯୋଗଦେଇ କାର୍ଯ୍ୟରତ ସ୍ୱଚ୍ଛସାଥୀ ଓ ଠିକା ସଫେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଗଷ୍ଟ ଶେଷ ସପ୍ତାହରେ ସଙ୍ଗଠନ ସହିତ ଆଲୋଚନା କରି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ମେୟର କହିଥିଲେ। ଏହି ଆଲୋଚନା ବେଳେ ସାଙ୍ଗଠନିକ ସମ୍ପାଦିକା ଅନିମା ସ୍ୱାଇଁ, ସ୍ମରୀତା ସେଠୀ, ପୂର୍ଣ୍ଣିମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଦେଶୀ ବନ୍ଧୁକ ଜବତ, ୨ ଗିରଫ

**କଟକ ଅଫିସ,୧୧।୮:** ରାଜାବଗିଚା ପୁରୁଣା ହରିଜନସାହିରେ ଜଣେ ପାନ ଦୋକାନୀଙ୍କଠାରୁ ଦାଦାବଟି ଆଦାୟ ଅଭିଯୋଗରେ ବାଦାମବାଡ଼ି ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୁଣା ହରିଜନସାହିର ଭକ୍ତିରଞ୍ଜନ ନାୟକ ଓ ସୌମ୍ୟରଞ୍ଜନ ନାୟକ। ପୋଲିସ ଭକ୍ତିରଞ୍ଜନଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ କରିଛି । ଅଭିଯୋଗ ଅନୁଯାୟୀ, ପୁରୁଣା ହରିଜନସାହିର ଭଗବାନ ଚନ୍ଦ୍ର ମହଲ ଗତ ୧୦ ତାରିଖ ରାତିରେ ତାଙ୍କ ଦୋକାନ ବନ୍ଦ କରୁଥିବାବେଳେ ଭକ୍ତିରଞ୍ଜନ ସେଠାରେ ପହଞ୍ଚି ୫ ହଜାର ଟଙ୍କା ଦାଦାବଟି ମାଗିଥିଲେ। ଭଗବାନ ଟଙ୍କା ଦେବାକୁ ମନା କରିବାରୁ ଭକ୍ତିରଞ୍ଜନ ତାଙ୍କୁ ଧକ୍କା ମାରିଲେ। ଏହି ସମୟରେ ଭଗବାନଙ୍କ ପୁଅ ରବିନାରାୟଣ ସେଠାରେ ପହଞ୍ଚି ଭକ୍ତିରଞ୍ଜନଙ୍କୁ ବିରୋଧ କରିଥିଲେ। ଏଥିରେ ସେ ଉତ୍ତ୍ୟକ୍ତ ହୋଇ ଗାଳିଗୁଲଜ କରିବା ସହ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ଭକ୍ତିରଞ୍ଜନଙ୍କ ବଡ଼ଭାଇ ସୌମ୍ୟରଞ୍ଜନ ମଧ ରବିନାରାୟଣଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୨୭/୨୨) ରୁଜୁ କରିଛି।

# ଉଦ୍‌ଘାଟନ ହୋଇପାରୁନି ସିଆର୍‌ଆର୍‌ଆଇ ଥାନା

**କଟକ ଅଫିସ,୧୧।୮**




କଟକ ବିଦ୍ୟାଧରପୁର ନିକଟ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ସିଆର୍‌ଆର୍‌ଆଇ) ଥାନାର ନୂତନ କୋଠା ପ୍ରାୟ ୮ ମାସ ହେବ ନିର୍ମାଣ ସରିଛି। ଉକ୍ତ କୋଠାରେ ଥାନାର ବୋର୍ଡ ଲଗାଯାଇଛି। ହେଲେ ଏବେବି ସେଠାରେ ଫାଣ୍ଡି କାର୍ଯ୍ୟ ଚାଲିଛି। ଫାଣ୍ଡିରୁ ଥାନାକୁ ଉନ୍ନୀତ ହେବାର ସ୍ୱପ୍ନ ଏଯାବତ୍ ପୂରଣ ହୋଇପାରିଲା ନାହିଁ। ଯାହାକୁ ନେଇ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ମହଲରେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଦିନକୁ ଦିନ କଟକ ସହରରେ ଚୋରି, ଡକାୟତି, ରାହାଜାନି ଭଳି ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଏହା ଉପରେ ରୋକ୍ ଲଗାଇବା ପାଇଁ ଅଧିକ ଥାନା ସ୍ଥାପନର ଆବଶ୍ୟକତା ରହିଛି। ଏହି ଲକ୍ଷ୍ୟରେ ଚାଉଳିଆଗଞ୍ଜ ଥାନା ଅଧୀନ ସିଆର୍‌ଆର୍‌ଆଇ ପରିସରରେ କାର୍ଯ୍ୟ କରୁଥିବା ଫାଣ୍ଡିକୁ ଥାନାରେ ପରିଣତ କରିବାକୁ ୨୦୧୮ରେ ନିଷ୍ପତ୍ତି ହୋଇଥିଲା। ଚାଉଳିଆଗଞ୍ଜ ଥାନା ଅଞ୍ଚଳ ବ୍ୟାପକ ହୋଇଥିବାରୁ ଅପରାଧ ନିୟନ୍ତ୍ରଣ ପାଇଁ ଏହା ଉପରେ ବହୁ ଚାପ ରହୁଥିଲା। ପୁଣି ବିଦ୍ୟାଧରପୁର ଅଞ୍ଚଳର ମାମଲାଗୁଡିକ ଏଠାକୁ ଫାଣ୍ଡି ଜରିଆରେ ଆସୁଥିଲା। ଫଳରେ ଲୋକମାନଙ୍କୁ ଉଚିତ୍ ନ୍ୟାୟ ଦେବା ପାଇଁ ପୋଲିସ ପକ୍ଷରେ କଷ୍ଟକର ହୋଇପଡୁଥିଲା। ଅପରପକ୍ଷେ ଆପରାଧିକ ମାମଲାରେ ବିଦ୍ୟାଧରପୁର ଅଞ୍ଚଳରୁ ଲୋକମାନେ ଚାଉଳିଆଗଞ୍ଜ ଥାନାକୁ ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ତ୍ୱରିତ୍ ନ୍ୟାୟ ପାଇବା ଓ ଅପରାଧ ନିୟନ୍ତ୍ରଣ ପାଇଁ ସ୍ଥାନୀୟ ଲୋକମାନେ ବିଦ୍ୟାଧରପୁରରେ ଏକ ଥାନା ପ୍ରତିଷ୍ଠା ନିମନ୍ତେ ଦାବି କରିଆସୁଥିଲେ। ଶେଷରେ ଲୋକଙ୍କ ଦାବିକୁ ପ୍ରାଧାନ୍ୟ ଦେଇ ବିଭାଗ ପକ୍ଷରୁ ସିଆର୍‌ଆର୍‌ଆଇ ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

**କୋଠା ନିର୍ମାଣକୁ ୮ ମାସ ପୂରିଲା**

ଏଥିପାଇଁ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ସିଆର୍‌ଆର୍‌ଆଇ) ବାହାରେ ଥାନାର ନିଜସ୍ୱ କୋଠା ନିର୍ମାଣ ନିମନ୍ତେ ଅନୁଦାନ ଯୋଗାଇ ଦିଆଯାଇଥିଲା। ଇତିମଧ୍ୟରେ ୮ ମାସ ହେବ କୋଠା ନିର୍ମାଣ ସରିଥିଲେ ମଧ ଏଠାରେ ଥାନା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଅଦ୍ୟାବଧି ଚାଉଳିଆଗଞ୍ଜ ଥାନା ଅଧୀନରେ ଥିବା ଉକ୍ତ ଫାଣ୍ଡି ନୂତନ କୋଠାରେ ଚାଲିଛି। ତୁରନ୍ତ ଏଠାରେ ଥାନାକୁ କାର୍ଯ୍ୟକ୍ଷମ କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ କଟକ ଡିସିପି ପିନାକ ମିଶ୍ର କହିଛନ୍ତି, କୋଠା ନିର୍ମାଣ ସହ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ଖୁବ୍‌ଶୀଘ୍ର ଥାନା ଉଦ୍‌ଘାଟନ ହେବ। ଉକ୍ତ ଥାନାରେ ଜଣେ ଇନ୍ସପେକ୍ଟର, ୨ ଜଣ ସବ୍‌ଇନ୍ସପେକ୍ଟର, ୪ ଜଣ ଏଏସ୍‌ଆଇଙ୍କ ସମେତ ଅନ୍ୟ କର୍ମଚାରୀ ନିଯୁକ୍ତି ପାଇଁ ପ୍ରକ୍ରିୟା ଶେଷ ହୋଇଛି।

# ରକ୍ତ ଯୋଗାଇଦେବାକୁ କହି ଠକେଇ

**କଟକ ଅଫିସ,୧୧।୮**

**ସିକ୍ୟୁରିଟି ଗାର୍ଡ କୋର୍ଟ ଚାଲାଣ**

ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ପାଇଁ ରକ୍ତ ଯୋଗାଇଦେବାକୁ କହି ୧୨୦୦ ଟଙ୍କା ଠକିନେବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚୌଦ୍ୱାର ଥାନା ଅନ୍ତର୍ଗତ ଦୌଲତାବାଦ ଅଞ୍ଚଳର ସୁଶାନ୍ତ ଚୌଧୁରୀ। ତାଙ୍କଠାରୁ ୧୨୦୦ ଟଙ୍କା ଓ ରୋଗୀ ଚିକିତ୍ସା ସମ୍ପର୍କିତ କାଗଜପତ୍ର ଜବତ କରାଯାଇଛି। ବାଲେଶ୍ୱର ଜିଲା ସିମୁଳିଆ ଥାନା ଅନ୍ତର୍ଗତ ବାଲିଖଣ୍ଡ ଗ୍ରାମର ବୀରେନ କୁମାର ମିଶ୍ର ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ପାଇଁ ରକ୍ତର ଆବଶ୍ୟକତା ଥିଲା। ତେଣୁ ତାଙ୍କ ସ୍ତ୍ରୀ ରଶ୍ମିରଞ୍ଜିତା ମହାପାତ୍ର ରକ୍ତ ଯୋଗାଡ଼ରେ ଲାଗିପଡିଥିଲେ। ଏହି ସମୟରେ ମେଡିକାଲର ସିକ୍ୟୁରିଟି ଗାର୍ଡ ସୁଶାନ୍ତ ବ୍ଲଡ୍ ବ୍ୟାଙ୍କରୁ ରକ୍ତ ଯୋଗାଇ ଦେବା ପାଇଁ କହି ତାଙ୍କଠାରୁ ୧୨୦୦ ଟଙ୍କା ନେଇଥିଲେ। ହେଲେ ସେ ରକ୍ତ ଯୋଗାଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ଫଳରେ ରଶ୍ମିରଞ୍ଜିତା ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୨/୨୨) ରୁଜୁ କରିଛି।

# ଏଥର ଅମରନାଥ ଗୁମ୍ଫା ଆକୃତିର ତୋରଣ



ଅମରନାଥ ଗୁମ୍ଫା ଆକୃତିର ତୋରଣର ନକଲ।

**କଟକ ଅଫିସ,୧୧।୮**

**ଖାନ୍‌ନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି**

**■ ଦୁର୍ଗାପୂଜା ପାଇଁ ଆରମ୍ଭ ହେଲାଣି ନିର୍ମାଣ କାର୍ଯ୍ୟ**

କରୋନା ମହାମାରୀ ଯୋଗୁ କଟକରେ ଗତ ୨ ବର୍ଷ ଧରି ନିରାଡମ୍ବର ଭାବେ ଦୁର୍ଗାପୂଜା ପାଳିତ ହୋଇଥିଲା। ହେଲେ ଚଳିତବର୍ଷ କରୋନା ସ୍ଥିତିରେ ସୁଧାର ଆସିଥିବାରୁ ଦୁର୍ଗାପୂଜା ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ଶାନ୍ତି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମା'ଙ୍କର ଚାନ୍ଦିମେଢ, ସୁନା ମୁକୁଟ ଓ ତୋରଣ ଦେଖିବା ପାଇଁ ବିଭିନ୍ନ ସ୍ଥାନରୁ ଲୋକମାନେ କଟକ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଅମରନାଥ ଗୁମ୍ଫା ଆକୃତିର ତୋରଣ ନିର୍ମାଣ ପାଇଁ ଖାନ୍‌ନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ନିଷ୍ପତ୍ତି ନେଇଛି। ଏଠାରେ କୃତ୍ରିମ ଜଳପ୍ରପାତ ସହ ବରଫରେ ଏକ ଶିବଲିଙ୍ଗ ତିଆରି କରାଯିବ। ସେହିପରି ଏହି ଗୁମ୍ଫା ଉପରେ ଏକ ନକଲି ହେଲିକପ୍ଟର ପ୍ରସ୍ତୁତ କରାଯିବା ସହ ଯବାନ ପୋଷାକରେ ଲୋକଙ୍କୁ ମୁତୟନ କରାଯିବ। ତେବେ ଏହି କାର୍ଯ୍ୟ ପାଇଁ ପ୍ରାୟ ୩ରୁ ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଗତ ବୁଧବାରଠାରୁ ତୋରଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ପଶ୍ଚିମବଙ୍ଗ ନଦିଆରୁ ସ୍ୱତନ୍ତ୍ର କାରିଗର ଏହି ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସହରର ପ୍ରବେଶ ପଥରେ ପ୍ରଥମେ ଏହି ପୂଜା ମଣ୍ଡପ ପଡୁଥିବାରୁ ଲୋକମାନଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ଏଭଳି କାର୍ଯ୍ୟ କରାଯାଉଥିବା ପୂଜା କମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ କହିଛନ୍ତି।

# 'ସାହିତ୍ୟର ବିକାଶରେ କାହ୍ନୁଙ୍କ ଭୂମିକା ଅତୁଳନୀୟ'

**ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ଜୟନ୍ତୀ**

**କଟକ ଅଫିସ, ୧୧।୮**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ କଟକ ଶତାବ୍ଦୀ ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଗୀତିକବି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାହିତ୍ୟିକ ଡ. ବୈରାଗୀ ଚରଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଓଡ଼ିଆ ସାହିତ୍ୟର ବିକାଶରେ କାହ୍ନୁଚରଣଙ୍କ ଭୂମିକା ଅତୁଳନୀୟ। ସେହିପରି ସମ୍ମାନିତ ଅତିଥି ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ କହିଥିଲେ, ଉପନ୍ୟାସ ତଥା ବହୁ କ୍ଷୁଦ୍ର ଗଳ୍ପର ସ୍ରଷ୍ଟା କାହ୍ନୁଚରଣ ପାଠକ ମହଲରେ ସୁପରିଚିତ। ସରଳ, ସାବଲୀଳ ଓ ପ୍ରଚଳିତ ଭାଷାରେ ଓଡ଼ିଆ ଜନଜୀବନର ସମସ୍ୟା, ହୃଦୟ ବେଦନା ଓ ଅନ୍ତର୍ଦାହକୁ ଅତି ନିପୁଣତାର ସହ ଅତ୍ୟନ୍ତ ହୃଦୟସ୍ପର୍ଶୀ ଭାବେ ତାଙ୍କ ସାରସ୍ୱତ ସୃଷ୍ଟିରେ ଚିତ୍ରଣ କରିପାରିଛନ୍ତି। ମୁଖ୍ୟବକ୍ତା ଡ. ବିଜୟଲକ୍ଷ୍ମୀ ଦାସ କହିଥିଲେ, ଉପନ୍ୟାସ ସାହିତ୍ୟକୁ ଏକ ଆଙ୍ଗିକ, ଆତ୍ମିକ ମୋଡ଼ ଦେଇ ସର୍ବଜନାଦୃତ କରାଇବାରେ କାହ୍ନୁଚରଣ ଥିଲେ ସଫଳ ସ୍ରଷ୍ଟା। ଗଙ୍ଗାଧର ସାହୁ ଧନ୍ୟବାଦ ଦେଇଥିଲେ।



ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

### ପୋଖରୀରେ ବୁଡ଼ି ଯୁବକ ମୃତ

**ଖୁଣ୍ଟୁଣୀ,୧୧।୮(ଡି.ଏନ୍.ଏ.)**

ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ଡାଳଭାଗ ଗ୍ରାମର ଅନାମ ବେହେରା। ଗୁରୁବାର ମଧ୍ୟାହ୍ନରେ ସେ ବିଲରୁ ଫେରି ଗ୍ରାମ ପୋଖରୀରକୁ ଗାଧୋଇବାକୁ ଯାଇଥିଲେ। ହେଲେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ସଦସ୍ୟ ଆସି ସ୍ଥାନୀୟ ସରପଞ୍ଚ ଓ କେତେଜଣ ଯୁବକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ। ଚିକିତ୍ସା ଲାଗି ଅନାମଙ୍କୁ ଆଠଗଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଖୁଣ୍ଟୁଣୀ ପୋଲିସ ପହଞ୍ଚି ବ୍ୟବଚ୍ଛେଦ କରାଇବା ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଏସ୍‌ସିବି ମେଡିକାଲରେ ଚାକିରି କରାଇଦେବାକୁ କହି ଠକେଇ

**କଟକ ଅଫିସ,୧୧।୮**

**୨ କୋର୍ଟ ଚାଲାଣ**

ଏସ୍‌ସିବି ମେଡିକାଲରେ ଚାକିରି କରାଇ ଦେବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ୮୦ ହଜାର ଟଙ୍କା ଠକି ନେବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମଙ୍ଗଳାବାଗ ଥାନା ଅନ୍ତର୍ଗତ ଥୋରିଆସାହିର ସୂର୍ଯ୍ୟନାରାୟଣ ସାହୁ ଓ ଗୋବିନ୍ଦପୁର ଥାନା ଅଧୀନ ତାଡ଼ପଡ଼ା ଗ୍ରାମର ସେକ୍ ମୁଜିବୁର ରେହେମାନ୍।

ଅଭିଯୋଗ ଅନୁଯାୟୀ, ବଡ଼ମ୍ବା ଥାନା ଅନ୍ତର୍ଗତ ମାଣିଆବନ୍ଧ ମାଟିଆପଡ଼ାର ପାଣ୍ଡବ ନାଇକ ଏସ୍‌ସିବି ମେଡିକାଲ କଲେଜରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ଏସ୍‌ସିବି ମେଡିକାଲରେ ପୁଅର ଚାକିରି କରାଇଦେବା ପାଇଁ ପାଣ୍ଡବଙ୍କଠାରୁ ଅଭିଯୁକ୍ତ ଦ୍ୱୟ ୮୦ ହଜାର ଟଙ୍କା ନେଇଥିଲେ। ଦୀର୍ଘ ଦିନ ବିତିଥିଲେ ମଧ ସେମାନେ ଚାକିରି କରାଇ ନ ଥିଲେ କି ପାଣ୍ଡବଙ୍କୁ ଟଙ୍କା ଫେରାଇ ନ ଥିଲେ। ଏ ନେଇ ପାଣ୍ଡବ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୯୧/୨୨) ରୁଜୁ କରିଥିଲା। ଏଥିସହ ସୂର୍ଯ୍ୟନାରାୟଣଙ୍କୁ ଗିରଫ କରି ପଚରାଉଚରା କରିଥିଲା। ସେ ଅନ୍ୟମାନଙ୍କ ସହାୟତାରେ ଚାକିରି ଆଶାୟୀମାନଙ୍କଠାରୁ ବହୁ ପରିମାଣର ଅର୍ଥ ଆଦାୟ କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ପରେ ଅଭିଯୁକ୍ତ ଦ୍ୱୟଙ୍କଠାରୁ ମାଟ୍ରିକ ସାର୍ଟିଫିକେଟ, ଆଧାର କାର୍ଡ, ଫଟୋ ଓ ବ୍ୟାଙ୍କ ପାସ୍‌ବୁକ୍‌ର ନକଲ ଆଦି ଜବତ କରାଯାଇଛି। ସେମାନଙ୍କ ନାମରେ ପୂର୍ବରୁ ମଙ୍ଗଳାବାଗ ଥାନାରେ ମାମଲା ରହିଥିବା ପୋଲିସ କହିଛି।

# 'କବି ଗଙ୍ଗାଧର ମେହେରଙ୍କ ସୃଷ୍ଟି ସର୍ବକାଳୀନ'

**କଟକ ଅଫିସ, ୧୧।୮**



ଉତ୍ସବରେ କବି ମନୋଜ ମେହେରଙ୍କୁ ଗଙ୍ଗାଧର ମେହେର ସମ୍ମାନ ପ୍ରଦାନ କରାଯାଉଛି।

**ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ**

**■ କବି ମନୋଜ ମେହେର ପାଇଲେ ଗଙ୍ଗାଧର ମେହେର ସମ୍ମାନ**

ସାରଳା ସାହିତ୍ୟ ସଂସଦ ଓ ଗଙ୍ଗାଧର ମେହେର ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୦ତମ ଜୟନ୍ତୀ ଉତ୍ସବ ଗୁରୁବାର କଟକ ସାରଳା ଭବନଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ତଥା କବି ଅରୁନ୍ କୁମାର ପରିଚ୍ଛା ଯୋଗଦେଇ କହିଥିଲେ, କବି ଗଙ୍ଗାଧର ମେହେରଙ୍କ ସୃଷ୍ଟି ସର୍ବକାଳୀନ। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ହେମେନ୍ଦ୍ର ନାରାୟଣ ଦାସ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଥିଲେ, କବି ଗଙ୍ଗାଧର ଓଡ଼ିଆ ସାହିତ୍ୟରେ ବିରଳ ପ୍ରତିଭା। ସେହିପରି ପ୍ରଫେସର ଡା. ନିମାଇଁ ଚରଣ ପରିଜା ବରେଣ୍ୟ ଅତିଥି ଭାବେ ଯୋଗଦେଇ ମେହେରଙ୍କ ସୃଷ୍ଟି ସମାଜର ସବୁଶ୍ରେଣୀ ପାଠକଙ୍କ ଆଦୃତି ଲାଭ କରିପାରିଛି ବୋଲି କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ରମେଶ ଚନ୍ଦ୍ର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଗଙ୍ଗାଧରଙ୍କ ସୃଷ୍ଟିରେ ଅନ୍ତଃ ପ୍ରକୃତି ଓ ବାହ୍ୟ ପ୍ରକୃତିର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ଏହି ଅବସରରେ ବିଶିଷ୍ଟ କବି ମନୋଜ ମେହେରଙ୍କୁ ଗଙ୍ଗାଧର ମେହେର ସମ୍ମାନ ପ୍ରଦାନ କରାଯାଇଥିଲା। ଗଙ୍ଗାଧର ମେହେର ଫାଉଣ୍ଡେଶନର ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ, ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ଅତିଥି ପରିଚୟ, ସାରଳା ସାହିତ୍ୟ ସଂସଦର ସମ୍ପାଦକ ପ୍ରଫେସର ନିରଞ୍ଜନ ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ, ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ ଓ ପ୍ରଭାକର ନାୟକ ଧନ୍ୟବାଦ ଦେଇଥିଲେ। ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ବିଷ୍ଣୁ ପ୍ରସାଦ ରାଉତ, ବ୍ରଜକିଶୋର ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରକ୍ଷାବନ୍ଧନ ଅବସରରେ ଗୁରୁବାର କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଥିବା ଗଛରେ ଛାତ୍ରୀମାନେ ରାଖୀ ବାନ୍ଧୁଛନ୍ତି।



କଟକ ଶିଳ୍ପୀକୁମ୍ଭାର ସାହି ଅଞ୍ଚଳରେ ଜଣେ ଶିଳ୍ପୀ ଖୁଦୁରୁକୁଣୀଙ୍କ ମୃଣ୍ମୟୀ ପ୍ରତିମାରେ ରଙ୍ଗତୂଳୀରେ ଶେଷସ୍ପର୍ଶ ଦେଉଛନ୍ତି।

## ସଂକ୍ଷେପରେ

### ୩ ଶିଶୁ ଶ୍ରମିକ ଉଦ୍ଧାର

ଚୌଦ୍ୱାର,୧୧।୮(ଡି.ଏନ୍.ଏ.): ଚୌଦ୍ୱାର ଥାନା ଅଧୀନ ବାଣୀପଦାସ୍ଥିତ ଏକ କୋଇଲା କମ୍ପାନୀରେ କାର୍ଯ୍ୟ କରୁଥିବା ୩ଜଣ ନାବାଳକଙ୍କୁ ପୋଲିସ ଗୁରୁବାର ଉଦ୍ଧାର କରିଛି। ପରେ ସେମାନଙ୍କୁ କଟକ ଚାଇଲ୍ଡ ଲାଇନ୍‌କୁ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସମ୍ପୃକ୍ତ ୩ ଶିଶୁ ଶ୍ରମିକ କୋଇଲା କମ୍ପାନୀରୁ ଲୁଚି ପଳାଇ ଆସି କଜଳଖଣା ନିକଟରେ ରହିଥିଲେ। ଚାଇଲ୍ଡଲାଇନ୍ ସଂଯୋଜକ ନାରାୟଣ ଶୁକ୍ଳା ଏ ସମ୍ପର୍କରେ ଜାଣିବା ପରେ ଚୌଦ୍ୱାର ପୋଲିସକୁ ଜଣାଇଥିଲେ। ତୁରନ୍ତ ପୋଲିସ ଓ ଟାସ୍କଫୋର୍ସ ସଦସ୍ୟ ନରୋତ୍ତମ ଦାସ ଘଟଣାସ୍ଥଳରେ ଉକ୍ତ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। କମ୍ପାନୀ କର୍ମଚାରୀମାନେ ସେମାନଙ୍କୁ ନିୟମିତ ନିର୍ଯାତନା ଦେବା ସହ ମୋବାଇଲ ଫୋନ୍ ଭାଙ୍ଗି ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି।

### ବିଜେଡି ନେତାଙ୍କ ପରଲୋକ

ସାଲେପୁର,୧୧।୮(ଡି.ଏନ୍.ଏ.): ସାଲେପୁର ବ୍ଲକ ଅନ୍ତର୍ଗତ ସିଡ଼ୋ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ଯିଶୁପ୍ରସାଦ ଜେନାଙ୍କର ଗୁରୁବାର ମୃତ୍ୟୁ ହୋଇଛି। ଦୀର୍ଘଦିନ ଧରି ସେ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପଞ୍ଚାୟତ ସମିତି ଅଧକ୍ଷ ରାମଚନ୍ଦ୍ର ଭୋଇ, ପୂର୍ବତନ ଉପାଧକ୍ଷ ରମେଶ ଜେନା, ବିରଞ୍ଚି ନାରାୟଣ କର, ପୂର୍ବତନ ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକ, ଜିଲା ପରିଷଦସଭ୍ୟ ହରପ୍ରସନ୍ନ ବେହେରା, ମନୋଜ ପ୍ରଧାନ, ବୈରାଗୀ ଦାଶ, ବିଜେଡି କାର୍ଯ୍ୟକାରିଣୀ କମିଟି ସଭାପତି ନାରାୟଣ ପତି, ରଶ୍ମିରଞ୍ଜନ ପରିଜା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ଯୁକ୍ତ ୨ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ତିଗିରିଆ, ୧୧।୮(ଡି.ଏନ୍.ଏ .) ଯୁକ୍ତ ୨ ପରୀକ୍ଷାରେ ତିଗିରିଆ ବ୍ଲକରେ ଟପ୍ପର ହୋଇଥିବା ନୂଆପାଟଣା ଚୈତନ୍ୟ ସାହୁ କଳା ଓ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀ ପୁଷ୍ପଲତା ବର୍ଦ୍ଧନଙ୍କୁ ଗୁରୁବାର ସମ୍ବର୍ଦ୍ଧନା ଦିଆଯାଇଛି। ଯୁବ ବୌଦ୍ଧ ସଂଗଠନ, ଓଡ଼ିଶା ପକ୍ଷରୁ ନୂଆପାଟଣାସ୍ଥିତ ବୁଦ୍ଧ ବିହାରଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜେମାଦେଇପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ମହେବୁବ ଅହମ୍ମଦ ଖାଁ, ସମ୍ମାନିତ ଅତିଥି ଅଧାପିକା ସୁଦେସ୍ନା ନନ୍ଦ ଯୋଗଦେଇ ପୁଷ୍ପଲତାଙ୍କୁ ସମ୍ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଏଥିସହ ତାଙ୍କ ପରିବାରକୁ ପଞ୍ଚଶୀଳ ଉତ୍ତରୀୟ ଓ ଏକ ବୁଦ୍ଧ ମୂର୍ତ୍ତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ବୌଦ୍ଧ ସଂଗଠନ ସଭାପତି ବିକାଶ ମହାପାତ୍ର , ସମ୍ପାଦକ ପ୍ରୀତମ କୁମାର, ଉପସଭାପତି ନିରାକାର ମହାପାତ୍ର , ସହସମ୍ପାଦକ ବିକାଶ ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### କାର୍ କାଚ ଭାଙ୍ଗି ଲାପ୍‌ଟପ୍ ଚୋରି

ଭୁବନେଶ୍ୱର,୧୧।୮(ବ୍ୟୁରୋ): ଖାରବେଳନଗର ଥାନା ଅଞ୍ଚଳରେ ଗୋଟିଏ ଦିନରେ ୨ଟି କାରର କାଚ ଭାଙ୍ଗି ୨ ଲାପଟପ୍ ଚୋରାଇ ନେଇଛନ୍ତି ଦୁର୍ବୃତ୍ତ। ଗାଡି ମାଲିକ ୟୁ. ତ୍ରିପତି ବାଲାଜୀ ଦୋରା ଓ ପ୍ରଫେସର ଅଶ୍ୱିନୀ କୁମାର ମୁନୀ ଖାରବେଳନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ରସୁଲଗଡ଼ସ୍ଥିତ ବାଲାଜୀ ବିଗ୍‌ବଜାର ନିକଟ ଆକ୍ସିସ ବ୍ୟାଙ୍କ ଆଗରେ କାର୍ ରଖି କୌଣସି କାମରେ ଯାଇଥିବାବେଳେ ଏହି ଚୋରି ହୋଇଥିଲା। ସମାନ ଢଙ୍ଗରେ ନୟାପଲ୍ଲୀସ୍ଥିତ ମୁନୀଙ୍କ କାର କାଚ ଭଙ୍ଗାଯାଇଥିବା ଅଭିଯୋଗ ହୋଇଛି।

# ଗଳା କାଟି ଅଟୋ ଚାଳକଙ୍କୁ ହତ୍ୟା

**■ଘଟଣାସ୍ଥଳରୁ ମୋବାଇଲ ଜବତ**
**■ହତ୍ୟାକୁ ନେଇ ଗ୍ରାମରେ ଉତ୍ତେଜନା**

କଟକ ସଦର,୧୧।୮(ଡି.ଏନ୍.ଏ.)

କଟକ ଜିଲା କିଶନନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମ ନମାଜ ପଡିଆ ନିକଟ ପାଚେରି ପାଖରେ ବୁଧବାର ରାତିରେ ଜଣେ ଅଟୋ ଚାଳକଙ୍କ ଗଳା କାଟି ହତ୍ୟା କରାଯାଇଛି। ସେ ହେଲେ ସ୍ଥାନୀୟ ପ୍ରହରାଜପୁର ଗ୍ରାମର ଅବ୍‌ଦୁଲ କାଦର(୪୬)। ଗୁରୁବାର ସକାଳେ ଖବରପାଇ ସାଲେପୁର ଏସ୍‌ଡିପିଓ ବିମଳ ବାରିକ, ଥାନାଧିକାରୀ ରଶ୍ମିରଞ୍ଜନ ଦାସ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରୁ ପୋଲିସ ଏକ ମୋବାଇଲ ଜବତ କରିଛି। ଅବ୍‌ଦୁଲ୍‌ଙ୍କ ଗଳା କାଟି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଥିବା ଥାନାଧିକାରୀ ଦାସ କହିଛନ୍ତି। ଏହି ହତ୍ୟା ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ମୁତୟନ କରାଯାଇଛି।ଅଭିଯୋଗ ଅନୁଯାୟୀ, ଅବ୍‌ଦୁଲ ଅଟୋ ଚଲାଇ ପରିବାର ପ୍ରତିପୋଷଣ କରୁଥିଲେ। ବୁଧବାର ସେ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ରାତି ପ୍ରାୟ ୧୧ଟାରେ ସେ ତାଙ୍କ ସ୍ତ୍ରୀ ୱାହିଦା ଖାତୁନଙ୍କୁ ଫୋନ୍ କରି ଘରକୁ ଶୀଘ୍ର ଫେରିବେ ବୋଲି କହିଥିଲେ। ହେଲେ ରାତିରେ ଆଉ ଫେରି ନ ଥିଲେ। ଗୁରୁବାର ସକାଳେ ନମାଜ ପଡିଆ ନିକଟରେ ଅବ୍‌ଦୁଲଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ସଦସ୍ୟ ଓ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ନେଇ ୱାହିଦା ଅଭିଯୋଗ କରିବା ପରେ ଦଫା ୩୦୨ ଅନୁଯାୟୀ ପୋଲିସ ଏକ ହତ୍ୟା ମାମଲା(ନଂ.୧୪୩/୨୨) ରୁଜୁ କରିଛି। ଅପରପକ୍ଷେ ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡିବ ବୋଲି ଥାନାଧିକାରୀ ଦାସ କହିଛନ୍ତି।

# ୨ କଣ୍ଟେନରରୁ ୮୨ ମଇଁଷି ଉଦ୍ଧାର



**ଅଭିଯୁକ୍ତ ଫେରାର**

ନିଶ୍ଚିନ୍ତକୋଇଲି,୧୧।୮(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ସୁକରପଡ଼ାସ୍ଥିତ ଏକ ପୋଖରୀ ନିକଟରୁ ଗୁରୁବାର ଦୁଇଟି ଗୋରୁ ଚାଲାଣ କଣ୍ଟେନର ଜବତ କରାଯାଇଥିବାବେଳେ ୮୨ ମଇଁଷିଙ୍କୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଅଞ୍ଚଳର ସୁଶାନ୍ତ ନାୟକଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୧୩୧/୨୨) ରୁଜୁ ହୋଇଛି। ଏହି ଘଟଣାରେ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନ ଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। କୌଣସି ସୂତ୍ରରୁ ଗୋ'ଚାଲାଣ ସମ୍ପର୍କରେ ଖବରପାଇ ଗୋ ସୁରକ୍ଷା ସମିତି ପକ୍ଷରୁ ପୋଲିସକୁ ସୂଚନା ଦିଆଯାଇଥିଲା। ଏହାପରେ ଘଟଣାସ୍ଥଳରେ ପୋଲିସ ଚଢ଼ାଉ କରି ମଇଷିଁଗୁଡ଼ିକୁ ଉଦ୍ଧାର କରି ଜଣେ ଗୋ ରକ୍ଷକଙ୍କ ଜିମା ଦେଇଛି। ଏହି ସମୟରେ ଅଭିଯୁକ୍ତମାନେ ଗାଈଗୁଡିକୁ ଫିଟାଇ ଦେବାରୁ ସେମାନେ ଖସିଯାଇଥିଲେ। ସେଥିରୁ ଗୋଟିଏ ଗାଈକୁ ଧରି ପୋଲିସ ଥାନାକୁ ଆଣିଛି। ତାକୁ ଗୋ ଶାଳାକୁ ପଠାଯିବ ବୋଲି ଥାନା ଅଧିକାରୀ ଚିନ୍ମୟ ସାହୁ କହିଛନ୍ତି। ରକ୍ଷାବନ୍ଧନ ପରିପ୍ରେକ୍ଷୀରେ ପୁରପଲ୍ଲୀରେ ଗୋ-ପୂଜନଚାଲିଥିଲାବେଳେ ଶୁକରପଡ଼ାରୁ ଗୋ ଚାଲାଣ ହେବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

# ପ୍ରଦର୍ଶନୀ ଫୁଟବଲ ମ୍ୟାଚ: ଯୁବଜ୍ୟୋତି କ୍ଲବ ବିଜୟୀ



ଅତିଥିଙ୍କ ଗ୍ରହଣରେ ଉଭୟ ଦଳ ଖେଳାଳି।

ତିଗିରିଆ,୧୧।୮(ଡି.ଏନ୍.ଏ.)

ତିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀ ଖେଳ ପଡିଆଠାରେ ଗୁରୁବାର ଯୁବଜ୍ୟୋତି କ୍ଲବ ପଙ୍କାଳ ଓ ଅହମଦିୟା କ୍ଲବ କରଡ଼ାପଲ୍ଲୀ ମଧ୍ୟରେ ଏକ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଯୁବଜ୍ୟୋତି କ୍ଲବ ୨/୦ ଗୋଲରେ କରଡ଼ାପଲ୍ଲୀକୁ ପରାସ୍ତ କରି ବିଜୟୀ ହୋଇଛି । ମ୍ୟାଚର ପ୍ରଥମାର୍ଦ୍ଧ ୯ ମିନିଟରେ ଯୁବଜ୍ୟୋତି କ୍ଲବର ୯ ନଂ. ଖେଳାଳି ରମଜାନ ଖାଁ ପ୍ରଥମ ଗୋଲ ସ୍କୋର କରିଥିବାବେଳେ ୨ୟ ଗୋଲ ଦଳର ୮ ନଂ. ଖେଳାଳି ବଳରାମ ଖାଁ ୨୫ ମିନିଟରେ ସ୍କୋର କରିଥିଲେ। ୨ୟାର୍ଦ୍ଧରେ କୌଣସି ଦଳ ଗୋଲ କରିବାକୁ ସକ୍ଷମ ହୋଇ ନ ଥିଲେ। ଫଳରେ ଯୁବଜ୍ୟୋତି କ୍ଲବ ୨/୦ ଗୋଲରେ ବିଜୟୀ ହୋଇଥିଲେ । ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୁବ ଅହମଦିୟା କରଡ଼ାପଲ୍ଲୀର ସଭାପତି ସରାଫତ ଅହମ୍ମଦ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ଇସମାଇଲ ଖାଁ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନରେ ଅଭି ନାୟକ ଓ ସୁମିତ ସାୟର ସହଯୋଗ କରିଥିଲେ।

# ରକ୍ଷାବନ୍ଧନ ଏକ ଭାଇଚାରାର ପର୍ବ

ବଡ଼ମ୍ବା,୧୧।୮(ଡି.ଏନ୍.ଏ.)

ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଡ଼ମ୍ବା ସେବା କେନ୍ଦ୍ରରେ ରକ୍ଷା ବନ୍ଧନ ମହୋତ୍ସବ ଗୁରୁବାର ମହାସମାରୋହରେ ପାଳନ କରାଯାଇଛି। ଉତ୍ସବରେ ବଡ଼ମ୍ବା ସମେତ ଆଖପାଖ ଗ୍ରାମରୁ ପ୍ରାୟ ୫ଶହରୁ ବ୍ରହ୍ମାକୁମାର ଭଉଣୀ ଭାଇ ଏକତ୍ରିତ ହୋଇଥିଲେ। ଏହି ଅବସରରେ ବ୍ରହ୍ମାକୁମାର ଅତୁଲ୍ୟ ରକ୍ଷାବନ୍ଧନ ପର୍ବର ଆଧ୍ୟାତ୍ମିକ ରହସ୍ୟ ବାବଦରେ କହିଥିଲେ। ସଞ୍ଚାଳିକା ବ୍ରହ୍ମାକୁମାରୀ ସବିତା କହିଥିଲେ, ବିଶ୍ୱର ସମସ୍ତ ମନୁଷ୍ୟ ଆତ୍ମା ରୂପରେ ପରମାତ୍ମାଙ୍କ ସନ୍ତାନ। ଏହି ଦୃଷ୍ଟିରୁ ସମସ୍ତ ମନୁଷ୍ୟ ଜାତି, ଧର୍ମ, ବର୍ଣ୍ଣ, ଜାତୀୟତା ନିର୍ବିଶେଷରେ ପରସ୍ପର ଭାଇ ଭାଇ ଅଟନ୍ତି। ତେଣୁ ସମସ୍ତ ମନୁଷ୍ୟ ନିଜକୁ ଆତ୍ମା ରୂପରେ ଅନୁଭବ କରି ପରମାତ୍ମାଙ୍କ ସହ ସମ୍ବନ୍ଧ ଯୋଡ଼ିଲେ ବିଶ୍ୱ ଭାଇଚାରା ପ୍ରତିଷ୍ଠା ହୋଇପାରିବ। ତେଣୁ ରକ୍ଷାବନ୍ଧନ ଏକ ଭାଇଚାରାର ପର୍ବ। ଉକ୍ତ ଉତ୍ସବରେ ଭଉଣୀ ଭାଇଙ୍କୁ ବ୍ରହ୍ମାକୁମାରୀ ସବିତା ରାଖୀ ବାନ୍ଧିଥିଲେ। ବ୍ରହ୍ମକୁମାର ବିଦ୍ୟାଧର ଭାଇ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବ୍ରହ୍ମାକୁମାରୀ ସ୍ୱର୍ଣ୍ଣଲତା ଭଉଣୀ ଧନ୍ୟବାଦ ଦେଇଥିଲେ।

# ଲୋକଲୋଚନକୁ ଆସୁ ଶହୀଦଙ୍କ ବୀରତ୍ୱର ଗାଥା

କଟକ ଅଫିସ,୧୧।୮

ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ଓଡ଼ିଶା ରାଷ୍ଟ୍ରବାଦୀ ଶିକ୍ଷକ ପରିଷଦର କଟକ ଜିଲା ଶାଖା ପକ୍ଷରୁ ବୁଧବାର ମର୍କତନଗରସ୍ଥିତସରସ୍ୱତୀଶିଶୁମନ୍ଦିରଠାରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି କିଶୋର ଚନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ଶିକ୍ଷାବିତ୍ ଦେବୀପ୍ରସନ୍ନ ଦାସ ମୁଖ୍ୟଅତିଥି ଓ ଶୈଳବାଳା ସ୍ୱୟଂଶାସିତ ମହିଳା କଲେଜର ପ୍ରାଧ୍ୟାପକ ଡ. ଚିତ୍ତରଞ୍ଜନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଜାତୀୟ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡ. ନାରାୟଣ ମହାନ୍ତି ପ୍ରାରମ୍ଭିକ ସୂଚନା ଓ ସାଧୁ ଚରଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାବିତ୍ ଡ. କୁଞ୍ଜବିହାରୀ ଜେନା, ଡ. ଜେ.ଏସ୍. ମହାପ୍ରଶସ୍ତ, ବିପିନ ବିହାରୀ ରାଉତ, ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ବକ୍ତାଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳି ଦେଇଥିବା ଅନେକ ଶହୀଦଙ୍କ ନାମ ଇତିହାସ ପୃଷ୍ଠାରେ ସ୍ଥାନ ପାଇ ନ ଥିବାରୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ସେମାନଙ୍କ ବୀରତ୍ୱର ଗାଥା ଲୋକଲୋଚନକୁ ଆଣିବାର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ କହିଥିଲେ। ସରୋଜକାନ୍ତ ପାଇଟାଲ, ପୂର୍ଣ୍ଣଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଡ. ଶଙ୍କର୍ଷଣ ମିଶ୍ର ଧନ୍ୟବାଦ ଦେଇଥିଲେ।

# ନିଗମାନନ୍ଦଙ୍କ ଆଶ୍ରମରେ ବୋମା ମାଡ଼

ନରସିଂହପୁର,୧୧।୮(ସ୍ୱ.ପ୍ର.)



**■ପ୍ରତିଷ୍ଠାତାଙ୍କୁ ଜୀବନରୁ ମାରି ଦେବାକୁ ଉଦ୍ୟମ**
**■ମୁଖ୍ୟ ଅଭିଯୁକ୍ତ ଗିରଫ, ଖଣ୍ଡା ଜବତ**
**■ସନ୍ଧ୍ୟା ଆଳତି ସମୟରେ ଅଭିଯୁକ୍ତମାନେ ଆସିଥିଲେ**

ନରସିଂହପୁର ଥାନା ଅନ୍ତର୍ଗତ ନୁଖାପଡା ପଞ୍ଚାୟତ କେନ୍ଦୁପଲ୍ଲୀ ଛକସ୍ଥିତ ଶ୍ରୀ ଶ୍ରୀ ନିଗମାନନ୍ଦ ଠାକୁରଙ୍କ ଆଶ୍ରମରେ ଗୁରୁବାର ସନ୍ଧ୍ୟାରେ ବୋମାଷ୍ମାଡ଼ ହୋଇଛି। ଏଥିସହ ଆଶ୍ରମର ପ୍ରତିଷ୍ଠାତା ପ୍ରଦୀପ ପଟ୍ଟନାୟକଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ ହୋଇଛି। ବୋମାଟି ଆଶ୍ରମ ପରିସରରେ ଫୁଟିଥିବାବେଳେ ସେଠାରେ ଥିବା କିଛି ଚେୟାର ଓ ଟେବୁଲ ନଷ୍ଟ ହୋଇଯାଇଛି। ଏହି ଘଟଣାରେ କାହାର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ପୋଲିସ ମୁଖ୍ୟ ଅଭିଯୁକ୍ତ ଅଲରା ଗ୍ରାମର ବିଘ୍ନେଶ ନାୟକଙ୍କୁ ଗିରଫ କରିଛି। ତାଙ୍କଠାରୁ ଏକ ଖଣ୍ଡା ସମେତ ଆଶ୍ରମ ଭିତରୁ ଫୁଟା ବୋମାର ସୁତୁଲି ଓ କାଗଜ ଜବତ କରାଯାଇଛି। ପଟ୍ଟନାୟକଙ୍କ ଲିଖିତ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୬୦/୨୨) ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ରକ୍ଷାବନ୍ଧନ ଉପଲକ୍ଷେ ଆଶ୍ରମରେ ନାମ ସଂକୀର୍ତ୍ତନ ଚାଲିଥିଲା। ଏନେଇ ଦିନ ତମାମ ଭକ୍ତମାନଙ୍କ ଗହଳି ଲାଗି ରହିଥିଲା। ସନ୍ଧ୍ୟାରେ ଆଶ୍ରମରେ ଆଳତି ଚାଲିଥିବାବେଳେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ରୁ ୫ ଜଣ ଖଣ୍ଡା ସହ ବନ୍ଧୁକ ଓ ବୋମା ଧରି ଆଶ୍ରମ ଭିତରକୁ ପଶିଥିଲେ। ସେମାନେ ଖଣ୍ଡା ବୁଲାଇ ଉପସ୍ଥିତ ଲୋକଙ୍କୁ ଭୟଭୀତ କରିବା ସହ ଆଶ୍ରମରେ ବୋମା ପକାଇଦେଇଥିଲେ। ବିଘ୍ନେଶ ଏହି ସମୟରେ ପ୍ରଦୀପଙ୍କୁ ଗାଳିଗୁଲଜ କରିବା ସହ ହାଣିବାକୁ ଉଦ୍ୟମ କରିଥିଲେ। କୌଣସିମତେ ପ୍ରଦୀପ ଖସିଯାଇ ପୋଲିସକୁ ଖବର ଦେଇଥିଲେ। ପ୍ରଦୀପଙ୍କ କହିବାନୁଯାୟୀ, ଅଭିଯୁକ୍ତମାନଙ୍କ ସହ ପୂର୍ବରୁ ତାଙ୍କର କୌଣସି ବିବାଦ ନ ଥିବାବେଳେ ଆଶ୍ରମ ଭଳି ଏକ ପବିତ୍ର ସ୍ଥାନରେ ଆତଙ୍କ ସୃଷ୍ଟି କରିବାର ବାସ୍ତବ କାରଣ ଜଣା ପଡୁନାହିଁ। ଥାନା ଅଧିକାରୀ ଅଭୟ ବେହେରା କହିଛନ୍ତି, ଏସମ୍ପର୍କରେ ବିଘ୍ନେଶଙ୍କୁ ପଚରାଉଚୁରା ଚାଲିଛି। ଖୁବ୍‌ଶୀଘ୍ର ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

# ଖୁଣ୍ଟୁଣୀ ଡାକ୍ତରଖାନା ପରିସରରେ ୧୪୪ ଧାରା ଜାରି



ଖୁଣ୍ଟୁଣୀ ଡାକ୍ତରଖାନା ପରିସରରେ ପୋଲିସ ସ୍ଥିତି ଅନୁଧ୍ୟାନ କରୁଛି।

ଖୁଣ୍ଟୁଣୀ,୧୧।୮(ଡି.ଏନ୍.ଏ.)

ଖୁଣ୍ଟୁଣୀ ସରକାରୀ ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ବ୍ଲକ ପ୍ରଶାସନ ଅବହେଳା ପ୍ରଦର୍ଶନ କରିଛି। ଏହାର ପ୍ରତିବାଦରେ ଆସନ୍ତା ସୋମବାର ସାମାଜିକ କର୍ମୀ ଗୌରହରି ମହାନ୍ତି ଉକ୍ତ ଡାକ୍ତରଖାନା ପରିସରରେ ଆତ୍ମାହୁତି ଦେବା ପାଇଁ ଚେତାବନୀ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଗୁରୁବାରଠାରୁ ଆସନ୍ତା ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଡାକ୍ତରଖାନା ପରିସରରେ ୧୪୪ ଧାରା ଜାରି କରିଛନ୍ତି। ଏହି ସମୟ ମଧ୍ୟରେ ଡାକ୍ତରଖାନା ପରିସରକୁ ଏକତ୍ରିତ ଭାବେ ୫ ଜଣରୁ ଅଧିକ ବ୍ୟକ୍ତି ଯାଇପାରିବେ ନାହିଁ। ଡାକ୍ତରଖାନାରେ କରୋନା ଟିକାକରଣ କାର୍ଯ୍ୟକ୍ରମ ପୂର୍ବଭଳି ଚାଲୁ ରହିବ ଓ ରୋଗୀମାନେ ଜଣ ଜଣ କରି ଔଷଧ ନେଇପାରିବେ। ଏଥିପାଇଁ ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଫୋର୍ସ ସହିତ ଡାକ୍ତରଖାନା ପରିସରରେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

**ସାମାଜିକ କର୍ମୀ ଗୌରହରି ମହାନ୍ତି ଆତ୍ମାହୁତି ଦେବା ପ୍ରସଙ୍ଗ**

୧୯୯୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହି ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାଙ୍କ ପରେ ଏହି ଡାକ୍ତରଖାନା ପ୍ରତି ସ୍ୱାସ୍ଥ୍ୟ ବିଭାଗ ବୈମାତୃକ ମନୋଭାବ ପୋଷଣ କରିବାରୁ ସ୍ଥାନୀୟ ଜନସାଧାରଣ ଓ ଆଞ୍ଚଳିକ ସ୍ୱାସ୍ଥ୍ୟ ସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାରମ୍ବାର ଧାରଣା, ଅନଶନ, ଆନ୍ଦୋଳନ କରାଯାଇ ଆସୁଥିଲା। ହେଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଆଦେଶକୁ ହେୟଜ୍ଞାନ କରି ରାଜନୈତିକ ପ୍ରରୋଚନାରେ ଏହି ଡାକ୍ତରଖାନାକୁ ଅପ୍‌ଗ୍ରେଡେଶନ କରାଇ ଦିଆଯାଇନାହିଁ। ଏହାର ପ୍ରତିବାଦରେ ଗୌରହରି ଆତ୍ମାହୁତି ଦେବା ପାଇଁ ୧୫ ଦିନ ତଳେ ରାଷ୍ଟ୍ରପତି, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ମୁଖ୍ୟ ବିଚାରପତି, ୫-ଟି ସଚିବ, ସ୍ୱାସ୍ଥ୍ୟ ସଚିବ, ଆଠଗଡ଼ ବିଧାୟକଙ୍କୁ ଲିଖିତ ଆକାରରେ ଜଣାଇଥିଲେ।

# ବଳଦେବଜୀଉଙ୍କ ଆଲବମ୍ 'ଶିଳାବ୍ରହ୍ମ' ଉନ୍ମୋଚିତ

ଭୁବନେଶ୍ୱର,୧୧।୮(ବ୍ୟୁରୋ)

ତୁଳସୀକ୍ଷେତ୍ରାଧୀଶ ଶ୍ରୀବଳଦେବଜୀଉଙ୍କ ଉପରେ ଆଧାରିତ ଭାବପୂର୍ଣ୍ଣ ପ୍ରଥମ ଭଜନ ଆଲବମ୍ 'ଶିଳାବ୍ରହ୍ମ' ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସୋଆ ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜ ନାୟକ ଏହାକୁ ଉନ୍ମୋଚନ କରିଥିଲେ। ସୋଆ ଅଧୀନରେ କାର୍ଯ୍ୟ କରୁଥିବା ଗବେଷଣା ସଂସ୍ଥା 'ପ୍ରାଚୀନ' ପକ୍ଷରୁ ପ୍ରସ୍ତୁତ ଏହି ଆଲବମ୍‌ର ଗୀତ ରଚନା କରିଛନ୍ତି ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ସଙ୍ଗୀତ ସଂଯୋଜନା କରିଛନ୍ତି କେନ୍ଦ୍ରାପଡ଼ା ବାରୁଅସ୍ଥିତ ଭାବଗ୍ରାହୀ କଳାନିକେତନର ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡା। କଣ୍ଠଶିଳ୍ପୀ ସୌରଭ ନାୟକ, କରୁଣାକର, ସୋହିନୀ ମିଶ୍ର ଓ ଅନ୍ତରା ଚକ୍ରବର୍ତ୍ତୀ ପ୍ରମୁଖ କଣ୍ଠଦାନ କରିଛନ୍ତି। ଉନ୍ମୋଚନ ଅବସରରେ ପ୍ରଫେସର ନାୟକ ଶିକ୍ଷା ଓ ଅନୁସନ୍ଧାନ ନାମର ମହତ୍ତ୍ୱ ସମ୍ପର୍କରେ କହିବା ସହ ବର୍ତ୍ତମାନ ଏହି ବିଶ୍ୱବିଦ୍ୟାଳୟ ସଂସ୍କୃତି ଏବଂ ଐତିହ୍ୟକୁ ନେଇ ମଧ୍ୟ ଗବେଷଣା ଆରମ୍ଭ କରିଛି। ଏଥି ନିମନ୍ତେ 'ପ୍ରାଚୀନ' ବିଭାଗ କାର୍ଯ୍ୟ କରୁଛି ବୋଲି ସେ ସୂଚନା ଦେଇଛନ୍ତି। ଆଲବମ୍‌ରେ ୬ଟି ଗୀତ ରହିଛି। ପ୍ରମେୟର ବ୍ୟୁରୋ ଚିଫ୍ ଦେବେନ୍ଦ୍ର ସୁଆର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଫସଲ ଜଳମଗ୍ନ, ଆଜବେଷ୍ଟସ ଗୃହ ନଷ୍ଟ

ବଡ଼ମ୍ବା/ତିଗିରିଆ,୧୧।୮(ଡି. ଏନ୍.ଏ.)



ବଡ଼ମ୍ବା



ତିଗିରିଆ

ଲଗାଣ ବର୍ଷା ଯୋଗୁ ବଡ଼ମ୍ବା ଓ ତିଗିରଆ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଡ଼ମ୍ବା ବ୍ଲକରେ ବହୁ ଚାଷ ଜମି ଜଳମଗ୍ନ ହୋଇଯାଇଛି। ବିଶେଷ କରି ବଡମ୍ବାର ଶଙ୍ଖାମେରୀ ଓ ଗୋପମଥୁରା ପଞ୍ଚାୟତର ବହୁ ଫସଲ ନଷ୍ଟ ହୋଇଯାଇଛି। ଏନେଇ ଚାଷୀମାନେ ଚିନ୍ତିତ ଅଛନ୍ତି। ବାଲିଜୋରି ଓ ସିଆରିଆ ନାଳ ଦେଇ ବର୍ଷା ଜଳ ଠିକ୍‌ଭାବେ ନିଷ୍କାସିତ ହେଉ ନ ଥିବାରୁ କ୍ଷେତରେ ପାଣି ଜମି ରହୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଖବରପାଇ ତହସିଲଦାର ତପନ କୁମାର ପରିଡା, ପଞ୍ଚାୟତ ସମିତି ଅଧକ୍ଷ ରଘୁପତି ମହାନ୍ତି, ଉପାଧକ୍ଷାଙ୍କ ପ୍ରତିନିଧି ସୁଶାନ୍ତ କୁମାର ଜେନା, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ସାନବାରସିଂ ପଞ୍ଚାୟତ ସରପଞ୍ଚ ସଦାନନ୍ଦ ସ୍ୱାଇଁ ପ୍ରମୁଖ ନାଳ ପରିଦର୍ଶନରେ ଆସିଥିଲେ। ନାଳ ମଧ୍ୟରେ ଅନେକ ସ୍ଥାନରେ ଅନାବଶ୍ୟକ ଚେକ୍‌ଡ୍ୟାମ କରାଯାଇଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ଚାଷୀମାନେ କହିଥିଲେ। ସିଆରିଆ ନାଳ ମୁହଁରେ ଏକ ଚଉଡ଼ା ଫୁକାର କରାଗଲେ ଅଧିକ ଜଳ ନିଷ୍କାସିତ ହୋଇପାରିବ ବୋଲି ତହସିଲଦାର ଓ ଅନ୍ୟମାନେ ଅନୁଭବ କରିଥିଲେ। ଏ ସମ୍ପର୍କରେ ଉପସ୍ଥିତ ଜନ ପ୍ରତିନିଧି ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କୁ ଫୋନ ଯୋଗେ ଅବଗତ କରାଇଛନ୍ତି।

**ଲଘୁଚାପଜନିତ ବର୍ଷା**

ସେହିପରି ତିଗିରିଆସ୍ଥିତ ଜେମାଦେଇପୁର ପଞ୍ଚାୟତର ଗୋଡ଼ି ସାହିରେ କୈଳାସ ଜେନାଙ୍କ ୨ ପୁରୁଣା ଆଜବେଷ୍ଟସ ଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସୌଭାଗ୍ୟବଶତଃ ପରିବାର ଲୋକେ ରକ୍ଷା ପାଇଯାଇଛନ୍ତି। ଖବର ଅନୁଯାୟୀ,ସ୍ତ୍ରୀ ଓ ପୁଅ, ବୋହୂଙ୍କ ସହ କୈଳାସ ଉକ୍ତ ଗୃହରେ ରୁହନ୍ତି। ବୁଧବାର ରାତିରେ ଲଗାଣ ବର୍ଷା ଯୋଗୁ ଏହା ଭୁଶୁଡ଼ି ଯାଇଥିଲା। ଏଥିରେ କୈଳାସଙ୍କ ଧାନ, ଚାଉଳ ଓ ଅନ୍ୟାନ୍ୟ ଆସବାବ ପତ୍ର ଆଦି ନଷ୍ଟ ହୋଇଯାଇଛି। କୈଳାସ ଗୁରୁବାର ତହସିଲ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଯାଇଥିଲେ ମଧ୍ୟ ଛୁଟି ଥିବାରୁ ନିରାଶ ହୋଇ ଫେରିଥିଲେ। ଏନେଇ ତିଗିରିଆ ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କୁ ମୋବାଇଲ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଏ ବିଷୟରେ ନୂଆପାଟଣା ରାଜସ୍ୱ ନିରୀକ୍ଷକ ମନୋରଞ୍ଜନ ପାତ୍ର କହିଛନ୍ତି, ରକ୍ଷାବନ୍ଧନ ପାଇଁ ଛୁଟି ଥିଲା ଶୁକ୍ରବାର ତଦନ୍ତ କରାଯାଇ ସହାୟତା ଯୋଗାଇ ଦିଆଯିବ।

## ବଳରାମ ଦେବଙ୍କ ଜନ୍ମଦିନ ପାଳିତ

ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ୍.ଏ.): ଗହ୍ମା ପୂର୍ଣ୍ଣିମା ଅବସରରେ ପ୍ରଭୁ ବଳରାମ ଦେବ ମନ୍ଦିରଠାରେ ବଳଦେବଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ଯଜ୍ଞ କମିଟି ଆନୁକୂଲ୍ୟରେ ବଡ଼ଠାକୁରଙ୍କ ନୂତନ ବେଶ ସହ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ଭଜନ କୀର୍ତ୍ତନ କରାଯାଇଥିଲା। କମିଟି ସଭାପତି ଡ.ମଧୁସୂଦନ ସେନାପତି, ସମ୍ପାଦକ ବିଜୟ କୁମାର ରାଉତ, କୋଷାଧ୍ୟକ୍ଷ ଭଗବାନ ଚମ୍ପତି, ସରପଞ୍ଚ କିଶୋର କୁମାର ବେହେରା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଦେବଦତ୍ତ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ, ପୂର୍ବତନ ସରପଞ୍ଚ ଭରତ ଚରଣ ବେହେରା, ପୂର୍ଣ୍ଣଚନ୍ଦ୍ର ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ସଂକ୍ଷେପରେ

### ବିଦ୍ୟାଳୟରୁ ସାମଗ୍ରୀ ଚୋରି ମାମଲା: ୫ ଅଟକ

ନିରାକାରପୁର,୧୧।୮(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ସ୍ଥିତ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଗତ କରୋନା ସମୟରେ ଜେନେରେଟର ଏବଂ କମ୍ପ୍ୟୁଟର ସାମଗ୍ରୀ ଚୋରି ହୋଇଥିଲା। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଥିଲା। ତେବେ ଗୁରୁବାର ଅନ୍ୟ ଏକ ଘଟଣାର ପୋଲିସ ତଦନ୍ତ କରୁଥିବା ବେଳେ ବିଦ୍ୟାଳୟରୁ ସାମଗ୍ରୀ ଚୋରି ହୋଇଥିବା ସମ୍ପର୍କରେ ଜାଣିବାକୁ ପାଇଥିଲା। ପରେ ପୋଲିସ ୫ ଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଏମାନଙ୍କ ମଧ୍ୟରୁ କେତେଜଣ ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ ଉକ୍ତ ଜେନେରେଟରକୁ ରାଉତପଡା ଅଞ୍ଚଳର ଜଣେ ଟେଣ୍ଟ ମାଲିକ ରଖିଥିବାରୁ ସେ ମଧ୍ୟ ଥାନାରେ ଅଟକ ଥିବା ଜଣାପଡ଼ିଛି।

### ଗହ୍ମାଡିଆଁ ପର୍ବ ପାଳିତ

ନିରାକାରପୁର,୧୧।୮(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଭୂଷଣ୍ଡପୁର ସ୍ଥିତ ମା'ଗହ୍ମା ଦେବୀଙ୍କ ପୀଠ ସମ୍ମୁଖରେ ଗହ୍ମାଡିଆଁ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମା'ଙ୍କ ପାଖରେ ବଳଦେବଙ୍କ ପୂଜାର୍ଚ୍ଚନା ପରେ ସେଠାରେ ମାଟିରେ ନିର୍ମାଣ ହୋଇଥିବା ୯ଫୁଟ୍ ବେଦି ଉପରେ ନଡିଆ ଝୁଲାଯାଇଥିଲା। ଏହି ନଡିଆକୁ ଛୁଇଁବା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ସାଇକେଲ, ଦ୍ୱିତୀୟ ସ୍ଥାନ ଫ୍ୟାନ, ତୃତୀୟ ସ୍ଥାନକୁ ମୋବାଇଲ ଫୋନ ଓ ପାଞ୍ଚ ଜଣ ପ୍ରତିଯୋଗୀଙ୍କୁ ଗୋଟିଏ ଲେଖାଏ ଛତା ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ଫାଣ୍ଡି ଅଧିକାରୀ ମାଧବାନନ୍ଦ ବସ୍ତିଆ, କନ୍ତଳବାଇ ମେଡିକାଲ ଫାର୍ମାସିଷ୍ଟ ବିକାଶ ପ୍ରଧାନ, ଅନୁଷ୍ଠାନର ସଭାପତି ରବୀନ୍ଦ୍ର କୁମାର ସାମାନ୍ତରାୟ, ସମ୍ପାଦକ ବିରଞ୍ଚି ନାରାୟଣ ପ୍ରଧାନ, ଖବରଦାତା ସଂଗ୍ରାମ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତା ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା।

### ଯୁବ ସମ୍ମାନ ଉତ୍ସବ ପ୍ରସ୍ତୁତି ବୈଠକ

ଜଟଣୀ,୧୧।୮(ଡି.ଏନ୍.ଏ.): ଜଟଣୀ ୟୁଥ୍ ଫେଡେରେଶନ ପକ୍ଷରୁ ସ୍ଥାନୀୟ ରାମଚନ୍ଦ୍ରପୁର ବଜାରସ୍ଥିତ କାର୍ଯ୍ୟାଳୟ ପରିସରରେ ସଙ୍ଗଠନର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଶାନ୍ତ ପାଇକରାୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଆଗାମୀ ଗଣେଶ ମହୋତ୍ସବ ଏବଂ ପଞ୍ଚମ ଯୁବ ସମ୍ମାନ ଉତ୍ସବ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ସମ୍ପାଦକ ଅନନ୍ତ ଶତପଥୀ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ରନାଥ ମହାକୁଡ଼, ଆଇନ ପରାମର୍ଶଦାତା ଦୀପକ କୁମାର ମହାକୁଡ଼, ଶିବପ୍ରସାଦ ମହାପାତ୍ର, ଚିତ୍ତ ସୁବୁଦ୍ଧି, ହେମନ୍ତ ମହାପାତ୍ର, ମହେନ୍ଦ୍ର ସାମନ୍ତରାୟ, ବରିଷ୍ଠ ବିଜେଡି ସଙ୍ଗଠକ ପ୍ରସନ୍ନ ପାଟଶାଣୀ, ଖବରଦାତା ଏମ୍.ଡି. ଇଫଂତିକାର ଅଲି, କାଉନସିଲର ପ୍ରଶାନ୍ତ ବେହେରା, ଶକ୍ତିଧର ମହାପାତ୍ର, ଆଶିଷ ମହାପାତ୍ର, ରାମ ମାର୍ଥା, ଶରତ ତ୍ରିପାଠୀ, ଦିଲୀପ ସାହୁ, ପ୍ରଦୀପ ଜେନା, କାଳିଆ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଚିନ୍ମୟ ରଣା ଧନ୍ୟବାଦ ଦେଇଥିଲେ।

# 'ଗୋବଂଶର ସୁରକ୍ଷା ଜରୁରୀ'

ଖୋର୍ଦ୍ଧା ଅଫିସ/ଜଟଣୀ, ୧୧।୮(ଡି.ଏନ୍.ଏ.):

ଭାରତୀୟ ସଂସ୍କୃତିର ପ୍ରତୀକ ଗୋବଂଶ। ଗାଈର ଗୋବର, ମୂତ୍ର, ଦୁଗ୍ଧ, ଘୃତକୁ ବ୍ୟବହାର କରାଯାଇ ଜୈବିକ କୃଷି ଓ ପଞ୍ଚଗବ୍ୟ ଔଷଧ ନିର୍ମାଣ ସହ କୁଟିର ଉଦ୍ୟୋଗ ସ୍ଥାପନ କରାଯାଇପାରିବ। ଗୋବଂଶର ସୁରକ୍ଷା ଓ ବିକାଶ ଜରୁରୀ ହୋଇପଡ଼ିଛି ବୋଲି ଗୁରୁବାର ରାଖୀ ପୂର୍ଣ୍ଣିମୀ ଅବସରରେ ଜଟଣୀ ପତ୍ରପଡ଼ାସ୍ଥିତ ଶ୍ରୀ ମାଧବ ଗୋଶାଳା ପକ୍ଷରୁ ଗୋ'ପୂଜନ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ମଳୟ କୁମାର ଦାସ, ପଦନପୁର ସରପଞ୍ଚ ଅହଲ୍ୟା ନାୟକ, ପ୍ରିୟରଞ୍ଜନ ବେହେରା,


ଗୋ ପୂଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଚାଇନା ମଙ୍ଗରାଜ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଗୋ ମାତାଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ସେମାନଙ୍କୁ ରାଖୀ ପିନ୍ଧା ଯାଇଥିଲା। ପରେ ଗୋ ମାତାଙ୍କୁ ଖାଦ୍ୟ ପ୍ରଦାନ କରାଯାଇ ସେମାନଙ୍କ ସୁରକ୍ଷା କାମନା କରିଥିଲେ। ଏହି ଅବସରରେ ଗୋଶାଳା ପକ୍ଷରୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦିଆଯାଇ ସମ୍ମାନିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ଏକ ଗୋ ସେବା ଗାଡିର ଶୁଭାରମ୍ଭ କରାଯାଇଥିଲା। ଏଥିସହ ଗୋଶାଳା ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଗୋଶାଳା ସଭାପତି ମନୋଜ କୁମାର ଭୂୟାଁ ଏବଂ ସମ୍ପାଦକ ପ୍ରଦୀପ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପ୍ରତାପ ସ୍ୱାଇଁ ପରିଚାଳନା କରିଥିଲେ। ଚିତ୍ତରଞ୍ଜନ ପ୍ରଧାନ ଧନ୍ୟବାଦ

### ଗୋସେବା ଗାଡ଼ି ଶୁଭାରମ୍ଭ

ଦେଇଥିଲେ। ସେହିପରି ଖୋର୍ଦ୍ଧା ଗୀତା ଭବନ ପରିସରରେ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ରାଧାକୃଷ୍ଣଙ୍କ ମନ୍ଦିର ପ୍ରାଙ୍ଗଣରେ ହୋମ ଏବଂ ଗୋଚାଳିଶା ପଠନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହା ପରେ ଗୋମାତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ତେବେ ବର୍ଷା ଯୋଗୁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇପାରି ନ ଥିଲା। ଏହି କାର୍ଯ୍ୟକ୍ରମରେ ବ୍ରଜ କିଶୋର ସାହୁ, ଗୁଣନିଧି ମହାପାତ୍ର, ବସନ୍ତ କୁମାର ଦାଶ, ସମରେନ୍ଦ୍ର ଶତପଥୀ, ସୁବାସ ଚନ୍ଦ୍ର ସାହୁ, ବୈକୁଣ୍ଠନାଥ ମହାପାତ୍ର, ଶକ୍ତିଶଙ୍କର ମିଶ୍ର, ବଟକୃଷ୍ଣ ବେହେରା, ମିହିର ବିଧାର, ସୋମନାଥ ପଟ୍ଟନାୟକ, ଟୁକୁନା ବେହେରା, ଜୟପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଚାଲାଣ ଉଦ୍ୟମ ପଣ୍ଡ, ୧୦୩ ଗୋରୁ ଉଦ୍ଧାର


ଜବତ ମିନି ଟ୍ରକ୍ ଏବଂ ଉଦ୍ଧାର ହୋଇଥିବା ଗୋରୁ।

ଟାଙ୍ଗୀ(ଖୋର୍ଦ୍ଧା),୧୧।୮(ଡି.ଏନ୍.ଏ.):

ରକ୍ଷାବନ୍ଧନ ତଥା ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନରେ ପରମ୍ପରା ଅନୁସାରେ ଗୋପୂଜନର ବିଧି ରହିଛି। ତେବେ ଏହା ପୂର୍ବରୁ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଦୀକ୍ଷିତପଡ଼ା ଅଞ୍ଚଳରୁ ରାଜ୍ୟ ବାହାରକୁ ଗୋଚାଲାଣ ପାଇଁ ହେଉଥିବା ଯୋଜନାକୁ ପଣ୍ଡ କରିଛି ପୋଲିସ। ଘଟଣାସ୍ଥଳରେ ପୋଲିସ ଚଢ଼ାଉ କରି ଏକ ମିନିଟ୍ରକ୍ ଜବତ କରିବା ସହ ୧୦୩ ଗୋରୁଙ୍କୁ ଉଦ୍ଧାର କରିଛି। ଏନେଇ ଟାଙ୍ଗୀ ପୋଲିସ ଏକ ମାମଲା (ନଂ.୪୧୯/୨୨) ରୁଜୁ କରିବା ସହ ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ,

### ମିନିଟ୍ରକ୍ ଜବତ, ଜଣେ ଅଟକ

ଦୀକ୍ଷିତପଡ଼ା ଅଞ୍ଚଳରୁ ରାଜ୍ୟ ବାହାରକୁ ଗୋଚାଲାଣ ହେଉଥିବା ନେଇ ପୋଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଥାନା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳଙ୍କ ନେତୃତ୍ୱରେ କୁହୁଡ଼ି ଫାଣ୍ଡି ଅଧିକାରୀ ପ୍ରସନ୍ନ ଜେନା ଏକ ଟିମ୍ ସହ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ୧୦୩ ଗୋରୁଙ୍କୁ ଉଦ୍ଧାର କରିବା ସହ ମିନିଟ୍ରକ୍ ଜବତ କରିଥିଲେ। ପୋଲିସ ଜଣଙ୍କୁ ଧରିଥିବା ବେଳେ ଅନ୍ୟମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।


ନିରାକାରପୁର: ଆଜାଦୀ କୀ ଅମୃତ ମହୋତ୍ସବ ପାଳନ ଅବସରରେ ଗୁରୁବାର ରାମେଶ୍ୱର ସ୍ଥିତ ବନଦୁର୍ଗା ମନ୍ଦିର ପରିସରରେ ବେଦପାଠଶାଳାର ଛାତ୍ରମାନେ।

## ନୂତନ ଆଇଆଇସିଙ୍କ ଯୋଗଦାନ

କୃଷ୍ଣପ୍ରସାଦ,୧୧।୮(ଡି.ଏନ୍.ଏ.):

କୃଷ୍ଣପ୍ରସାଦ ଥାନାରେ ନୂତନ ଆଇଆଇସି ଭାବେ ଶରତ କୁମାର ନାୟକ ଗୁରୁବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଆଇଆଇସି ନାୟକଙ୍କୁ ସମସ୍ତ କର୍ମଚାରୀ ସ୍ୱାଗତ କରିଥିଲେ। ଏଥିସହ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ କର୍ମଚାରୀଙ୍କଠାରୁ ପଚାରି ବୁଝିଥିଲେ। ଏଥି ପୂର୍ବରୁ ନାୟକ ଅସ୍ତରଙ୍ଗ ଏବଂ ରାମଚଣ୍ଡୀ ଥାନାରେ ଦାୟିତ୍ୱ ତୁଲାଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସ୍ୱତନ୍ତ୍ର ଭାବେ ନଜର ରଖାଯିବ ବୋଲି ସେ କହିଛନ୍ତି। ଅଞ୍ଚଳରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ନୂତନ ଥାନା ଅଧିକାରୀଙ୍କୁ ସାକ୍ଷାତ୍ କରିଥିଲେ।

## ଗଛରେ ରାଖୀ ବାନ୍ଧି ସୁରକ୍ଷା ବାର୍ତ୍ତା ଦେଲେ

ଖୋର୍ଦ୍ଧା ଅଫିସ,୧୧।୮:

ରକ୍ଷାବନ୍ଧନ ଉତ୍ସବ ଅବସରରେ ସାମାଜିକ ଅନୁଷ୍ଠାନ ବିବେକାନନ୍ଦ ୟୁଥ୍ କ୍ଲବ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବୃକ୍ଷକୁ ଫୁଲ, ଚନ୍ଦନ, ସିନ୍ଦୂର ଦେଇ ବନ୍ଦାପନା ସହ ରାଖୀ ବାନ୍ଧିଥିଲେ। ଗଛ ନାହିଁ ତ ମୁଁ ନାହିଁ, ବୃକ୍ଷ ହିଁ ଜୀବନ ଶୀର୍ଷକ ସ୍ଲୋଗାନ ଦେଇଥିଲେ। ଏଥିରେ କ୍ଲବର ଉପଦେଷ୍ଟା ଲଳିତମୋହନ ମହାପାତ୍ର, ସଭାପତି ରଞ୍ଜିତ କେ.ଏନ. ସାମନ୍ତରାୟ, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଜ୍ୟୋତିରଞ୍ଜନ ଅଗ୍ରୱାଲ, ତପନ ରାଉତରାୟ, ଯୋଗେନ୍ଦ୍ର ମାର୍ଥା, ବସନ୍ତ କୁମାର ପ୍ରଧାନ, ପ୍ରଭୁନାଥ ଦାସ, ଦୀପ୍ତିମୟୀ ପ୍ରତିହାରୀ, ସ୍ୱପ୍ନାଶ୍ରୀ ଦାସ, ଶିବ ପ୍ରସାଦ ପଟ୍ଟନାୟକ, ଅନ୍ନପୂର୍ଣ୍ଣା ସାହୁ, ଜୀବନ ଜ୍ୟୋତି କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନୂଆବସ୍ଷ୍ଟାଣ୍ଡ ରୋଡ ସ୍ଥିତ ଗଣେଶ ବୁକ୍ ଏମ୍ପୋରିୟମଠାରେ ଥିବା ବୃକ୍ଷରେ ଶୋଭନ ଘୋଷ, ସୁଜନ ମିଶ୍ର, କ୍ଷିତୀଶ ମୋହନ ଦାସ ପ୍ରମୁଖ ରାଖୀ ବାନ୍ଧି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ସମ୍ପାଦକ ପାଣିଗ୍ରାହୀ କହିଥିଲେ ଯେ, ଦ୍ରୁତ ଶିଳ୍ପାୟନ, ରାସ୍ତା ସମ୍ପ୍ରସାରଣ, କୋଠାବାଡ଼ି ନିର୍ମାଣ ପାଇଁ ଗଛଗୁଡିକୁ କଟାଯାଉଛି। ଏହାର ପ୍ରଭାବ ମାନବ ସମାଜ ଉପରେ ପଡୁଛି। ଦ୍ରୁତ ଜଙ୍ଗଲକ୍ଷୟ, ବୃକ୍ଷରାଜିର ଧ୍ୱଂସ ଜଳବାୟୁ ପରିବର୍ତ୍ତନର ଅନ୍ୟତମ କାରଣ ବୋଲି ସେ କହିଥିଲେ।

# ସୁରକ୍ଷା ଦେବ ସମ୍ପର୍କର ଡୋରି

ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୧।୮(ଡି.ଏନ୍.ଏ.):

ଖୋର୍ଦ୍ଧା ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଖୋର୍ଦ୍ଧା ଶାଖା ପକ୍ଷରୁ ବିଭିନ୍ନ ଶାଖା ସ୍ଥାନ ଏବଂ ବସ୍ତିରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଥିଲା। ନଗର ସଂଘଚାଳକ କିଶୋର ଚନ୍ଦ୍ର ବରାଳ, କାର୍ଯ୍ୟବାହ ଆଦିତ୍ୟ ମହାରଣା, ପ୍ରଶାନ୍ତ ବେହେରା, ଓମ୍‌ପ୍ରକାଶ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଖୋର୍ଦ୍ଧା ଶାଖା ପକ୍ଷରୁ ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭଉଣୀମାନେ ସିନ୍ଦୂର, ପୁଷ୍ପ ଧରି ଜିଲା ଆରକ୍ଷୀ କାର୍ଯ୍ୟାଳୟ, ଟାଉନ ଥାନା, ମେଡିକାଲ ପରିସର ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ୟାମ୍ପସରେ ପିଲାଙ୍କୁ ରାଖୀ ବାନ୍ଧିଥିଲେ। ଦୀପ୍ତିମୟୀ ପ୍ରତିହାରୀ, ସ୍ୱପ୍ନାଶ୍ରୀ ଦାସ, ଶିବ ପ୍ରସାଦ ପଟ୍ଟନାୟକ, ଅନ୍ନପୂର୍ଣ୍ଣା ସାହୁ, ହସ୍ମିତା ମହାନ୍ତ, ଜୀବନ ଜ୍ୟୋତି କୁଅଁର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ପ୍ରଜାପିତା ଈଶ୍ୱରୀୟ ବିଦ୍ୟାଳୟ ପରିସରରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଅନ୍ୟପଟେ ବିଭିନ୍ନ ଗୋଶାଳାରେ ଗୋମାତାଙ୍କ ପୂଜା କରାଯାଇଛି। ଶ୍ରୀରାମନଗର ଯୋଗ କେନ୍ଦ୍ର ଏବଂ ମା'ମଙ୍ଗଳା ନଗର ଯୋଗ କେନ୍ଦ୍ରର ମିଳିତ ଉଦ୍ୟମରେ ରକ୍ଷାବନ୍ଧନ ଉତ୍ସବ ନୂତନ ଯୋଗ ଗୃହ ପରିସରରେ ପାଳିତ ହୋଇଯାଇଛି। ଇତିଶ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ ଯୋଗାଭ୍ୟାସ ମାଧ୍ୟମରେ ସୁସ୍ଥ ରହିବା ଏବଂ ରକ୍ଷାବନ୍ଧନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଯୋଗ ଶିକ୍ଷକ ଜ୍ୟୋତି ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସନ୍ତୋଷ ରଞ୍ଜନ ରାଉତ, ସ୍ମୃତିରେଖା ରାଉତ, ମମତା ରଣସିଂହ, ଆଶାଲତା ବଳିୟାରସିଂହ, ମନୋରମା ସେଠୀ, ସୁକାନ୍ତ ପୃଷ୍ଟି, ବିଜୟ ହରିଚନ୍ଦନ, ଉର୍ମିଳା ବେହେରା, ତୃପ୍ତିମୟୀ ନନ୍ଦ, ଦୁର୍ଗାବତୀ କହଲସିଂ, ସବିତା ସାହୁ, ମିନାକ୍ଷୀପ୍ରଭା ଦାସ, ବିଜୟଲକ୍ଷ୍ମୀ ପାଇକରାୟ, ହରଷ ଦେଈ, ଶରତ ମହାପାତ୍ର, କୀର୍ତ୍ତନ ମାର୍ଥା, ସଞ୍ଜୁକ୍ତା ପଣ୍ଡା, ଶଶିଭୂଷଣ ମହାନ୍ତି, ଜୟକୃଷ୍ଣ ନାୟକ, ବିଜୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ରକ୍ଷାବନ୍ଧନ ସହ ଚାରା ରୋପଣ କରାଯାଇଥିଲା। ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପକ୍ଷରୁ ଉପକାରଗାର ଅନ୍ତେବାସୀ, ତରତୁଆସ୍ଥିତ ଆଇଟିବିପି ଯବାନ, ଅର୍ଜୁନପୁରସ୍ଥିତ ଷଷ୍ଠ ଆଇଆରବି ପୋଲିସଙ୍କୁ ରାଖୀ ବନ୍ଧା ଯାଇଥିଲା। ଜଙ୍କିଆ ପଞ୍ଚାୟତସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ (ଓଁ ଶାନ୍ତି ଭବନ)ରେ ଜଙ୍କିଆ ଶାଖା ଏବଂ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ଓ୍ୱାର୍ଡ ସଭ୍ୟଙ୍କ ମିଳିତ ଆନୁକୂଲ୍ୟରେ ରକ୍ଷା ବନ୍ଧନ ଉତ୍ସବ ସହିତ ଚାରାରୋପଣ, ଆଜାଦୀ କୀ ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟକ୍ତି ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ।

## ବାଣିଶ୍ରୀ ଶିକ୍ଷା ନିକେତନରେ ଅମୃତ ମହୋତ୍ସବ

ଖୋର୍ଦ୍ଧା ଅଫିସ,୧୧।୮:

ଖୋର୍ଦ୍ଧା ଜିଲା ପଲ୍ଲାସ୍ଥିତ ବାଣିଶ୍ରୀ ଶିକ୍ଷାନିକେତନ ଆନୁକୂଲ୍ୟରେ ସ୍ୱାଧୀନତାର ୭୫ବର୍ଷ ଅମୃତ ମହୋତ୍ସବ ଅବସରରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପିଲାମାନେ ପ୍ରକୃତି ମାତାର ବନ୍ଦାପନା ସହ ବୃକ୍ଷକୁ ରାଖୀ ବାନ୍ଧି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ପରେ ଭଉଣୀମାନେ ଭାଇମାନଙ୍କୁ ରାଖୀ ବାନ୍ଧି ପବିତ୍ର ବନ୍ଧନ ଉତ୍ସବ ପାଳିଥିଲେ। ପିଲାମାନେ ଏକକ, ଦଳଗତ ଭାବେ ନୃତ୍ୟ ପରିବେଷଣ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସିଆର୍‌ସିସି ପ୍ରଦ୍ୟୁମ୍ନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମାତୃଭୂମି ଓ ଦେଶ ପାଇଁ ସମର୍ପିତ ହେବାକୁ ପରାମର୍ଶ ଦେଇଥିଲେ। ଦେଶପାଇଁ ବଳିଦାନ ଦେଇଥିବା ସମସ୍ତ ଯବାନ ହେଉଛନ୍ତି ଆମର ଆଦର୍ଶ। ସେମାନଙ୍କୁ ଯଥୋଚିତ ସମ୍ମାନ ଜଣାଇବା ଆମର ଦାୟିତ୍ୱ ବୋଲି ସେ କହିଥିଲେ। ଶିକ୍ଷାବିତ୍ ଗୁଣନିଧି ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତାରାଣୀ ହରିଚନ୍ଦନ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।


ଖୋର୍ଦ୍ଧା: ରାଖୀ ପୂର୍ଣ୍ଣିମା ଅବସରରେ ଗୁରୁବାର ଯୁବତୀମାନେ ଯବାନଙ୍କୁ ରାଖୀ ବାନ୍ଧୁଛନ୍ତି।

# ବିଭିନ୍ନ ପୀଠରେ ଝୁଲଣଯାତ୍ରା

ଯାଁଳା/ବାଣପୁର,୧୧।୮(ଡି.ଏନ୍.ଏ.):

ଜଟଣୀ ବ୍ଲକ ଯାଁଳା ଗ୍ରାମର ଇଷ୍ଟଦେବତା ରାଧାମାଧବ ଝୁଲଣ ମଣ୍ଡପରେ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରାବଣ ମାସର ଦ୍ୱାଦଶୀ ତିଥିରୁ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ପାଞ୍ଚ ଦିନ ପର୍ଯ୍ୟନ୍ତ ମହୋନ ଘରୁ ଆସି ରାଧାମାଧବ ଦେବ ଝୁଲଣ ମଣ୍ଡପରେ ବିମାନରେ ବସି ରାତିସାରା ଝୁଲିଥାନ୍ତି। ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ସହ ରାତିରେ ଅପେରା ପରିବେଷଣ କରାଯାଉଛି। ଏହାକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଭିଡ଼ ଜମୁଛି। ପୁରୋହିତ ଶ୍ରୀନିବାସ ଶତପଥୀ, ପ୍ରମୋଦ ମହାପାତ୍ର ସମସ୍ତ ରୀତିନୀତି ଅନୁସାରେ ରାଧାମାଧବ ଦେବଙ୍କ ସେବା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ତେବେ ଏହି ଯାତ୍ରା ବହୁ ବର୍ଷ ହେବ ଚାଲି ଆସୁଥିବାବେଳେ କରୋନା ଯୋଗୁ ଗତ ଦୁଇବର୍ଷ ହେବ ଫିକା ପଡିଥିଲା। କୋଭିଡ୍ କଟକଣା କୋହଳ ପରେ ଚଳିତ ବର୍ଷ ଏହି ଯାତ୍ରା ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ବାତାବରଣ ଦେଖିବାକୁ ମିଳିଛି। ସେହିପରି ବାଣପୁର ବିଙ୍କାପିତ ଅଞ୍ଚଳର ଶ୍ରୀରଙ୍ଗନାଥ ଦେବ, ରଘୁନାଥ ଦେବ ଓ ଚରଣ ଚକାଦେବଙ୍କ ପୀଠରେ ପାରମ୍ପରିକ ରୀତିରେ ଝୁଲଣ ଯାତ୍ରା ଆରମ୍ଭ ହୋଇଛି। ଏହି ଝୁଲଣ ଯାତ୍ରା ଗଜପତି ଦିବ୍ୟସିଂହ ଦେବ (ଦ୍ୱିତୀୟ)ଙ୍କ ସମୟରୁ ଚାଲି ଆସୁଅଛି। ଏହି ଯାତ୍ରା ଦେଖିବାକୁ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିବା ବେଳେ ଝୁଲଣ ମଣ୍ଡପ ଆଲୋକୀକରଣରେ ଝଲସି ଉଠୁଛି। ଏହି ଅବସରରେ ପୀଠଗୁଡ଼ିକରେ ଭଜନ ସମାରୋହ, ନାମ ସଂକୀର୍ତ୍ତନ, ପାଲା, ଦାସକାଠିଆ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।


ଯାଁଳା ସ୍ଥିତ ରାଧାମାଧବ ମଣ୍ଡପରେ ଅନୁଷ୍ଠିତ ଝୁଲଣଯାତ୍ରା।

# ରାସ୍ତାରେ ଖାଲଖମା, ବଢ଼ୁଛି ଦୁର୍ଘଟଣା

ଖୋର୍ଦ୍ଧା ଅଫିସ,୧୧।୮:

ସରକାର ଲୋକଙ୍କ ଗମନାଗମନର ସୁବିଧା ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ହେଲେ କେତେଜଣ ବିଭାଗୀୟ କର୍ମଚାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ରାସ୍ତା କାର୍ଯ୍ୟ ନିମ୍ନମାନର କରାଯାଉଛି। ପରବର୍ତ୍ତୀ ସମୟରେ ରାସ୍ତାରେ ଖାଲଖମା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟୁଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ସହରରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ନୂଆବସ୍ଷ୍ଟାଣ୍ଡଠାରୁ ଚଣ୍ଡିଚୁଆ ଛକ ପର୍ଯ୍ୟନ୍ତ ଗତବର୍ଷ ଆର ଆଣ୍ଡ ବି ପକ୍ଷରୁ ରାସ୍ତା ମରାମତି କରାଯାଇଥିଲା। ତେବେ ନିମ୍ନମାନର କାମ ଯୋଗୁ ରାସ୍ତା ସାରା ଖାଲଖମାରେ ପରିଣତ ହୋଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏହି ରାସ୍ତା ଦେଇ ଆମ୍ବୁଲାନ୍ସ, ଘରୋଇ ବସ୍ ଯାତାୟାତ କରୁଛି। ଜାତୀୟ ରାଜପଥ ନଂ. ୫୭କୁ ସଂଯୋଗ କରୁଥିବାରୁ ମାଲବାହୀ ଟ୍ରକ୍,



ଯାତ୍ରୀବାହୀ ବସ୍ ଯାତାୟାତ କରିଥାଏ। ତେବେ ଏହି ରାସ୍ତାର ମରାମତି ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ ବୋଲି ପିସିସି ସଭ୍ୟ ଶିଶିର ପରିଡା କହିଛନ୍ତି। ସେହିପରି ନୂଆବସ୍ଷ୍ଟାଣ୍ଡଠାରୁ ପଲ୍ଲା ଛକ ମଧ୍ୟରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ସପ୍ତାହକ ମଧ୍ୟରେ ଏହି ଗର୍ତ୍ତରେ ପଡି ଅନେକେ ଆହତ ହୋଇଛନ୍ତି। ବର୍ଷା ଯୋଗୁ ପାଣି ଭର୍ତ୍ତି ହୋଇ ରହୁଥିବାରୁ ବାଇକ୍ ଚାଳକମାନେ ଜାଣି ନ ପାରି ଖାଲରେ ପଡି ଆହତ ହେଉଛନ୍ତି। ଦଳେଇପୁଟର ବ୍ୟବସାୟୀ ମୀନକେତନ ସୁବୁଦ୍ଧି ବୁଧବାର ବାଇକ୍‌ରେ ଆସୁଥିବା ବେଳେ ଖାଲରେ ପଡି ଆହତ ହୋଇଥିଲେ। ଫଳରେ ସ୍ଥାନୀୟ ଲୋକେ ପ୍ରଥମେ ଏହାର ଚାରିପଟେ ଟାୟାର ପରେ ମାଟି ପକାଇଥିଲେ। ବର୍ଷାରେ ଧୋଇଯିବା ପରେ ବଡ ପଥର ଥୋଇ ଗାତକୁ ବନ୍ଦ କରିଛନ୍ତି। ସେହିପରି ସହରରେ ଅନେକ ସାହି ଗଳିକନ୍ଦିରେ ସୃଷ୍ଟି ହୋଇଥିବା ଖାଲଗୁଡିକୁ ମରାମତି କରାଯାଉନାହିଁ। ଫଳରେ ବର୍ଷାଦିନେ ଅନେକ ଦୁର୍ଘଟଣା ଘଟୁଥିବା ସାମାଜିକ କର୍ମୀ ଶୁଭ୍ରରଞ୍ଜନ ଦାସ କହିଛନ୍ତି। ସେହିପରି ଟିଏଲ୍‌ସି ରୋଡଠାରୁ ନୂଆବସ୍ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଖାଲଖମା ରହିଛି। ଡାକ୍ତର୍ସ ଲେନ୍‌ଠାରୁ ଗୁରୁଜଙ୍ଗକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ମେଡିକାଲ ପଛପଟ ସମ୍ମୁଖ ରାସ୍ତା ଖାଲଖମାରେ ପରିଣତ ହୋଇଛି। ଏହି ରାସ୍ତା ଦେଇ ଦୈନିକ ଆମ୍ବୁଲାନ୍ସ, ରୋଗୀମାନେ ଯାତାୟାତ କରୁଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିବା ସତ୍ତ୍ୱେ ଏହାର ମରାମତି ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ପୌର ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି କୁହନ୍ତି, ସହରର ବିଭିନ୍ନ ସ୍ଥାନରେ ଥିବା ଖାଲଖମା ମରାମତି ଲାଗି ଗୁରୁତ୍ୱ ଦିଆଯାଉଛି। ଏବେ ବର୍ଷାଦିନ ରହିଛି। ବର୍ଷା ଋତୁ ଯିବା ପରେ ଏଥିପ୍ରତି ଦୃଷ୍ଟି ଦିଆଯିବ।